# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୨/୨୦୨୩ (୧୬ ପୃଷ୍ଠା) Bhubaneswar, Tuesday, August 22/2023 Page 16 ₹ 7.00

୪୯ଶ ଭାଗ ୨୬୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 267 ମୂଲ୍ୟ₹୭/-





**ଭାରତୀୟ ଦିନିକିଆ ଦଳରେ ତିଳକ ବର୍ମା**

ଏସିଆ କପ୍ ପାଇଁ ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଦଳରେ ପ୍ରଥମ ଥର ସ୍ଥାନ ପାଇଛନ୍ତି ତିଳକ ବର୍ମା।

୧୬

୧୩

**କ୍ୟାଟ୍ରିନାଙ୍କ 'ଟାଇଗର-୩' ଭିଡିଓ ଭାଇରାଲ**

ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ଆଗାମୀ ଫିଲ୍ମ 'ଟାଇଗର-୩'ର ଶୁଟିଂ ବେଳର ଏକ ନାଚୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।






ଅଗଷ୍ଟ ୨୪ରେ ୟୁକ୍ରେନ୍‌ରେ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ସୋମବାର ରାଜଧାନୀ କିଭ୍‌ଠାରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ରୁଷିଆର ନଷ୍ଟ ହୋଇଯାଇଥିବା ଏକ ଯୁଦ୍ଧ ଟ୍ୟାଙ୍କର ପ୍ରଦର୍ଶନ କରାଯାଉଛି।

# ୩୭୦ ଉଚ୍ଛେଦ ପରେ ଜମ୍ମୁରେ ବଢ଼ିଛି ଆତଙ୍କବାଦୀ କାର୍ଯ୍ୟକଳାପ

ଜମ୍ମୁ, ୨୧।୮(ପି.ଟି.)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦କୁ ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଉଚ୍ଛେଦ କରିଥିଲେ। ଏଥିସହ ଏହାକୁ ଭାଙ୍ଗି ଜମ୍ମୁ-କଶ୍ମୀର ଏବଂ ଲଦାଖକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କରିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠାରୁ ଆତଙ୍କୀ କାର୍ଯ୍ୟକଳାପକୁ ଦମନ ଉଦ୍ଦେଶ୍ୟରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆତଙ୍କବାଦୀ ଆକ୍ରମଣରେ ସାଧାରଣ ନାଗରିକ ଏବଂ ସୁରକ୍ଷା କର୍ମୀଙ୍କ ମୃତ୍ୟୁସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଆତଙ୍କୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଗତ ୪ବର୍ଷ ମଧ୍ୟରେ ଅଧିକ ଆତଙ୍କୀ ନିଯୁକ୍ତି କାରଣରୁ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିଛି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ତଥ୍ୟ ଅନୁସାରେ ୨୦୧୯ ଅଗଷ୍ଟ ୫ରୁ ୨୦୨୩ ଜୁନ୍ ୧୬ ମଧ୍ୟରେ ୨୩୧ ଆତଙ୍କବାଦୀ ଏବଂ ସେମାନଙ୍କ ସହଯୋଗୀଙ୍କୁ ଗିରଫ କରାଯାଇଛି। ଏହା ୨୦୧୫ ଅକ୍ଟୋବର ୨୭ରୁ ୨୦୧୯ ଅଗଷ୍ଟ ୪ ମଧ୍ୟରେ ହୋଇଥିବା ଗିରଫ ସଂଖ୍ୟାର ୭୧ପ୍ରତିଶତ ଅଧିକ ବୋଲି ତଥ୍ୟରୁ ଜଣାପଡ଼ିଛି। ସେହିପରି ୨୦୧୯ ଅଗଷ୍ଟ ୫ ପରଠାରୁ ଜମ୍ମୁରେ ୧୩ଟି ଆଇଇଡି ବିସ୍ଫୋରଣ ହୋଇଛି। ୨୦୧୫ ଅକ୍ଟୋବର ୨୭ରୁ ୨୦୧୯ ଅଗଷ୍ଟ ୪ ମଧ୍ୟରେ ୪ଟି ଗ୍ରେନେଡ୍ ମାଡ଼ ଏବଂ ୭ଟି ଆଇଇଡି ବିସ୍ଫୋରଣ ହୋଇଥିଲା। ଏପରି କି ଆଇଇଡି ଆକ୍ରମଣରେ ୨୦୧୫ରୁ ୨୦୧୯ ଅଗଷ୍ଟ ୪ ମଧ୍ୟରେ ମାତ୍ର ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୧୯ ଅଗଷ୍ଟ ୫ ପରଠାରୁ ୧୧ଜଣଙ୍କ ମୃତ୍ୟୁ ଘଟିଲାଣି। ଯଦି ୩୭୦ ଅନୁଚ୍ଛେଦ ଉଚ୍ଛେଦ ପୂର୍ବ ଏବଂ ପର ସମୟ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ ତେବେ ପୂର୍ବାପେକ୍ଷା ଆତଙ୍କବାଦୀ ଆକ୍ରମଣ, ଗାଡ଼ି ମଡ଼ାଇ ହତ୍ୟା କରିବା ଆଦି ଘଟଣା ୪ରୁ ୭ରେ ପହଞ୍ଚିଛି, ଅର୍ଥାତ୍ ୪୩% ବୃଦ୍ଧି ପାଇଛି। ତେବେ ୩୭୦ ଧାରା ଉଚ୍ଛେଦ ପରଠାରୁ ଆତଙ୍କବାଦୀ ଆକ୍ରମଣରେ ସାଧାରଣ ନାଗରିକ ଏବଂ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିବା ହ୍ରାସ ପାଇଛି। ୨୦୧୫ ଅକ୍ଟୋବର ୨୭ରୁ ୨୦୧୯ ଅଗଷ୍ଟ ୪ତାରିଖ ମଧ୍ୟରେ ୧୧ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ୩୭୦ ଉଚ୍ଛେଦ ପରଠାରୁ ମାତ୍ର ୭ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ତଥ୍ୟରୁ ଜଣାପଡ଼ିଛି। ସେହିପରି ସେହି ସମୟରେ ଆତଙ୍କବାଦୀ ଆକ୍ରମଣରେ ପୋଲିସ ଏବଂ ସୁରକ୍ଷାକର୍ମୀଙ୍କ ମୃତ୍ୟୁରେ ☞ପୃଷ୍ଠା-୪

# ଗାଡ଼ି ଧକ୍କାରେ ୫ କାଉଡ଼ିଆ ମୃତ

ପାଟଣା (ବୀରକିଶୋର ଦାଶ)/ ଆସିକା (ସୁରେନ୍ଦ୍ର ନାଥ ସାହୁ)/ ବୁଗୁଡ଼ା(କାଳିଚରଣ ଦାଶ), ୨୧।୮

ରାଜ୍ୟର ଦୁଇଟି ସ୍ଥାନରେ ଗାଡ଼ି ଧକ୍କାରେ ୫ କାଉଡ଼ିଆଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ଜଣ ଆହତ ହୋଇଛନ୍ତି। ଏଥିରେ ଗଞ୍ଜାମ ଜିଲା ଆସିକା ନିକଟରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କେନ୍ଦୁଝର ଜିଲା ପାଟଣା ବ୍ଲକରେ ୩ଜଣଙ୍କ ଜୀବନ ଯାଇଛି। ଶ୍ରାବଣ ସୋମବାର ପାଇଁ କାଉଡ଼ିଆମାନେ ଶିବ ମନ୍ଦିରକୁ ଚାଲିଚାଲି ପାଣି ଭାର ନେଇ ଯିବା ସମୟରେ ଗୋଟିଏ ଘଟଣା ଘଟିଛି। ଅନ୍ୟଟି ଜଳାଭିଷେକ ସାରି ଅଟୋରେ ଫେରୁଥିବାବେଳେ ଘଟିଛି।

କେନ୍ଦୁଝର ଜିଲା ତେଲକୋଇ ସନ୍ତେଇ ଭଞ୍ଜ ଅଞ୍ଚଳର ୮ କାଉଡ଼ିଆ ପାଟଣା ଶିବ ମନ୍ଦିରରେ ଜଳାଭିଷେକ କରି ଡାଲା ଅଟୋରେ ଘରକୁ ଫେରୁଥିଲେ। ପାଟଣା ବ୍ଲକ୍ କ୍ଷୀରେଇ ଟାଙ୍ଗିରିସ୍ଥିତ ୪୯ନଂ. ଜାତୀୟ ରାଜପଥର ରାଜାବନ୍ଧ ପୋଖରୀ ନିକଟରେ ସୋମବାର ସନ୍ଧ୍ୟାରେ ଉକ୍ତ ଡାଲା ଅଟୋ (ଓଡି୦୯ଟି ୨୧୪୧) ପଛକୁ ଏକ କଣ୍ଟେନର ଧକ୍କା ଦେଇ ଫେରାର ହୋଇଥିଲା। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ୬ ଗୁରୁତର କାଉଡ଼ିଆଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବାଟରେ ଆଉ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକମାନେ ହେଲେ ସନ୍ତେଇ ଭଞ୍ଜ ଗାଁର ମୃତ୍ୟୁଞ୍ଜୟ ନାଏକ, ରମେଶ ନାଏକ ଓ ଉମେଶ ନାଏକ। ଗୁରୁତର ଥିବା ନାରଣ ନାଏକ ଓ ଅନ୍ୟ ୪ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ତୁରୁମୁଙ୍ଗା ଥାନା ଅଧିକାରୀ ଇନ୍ଦ୍ରଜିତ ବେହେରା ଓ ଏଏସ୍‌ଆଇ ହରିଶଙ୍କର ନାୟକ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିଲେ।

ଅନ୍ୟପକ୍ଷରେ ରବିବାର ରାତି ପ୍ରାୟ ସାଢ଼େ ୧୨ଟାରେ ଗଞ୍ଜାମ ଜିଲା ଆସିକା-ବାଲିପଦର ମୁଖ୍ୟରାସ୍ତାର ଭେଟନଈ-ଭେଜିପୁଟ ମଧ୍ୟରେ କାଉଡ଼ିଆମାନଙ୍କ ଉପରେ ଏକ କାର୍ ମାଡ଼ିଯାଇଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ ଜଣ ଆହତ ହୋଇଛନ୍ତି। ମୃତାହତମାନେ ବୁଗୁଡା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅରଖପୁର ଗ୍ରାମର। ସେମାନଙ୍କ ମଧ୍ୟରୁ ଅନିତା କୁମାରୀ ସ୍ୱାଇଁଙ୍କୁ ଆସିକା ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବ୍ରହ୍ମପୁର ବଡ଼ ମେଡିକାଲରେ ମୁକୁନା ବେହେରାଙ୍କ ମୃତ୍ୟୁ ଘଟିଛି। ଅନିତାଙ୍କ ଝିଅ ସୋନିଆ ଜେନାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ବ୍ରହ୍ମପୁର ବଡ଼ ମେଡିକାଲରେ ଅନ୍ୟ ଆହତମାନଙ୍କ ଚିକିତ୍ସା ଚାଲିଛି। ଜିଲା ରେଡ୍‌କ୍ରସ ପାଣ୍ଠିରୁ ଜିଲାପାଳ ଆହତଙ୍କୁ ୩୦ ହଜାର ଟଙ୍କା ଲେଖାଏ ତତ୍କାଳ ☞ପୃଷ୍ଠା-୪

# ପ୍ରଜ୍ଞାନନ୍ଦ-କାର୍ଲସେନ ଫାଇନାଲ

**ବିଶ୍ୱକପ୍ ଚେସ୍**



ଆର୍. ପ୍ରଜ୍ଞାନନ୍ଦ

ବାକୁ (ଆଜରବୈଜାନ), ୨୧।୮(ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ଫିଡେ ବିଶ୍ୱକପ୍ ଚେସ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ବିଶ୍ୱର ୩ ନମ୍ବର ଫାବିଆନୋ କାରୁଆନାଙ୍କ ବିପକ୍ଷରେ ୩.୫-୨.୫ ଟାଇବ୍ରେକର ଜରିଆରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଦୁଇ ଗେମ୍ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**କର୍ତ୍ତୃପକ୍ଷ ଗିରଫ ହୁଅନ୍ତୁ**


# ରାଜ୍ୟରେ ପ୍ରତିଷ୍ଠା ହେବ ୯ ଶିଳ୍ପ

## ବିନିଯୋଗ ହେବ ୮୭୪ କୋଟି, ନିଯୁକ୍ତି ପାଇବେ ୨୫୧୬

ଭୁବନେଶ୍ୱର, ୨୧।୮(ଅନିଲ ଦାସ)

- ଲହୁଣିପଡ଼ାରେ ହେବ ଇସ୍ପାତ ଶିଳ୍ପ
- ଚିକିଟିରେ ୨୧୫ କୋଟିର ହୋଟେଲ
- ପାରାଦୀପଠାରେ ସ୍ଥାପନ ହେବ ପ୍ଲାଷ୍ଟିକ୍ ୟୁନିଟ୍

ରାଜ୍ୟରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ସୋମବାର ୮୭୩.୫୭ କୋଟି ଟଙ୍କାର ୯ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ୨ ହଜାର ୫୧୬ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସୋମବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଷ୍ଟେଟ୍ ଲେଭଲ୍ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ) ବୈଠକରେ ଇସ୍ପାତ, ପ୍ଲାଷ୍ଟିକ୍, ଅକ୍ଷୟ ଶକ୍ତି, ଖାଦ୍ୟ ପ୍ରକ୍ରିୟାକରଣ ଓ ପର୍ଯ୍ୟଟନ ଭଳି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ବିକ୍ରମ ପ୍ରାଇଭେଟ ଲିମିଟେଡ୍ ସୁନ୍ଦରଗଡ଼ ଜିଲାର ଲହୁଣିପଡ଼ାଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ଏକ ଇସ୍ପାତ ଶିଳ୍ପ ସ୍ଥାପନ କରିବ। ଏଥିରେ ୮୧୯ ଜଣଙ୍କୁ ନିଯୁକ୍ତି ମିଳିବ। ଏଥିସହିତ ଟିଆରଏଲ କ୍ରୋସାକି ରିଫ୍ରାକ୍ଟୋରିଜ ପ୍ରାଇଭେଟ୍ ଲିମିଟେଡ୍ ଝାରସୁଗୁଡାରେ ୧୦୦ କୋଟି ପୁଞ୍ଜି ବିନିଯୋଗରେ ଏକ ଇସ୍ପାତ(ଆନ୍‌ସିଲାରି) ଶିଳ୍ପ ସ୍ଥାପନ କରିବ। ଏଥିରେ ୧୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୫୭ ହଜାର ନିୟୁତ ଟନ୍ ହେବ। ସେହିପରି ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡାଠାରେ ଚଉସୁନ ସର୍‌ଭେଶ ରିଫ୍ରାକ୍ଟୋରିଜ୍ ୫୦.୩୫ କୋଟି ବିନିଯୋଗରେ ଏକ ଇସ୍ପାତ(ଆନ୍‌ସିଲାରି) ଶିଳ୍ପ ସ୍ଥାପନ କରିବ। ଏହି ଶିଳ୍ପ କାର୍ଯ୍ୟକ୍ଷମ ହେଲେ ୮୫ ଜଣଙ୍କୁ ନିଯୁକ୍ତି ମିଳିବ। ଚଉସୁନ ହେଉଛି ଏକ ଦକ୍ଷିଣ କୋରିଆ କମ୍ପାନୀ। କମ୍ପାନୀ ପକ୍ଷରୁ ସେଠାରେ ୧୪ ହଜାର ୪୦୦ ନିୟୁତ ଟନ୍ ଟାପ ହୋଲ କ୍ଲେ ୟୁନିଟ୍ ସ୍ଥାପନ କରାଯିବ।

ସାଇଜାର ଏଣ୍ଟରପ୍ରାଇଜ୍ ପ୍ରାଇଭେଟ୍ ଲିମିଟେଡ୍ ଯାଜପୁର ଜିଲାର କଳିଙ୍ଗନଗରଠାରେ ୮୯ କୋଟି ଟଙ୍କା ବିନିଯୋଗରେ ଇସ୍ପାତ(ଡାଉନ୍‌ଷ୍ଟ୍ରିମ) ଶିଳ୍ପ ସ୍ଥାପନ କରିବ। ଏଥିରେ ୨୫୦ ଜଣଙ୍କୁ ନିଯୁକ୍ତି ମିଳିବ। କମ୍ପାନୀ ପକ୍ଷରୁ ଉକ୍ତ ପ୍ରକଳ୍ପରେ ଏଚ୍‌ଆର ଓ ସିଆର କଏଲ ପାଇଁ ଷ୍ଟିଲ ପ୍ରୋସେସିଂ ୟୁନିଟ୍ ସ୍ଥାପନ କରାଯିବ। ଏହିସବୁ ଇସ୍ପାତ ପ୍ରକଳ୍ପଗୁଡ଼ିକୁ ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ ଅନୁମୋଦନ କରିଛି। ସେହିପରି ପେଟ୍ରୋନେଟ ଏଲ୍‌ଏନ୍‌ଜି ଲିମିଟେଡ୍ ଦେବଗଡ଼ ଜିଲାରେ ଏକ ଅଣପାରମ୍ପରିକ ଶକ୍ତି ତଥା ରୟାସନ ଶିଳ୍ପ ସ୍ଥାପନ କରିବ। ଏହି ପ୍ରକଳ୍ପରେ କମ୍ପାନୀ ୮୫ କୋଟି ପୁଞ୍ଜି ବିନିଯୋଗ କରିବା ପ୍ରସ୍ତାବ ଦେଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୫୩ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩୩,୦୬୫ ମେଟ୍ରିକ୍ ଟନ୍ ହେବ। ଏହି ଶିଳ୍ପ ଉଭୟ ଅଣପାରମ୍ପରିକ ଶକ୍ତି ଉତ୍ପାଦନ ସହ କମ୍ପ୍ରେସିଭ୍ ବାୟୋଗ୍ୟାସ୍ ଏବଂ ଅର୍ଗାନିକ୍ ଖତ ପ୍ରସ୍ତୁତ କରିବ।

ଜଗତ୍‌ସିଂହପୁର ଜିଲା ପାରାଦୀପ ପ୍ଲାଷ୍ଟିକ୍ ପାର୍କରେ ପିୟର୍ଲ ପ୍ରେସିଜନ ପ୍ରଡକ୍ଟସ୍ ପ୍ରା. ଲି. ପକ୍ଷରୁ ୧୦୦.୭୪ କୋଟି ଟଙ୍କାର ପ୍ଲାଷ୍ଟିକ୍ ପ୍ରକଳ୍ପ ସ୍ଥାପନ କରାଯିବ। ଏଥିରେ ୭୦୦ ଜଣଙ୍କୁ ନିଯୁକ୍ତି ମିଳିବ। ଏହି ଶିଳ୍ପରେ ପ୍ଲାଷ୍ଟିକ୍ ୱାଟର ଟ୍ୟାଙ୍କ, ପାଇପ୍, ଫିଟିଂସ୍ ଇତ୍ୟାଦି ନିର୍ମାଣ ହେବ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩୦ ନିୟୁତ ଟନ୍ ରହିବ। ସେହିପରି ଖୋର୍ଦ୍ଧାଠାରେ ଇଣ୍ଡୋପେଟ୍ ପଲିପ୍ଲାଷ୍ଟ ପ୍ରା. ଲି. ପକ୍ଷରୁ ୮୦ କୋଟି ଟଙ୍କା ବ୍ୟୟରେ ଏକ ପ୍ଲାଷ୍ଟିକ୍ ☞ପୃଷ୍ଠା-୪

# ବଳାତ୍କାର ଅଭିଯୋଗରେ ଦିଲ୍ଲୀ ଅଧିକାରୀ ଗିରଫ

ନୂଆଦିଲ୍ଲୀ, ୨୧।୮



ସ୍ତ୍ରୀଙ୍କ ସହ ପ୍ରେମୋଦୟ ଖାକା

ବନ୍ଧୁଙ୍କ ନାବାଳିକା ଝିଅକୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଦିଲ୍ଲୀ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ପ୍ରେମୋଦୟ ଖାକାଙ୍କୁ ଗିରଫ କରିଛି। ଏଥିସହ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ରବିବାର ଏହି ଘଟଣା ଜଣାପଡ଼ିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ମାଗିବା ସହ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଖାକାଙ୍କ ଗିରଫକୁ ନେଇ ପୁଣି ରାଜନୀତି ଆରମ୍ଭ ହୋଇଛି। ରବିବାର ଏହି ଘଟଣା ଜଣାପଡ଼ିବା ପରେ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବାବେଳେ କେନ୍ଦ୍ରର ଭାଜପା ସରକାରଙ୍କ ନିୟନ୍ତ୍ରଣରେ ଥିବା ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିବାରେ ବିଳମ୍ବ କରିଥିଲା ବୋଲି ଆମ୍ ଆଦ୍‌ମୀ ପାର୍ଟି ଅଭିଯୋଗ କରିଛି। ଘଟଣାକୁ ନେଇ ଦିଲ୍ଲୀ ଶିକ୍ଷାମନ୍ତ୍ରୀ ଅତିଶି ମାର୍ଲେନା କହିଛନ୍ତି, ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ଜଣେ ବରିଷ୍ଠ ଅଧିକାରୀ ଏଭଳି ☞ପୃଷ୍ଠା-୪

# ଚନ୍ଦ୍ରୟାନ-୩ର ଲ୍ୟାଣ୍ଡରକୁ ସ୍ୱାଗତ କଲା ଚନ୍ଦ୍ରୟାନ-୨ର ଅର୍ବିଟର

ବେଙ୍ଗାଲୁରୁ, ୨୧।୮

## ଚନ୍ଦ୍ର ଦକ୍ଷିଣ ପାର୍ଶ୍ୱ ଫଟୋ ପଠାଇଲା 'ବିକ୍ରମ'

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ସଫ୍ଟ ଲ୍ୟାଣ୍ଡିଂ କରିବାକୁ ଆଉ ୨ ଦିନ ବାକି ଥିବାବେଳେ ଏହା ଚନ୍ଦ୍ରୟାନ-୨ର ଅର୍ବିଟର ସହ ଯୋଗାଯୋଗ ସ୍ଥାପନ କରିବାରେ ସକ୍ଷମ ହୋଇଛି। ଚନ୍ଦ୍ରୟାନ-୨ର ଅର୍ବିଟର ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ମଡ୍ୟୁଲକୁ ସ୍ୱାଗତ କରି 'ୱେଲ୍‌କମ୍ ବୁଡ୍ଡି!' ବାର୍ତ୍ତା ପଠାଇଥିବା ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୯ରେ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର 'ବିକ୍ରମ' ସଫ୍ଟ ଲ୍ୟାଣ୍ଡିଂ କରିବାରେ ବିଫଳ ହୋଇ ଖସିପଡ଼ିଥିଲେ ମଧ୍ୟ ଏହାର ରୋଭର ଏବେ ମଧ୍ୟ ଚନ୍ଦ୍ରଠାରୁ ୧୦୦ କିଲୋମିଟର ଦୂର କକ୍ଷପଥରେ ରହି ଏହାକୁ ପ୍ରଦକ୍ଷିଣ କରୁଛି।

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ମଡ୍ୟୁଲ ସଫ୍ଟ ଲ୍ୟାଣ୍ଡିଂ ପୂର୍ବରୁ ଏବେ ଚନ୍ଦ୍ରଠାରୁ ୨୫ କି.ମି.X୧୩୪ କି.ମି. କକ୍ଷପଥରେ ରହିଥିବାବେଳେ ପୃଥିବୀଠାରୁ ଦୂରରେ ଥିବା ଚନ୍ଦ୍ର ପାର୍ଶ୍ୱର ଫଟୋ ପଠାଇଛି। ଏହି ଫଟୋ ଲ୍ୟାଣ୍ଡରର ହାଜାର୍ଡ ଡିଟେକ୍ସନ ଆଣ୍ଡ ଆଭଏଡାନ୍ସ କ୍ୟାମେରାରେ ନିଆଯାଇଛି। ଉକ୍ତ କ୍ୟାମେରା ☞ପୃଷ୍ଠା-୪

### ଲ୍ୟାଣ୍ଡିଂ ଘୁଞ୍ଚିପାରେ

ଚନ୍ଦ୍ରୟାନ ୩ର ଲ୍ୟାଣ୍ଡର 'ବିକ୍ରମ' ବୁଧବାର ସନ୍ଧ୍ୟା ୬ଟା ୪ ମିନିଟ୍ ସମୟରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାର ଲକ୍ଷ୍ୟ ରଖାଯାଇଛି। ତେବେ ସେଦିନର ସ୍ଥିତି ଯଦି ଅନୁକୂଳ ନ ରହେ ତେବେ ଏହାକୁ ୨୭ ତାରିଖରେ ସାନି ସଫ୍ଟ ଲ୍ୟାଣ୍ଡିଂ କରାଇବା ଲାଗି ଉଦ୍ୟମ ହେବ ବୋଲି ☞ପୃଷ୍ଠା-୪



## ସଂକ୍ଷେପରେ

### ଇସ୍ରୋ ନିଯୁକ୍ତି ପରୀକ୍ଷାରେ କପି କରି ୨ ଗିରଫ

**ଥିରୁଭାନନ୍ତପୁରମ୍,୨୧।୮:** ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ରେ ନିଯୁକ୍ତି ଲାଗି ଅନୁଷ୍ଠିତ ପରୀକ୍ଷାରେ କପି କରି ୨ଜଣ ଧରାପଡ଼ିଛନ୍ତି। ସେମାନେ ହେଲେ ହରିୟାଣାର ସୁନୀଲ କୁମାର ଓ ମନୋଜ କୁମାର। ରବିବାର ଥିରୁଭାନନ୍ତପୁରମଠାରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଉଭୟ ଅଭିଯୁକ୍ତଙ୍କୁ ଭିନ୍ନ ଭିନ୍ନ ପରୀକ୍ଷା କେନ୍ଦ୍ରରୁ ଗିରଫ କରାଯାଇଥିଲା। ଉଭୟେ ବେଆଇନ ଭାବେ ପରୀକ୍ଷାକେନ୍ଦ୍ରକୁ ମୋବାଇଲ ଓ ବ୍ଲୁଟୁଥ୍ ନେଇ ପ୍ରଶ୍ନପତ୍ର ବାହାରକୁ ପଠାଇବା ସହ ଉତ୍ତର ପାଇଥିଲେ। ଏହା ଜଣାପଡ଼ିବା ପରେ ସ୍ଥାନୀୟ ପୋଲିସ ଉଭୟଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି।

### ୭ ଶିଶୁଙ୍କୁ ମାରିଥିବା ନର୍ସଙ୍କୁ ଆଜୀବନ ଜେଲ


ଲୁସି ଲେଟ୍‌ବି

ଲଣ୍ଡନ,୨୧।୮

ଉତ୍ତର ଇଂଲଣ୍ଡର ଏକ ହସ୍ପିଟାଲରେ ୭ ନବଜାତ ଶିଶୁଙ୍କୁ ହତ୍ୟା କରିବା ସହ ଅନ୍ୟ ୬ ଜଣଙ୍କୁ ମାରିଦେବା ପାଇଁ ଉଦ୍ୟମ କରିଥିବା ନର୍ସ ଲୁସି ଲେଟ୍‌ବିଙ୍କୁ ବ୍ରିଟେନ୍‌ର ଏକ ଅଦାଲତ ସୋମବାର ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୩୩ ବର୍ଷୀୟା ନର୍ସଙ୍କ ଅପରାଧର ଗମ୍ଭୀରତାକୁ ବିଚାରକୁ ନିଆଯାଇ ତାଙ୍କୁ ଜୀବନର ଅବଶିଷ୍ଟ ଭାଗ ଜେଲରେ କଟାଇବାକୁ ନିର୍ଦ୍ଦେଶ ଦିଆଗଲା ବୋଲି ଜଷ୍ଟିସ୍ ଜେମ୍ସ ଗୋସ୍ କହିଛନ୍ତି। ନବଜାତକ ହତ୍ୟା ମାମଲାରେ ଲୁସିଙ୍କୁ ଗତ ସପ୍ତାହରେ କୋର୍ଟ ଦୋଷୀସାବ୍ୟସ୍ତ କରିଥିଲେ।

### ସନ୍ନି ଦେଓଲଙ୍କ ବଙ୍ଗଳା ନିଲାମ ବିଜ୍ଞପ୍ତି ପ୍ରତ୍ୟାହୃତ



**ନୂଆଦିଲ୍ଲୀ,୨୧।୮:** ବଲିଉଡ୍ ଅଭିନେତା ସନ୍ନି ଦେଓଲ ବ୍ୟାଙ୍କରୁ ଋଣ ନେଇ ୫୬ କୋଟି ଟଙ୍କା ପରିଶୋଧ କରି ନ ଥିବାରୁ ବ୍ୟାଙ୍କ ଅଫ୍ ବରୋଦା ତାଙ୍କୁ ଜୁହୁସ୍ଥିତ ବଙ୍ଗଳା ନିଲାମ କରିବାକୁ ନୋଟିସ୍ ପଠାଇଥିଲା। ଏହାର ଦିନକ ପରେ ଉକ୍ତ ବିଜ୍ଞପ୍ତିକୁ ବ୍ୟାଙ୍କ ପ୍ରତ୍ୟାହାର କରିନେଇଛି। ବୈଷୟିକ କାରଣରୁ ଅଜୟ ସିଂ ଦେଓଲ ଓରଫ ସନ୍ନିଙ୍କ ବଙ୍ଗଳା ବିକ୍ରି ନିଷ୍ପତ୍ତି ପ୍ରତ୍ୟାହାର ହେଲା ବୋଲି ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଛି।


ଲଦାଖର ଲେହଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମର୍ଥକମାନଙ୍କ ଗହଣରେ।

## ସୁପ୍ରିମକୋର୍ଟରେ ଜଷ୍ଟିସ ମିତ୍ତଲ କମିଟିର କ୍ଷତିପୂରଣ ଯୋଜନା ରିପୋର୍ଟ ଦାଖଲ

### ମଣିପୁର ହିଂସା

ନୂଆଦିଲ୍ଲୀ,୨୧।୮(ପି.ଟି.)

ମଣିପୁର ଜାତିଆଣ ହିଂସା କ୍ଷତିଗ୍ରସ୍ତଙ୍କୁ ସହାୟତା ଏବଂ ଥଇଥାନ ସମ୍ପର୍କରେ ରିପୋର୍ଟ ଦେବା ଲାଗି ସୁପ୍ରିମକୋର୍ଟ ଜଷ୍ଟିସ ଗୀତା ମିତ୍ତଲ କମିଟି ଗଠନ କରିଥିଲେ। ସୋମବାର ଏହି କମିଟି ୩ଟି ରିପୋର୍ଟ ଦାଖଲ କରିଛି। କ୍ଷତିଗ୍ରସ୍ତଙ୍କ ପରିଚୟ ଦସ୍ତାବିଜ ପୁନର୍ବାର ପ୍ରସ୍ତୁତ କରାଯିବା, କ୍ଷତିପୂରଣ ପରିମାଣ ବଢ଼ାଇବା ଏବଂ କମିଟିର କାର୍ଯ୍ୟକାରିତାରେ ସୁବିଧା ପାଇଁ ବିଶେଷଜ୍ଞମାନଙ୍କୁ ନିଯୁକ୍ତ କରିବା ନିମନ୍ତେ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ସର୍ବୋଚ୍ଚ ଅଦାଲତ ରିପୋର୍ଟକୁ ବିଚାରକୁ ନେବା ପରେ ଜଷ୍ଟିସ ମିତ୍ତଲ କମିଟିର କାର୍ଯ୍ୟକାରିତାରେ ସୁବିଧା, ପ୍ରଶାସନିକ ଆବଶ୍ୟକତା ଏବଂ ପ୍ରଶାସନିକ ଖର୍ଚ୍ଚ ଓ ଅନ୍ୟାନ୍ୟ ବ୍ୟୟ ପାଇଁ ଆସନ୍ତା ୨୫ ତାରିଖରେ କେତେକ ପ୍ରକ୍ରିୟାଗତ ନିର୍ଦ୍ଦେଶନାମା ଜାରି କରିବେ ବୋଲି କହିଛନ୍ତି। କମିଟି କାର୍ଯ୍ୟର ଆବଶ୍ୟକ ପ୍ରଚାର ଲାଗି ୱେବ୍ ପୋର୍ଟାଲ ସ୍ଥାପନ କରାଯିବ। ଗତ



୭ ତାରିଖରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ହାଇକୋର୍ଟର ୩ ପୂର୍ବତନ ମହିଳା ବିଚାରପତିଙ୍କୁ ନେଇ କମିଟି ଗଠନ କରିଥିଲେ। ହିଂସାକାଣ୍ଡ କ୍ଷତିଗ୍ରସ୍ତଙ୍କୁ ସହାୟତା ଓ ଥଇଥାନର ଏବଂ କ୍ଷତିପୂରଣ ପ୍ରଦାନର ତଦାରଖ କରିବାକୁ କମିଟିକୁ କୁହାଯାଇଥିଲା। ଏହା ବ୍ୟତୀତ ହିଂସା ସମ୍ପର୍କିତ ଆପରାଧିକ ମାମଲାଗୁଡ଼ିକର ତଦନ୍ତ ଅନୁଧାନ ଲାଗି ମହାରାଷ୍ଟ୍ରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଦତ୍ତାତ୍ରୟ ପଦସାଲିଗିକରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

# ସଙ୍କଟରେ ବୈଶ୍ୱିକ ଖାଦ୍ୟ ସୁରକ୍ଷା

### ଚାଉଳ ନିଅଣ୍ଟ, ଦରଦାମ୍ ବୃଦ୍ଧି ଯୋଗୁ ଗରିବ ସର୍ବାଧିକ ପ୍ରଭାବିତ

ୱାଶିଂଟନ,୨୧।୮

ୟୁକ୍ରେନ୍‌କୁ ଗହମ ରପ୍ତାନି ଲାଗି ଅନୁମତି ଦେବା ନିମନ୍ତେ ଚୁକ୍ତିନାମାକୁ ଋଷିଆ ବନ୍ଦ କରିବା ଏବଂ ଏଲ୍ ନିନୋ ପ୍ରଭାବରୁ ଚାଉଳ ଉତ୍ପାଦନ ହ୍ରାସ ପାଇବା କାରଣରୁ ବୈଶ୍ୱିକ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏବେ ଚାଉଳ ଦାମ୍ ବହୁତ ବଢ଼ିଯାଇଛି। ଭିଏତ୍‌ନାମରେ ଚାଉଳର ରପ୍ତାନି ମୂଲ୍ୟ ୧୫ ବର୍ଷରେ ସର୍ବାଧିକ ହୋଇଛି। ତେଣୁ ଗରିବ ଦେଶଗୁଡ଼ିକର ଜନସାଧାରଣଙ୍କ ପାଇଁ ବଞ୍ଚିବା କଷ୍ଟକର ହୋଇପଡ଼ିଛି। ସାରା ବିଶ୍ୱ ଏବେ ମୁଦ୍ରାସ୍ଫୀତିର ସମ୍ମୁଖୀନ ହୋଇଥିବା ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନର ପ୍ରାକୃତିକ ସମ୍ପଦ ଅଫିସର ବିଓ ଡାମେନ୍ କହିଛନ୍ତି। ଏପରିକି ଭାରତ ବାସମତୀ ଚାଉଳ ରପ୍ତାନି ଉପରେ କଟକଣା ଲଗାଇବା ପୂର୍ବରୁ ମଧ୍ୟ ବିଭିନ୍ନ ଦେଶରେ ଏହାର ଅଭାବ ଦେଖାଦେଇଥିଲା। ପରେ ଏଲ୍ ନିନୋ ପ୍ରଭାବରୁ ଯୋଗାଣ ଶୃଙ୍ଖଳରେ ସଙ୍କଟ ଦେଖା ଦେବା ସହ



ମୂଲ୍ୟ ଆକାଶଛୁଆଁ ହୋଇଛି। ଯଦି ଭାରତ ଅଣବାସମତୀ ଚାଉଳ ରପ୍ତାନି ବନ୍ଦ କରିଦିଏ, ତେବେ ଏହାର ସୁଦୂରପ୍ରସାରୀ ପ୍ରଭାବ ପଡ଼ିବ। ଅନ୍ୟ ଦେଶଗୁଡ଼ିକ ମଧ୍ୟ ଅନୁରୂପ ପଦକ୍ଷେପ ନେବେ। ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଚାଉଳ ରପ୍ତାନି ବନ୍ଦ କରିସାରିଛି। ଅନ୍ୟ ଦେଶଗୁଡ଼ିକରେ ଯଦି ଭୀଷଣ ପାଗ ପ୍ରଭାବରେ ଧାନ ଉତ୍ପାଦନ କ୍ଷତିଗ୍ରସ୍ତ ହୁଏ, ତେବେ ପରିଣାମ ଭୟଙ୍କର ହେବ ବୋଲି କୁହାଯାଉଛି।

ଏଲ୍ ନିନୋ ହେଉଛି ଏକ ପ୍ରାକୃତିକ, କ୍ଷଣସ୍ଥାୟୀ ଏବଂ ଆକସ୍ମିକ ପ୍ରକ୍ରିୟା, ଯାହାଦ୍ୱାରା ପ୍ରଶାନ୍ତ ମହାସାଗରର କିଛି ଅଞ୍ଚଳ ଉତ୍ତପ୍ତ ହୋଇଥାଏ। ଏହା ବୈଶ୍ୱିକ ପାଣିପାଗ ଢାଞ୍ଚାକୁ ପ୍ରଭାବିତ କରିବା ସହ ଜଳବାୟୁ ପରିବର୍ତ୍ତନ ଏହାକୁ ଅଧିକ ବଳ ଦେଇଥାଏ। ଅତୀତରେ ଏହାର ପ୍ରଭାବରେ ଅନାବୃଷ୍ଟିଠାରୁ ଆରମ୍ଭ କରି ବନ୍ୟା ପର୍ଯ୍ୟନ୍ତ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହୋଇଛି, ଯାହାର ପ୍ରଭାବ ସାରା ବିଶ୍ୱରେ ଅନୁଭୂତ ହୋଇଥାଏ। ଆଫ୍ରିକା ମହାଦେଶରେ ଚାଉଳ ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି ଏବଂ ଅଧିକାଂଶ ଦେଶ ଆମଦାନୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଜନସଂଖ୍ୟା ବଢୁଥିବା ସେନେଗାଲ ଭଳି କେତେକ ଦେଶ ନିଜସ୍ୱ ଚାଉଳ ଉତ୍ପାଦନ ବଢ଼ାଇବାକୁ ଉଦ୍ୟମ ଚଳାଇଥିବାବେଳେ ଅନ୍ୟ କେତେକ ଦେଶ ଏଥିପାଇଁ ସଂଘର୍ଷ କରୁଛନ୍ତି। ଭାରତରୁ ସେନେଗାଲ ୭୦ ପ୍ରତିଶତ ଚାଉଳ ରପ୍ତାନି କରୁଥିଲା। ଭାରତ ରପ୍ତାନିରେ କଟକଣା ଲଗାଇବା ପରେ ସେଠାରେ ଚାଉଳ ଦର ଦୁଇ-ତୃତୀୟାଂଶ ବୃଦ୍ଧି ପାଇଛି। ଆଫ୍ରିକାର ଅଧିକାଂଶ ଗ୍ରାହକ ଚାଉଳ କିଣିପାରିବେ କି ନାହିଁ, ଏହାକୁ ନେଇ ଫ୍ରାନ୍ସିସ୍ ନେଗେ ସନ୍ଦିହାନ ହୋଇପଡ଼ିଛନ୍ତି। ସାର ଦାମ ବୃଦ୍ଧି ସାଙ୍ଗକୁ ବର୍ଷେ ହେଲା ମରୁଡ଼ି ଯୋଗୁ କେନିଆରେ ଚାଉଳ ଦାମ୍ ଯଥେଷ୍ଟ ବଢ଼ିଛି। ଭାରତରୁ ଆମଦାନୀ ହେଉଥିବା ଶସ୍ତା ଚାଉଳ ଏହି ଅଭାବ ପୂରଣ କରୁଥିଲା। ନାଇରୋବିର କିବେରା ଅଞ୍ଚଳର ହଜାର ହଜାର ଲୋକ ଦିନକୁ ୨ ଡଲାରରୁ କମ୍ ଆୟରେ ଚଳିଯାଉଥିଲେ। ଏବେ ସ୍ଥିତି ବଦଳିଯାଇଛି। ଜୁନ୍‌ରୁ ୨୫ କିଲୋଗ୍ରାମ ଚାଉଳ ପ୍ୟାକେଟ ଦାମ୍ ୨୦ ପ୍ରତିଶତ ବଢ଼ିଛି। ବିଶ୍ୱର ସର୍ବାଧିକ ଚାଉଳ ରପ୍ତାନିକାରୀ ଭାରତଠାରୁ ସେଠାର ପାଇକାରୀ ବ୍ୟବସାୟୀମାନେ ଏପର୍ଯ୍ୟନ୍ତ ନୂଆ ଚାଉଳ ପାଇ ନାହାନ୍ତି। ନିର୍ବାଚନ ବର୍ଷ ଥିବାରୁ ଭାରତ ଘରୋଇ ବଜାର ଦର ନିୟନ୍ତ୍ରଣରେ ରଖିବା ପାଇଁ ଚାଉଳ ରପ୍ତାନି ଉପରେ କଟକଣା ଲଗାଇଛି। ଆଗାମୀ ଦିନରେ ବିଶ୍ୱ ଖାଦ୍ୟ ସଙ୍କଟ ଗମ୍ଭୀର ହେବାକୁ ଯାଉଥିବା ଆଶଙ୍କା କରାଯାଉଛି।

### ଭାରତର ସବୁଠାରୁ ବୟସ୍କ ହାତୀ ବିଜୁଳି ପ୍ରସାଦର ମୃତ୍ୟୁ



ଗୌହାଟୀ,୨୧।୮

ଆସାମର ଚା ବଗିଚାରେ ସୋମବାର ଭାରତର ସବୁଠାରୁ ବୟସ୍କ ହାତୀ ବିଜୁଳି ପ୍ରସାଦର ମୃତ୍ୟୁ ଘଟିଛି। ତାକୁ ୮୯ ବର୍ଷ ହୋଇଥିଲା। ବୟସାଧିକ କାରଣରୁ ତା'ର ମୃତ୍ୟୁ ଘଟିଥିବା କୁହାଯାଉଛି। ପ୍ରସାଦର ନାମକରଣ ତା'ର ମାଲିକ ତଥା ଇଂଲଣ୍ଡର ଓଲିଭର ଶାହିବ କରିଥିଲେ। ହାତୀର ଦେଖାଶୁଣା କରୁଥିବା ଲୋକ, ପଶୁପ୍ରେମୀ ଏବଂ ଚା ବଗିଚା କର୍ମଚାରୀ ଅନ୍ତିମ ସଂସ୍କାରରେ ଯୋଗଦେଇଥିଲେ। ବିଜୁଳି ପ୍ରସାଦ ୱିଲିୟମସନ ମେଜର ଗ୍ରୁପ ଲାଗି ଗର୍ବର ପ୍ରତୀକ ଥିଲା। ବିଜୁଳି ଛୁଆଥିବାବେଳେ ତା'କୁ ବାରଗଙ୍ଗ ଚା' କମ୍ପାନୀ କର୍ତ୍ତୃପକ୍ଷ ଆଣିଥିଲେ। ଚା କମ୍ପାନୀକୁ ୱିଲିୟମସନ ଗ୍ରୁପ କିଣିବା ପରେ ହାତୀଟି ଏଠାକୁ ସ୍ଥାନାନ୍ତର ହୋଇଥିଲା।

## ବଳାତ୍କାର ପୀଡ଼ିତାଙ୍କୁ ଗର୍ଭପାତ ଅନୁମତି

### ଗୁଜରାଟ ହାଇକୋର୍ଟଙ୍କୁ ଭର୍ତ୍ସନା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧।୮(ପି.ଟି.)

୨୭ ସପ୍ତାହରୁ ଊର୍ଦ୍ଧ୍ୱ ଗର୍ଭବତୀ ଥିବା ଜଣେ ବଳାତ୍କାର ପୀଡ଼ିତାଙ୍କୁ ଗର୍ଭପାତ ଲାଗି ସୁପ୍ରିମକୋର୍ଟ ସୋମବାର ଅନୁମତି ଦେଇଛନ୍ତି। ବୈବାହିକ ସମ୍ପର୍କ ବିନା ଗର୍ଭଧାରଣ କ୍ଷତିକାରକ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ପୀଡ଼ିତାଙ୍କ ମେଡିକାଲ ରିପୋର୍ଟକୁ ବିଚାରକୁ ନେଇ ଜଷ୍ଟିସ ବି.ଏନ୍. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ଗୁଜରାଟ ହାଇକୋର୍ଟଙ୍କୁ ଭର୍ତ୍ସନା କରିଛନ୍ତି। ପୀଡ଼ିତାଙ୍କ ଆବେଦନକୁ ଖାରଜ କରିଦେବା ଅଧିକାର ଗୁଜରାଟ ହାଇକୋର୍ଟଙ୍କର ନ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି। କୌଣସି ଅଦାଲତ ଉଚ୍ଚତର କୋର୍ଟଙ୍କ ରାୟ ବିରୋଧରେ ନିର୍ଦ୍ଦେଶନାମା ଜାରି କରିବା ସାମ୍ବିଧାନିକ ଦର୍ଶନର ବିରୁଦ୍ଧାଚରଣ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି।

ଅଦାଲତ କହିଥିଲେ, ଭାରତୀୟ ସମାଜରେ ବିବାହ ସମ୍ପନ୍ନ ହୋଇଥିଲେ, ଗର୍ଭଧାରଣ କେବଳ ଦମ୍ପତିଙ୍କ ପାଇଁ ନୁହେଁ ବରଂ ପରିବାର ଏବଂ ବନ୍ଧୁ ଓ ସମ୍ପର୍କୀୟମାନଙ୍କ ପାଇଁ ମଧ୍ୟ ଖୁସି ଓ ଉତ୍ସବର କାରଣ ହୋଇଥାଏ। ବୈବାହିକ ସମ୍ପର୍କ ବାହାରେ ଗର୍ଭଧାରଣ, ବିଶେଷ କରି ଯୌନ ଉତ୍ପୀଡ଼ନ ବା ବଳାତ୍କାରରୁ ହୋଇଥିଲେ, ଏହା ଗର୍ଭବତୀ ମହିଳାଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ଆଘାତ ପହଞ୍ଚାଇଥାଏ। ଯୌନ ଉତ୍ପୀଡ଼ନ ଚିନ୍ତାଜନକ ହୋଇଥିବାବେଳେ ଏଥିରେ ଗର୍ଭଧାରଣ ସମସ୍ୟାକୁ ଆହୁରି ବଢ଼ାଇ ଦେଇଥାଏ। କାରଣ ଏଭଳି ଗର୍ଭଧାରଣ ଇଚ୍ଛା ବିରୋଧରେ ହୋଇଥାଏ ବୋଲି ଖଣ୍ଡପୀଠ କହିଛନ୍ତି। ଏହାକୁ ବିଚାରକୁ ନେଇ ସର୍ବୋଚ୍ଚ ଅଦାଲତ ପୀଡ଼ିତାଙ୍କୁ ମଙ୍ଗଳବାର ହସ୍ପିଟାଲରେ ପହଞ୍ଚାଇବା ସହ ଗର୍ଭପାତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଭ୍ରୂଣ ଜୀବିତ ଥାଏ, ତେବେ ଏହାକୁ ବଞ୍ଚାଇ ରଖିବା ଏବଂ ଆଇନ ଅନୁଯାୟୀ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଖଣ୍ଡପୀଠ କହିଛନ୍ତି।

### ସରକାରୀ ବାବୁଙ୍କୁ କୋର୍ଟ ସମନ ଲାଗି ଗାଇଡ୍‌ଲାଇନ ଆସିବ

ନୂଆଦିଲ୍ଲୀ,୨୧।୮(ପି.ଟି.)

ସରକାରୀ ବାବୁମାନଙ୍କୁ କୋର୍ଟ ସମନ ଜାରି ଲାଗି ସୁପ୍ରିମକୋର୍ଟ ଗାଇଡ୍‌ଲାଇନ ଜାରି କରିବେ। ଅଦାଲତଗୁଡ଼ିକ ସମନ କଲାବେଳେ ଉକ୍ତ ଗାଇଡ୍‌ଲାଇନକୁ ଅନୁସରଣ କରିବାକୁ ହେବ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି, ଚୂଡ଼ାନ୍ତ ରାୟ ଏବଂ ବିଚାରାଧୀନ ମାମଲାର ଅନ୍ତରୀଣ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହୋଇ ନ ଥିଲେ ଅଦାଲତ ଅବମାନନାର ବିଚାର ପାଇଁ ଭିନ୍ନ ପଦ୍ଧତି ରହିବା ଆବଶ୍ୟକ। ଅଦାଲତ ଅବମାନନା ମାମଲାରେ ସରକାରୀ ଅଧିକାରୀଙ୍କ ଉପସ୍ଥିତ ଜରୁରୀ ହୋଇପାରେ।

### ଜୟଶଙ୍କରଙ୍କ ସମେତ ୯ ରାଜ୍ୟ ସଭା ସଦସ୍ୟ ଶପଥ ନେଲେ

ନୂଆଦିଲ୍ଲୀ,୨୧।୮(ପି.ଟି.)

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସମେତ ୯ ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟ ସୋମବାର ଶପଥ ଗ୍ରହଣ କରିଛନ୍ତି। ପାର୍ଲାମେଣ୍ଟ ଭବନ ରାଜ୍ୟ ସଭା ଚାମ୍ବରରେ ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ସେମାନଙ୍କୁ ଶପଥ ପାଠ କରାଇଥିଲେ। ଜୟଶଙ୍କର ଦ୍ୱିତୀୟ ଥର ପାଇଁ ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ତାଙ୍କ ବ୍ୟତୀତ ଭାଜପାର ବାବୁଭାଇ ଜେସାଙ୍ଗଭାଇ ଦେଶାଇ(ଗୁଜରାଟ), କେଶରିଦେବସିଂ ଦିଗ୍‌ବିଜୟସିଂ ଝାଲା (ଗୁଜରାଟ) ଏବଂ ନଗେନ୍ଦ୍ର ରାୟ (ପଶ୍ଚିମବଙ୍ଗ) ଶପଥ ଗ୍ରହଣ କରିଛନ୍ତି। ସେହିପରି ତୃଣମୂଳ କଂଗ୍ରେସର ୫ ଏମ୍‌ପି ଡେରେକ୍ ଓ'ବ୍ରାଏନ, ଦୋଲ ସେନ୍, ସୁଖେନ୍ଦୁ ଶେଖର ରାୟ, ପ୍ରକାଶ ଚିକ୍



ବାରାଇକ ଏବଂ ସମିରୁଲ ଇସ୍‌ଲାମ ମଧ୍ୟ ଶପଥ ନେଇଛନ୍ତି। ଶପଥ ଗ୍ରହଣ କରିଥିବା ୯ ଜଣଙ୍କ ମଧ୍ୟରୁ ୫ ଜଣ ପ୍ରଥମ ଥର ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ନଗେନ୍ଦ୍ର ରାୟ, ପ୍ରକାଶ ଚିକ୍ ବାରାଇକ, ସମିରୁଲ ଇସ୍‌ଲାମ, କେଶରିଦେବସିଂ ଝାଲା ଏବଂ ବାବୁଭାଇ ଦେଶାଇ। ଶପଥ ଗ୍ରହଣ ବେଳେ ଗୃହର ନେତା ପୀୟୂଷ ଗୋୟଲ, ରାଜ୍ୟ ସଭା ମହାସଚିବ ପି.ସି. ମୋଦି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅନ୍ତିମ ସଂସ୍କାର ସରିଥିବା ଝିଅଙ୍କ ଆସିଲା ଫୋନ୍ କଲ୍

### ପୁରୁଷ ବନ୍ଧୁ ସହ ଫେରାର ଥିଲେ

ପାଟନା,୨୧।୮

ଝିଅର ମୃତଦେହ ଅନ୍ତିମ ସଂସ୍କାର କରି ଦୁଃଖରେ ମ୍ରିୟମାଣ ହୋଇଥିବା ଏକ ପରିବାର ଲାଗି ଫୋନ୍ କଲ୍ ଖୁସି ଆଣିଦେଇଛି। ଫୋନରେ ଯେତେବେଳେ ଝିଅ କହିଛି ବାପା ମୁଁ ଜୀବିତ, ସେତେବେଳେ ପୂରା ପରିବାର ଖୁସିରେ ଆତ୍ମହରା ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବିହାରର ପୂର୍ଣ୍ଣିଆ ଜିଲାର ଆକବରପୁର ଥାନା ଅଞ୍ଚଳରେ।

ସୂଚନାନୁସାରେ ଆକବରପୁର ଥାନା ଅଞ୍ଚଳର ଅଂଶୁକୁମାରୀ ନାମ୍ନୀ ଜଣେ ଝିଅ କିଛି ଦିନ ତଳେ ନିଖୋଜ ହୋଇଥିଲେ। ତାଙ୍କ ପରିବାର ଲୋକ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ଗତ ସପ୍ତାହରେ ପୋଲିସ ସ୍ଥାନୀୟ କେନାଲ ନିକଟରୁ ଜଣେ ଝିଅଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତଦେହ ନିକଟରେ ନିଖୋଜ ଝିଅର ପିନ୍ଧା କପଡ଼ା ଉଦ୍ଧାର ହୋଇଥିବାରୁ ମୃତକ ତାଙ୍କ ଝିଅ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ଏହାପରେ ଶବ ଆଣି ଅନ୍ତିମ ସଂସ୍କାର କରିଥିଲେ। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶନିବାର ଝିଅ ତାଙ୍କ ବାପାଙ୍କୁ ଭିଡିଓ କଲ୍ କରି କହିଥିଲେ, ବାପା ମୁଁ ଜୀବିତ ଏବଂ ବିବାହ କରିବା ପାଇଁ ବୟଫ୍ରେଣ୍ଡ ସହ ଫେରାର ହୋଇଯାଇଥିଲି। ଏବେ ଶାଶୁଘରେ ଭଲରେ ଅଛି। ଏହା ଶୁଣିବା ପରେ ତାଙ୍କ ପରିବାର ଲୋକେ ଖୁସିରେ ଆତ୍ମହରା ହୋଇଥିଲେ।

## ନିଯୁକ୍ତି ଦୁର୍ନୀତି
## ଲିବ୍ୟାରେ ଅଟକିଥିବା ୧୭ ଭାରତୀୟ ଯୁବକ ଫେରିଲେ

ଚଣ୍ଡିଗଡ଼,୨୧।୮

ଭାରତରେ ଅସାଧୁ ଏଜେଣ୍ଟଙ୍କ ଦ୍ୱାରା ଠକାମିର ଶିକାର ହୋଇ ୬ ମାସ ହେଲା ଲିବ୍ୟାରେ ଅଟକି ରହିଥିବା ପଞ୍ଜାବ ଓ ହରିୟାଣାର ୧୭ ଜଣ ଯୁବକ ସ୍ୱଦେଶ ଫେରିଛନ୍ତି। ରବିବାର ରାତିରେ ସେମାନେ ଦିଲ୍ଲୀରେ ପହଞ୍ଚିଛନ୍ତି। ଇଟାଲୀରେ ସେମାନଙ୍କୁ ଚାକିରି ଦିଆଯିବାର ପ୍ରତିଶ୍ରୁତି ଦେଇ ଅସାଧୁ ଏଜେଣ୍ଟମାନେ ସେମାନଙ୍କଠାରୁ ୧୩ ଲକ୍ଷ ଟଙ୍କା ଲେଖାଏ ନେଇଥିଲେ। ଗତ ଫେବୃୟାରୀରେ ସେମାନଙ୍କୁ ଦୁବାଇ ଓ ଇଜିପ୍ଟ ନିଆଯାଇଥିଲା। ତେବେ ସଶସ୍ତ୍ର ମାଫିଆ ନିୟନ୍ତ୍ରଣରେ ଥିବା ଲିବ୍ୟାର ଜୁୱାରା ସହରରେ ସେମାନେ ପହଞ୍ଚିଥିଲେ। ପଞ୍ଜାବରୁ ରାଜ୍ୟ ସଭା ସଦସ୍ୟ ବିକ୍ରମଜିତ୍ ସାହନି ସେମାନଙ୍କୁ ଉଦ୍ଧାର କରି ଫେରାଇ ଆଣିବାର ସମସ୍ତ ବ୍ୟବସ୍ଥା କରିଥିଲେ।


ଦିଲ୍ଲୀ ବିମାନବନ୍ଦରରେ ଲିବ୍ୟାରୁ ଫେରିଥିବା ଭାରତୀୟ ଯୁବକ।

ଲିବ୍ୟାରେ ଆତଙ୍କିତ ଅବସ୍ଥାରେ ଥିବା ସେହି ଯୁବକମାନଙ୍କଠାରୁ ଗତ ମେ' ୨୮ରେ ଫୋନ୍ କଲ୍ ମିଳିଥିଲା। ସେଠାରେ ସେମାନଙ୍କୁ ଶାରୀରିକ ଅତ୍ୟାଚାର କରାଯିବା ସହ ମାସ ମାସ ଧରି ମାଗଣାରେ ଖଟାଯାଉଥିଲା। ସେମାନଙ୍କୁ ଯଥେଷ୍ଟ ଖାଇବାକୁ ଦିଆ ନ ଯାଇ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯାଇଥିଲା ବୋଲି ବିକ୍ରମଜିତ୍ କହିଛନ୍ତି। ଲିବ୍ୟାରେ ଭାରତର କୂଟନୈତିକ ମିଶନ ନ ଥିବାରୁ ଆମେ ନିଃସହାୟ ହୋଇପଡ଼ିଥିଲୁ। ତୁରନ୍ତ ସେଠାରେ ଏକ ହୋଟେଲ ବୁକ୍ କରାଯାଇ ଦୁଇଟି ଟ୍ୟାକ୍ସିର ବ୍ୟବସ୍ଥା କରାଯାଇଥିଲା, ଯେପରି ସେମାନଙ୍କୁ ମୁକୁଳାଯାଇ ପାରିବ। ଜୁନ୍ ୧୩ରେ ଏହି ଉଦ୍ଧାର କାର୍ଯ୍ୟ ସଫଳ ହୋଇଥିଲା। ତେବେ ହୋଟେଲରେ ରହିବାର ୨ ଦିନ ପରେ ଏହାର ମାଲିକ ଆମକୁ ଠକିଥିଲା। ଯୁବକମାନଙ୍କୁ ହୋଟେଲରୁ ଗିରଫ କରାଯାଇ ତ୍ରିପୋଲିସ୍ଥିତ ଜେଲ୍‌କୁ ପଠାଇ ଦିଆଯାଇଥିଲା ବୋଲି ପଞ୍ଜାବ ଏମ୍‌ପି କହିଛନ୍ତି। ତେବେ ଟ୍ୟୁନିସିଆରେ ଥିବା ଭାରତୀୟ ଦୂତାବାସ ସହାୟତାରେ ଜାତିସଂଘର ସହାୟତା ପାଇଁ ଆମେ ଯୋଗାଯୋଗ କରିଥିଲୁ। କେତେ ସପ୍ତାହର ଉଦ୍ୟମ ପରେ ଜାତିସଂଘ ସହାୟତାରେ ସେହି ପିଲାମାନଙ୍କୁ ଜେଲରୁ ମୁକୁଳାଯାଇ ତ୍ରିପୋଲିର ବେଆଇନ ଅପ୍ରବାସୀ ବନ୍ଦରକୁ ପଠାଇ ଦିଆଯାଇଥିଲା। କାଗଜପତ୍ର କାମ ଓ ଅନ୍ୟାନ୍ୟ ଔପଚାରିକତା ପରେ ଗତ ୧୯ ତାରିଖରେ ସେମାନେ ଦିଲ୍ଲୀକୁ ବିମାନ ଧରିଥିଲେ ବୋଲି ବିକ୍ରମଜିତ୍ କହିଛନ୍ତି।

## କଣ୍ଟାବାଞ୍ଜି ଜେଲର୍‌ଙ୍କ ଅଡିଓ ଭାଇରାଲ




# ଆରମ୍ଭ ହେଲା ପାଠପଢ଼ା, ପୂରଣ ହେଉନି ସିଟ୍

## ଯୁକ୍ତ୨, ଯୁକ୍ତ୩, ପିଜି, ଆଇଟିଆଇ, ଡିପ୍ଲୋମାରେ ଲକ୍ଷାଧିକ ସିଟ୍ ଖାଲି


ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁକ୍ତ୩ ପ୍ରଥମ ବର୍ଷ ବାଣିଜ୍ୟ ବିଭାଗର ଛାତ୍ରୀମାନେ କ୍ଲାସ୍ କରୁଛନ୍ତି। (ଫଟୋ-ବିକାଶ ନାୟକ)

**ଭୁବନେଶ୍ୱର, ୨୧।୮ (ଅସମାପିକା ସାହୁ)**

୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ସମସ୍ତ ଉଚ୍ଚ ମାଧ୍ୟମିକ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ସହ ବୈଷୟିକ ଶିକ୍ଷାନୁଷ୍ଠାନରେ ପାଠପଢ଼ା ଆରମ୍ଭ ହୋଇଯାଇଛି। ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଗତ ୧ ତାରିଖରୁ ଆରମ୍ଭ ହୋଇଥିବାବେଳେ ଯୁକ୍ତ୩ ଓ ପିଜି ପାଠପଢ଼ା ସୋମବାରଠାରୁ ଆରମ୍ଭ ହୋଇଛି। ହେଲେ ଏବେ ବି ଲକ୍ଷ ଲକ୍ଷ ସିଟ୍ ଖାଲି ପଡିଥିବାରୁ ଚିନ୍ତା ବଢ଼ିଛି। ତେଣୁ ପାଠପଢ଼ାରେ ବହୁ ବିଳମ୍ବ ହୋଇଥିଲେ ମଧ୍ୟ ସିଟ୍ ପୂରଣ ପାଇଁ ନାମଲେଖା ଜାରି ରହିଛି।

ମିଳିଥିବା ସୂଚନାନୁସାରେ, ୨,୧୯୧ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ୫,୧୬,୮୭୩ଟି ସିଟ୍ ରହିଛି। ସେଥିମଧ୍ୟରୁ ୩,୭୯,୦୬୬ଟି ସିଟ୍ ପୂରଣ ହୋଇଥିବାବେଳେ ୧,୩୭,୮୦୭ଟି ସିଟ୍ ଖାଲି ପଡ଼ିଛି। ଏଥିମଧ୍ୟରେ ବିଜ୍ଞାନରେ ସର୍ବାଧିକ ୫୭,୭୯୫ଟି ସିଟ୍ ଖାଲି ଥିବାବେଳେ କଳାରେ ୫୦,୯୬୨, ବାଣିଜ୍ୟରେ ୧୬,୫୮୯, ସଂସ୍କୃତରେ ୬,୪୪୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୬,୦୨୦ଟି ସିଟ୍ ବଳକା ପଡ଼ିଛି। ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ନାମଲେଖାରେ ସିଟ୍ ପୂରଣ ନ ହେବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ସୁଯୋଗ ଦେଇଛି। ଏଥିପାଇଁ ଗତ ୧୬ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଯେଉଁ ଛାତ୍ରୀଛାତ୍ର ଆବେଦନ କରିପାରି ନ ଥିଲେ ସେମାନେ ଏବେ ଆବେଦନ କରିପାରିବେ। ଏହି ଆବେଦନ ପ୍ରକ୍ରିୟା ୨୮ତାରିଖ ରାତି ୧୧ଟା ୫୫ ପର୍ଯ୍ୟନ୍ତ ଚାଲିବ। ସେପ୍ଟେମ୍ବର ୪ ପୂର୍ବାହ୍ନ ୧୧ଟା ୩୦ରେ ପ୍ରଥମ ମେରିଟ ଲିଷ୍ଟ ପ୍ରକାଶ ପାଇବ। ୫ ତାରିଖ ସକାଳ ୯ଟାରୁ ୭ ତାରିଖ ଅପରାହ୍ନ ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ୧୨ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ସ୍ପଟ୍ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ର ୧ରୁ ୧୪ ତାରିଖ ସନ୍ଧ୍ୟା ଭିତରେ ନାମ ଲେଖାଇବେ। ତେବେ ଏହି ନାମଲେଖା ପରେ ସିଟ୍ ପୂରଣ ହେଉଛି କି ନାହିଁ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ।

ଅପରପକ୍ଷେ ଯୁକ୍ତ୩ରେ ଖାଲି ପଡିଥିବା ସିଟ୍ ପୂରଣ ଲାଗି ଆସନ୍ତା ୨୪ରେ ଚତୁର୍ଥ ପର୍ଯ୍ୟାୟ ନାମଲେଖା ନିମନ୍ତେ ତାଲିକା ପ୍ରକାଶ ପାଇବ। ତେବେ ତୃତୀୟ ପର୍ଯ୍ୟାୟ ନାମଲେଖା ପରେ ୧,୪୩,୧୨୮ଟି ସିଟ୍ ବଳକା ପଡ଼ିଥିବା ଜଣାପଡ଼ିଛି। ସାମ୍ସ ପୋର୍ଟାଲରୁ ମିଳିଥିବା ସୂଚନାନୁସାରେ, ରାଜ୍ୟର ମୋଟ ୧,୦୪୦ ଡିଗ୍ରୀ କଲେଜରେ ୨,୭୦,୧୬୩ ସିଟ୍ ଥିବାବେଳେ ୧,୨୭,୦୩୫ଜଣ ନାମ ଲେଖାଇଛନ୍ତି। ବଳକା ସିଟ୍ ମଧ୍ୟରୁ କଳାରେ ୬୮,୪୨୯, ପଦାର୍ଥ ବିଜ୍ଞାନରେ ୩୦,୬୫୪, ଜୈବ ବିଜ୍ଞାନରେ ୧୬,୮୬୮, ବାଣିଜ୍ୟରେ ୨୦,୦୪୨, ସେଲ୍ଫ ଫାଇନାନ୍ସିଂରେ ୧,୨୫୫ ଏବଂ ସଂସ୍କୃତରେ ୫,୮୮୦ଟି ସିଟ୍ ଖାଲି ପଡ଼ିଛି। ସେହିଭଳି ପିଜି ପ୍ରଥମବର୍ଷ ପାଠପଢ଼ା ସୋମବାର ଆରମ୍ଭ ହୋଇଥିବାବେଳେ ଏଥିରେ ମଧ୍ୟ ବହୁ ସିଟ୍ ଖାଲି ପଡ଼ିଥିବା ଜଣାପଡିଛି। ତେଣୁ ଏହାର ନାମଲେଖା ପ୍ରକ୍ରିୟା ମଧ୍ୟ ଜାରି ରହିଛି। ଅନ୍ୟପକ୍ଷରେ ଆଇଟିଆଇରେ ୩୫ହଜାରରୁ ଊର୍ଦ୍ଧ୍ୱ ସିଟ୍ ଖାଲି ଥିବାବେଳେ ଡିପ୍ଲୋମାରେ ୨୯ ହଜାରରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡିଥିବା ସୂଚନା ଦିଆଯାଇଛି।

# ସେବାରେ ଭେଦଭାବ ନ ରଖିବାକୁ ରାଜ୍ୟପାଳଙ୍କ ପରାମର୍ଶ


ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ଓ ଅନ୍ୟମାନେ।

## ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ଓ ସେମାନଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୧।୮ (ଅସମାପିକା ସାହୁ)**

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ୨୦୧୮, ୨୦୨୦ ଓ ୨୦୨୧ ବର୍ଷ ପାଇଁ ଅନୁଷ୍ଠିତ ସିଭିଲ୍ ସର୍ଭିସେସ୍ ପରୀକ୍ଷା ଓ ଭାରତୀୟ ବନସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥବା ଓଡ଼ିଶା ପ୍ରାର୍ଥୀ ଓ ସେମାନଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ସୋମବାର ରାଜଭବନର ଅଭିଷେକ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶିବାଜୀ ମହାରାଜ ନିଜ ମାତାଙ୍କ ଇଚ୍ଛା ପୂରଣ କରିବା ପାଇଁ କିପରି ସଂକଳ୍ପ ନେଇ ସଫଳ ହୋଇଥିଲେ ରାଜ୍ୟପାଳ ତାହା ବର୍ଣ୍ଣନା କରିବା ସହିତ ବର୍ତ୍ତମାନ ସମାଜରେ କେତେଜଣ ସଫଳ ବ୍ୟକ୍ତିଙ୍କ ଦୃଷ୍ଟାନ୍ତ ଦେଇ ସେମାନେ ନିଜ ମା'ଙ୍କ ଇଚ୍ଛା ପୂରଣରେ ସମ୍ପୂର୍ଣ୍ଣ ବ୍ରତୀ ଅଛନ୍ତି ବୋଲି କହିଥିଲେ। ସଫଳ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସେବାରେ ଯେପରି କୌଣସି ଭେଦଭାବ ନ ରୁହେ ଓ ନ୍ୟାଯ୍ୟ ଅଧିକାରରୁ କେହି ଯେପରି ବଞ୍ଚିତ ନ ହୁଅନ୍ତି ତାହାକୁ ସର୍ବଦା ଅଗ୍ରାଧିକାର ଦେବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ମାତାପିତା ସେମାନଙ୍କ ପିଲାଙ୍କୁ ସତ୍ୟ ଓ ନ୍ୟାୟ ପଥରେ ରହି କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାଇବାକୁ କହିଥିଲେ। ଈଶ୍ୱର ନିଜ ଉଦ୍ଦେଶ୍ୟ ମାତାପିତାଙ୍କ ମାଧ୍ୟମରେ ସାଧିତ କରାଇଥାନ୍ତି ବୋଲି ରାଜ୍ୟପାଳ କହିବା ସହିତ ଏକ ସମୃଦ୍ଧ ରାଷ୍ଟ୍ରଗଠନରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ କହିଥିଲେ।

ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସ୍ୱାଗତ ଭାଷଣରେ କୃତକାର୍ଯ୍ୟ ପ୍ରାର୍ଥୀଙ୍କ ଉଦ୍ଦେଶ୍ୟରେ କହିଲେ, ଚାକିରି ଜୀବନରେ ଉତ୍ତମ ଚରିତ୍ରର ମହତ୍ତ୍ୱ ଅଧିକ। ଏହା ନିଜକୁ ସଚ୍ଚୋଟ ରଖିବା ସହିତ, ଅନ୍ୟାୟକୁ ପ୍ରଶ୍ରୟ ନ ଦେବା ଓ ସମସ୍ୟା ସମାଧାନର କଳା ଓ କୌଶଳ ଆହରଣ କରିବାକୁ ଗୁରୁତ୍ୱ ଦେଇଥାଏ। ଭଲ ଅଫିସର ହେବା ସହିତ ଭଲ ମଣିଷଟିଏ ହେବାକୁ ସେ ସେମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, କରୋନା ଯୋଗୁ ପୂର୍ବ ୩ବର୍ଷର ଏହି କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲାବେଳେ ସିଭିଲ ସର୍ଭିସେସ୍ ପରୀକ୍ଷା-୨୦୨୨ର ସଫଳ ପ୍ରାର୍ଥୀଙ୍କୁ ନେଇ ଗତ ଜୁଲାଇରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଜି ପ୍ରକାଶ ପାଇବ ପିଜି ତୃତୀୟ ମେଧା ତାଲିକା

**ଭୁବନେଶ୍ୱର, ୨୧।୮ (ଅସମାପିକା ସାହୁ)**

୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟରେ ପିଜି ନାମଲେଖା ନିମନ୍ତେ ମଙ୍ଗଳବାର ଅପରାହ୍ନ ୨ଟାରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ମଙ୍ଗଳବାର ସନ୍ଧ୍ୟା ୭ଟାରୁ ୨୪ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସ୍ଲାଇଡ୍ ଅପ୍, ଫ୍ରିଜ୍ ଏବଂ ଫି' ଦାଖଲ କରିବେ। ଏହି ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୨୩ ତାରିଖ ସକାଳ ୯ଟାରୁ ୨୫ ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମଲେଖାଇବେ। ୩୧ ତାରିଖ ଅପରାହ୍ନ ୨ଟାରେ ଚତୁର୍ଥ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ସେପ୍ଟେମ୍ବର ୧ ସକାଳ ୯ଟାରୁ ୪ ତାରିଖ ଅପରାହ୍ନ ୫ଟା ଭିତରେ ନାମଲେଖାଇବେ। ଏହି ରାଉଣ୍ଡରେ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ଇ-ସ୍ପେସ୍‌ରେ ୪ ତାରିଖ ସନ୍ଧ୍ୟା ୭ଟା ସୁଦ୍ଧା ଅପ୍‌ଲୋଡ୍ କରାଯିବ ବୋଲି ସୂଚନା ଦିଆଯାଇଛି।

# ୧କି.ଗ୍ରା. ୧୦୦ଗ୍ରାମ୍ ବ୍ରାଉନସୁଗାର ଜବତ, ୪ ଗିରଫ

**ଭୁବନେଶ୍ୱର(ସୂର୍ଯ୍ୟକାନ୍ତ ବେହେରା)/ ବାଲେଶ୍ୱର (ମାନସ ବିଶ୍ୱାଳ), ୨୧।୮**

ବାଲେଶ୍ୱର ସହର ରେଳଷ୍ଟେଶନ ନିକଟରେ ରବିବାର ସନ୍ଧ୍ୟାରେ ବ୍ରାଉନସୁଗାର ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ଏସ୍‌ଟିଏଫ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୧ କି.ଗ୍ରା. ୧୦୦ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ବାଲେଶ୍ୱର ସହର ଟାଉନ୍‌ଥାନା ଅଞ୍ଚଳର ସେକ ଫିୟାଜ୍, ସେକ ସାମଶେଦ, ସେକ ମୁରାଦ, ପାତ୍ରପଡ଼ା ଅଞ୍ଚଳର ସନ୍ଦୀପ ନାୟକ।

# ଫେରାର ବିଡିଓ ୮ ବର୍ଷ ପରେ ଦିଲ୍ଲୀରୁ ଗିରଫ

## ଦୁର୍ନୀତି ମାମଲା

- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା ଭିଜିଲାନ୍ସ
- ୭ ମାମଲାରେ ୱାଣ୍ଟେଡ୍ ଥିଲେ, ମୋଟ୍ ୩୪ ଲକ୍ଷ ହଡ଼ପ

**ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ଜୟପୁର,୨୧।୮ (ପବନ ପାଣିଗ୍ରାହୀ)**


ରମେଶ ଚନ୍ଦ୍ର ସାହୁ

୩୪ଲକ୍ଷ ଟଙ୍କାର ସରକାରୀ ଅର୍ଥ ହଡ଼ପ କରିବା ସହ ୭ଟି ଦୁର୍ନୀତି ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିବା କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ପୂର୍ବତନ ବିଡିଓ ରମେଶ ଚନ୍ଦ୍ର ସାହୁ (୬୫) ୮ବର୍ଷ ପରେ ଧରାପଡ଼ିଛନ୍ତି। ଅଭିଯୁକ୍ତ ରମେଶଙ୍କୁ ଭିଜିଲାନ୍ସ ଟିମ୍ ସୋମବାର ଦିଲ୍ଲୀରୁ ଗିରଫ କରିଛି। ଏହାପରେ ତାଙ୍କୁ ନୂଆଦିଲ୍ଲୀ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ସେଠାରୁ ଭିଜିଲାନ୍ସ ଅଧିକାରୀମାନେ ରମେଶଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଛି। ତାଙ୍କୁ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ରମେଶ ଫେରାର ହେବା ପରେ ଗତ ୮ବର୍ଷ ହେଲା ଦିଲ୍ଲୀ ଓ ଏହାର ଆଖାପାଖ ଅଞ୍ଚଳରେ ଲୁଚି ବୁଲୁଥିଲେ। ଏପରିକି ଗିରଫ ଭୟରେ ସେ ଆସାମ ଜୋରହାଟ ପଳାଇଯାଇଥିଲେ। ନିକଟରେ ସେ ପୁଣି ଦିଲ୍ଲୀକୁ ଫେରିଥିଲେ। ଏନେଇ ସୂଚନା ମିଳିବା ପରେ ଭିଜିଲାନ୍ସ ଟିମ୍ ତାଙ୍କ ଲୋକସେନ୍‌କୁ ଟ୍ରାପ୍ କରି କାବୁ କରିଥିଲା।

ରମେଶ ନାରାୟଣପାଟଣା ବିଡିଓ ଥିବାବେଳେ ଅନ୍ୟମାନଙ୍କ ସହ ମିଶି ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି କରିଥିଲେ। ସରକାରଙ୍କ ଏତଲାକ୍ରମେ ତାଙ୍କ ନାମରେ କୋରାପୁଟ ଭିଜିଲାନ୍ସ ଥାନାରେ ୨୦୧୫ରେ ୭ଟି ମାମଲା ରୁଜୁ ହୋଇଥିଲା। ସେଗୁଡ଼ିକ ହେଲା ମାମଲା ନଂ.୧୬, ୧୭, ୧୮, ୧୯, ୨୦, ୨୧ ଓ ୩୮/୨୦୧୫। ଏହାପରେ ୨୦୧୫ ଫେବୃୟାରୀ ୨୩ରେ ରାଜ୍ୟ ସରକାର ତାଙ୍କୁ ନିଲମ୍ବିତ କରିଥିଲେ। ତେବେ ଗିରଫ ଭୟରେ ସେବେଠୁ ରମେଶ ଫେରାର ହୋଇଯାଇଥିଲେ। ଏପରିକି ବହୁଥର ତାଙ୍କୁ ଗିରଫ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ପ୍ରତିଥର ସେ ଭିଜିଲାନ୍ସ ଟିମ୍‌କୁ ଚକ୍‌ମା ଦେଉଥିଲେ। ତେବେ ବିଭିନ୍ନ ଦୁର୍ନୀତି କରି ଫେରାର ଥିବା ସରକାରୀ କର୍ମଚାରୀଙ୍କୁ ଧରିବାକୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ସୂର୍ଯ୍ୟମନ୍ଦିର ବୁଲିଲେ ଶ୍ରୀଲଙ୍କା ରାଷ୍ଟ୍ରଦୂତ


ଶ୍ରୀଲଙ୍କା ରାଷ୍ଟ୍ରଦୂତ ମିଲିଣ୍ଡା ମୋରାଗୋଡ଼ା ସୂର୍ଯ୍ୟମନ୍ଦିର ବୁଲି ଦେଖୁଛନ୍ତି।

**କୋଣାର୍କ,୨୧।୮ (ଜ୍ୟୋତିରାଜ ମହାନ୍ତି)**

ସୋମବାର ଅପରାହ୍ନରେ ଶ୍ରୀଲଙ୍କା ରାଷ୍ଟ୍ରଦୂତ ମିଲିଣ୍ଡା ମୋରାଗୋଡ଼ା କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିଲେ। ଏଠାରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଥମେ ସେ ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର ଭିତରକୁ ଯାଇ ବୁଲି ଦେଖିଥିଲେ। ପରେ ସୂର୍ଯ୍ୟମନ୍ଦିରର ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟଗୁଡିକୁ ଟିକିନିଖି ଭାବେ ଦେଖିଥିଲେ। ନିଖୁଣ କାରୁକାର୍ଯ୍ୟକୁ ଦେଖି ଆଶ୍ଚର୍ଯ୍ୟ ହେବା ସହ ପ୍ରଶଂସା କରିଥିଲେ। ସ୍ୱୀକୃତିପ୍ରାପ୍ତ ଗାଇଡ୍ ବିଶେଶ୍ୱର ଦାଶ ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ। ମନ୍ଦିର ବୁଲି ସାରିବା ପରେ ଭୁବନେଶ୍ୱର ଫେରିଥିଲେ। ଏହି ଗସ୍ତ ସମୟରେ ତହସିଲଦାର ଭାଗ୍ୟଶ୍ରୀ ହାସଁଦା, ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, କୋଣାର୍କ ଥାନା ଆଇଆଇସି ପଞ୍ଚାନନ ପରିଡା ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

DSPL-193

ଜଳସମ୍ପଦ ବିଭାଗ

ବନ୍ୟା ଓ ବର୍ଷାଋତୁ ପାଇଁ ସତର୍କ ସୂଚନା

ଏହାଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷାଋତୁରେ ବିଭିନ୍ନ ନଦୀଗୁଡିକର ଜଳସ୍ତର ଯେକୌଣସି ସମୟରେ ବଢ଼ିବାର ସମ୍ଭାବନା ଅଛି । ତେଣୁ ଜନସାଧାରଣ ନଦୀ ବା ଜଳଭଣ୍ଡାର ମଧ୍ୟକୁ ଯିବା ସମୟରେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ;

ଏହା କରନ୍ତୁ

- ଗଭୀର ଜଳ ଓ ପ୍ରଖର ସ୍ରୋତଠାରୁ ଦୂରେଇ ରୁହନ୍ତୁ ।
- ସ୍କୁଲ ଓ କଲେଜ ଯାଉଥିବା ପିଲାମାନଙ୍କ ପ୍ରତି ତଥା ବୃଦ୍ଧ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ ।
- ବନ୍ୟା ସମୟରେ ବୁଡ଼ି ଯିବାକୁ ଥିବା ସ୍ଥାନରୁ ଯଥାଶୀଘ୍ର ଆବଶ୍ୟକୀୟ ଜିନିଷପତ୍ର ଧରି ଉଚ୍ଚ ସ୍ଥାନକୁ ଚାଲି ଯାଆନ୍ତୁ ।
- ନଦୀ, ନାଳ, ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଯାତାୟତ ସମୟରେ ଜୀବନସୁରକ୍ଷା ଜ୍ୟାକେଟ୍ (Life Jacket) ନିଶ୍ଚିତ ବ୍ୟବହାର କରନ୍ତୁ ।
- ଟେଲିଭିଜନ, ରେଡ଼ିଓ, ବିଭିନ୍ନ ଖବର କାଗଜ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଦିଆଯାଉଥିବା ବନ୍ୟା ସମ୍ପର୍କିତ ସୂଚନା ଜାଣନ୍ତୁ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ ।
- ନଦୀବନ୍ଧରେ ଘଳିଆ ହେଲେ କିମ୍ବା ଘାଇ ହେବାର ସମ୍ଭାବନା ଦେଖିଲେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ବନ୍ଧ ମରାମତି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ।

ଏଭଳି କରନ୍ତୁ ନାହିଁ

- ବୁଡି ଯାଇଥିବା ନଦୀବନ୍ଧ ଉପରେ ଯାତାୟତ କରନ୍ତୁ ନାହିଁ ।
- ପହଁରା ଜାଣିଥିଲେ ମଧ୍ୟ ସୁଅ ଥିବା ପାଣିରେ ପ୍ରବେଶ କରନ୍ତୁ ନାହିଁ ।
- ଚପଳମତି କିଶୋର/କିଶୋରୀମାନଙ୍କୁ ଦୁଃସାହସିକ ଭାବେ ବନ୍ୟା ଦେଖିବାକୁ ବା ମାଛ ଧରିବାକୁ ଛାଡ଼ନ୍ତୁ ନାହିଁ ।
- ଅଣଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ନାହିଁ ତଥା ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟତ କରିବାରୁ କ୍ଷାନ୍ତ ରୁହନ୍ତୁ ।
- ଜଳଭଣ୍ଡାରରୁ ପାଣି ଛଡ଼ା ଯାଉଥିବା ସୂଚନା ଥିଲେ ନଦୀ ଶଯ୍ୟା ଭିତରକୁ ନିଜେ ପ୍ରବେଶ କରନ୍ତୁ ନାହିଁ ଓ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।
- ବୁଡ଼ି ଯାଇଥିବା ପୋଲ ଉପରେ ଯାତାୟାତ କରନ୍ତୁ ନାହିଁ ।
- ଅତଡ଼ା ଖାଉଥିବା ବନ୍ଧ ଉପରେ ଛିଡ଼ା ହୁଅନ୍ତୁ ନାହିଁ ।
- ଜୀବନସୁରକ୍ଷା ଜ୍ୟାକେଟ୍ ବିନା ଯାତ୍ରା କରନ୍ତୁ ନାହିଁ ।



ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ

OIPR - 32465/13/0013/2324

**ଆଜିର ମନ୍ତବ୍ୟ**

"ବ୍ୟବସ୍ଥାପିକାଗୁଡ଼ିକରେ ବିତର୍କର ମାନ ହ୍ରାସ ପାଇବା ଉଦ୍‌ବେଗଜନକ। କେବଳ ଭୋଟରମାନେ ନିର୍ବାଚିତ ଜନପ୍ରତିନିଧିଙ୍କୁ ସେମାନଙ୍କ ଆଚରଣ ସମ୍ପର୍କରେ ପ୍ରଶ୍ନ କରିବା ଆରମ୍ଭ କଲେ ଏଭଳି ପ୍ରବୃତ୍ତି ବନ୍ଦ ହୋଇପାରିବ।
– ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛି'ଲୋ ଛାଇ !**
**ସାଙ୍ଗେ ସାଙ୍ଗେ କେତେ ଗୋଡ଼ଉଥାଇ।**

ସୂର୍ଯ୍ୟାଲୋକରେ ଶରୀରରେ ଛାଇ ସୃଷ୍ଟି ହୋଇଥାଏ, ଯାହାକି ଶରୀରର ସାଥେ ସାଥେ ରହିଥାଏ। ପରନ୍ତୁ ରାତିରେ ଏହାର ଅସ୍ତିତ୍ୱ ରହି ନ ଥାଏ। ପରୋକ୍ଷରେ ତୋଷାମଦକାରୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ସବୁବେଳେ ଛାଇ ପରି ପାଖେ ପାଖେ ଘୂରିବୁଲୁଥାନ୍ତି। ସ୍ୱାର୍ଥ ପୂରଣ ହୋଇଗଲେ ସେଠାରୁ ସେ ଅଦୃଶ୍ୟ ହୋଇଯାଉଥିବା ବେଳେ ତୋଷାମଦକାରୀ ବ୍ୟକ୍ତିଙ୍କୁ ତାଚ୍ଛଲ୍ୟ କରିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଛାଡ଼ିଲା ମାଇପ**
**ପୁଅଙ୍କ ବଇରୀ**

ଶୈଶବରୁ ଆରମ୍ଭ କରି ଉତ୍ତମ ନାଗରିକରେ ପରିଣତ ହେବା ପର୍ଯ୍ୟନ୍ତ ଶିଶୁର ସମସ୍ତ ଦାୟିତ୍ୱ ମା' ଉପରେ ନ୍ୟସ୍ତ ଥାଏ। ଏଭଳି ସ୍ଥିତିରେ ମା'କୁ ଶିଶୁଠାରୁ ଅଲଗା କରି ଦିଆଗଲେ ଶିଶୁଟି ଅବହେଳାର ଶିକାର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚିତ୍ରକୋଣ୍ଡାର ୩ ସେତୁ ଲାଗି ୧୦୧ କୋଟି

ଭୁବନେଶ୍ୱର, ୨୧।୮ (ସୁନିତ୍ ମିଶ୍ର)

ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ଏବେ ବିକାଶ ପଥରେ ଗତି କରୁଛି। ଗୁରୁପ୍ରିୟା ସେତୁ ନିର୍ମାଣ ପରଠାରୁ ସ୍ୱାଭିମାନ ଅଞ୍ଚଳବାସୀଙ୍କ ପାଇଁ ଗମନାଗମନ, ବିଦ୍ୟୁତ୍, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଟେଲି ଯୋଗାଯୋଗ ଆଦି ବିଭିନ୍ନ ମୌଳିକ ସେବା ସୁବିଧାରେ ଉପଲବ୍ଧ ହେଉଛି। ରୂପାନ୍ତର ପ୍ରକ୍ରିୟାରେ ସ୍ୱାଭିମାନ ଅଞ୍ଚଳ ଦ୍ରୁତ୍ ଗତିରେ ଆଗକୁ ବଢ଼ୁଛି, ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚିତ କରାଯାଇଛି। ଏଥିସହ ସ୍ୱାଭିମାନ ଅଞ୍ଚଳର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସେତୁ ଯୋଜନା ମଧ୍ୟ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାକୁ ଆହୁରି ଆଗକୁ ନେଇ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିତ୍ରକୋଣ୍ଡା ବ୍ଲକରେ ୩ଟି ବୃହତ୍ ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେବା ସହ ୧୦୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ସ୍ୱାଭିମାନ ଅଞ୍ଚଳର ୩୭ ହଜାର ଲୋକ ଉପକୃତ ହେବେ। ଗମନାଗମନର ସୁବିଧା ସହିତ ସାମାଜିକ ସୁବିଧା ସୁଯୋଗ ଓ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ମାର୍ଚ୍ଚ ୨୯ରେ ମାଲକାନଗିରି ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିବା ସହିତ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ସ୍ଥାନରେ ଲୋକଙ୍କ ଅନୁରୋଧକୁ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲାରେ ୩ଟି ନୂତନ ବୃହତ୍ ସେତୁର ନିର୍ମାଣ ପାଇଁ ୧୦୧ କୋଟି ଟଙ୍କା ମଞ୍ଜୁର କରିଥିବା ସୂଚନା ଦେଇଛନ୍ତି। ମଞ୍ଜୁର ହୋଇଥିବା ୩ଟି ସେତୁ ମଧ୍ୟରେ ଖଲିଆଗଡ ନାଳ ଉପରେ ଯନ୍ତ୍ରୀଠାରୁ ଡାକପଦର ରାସ୍ତା ପର୍ଯ୍ୟନ୍ତ ୧୧୧ ମିଟର ଦୈର୍ଘ୍ୟ ବିଶିଷ୍ଟ ଗୋଟିଏ ସେତୁ ନିର୍ମାଣ କରାଯିବ। ଏଥିପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ। ପଣସପୁଟ ଓ ଯନ୍ତ୍ରୀ ଗ୍ରାମପଞ୍ଚାୟତର ଲୋକମାନେ ଏହାଦ୍ୱାରା ଉପକୃତ ହେବେ। କୁମୁଡାଗୁଡା ନଦୀ ଉପରେ ଘନବେଡାଠାରୁ କୋଡିଗାଣ୍ଡୀ ରାସ୍ତା ପର୍ଯ୍ୟନ୍ତ ସେତୁ ନିର୍ମାଣ କରାଯିବ। ୨୨୩ ମିଟର ଦୀର୍ଘ ଏହି ସେତୁ ପାଇଁ ୨୭ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ପଣସପୁଟ, ଯନ୍ତ୍ରୀ ଓ ଆଣ୍ଡ୍ରାପାଲ୍ଲୀ ଗ୍ରାମ ପଞ୍ଚାୟତର ଲୋକମାନେ ଉପକାର ପାଇବେ। ସେହିପରି ମାଛକୁଣ୍ଡ ନଦୀ ଉପରେ ସେତୁ ନିର୍ମାଣ କରାଯିବ। ଏହା ବିଶେଇଗୁଡାକୁ ଯନ୍ତ୍ରୀ ପର୍ଯ୍ୟନ୍ତ ଯୋଡ଼ିବ। ୩୭୨ ମିଟର ଦୀର୍ଘ ଏହି ସେତୁ ପାଇଁ ୫୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ଯନ୍ତ୍ରୀ, ପେପରମେଟଲା ଓ ଆଣ୍ଡ୍ରାପାଲ୍ଲୀ ଗ୍ରାମପଞ୍ଚାୟତର ଲୋକମାନେ ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଇଣ୍ଡିଆ ରିଜିଅନ କନ୍‌ଫରେନ୍ସରେ କାର୍ଯ୍ୟକାରୀ ବାଚସ୍ପତି

ଭୁବନେଶ୍ୱର, ୨୧।୮ (ସୁନିତ୍ ମିଶ୍ର)

ରାଜ୍ୟ ବିଧାନସଭାର କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂହ ଏବଂ ସଚିବ ଦାଶରଥି ଶତପଥୀ ରାଜସ୍ଥାନର ଉଦୟପୁରଠାରେ ଅନୁଷ୍ଠିତ ହେଉଥିବା ନବମ କମନୱେଲ୍‌ଥ ପାର୍ଲାମେଣ୍ଟାରୀ ଆସୋସିଏଶନ୍ ଇଣ୍ଡିଆ ରିଜିଅନ୍ କନ୍‌ଫରେନ୍ସରେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀ ଚଳିତମାସ ୨୦ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୩ ପର୍ଯ୍ୟନ୍ତ ଚାଲିବ । ବିଧାନସଭା କାର୍ଯ୍ୟକାରୀ ବାଚସ୍ପତି ପଞ୍ଚାୟତିରାଜ ଅନୁଷ୍ଠାନ ମାଧ୍ୟମରେ ଦେଶକୁ ସୁଦୃଢ଼ କରିବାରେ ଜନପ୍ରତିନିଧିଙ୍କ ଦାୟିତ୍ୱ ଉପରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ବିଧାନସଭା ସଚିବ ଦାଶରଥି ଶତପଥୀ ଡିଜିଟାଲ ସଶକ୍ତୀକରଣ ବଳରେ ସ୍ୱଚ୍ଛ ପ୍ରଶାସନକୁ ଉତ୍ସାହିତ କରିବା ନିମନ୍ତେ ଜନପ୍ରତିନିଧିଙ୍କୁ କିପରି ଅଧିକ ଦକ୍ଷ/ପ୍ରଭାବୀ କରାଯାଇପାରିବ ସେ ସମ୍ବନ୍ଧରେ ଅଭିଭାଷଣ ଦେବେ। ବିଧାନସଭାର ଗବେଷଣା ଅଧିକାରୀ ପ୍ରଶାନ୍ତ କୁମାର ଦାସ ମଧ୍ୟ ଏହି ଗସ୍ତରେ ଯାଇଛନ୍ତି।

## ୩୭୦ ଉଚ୍ଛେଦ ପରେ...

ପ୍ରଥମ ପୃଷ୍ଠାରୁ...

ହ୍ରାସ ପାଇଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପୂର୍ବରୁ ୪ବର୍ଷ ମଧ୍ୟରେ ୩୩ଜଣ ସୁରକ୍ଷା କର୍ମୀ ପ୍ରାଣ ହରାଇଥିବାବେଳେ ୪୨ଜଣ ଆହତ ହୋଇଥିଲେ। ହେଲେ ଗତ ୪ବର୍ଷରେ ୨୯ଜଣ ସୁରକ୍ଷା କର୍ମୀ ପ୍ରାଣ ହରାଇଥିବାବେଳେ ୩୨ଜଣ ଆହତ ହୋଇଛନ୍ତି। ଏପରି ଏହି ସମୟ ମଧ୍ୟରେ ଗୋଟିଏ ଅସ୍ତ୍ର ଛଡ଼ାଇନେବା ଘଟଣା ଘଟିଥିବାବେଳେ ୧୯ଟି ପଥର ଫିଙ୍ଗା ଏବଂ ୧୬ଟି ହରତାଳ ଏବଂ ବନ୍ଦ ଡାକରା ଦିଆଯାଇଛି, ଯାହାକି ପୂର୍ବ ତୁଳନାରେ ଯଥାକ୍ରମେ ୮୦%, ୬୨% ଏବଂ ୪୨% କମ୍। ସୀମାନ୍ତ ରାଜୌରୀ ଏବଂ ପୁଞ୍ଚ ଜିଲାରେ କେବଳ ଆତଙ୍କବାଦୀ କାର୍ଯ୍ୟକଳାପ ସୀମିତ ରହିଛି। ଜମ୍ମୁ-କଶ୍ମୀର ଲ୍ୟୁଟନାଣ୍ଟ ଗଭର୍ନର ମନୋଜ ସିହ୍ନାଙ୍କ କହିବା ହେଲା ଜମ୍ମୁ ଡିଭିଜନରେ ଆତଙ୍କବାଦୀ କାର୍ଯ୍ୟକଳାପରେ ରୋକ୍ ଲଗାଇବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି। ସର୍ବୋପରି ଜମ୍ମୁ-କଶ୍ମୀରରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିଛି। ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ଶୂନ ସହନଶୀଳତା ନୀତି ଆପଣା ଯାଇଛି ବୋଲି ସିହ୍ନା କହିଛନ୍ତି।

## ରାଜ୍ୟରେ ପ୍ରତିଷ୍ଠା...

ଫ୍ୟାକ୍ଟ୍ରି ସ୍ଥାପନ କରାଯିବ। ଏଥିରେ ୧୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଏହି ପ୍ରକଳ୍ପରେ ବଟଲ, ଜାର୍ ଇତ୍ୟାଦି ଉତ୍ପାଦନ ହେବ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୮ ହଜାର ମେଟ୍ରିକ୍ ଟନ୍ ହେବ। ନବରଙ୍ଗପୁର ଜିଲାରେ ସ୍ଥାପନ ହେବାକୁ ଥିବା କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ଅନୁମୋଦନ କରିଛି। କୋଷ୍ଟାଲ ବାୟୋଟେକ୍ ପ୍ରାଇଭେଟ ଲିମିଟେଡ୍ ୫୩.୮ କୋଟି ଟଙ୍କା ବିନିଯୋଗରେ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ କରିବ। ଏଥିରେ ୮୨ ଜଣଙ୍କୁ ନିଯୁକ୍ତି ମିଳିପାରିବ। ନବରଙ୍ଗପୁର ଜିଲାରେ ମକା ଉତ୍ପାଦନ ଅଧିକ ହୋଇଥାଏ। ଏହି ଶିଳ୍ପ ସ୍ଥାପନ ଦ୍ୱାରା ସେହି ଜିଲାର କୃଷକମାନଙ୍କୁ ଫାଇଦା ମିଳିବ ବୋଲି ସରକାର ଆଶା ରଖିଛନ୍ତି। ସେହିପରି ପର୍ଯ୍ୟଟନ କ୍ଷେତ୍ରକୁ ବ୍ୟାପକ କରିବାକୁ ରାଜ୍ୟ ସରକାର ହୋଟେଲ ଶିଳ୍ପ ଉପରେ ଗୁରୁତ୍ୱ ଦେଉଛନ୍ତି। ଗଞ୍ଜାମ ଜିଲାର ଚିକିଟିଠାରେ ଏସ୍‌ଏନ୍‌ଏମ୍ ହୋଟେଲ ଆଣ୍ଡ ରିସର୍ଟ ପକ୍ଷରୁ ୨୧୪ .୫୦ କୋଟି ଟଙ୍କା ବିନିଯୋଗରେ ଏକ ହୋଟେଲ ଓ ରିସର୍ଟ ନିର୍ମାଣ କରାଯିବ। ଏଥିରେ ୨୨୭ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ବୈଠକରେ ଉକ୍ତ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରାଯାଇଛି।

## ବଳାତ୍କାର ଅଭିଯୋଗରେ...

ଅପରାଧ କରିଥିବା ଶୁଣି ଆଶ୍ଚର୍ଯ୍ୟ ଲାଗୁଛି। ତେଣୁ ଆଶା କରୁଛି ଦିଲ୍ଲୀ ପୋଲିସ ଏହି ମାମଲାରେ ତ୍ୱରିତ ପଦକ୍ଷେପ ନେବ। ସୋମବାର ସକାଳେ ପୋଲିସ ଅଭିଯୁକ୍ତ ଅଫିସର ଖାକା ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ପୋକ୍ସୋ ଆଇନ ଅନୁସାରେ ମାମଲା ରୁଜୁ କରିବା ସହ ଉଭୟଙ୍କୁ ପଚରା ଉଚରା କରିବା ପରେ ଗିରଫ କରିଥିଲା। ନାବାଳିକା ଜଣକ ଅଭିଯୁକ୍ତଙ୍କ ବନ୍ଧୁଙ୍କ ଝିଅ ହୋଇଥିବାବେଳେ ୨୦୨୦ରେ ତାଙ୍କ ବାପାଙ୍କ ଦେହାନ୍ତ ଘଟିଥିଲା। ଏହାପରେ ନାବାଳିକା ଜଣକ ଭାଙ୍ଗି ପଡ଼ିଥିଲେ। ଦିନେ ନାବାଳିକାଙ୍କ ସହ ଏକ ଚର୍ଚ୍ଚରେ ଅଭିଯୁକ୍ତ ଖାକାଙ୍କ ସାକ୍ଷାତ ହୋଇଥିଲା। ଏହାପରେ ଖାକା ନାବାଳିକାଙ୍କୁ ଆଶ୍ୱାସନା ଦେଇ ନିଜ ଘରକୁ ନେଇଆସିଥିଲେ। ତେବେ ନଭେମ୍ବର ୨୦୨୦ରୁ ଜାନୁୟାରୀ ୨୦୨୧ ମଧ୍ୟରେ ନାବାଳିକାଙ୍କୁ ଅଭିଯୁକ୍ତ ଅଧିକାରୀ ଜଣକ ବାରମ୍ବାର ବଳାତ୍କାର କରିଥିଲେ। ଏପରିକି ନାବାଳିକା ଜଣକ ଯେତେବେଳେ ଗର୍ଭବତୀ ହୋଇଥିଲେ, ତାଙ୍କୁ ଘଟଣା ସମ୍ପର୍କରେ ବାହାରେ ଜଣାଇଲେ ହତ୍ୟା କରିବେ ବୋଲି ମଧ୍ୟ ଅଧିକାରୀ ଜଣକ ଧମକ ଦେଇଥିଲେ। ଏହାପରେ ଘଟଣା ସମ୍ପର୍କରେ ନାବାଳିକା ଜଣକ ଅଧିକାରୀଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ। ହେଲେ ସେ ନାବାଳିକାଙ୍କୁ ସହାୟତା କରିବା ବଦଳରେ ତାଙ୍କୁ ଗର୍ଭପାତ କରିବା ଲାଗି ଔଷଧ ଦେଇଥିଲେ। ଚଳିତ ମାସରେ ନାବାଳିକା ଜଣକ ଆକ୍ରମଣର ଶିକାର ହୋଇ ଯେତେବେଳେ ଦିଲ୍ଲୀର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ, ସେତେବେଳେ ସେ ଘଟଣା ସମ୍ପର୍କରେ ଡାକ୍ତରଙ୍କୁ କହିବା ସହ ତାଙ୍କ ବାପାଙ୍କ ବନ୍ଧୁ ଏବଂ ସେ ଯାହାକୁ ମାମୁ ବୋଲି ଡାକୁଛନ୍ତି ସେ ହିଁ ତାଙ୍କୁ ବାରମ୍ବାର ବଳାତ୍କାର କରିବା ସହ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ ବୋଲି କହିଥିଲେ। ଏହାପରେ ସମସ୍ତ ଘଟଣା ଜଣାପଡ଼ିଥିଲା। ଘଟଣାକୁ ନେଇ ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତି ମାଲିୱାଲ ତାଙ୍କ ଟୁଇଟରରେ ଲେଖିଛନ୍ତି, ଯେଉଁ ଅଧିକାରୀଙ୍କ କାମ ଝିଅଙ୍କୁ ସୁରକ୍ଷା ଦେବା, ସେ ଯଦି ଏଭଳି ଅପରାଧ କରିବେ ତେବେ ଝିଅମାନେ କୁଆଡ଼େ ଯିବେ। ତେଣୁ ଏଭଳି ଜଣେ ଜଘନ୍ୟ ଅପରାଧୀଙ୍କୁ କଡ଼ା ଦଣ୍ଡ ଦିଆଯିବା ଆବଶ୍ୟକ।

## ଚନ୍ଦ୍ରୟାନ-୩ର...

ନିରାପଦ ଲ୍ୟାଣ୍ଡିଂ ସ୍ଥାନ ଚିହ୍ନଟ କରିବାରେ ସହାୟତା କରିବ। ସାଟେଲାଇଟ୍ ଆପ୍ଲିକେଶନ ସେଣ୍ଟର (ଏସ୍‌ଏସି) ଉକ୍ତ କ୍ୟାମେରାର ବିକାଶ କରିଥିବା ଇସ୍ରୋ କହିଛି। ଇସ୍ରୋ ଶେୟାର କରିଥିବା ୪ଟି ଫଟୋ ଗତ ୧୯ ତାରିଖରେ ଉଠାଯାଇଥିଲା। ଏବେ ଲ୍ୟାଣ୍ଡର ମଡ୍ୟୁଲର ଆଭ୍ୟନ୍ତରୀଣ ଯାଞ୍ଚ କରାଯାଉଛି। ୨୩ ତାରିଖ ଅପରାହ୍ଣ ୫ଟା ୪୫ରେ ସଫ୍ଟ ଲ୍ୟାଣ୍ଡିଂ ଆରମ୍ଭ ହୋଇ ୬ଟା ୪ ମିନିଟରେ ଏହା ଚନ୍ଦ୍ର ପୃଷ୍ଠରେ ଅବତରଣ କରିବା ଆଶା କରାଯାଉଛି।

# ୩୦ ମିନିଟ ବ୍ୟାୟାମ, ୧୫ ମିନିଟ ଧ୍ୟାନ କର

ଭୁବନେଶ୍ୱର, ୨୧।୮ (ଅନିଲ ଦାସ)

**ଖୋର୍ଦ୍ଧା ଜିଲା ଛାତ୍ରୀଛାତ୍ରଙ୍କୁ ୫-ଟି ସଚିବଙ୍କ ମନ୍ତ୍ର**



ଭୁବନେଶ୍ୱର ଜନତା ମଇଦାନଠାରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାର ବିଭିନ୍ନ କଲେଜରୁ ଆସିଥିବା ଛାତ୍ରୀଛାତ୍ରୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

- **ସୁସ୍ଥ ଶରୀର, ମାନସିକ ଶକ୍ତି ସଫଳତାର ମୁଖ୍ୟ ଆଧାର**
- **୫-ଟି ରୂପାନ୍ତରୀକରଣରେ ସାମିଲ ହେଲା ଜିଲାର ୭୦ ଯୁକ୍ତ ଦୁଇ, ୩୮ ଡିଗ୍ରୀ କଲେଜ**

ସୁସ୍ଥ ଶରୀର, ମାନସିକ ଶକ୍ତି ହେଉଛି ସଫଳତାର ମୁଖ୍ୟ ଆଧାର। ଶରୀର ସୁସ୍ଥ ରହିଲେ ଆତ୍ମବିଶ୍ୱାସ ବଢ଼ିବ। ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ ଓ ୧୫ ମିନିଟ୍ ଧ୍ୟାନରେ ବସିଲେ ସ୍ମୃତିଶକ୍ତି ବଢ଼ିବ। ଏଭଳି ମନ୍ତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଜନତା ମଇଦାନଠାରେ ଅନୁଷ୍ଠିତ ୫-ଟି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାର ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ସହ ୫-ଟି ସଚିବ ଭାବବିନିମୟ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଏବେ ପ୍ରତିଯୋଗିତାର ସମୟ। ପରିଶ୍ରମ କରିବାକୁ ପଡ଼ିବ।

କ୍ରୀଡ଼ା, ଯୋଗ, ସାଇକ୍ଲିଂ କରି ଫିଟ୍ ରହିବାକୁ ହେବ। ଜୀବନରେ ଯାହା ପରିସ୍ଥିତି ଆସିବ, ମୁକାବିଲା କରିବାକୁ ପଡ଼ିବ। ଜୀବନରେ ଭଲ ସାଙ୍ଗର ବହୁତ ପ୍ରଭାବ ଥାଏ। ତେଣୁ ଭଲ ସାଙ୍ଗ ବାଛନ୍ତୁ। ଆତ୍ମବିଶ୍ୱାସ କମାଉଥିବା ସାଙ୍ଗଠାରୁ ଦୂରରେ ରହିବାକୁ ୫-ଟି ସଚିବ କହିଛନ୍ତି। ଗୁରୁ ଓ ଭଗବାନ ଏକା ସମୟରେ ଆସିଲେ, ଗୁରୁଙ୍କୁ ଆଗ ମୁଣ୍ଡିଆ ମାରିବେ। କାରଣ ସେମାନେ ପିଲାଙ୍କୁ ଭଗବାନଙ୍କ ସହ ପରିଚିତ କରାନ୍ତି ବୋଲି ୫ଟି ସଚିବ କହିଛନ୍ତି। କେବଳ ପାଠ ନୁହେଁ, ଜୀବନ ବିଷୟରେ ବି ଗୁରୁ ଶିକ୍ଷା ଦିଅନ୍ତି। ଗୁରୁମାନେ ଲିଡର ବାହାର କରନ୍ତି। ପିଲାମାନେ ନିଶା, ସୋସିଆଲ ମିଡିଆ, ମଦଠାରୁ ଦୂରରେ ରହିବା ଏବଂ ଭଲ ପାଠ ପଢ଼ି ଓଡ଼ିଶାକୁ ଗର୍ବିତ କରିବାକୁ ୫-ଟି ସଚିବ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

ନୂତନ ଓଡ଼ିଶା ଗଠନ ପାଇଁ ଷ୍ଟୁଡେଣ୍ଟ ହେଲ୍‌ପ ଲାଇନ୍ ପାଇଁ ଆସିଥିବା ପ୍ରସ୍ତାବକୁ ପାଇବେ। କଠିନ ପରିଶ୍ରମ କରିବେ, ଉଜ୍ଜ୍ୱଳ ହେବେ, ସଫଳ ଜୀବନ ପାଇ ତାଙ୍କୁ ଇମେଲ୍ କରିବାକୁ ୫-ଟି ସଚିବ ଛାତ୍ରୀଛାତ୍ରଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋର୍ଦ୍ଧା ଜଲାର ୭୦ଟି ଯୁକ୍ତ୨ ଓ ୩୮ ଡିଗ୍ରୀ କଲେଜକୁ ୫-ଟିରେ ସାମିଲ କରିଛନ୍ତି। ୫-ଟିରେ କଲେଜର ସମ୍ପୂର୍ଣ୍ଣ ରୂପାନ୍ତର ୬ ମାସ ଭିତରେ ହେବ। ଏଥିପାଇଁ ୬୬.୭୫ କୋଟି ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ ରାଜ୍ୟର ରୂପାନ୍ତର ପାଇଁ ନୂଆ ଓଡ଼ିଶା ଲକ୍ଷ୍ୟ ରଖିଛନ୍ତି। ନୂଆ ଓଡ଼ିଶାର ମୁଖ୍ୟ ଶକ୍ତି ହେଉଛନ୍ତି ଛାତ୍ରୀଛାତ୍ର। ଉକ୍ତ ଲକ୍ଷ୍ୟ ହାସଲ ପାଇଁ କଠିନ ପରିଶ୍ରମ କରିବାକୁ ୫-ଟି ସଚିବ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ପ୍ରୟାସ କରୁଛନ୍ତି। ବ୍ୟକ୍ତିଗତ ଜୀବନବିକାଶ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାର ସମସ୍ତ କଲେଜର ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ସଡ଼କ ଦୁର୍ଘଟଣା, ୨ ଗାଡ଼ି ମେକାନିକ୍ ମୃତ

ରସୁଲପୁର, ୨୧।୮ (ରଞ୍ଜିତ ରାଉତ)

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ସୋମବାର ଅପରାହ୍ଣରେ ଦୁର୍ଘଟଣା ଘଟି ୨ ମେକାନିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ବିଶ୍ୱରଞ୍ଜନ ଗୁଇଁ, ବାଲିଚନ୍ଦ୍ରପୁର ଥାନା ଅଧୀନ ରାଧାଦେଇପୁର ଗ୍ରାମର ଉମେଶ ଜେନା। ଆହତ ମେକାନିକଦ୍ୱୟ ହେଲେ ରାଜକିଶୋର ଦଳାଇ ଓ ନରେନ୍ଦ୍ର ତରାଇ। ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଜାତୀୟ ରାଜପଥରେ ଏକ ଡମ୍ପର ଯାନ୍ତ୍ରିକ ତ୍ରୁଟି ଯୋଗୁ ରାସ୍ତା ଉପରେ ଅଟକି ରହିଥିଲା। ଉକ୍ତ ଗାଡ଼ି ମରାମତି ପାଇଁ ୪ଜଣ ମେକାନିକ୍ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଡମ୍ପରକୁ ମରାମତି କରୁଥିବା ବେଳେ ଏକ ୧୦ଚକିଆ ଟ୍ରକ ଭାରସାମ୍ୟ ହରାଇ ଗାଡ଼ି ମରାମତିରେ ନିୟୋଜିତ ମେକାନିକମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା।



ଦୁର୍ଘଟଣା ପରେ ଚାଷ ଜମିକୁ ପଶିଯାଇଥିବା କାର।

## ଗାଡ଼ି ଧକ୍କାରେ...

ସହାୟତା ଦେଇଛନ୍ତି। ରବିବାର ସନ୍ଧ୍ୟାରେ ଅରଖପୁରର ୧୫ ମହିଳା ଓ ୨ ପୁରୁଷ ଆସିକା ନିକଟସ୍ଥ ବଡ଼ନଦୀ ଓ ଋଷିକୁଲ୍ୟାର ସଙ୍ଗମସ୍ଥଳରୁ ପାଣିଭାର ଧରି ଗାଁରେ ଥିବା ତାଡ଼କେଶ୍ୱର ମନ୍ଦିରକୁ ଆସୁଥିଲେ। ସୋମବାର ମହାଦେବଙ୍କୁ ଜଳଲାଗି କରି ସେମାନେ ମାନସିକ ପୂରଣ କରିଥାନ୍ତେ। ରାତି ପ୍ରାୟ ସାଢ଼େ ୧୨ଟାରେ କୋଦିନଡ଼ା ଥାନା ଅନ୍ତର୍ଗତ ଭେଟନଇ-ଭେଜିପୁଟ ମଧ୍ୟରେ ଆସିକାରୁ ବାଲିପଦର ପଟେ ଯାଉଥିବା କାର୍ (ଜିଜେ ୦୫ଆରଏଲ-୮୨୬୦)ଟି ଦ୍ରୁତଗତିରେ ଆସି ଆଗପଛ ହୋଇ ଯାଉଥିବା ୧୨ଜଣ କାଉଡିଆଙ୍କ ଉପରେ ମାଡ଼ିଯାଇଥିଲା। ସୌଭାଗ୍ୟବଶତଃ ୫ ଜଣ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ଘଟାଇବା ପରେ କାର୍‌ଟି ସାମନାରୁ ଆସୁଥିବା ଏକ ଟ୍ରକରେ ଘଷି ହୋଇ ରାସ୍ତାକଡ ଚାଷଜମିକୁ ପଶିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ବ୍ରହ୍ମପୁର ମେଡିକାଲରେ ଏବେ ଲକ୍ଷ୍ମୀ ଭୂୟାଁ, ଲିଜା ଜେନା, ସଂଯୁକ୍ତା ସ୍ୱାଇଁ, ଭାଗ୍ୟଲତା ଭୂୟାଁ, ଅନିତା ଭୂୟାଁ, ରାଜା ପ୍ରଧାନ, ବବିତା ରାଣୀ ସ୍ୱାଇଁ, ଝୁମୁରୀ ପ୍ରଧାନ ଓ ଲକ୍ଷ୍ମୀ ସ୍ୱାଇଁଙ୍କ ଚିକିତ୍ସା ଚାଲିଛି। ଜିଲାପରିଷଦ ସଦସ୍ୟ ଟୁକୁନା ସ୍ୱାଇଁ, ଅରଖପୁର ସରପଞ୍ଚ ଚୋରିଆ ମଲିକ ଉପସ୍ଥିତ ରହି ସମସ୍ତ ସହାୟତା କରିଥିଲେ । ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲାପରିଷଦ ଉନ୍ନୟନ ଅଧିକାରୀ ଭି. କିର୍ତ୍ତିଭାସନ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ପ୍ରମୁଖ ବ୍ରହ୍ମପୁର ବଡ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। କୋଦିନଡା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ଶାହା ଓ ଆସିକା ଥାନା ଅଧିକାରୀ ସ୍ୱରୂପ କିଷାନଙ୍କ ଉପସ୍ଥିତିରେ ଆସିକା ଡାକ୍ତରଖାନାରେ ଅନିତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ସେହିପରି ବ୍ରହ୍ମପୁରରେ ମୁକୁନାଙ୍କ ମୃତହେଦ ବ୍ୟବଚ୍ଛେଦ ହୋଇଛି। ଏ ନେଇ କୋଦିନଡା ଥାନାରେ ନଂ.୨୨୮/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । କାର୍ ଚାଳକ ଫେରାର ଅଛନ୍ତି।

## ଲ୍ୟାଣ୍ଡିଂ ଘୁଞ୍ଚିପାରେ...

ଇସ୍ରୋର ବରିଷ୍ଠ ବୈଜ୍ଞାନିକ ସୋମବାର ସୂଚନା ଦେଇଛନ୍ତି। ୨୩ ତାରିଖ ଲ୍ୟାଣ୍ଡିଂର ୨ ଘଣ୍ଟା ପୂର୍ବରୁ ଲ୍ୟାଣ୍ଡର୍ ମଡ୍ୟୁଲ ନିମନ୍ତେ ଏହା ଉପଯୁକ୍ତ ସମୟ କି ନୁହେଁ ଏବଂ ଚନ୍ଦ୍ରର ସ୍ଥିତିକୁ ଅନୁଧ୍ୟାନ କରି ନିଷ୍ପତ୍ତି ନିଆଯିବ। ଯଦି କୌଣସି କାରଣରୁ ଏହା ଅନୁକୂଳ ନୁହେଁ ବୋଲି ଜଣାପଡ଼େ ତେବେ ୨୭ ତାରିଖରେ ଲ୍ୟାଣ୍ଡିଂ କରାଯିବ ବୋଲି ଇସ୍ରୋର ସ୍ପେସ୍ ଆପ୍ଲିକେଶନ୍ସ ସେଣ୍ଟର ନିର୍ଦ୍ଦେଶକ ନିଲେଶ ଏମ୍. ଦେଶାଇ କହିଛନ୍ତି।

## ପ୍ରଜ୍ଞାନନ୍ଦ-କାର୍ଲସେନ...

ବିଶିଷ୍ଟ କ୍ଲାସିକାଲ ସିରିଜ ୧-୧ରେ ବରାବର ରହିବା ପରେ ଭାରତର ଏହି ୧୮ ବର୍ଷୀୟ ଚେସ୍ ପ୍ରତିଭା ତାଙ୍କଠାରୁ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଆମେରିକାନ ଗ୍ରାଣ୍ଡମାଷ୍ଟରଙ୍କୁ ଏକ ରୋମାଞ୍ଚକ ଟାଇବ୍ରେକରରେ ହରାଇ ଦେଇଥିଲେ। ମଙ୍ଗଳବାର ଫାଇନାଲ ଅନୁଷ୍ଠିତ ହେବ। ଏଥିରେ ପ୍ରଜ୍ଞାନନ୍ଦ ୫ଥର ବିଶ୍ୱ ଚାମ୍ପିୟନ ନରୱେର ମ୍ୟାଗ୍ନସ କାର୍ଲସେନ୍‌ଙ୍କୁ ଭେଟିବେ। କାର୍ଲସେନ ସେମିଫାଇନାଲରେ ଆଜରବୈଜାନର ନିଜାତ ଆବାସୋଭ୍‌ଙ୍କୁ ୧.୫-୦.୫ରେ ହରାଇ ଦେଇଛନ୍ତି। କ୍ୟାଣ୍ଡିଡେଟ୍ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ଜର୍ଜ ଫିଶର ଓ କାର୍ଲସେନଙ୍କ ପଛକୁ ପ୍ରଜ୍ଞାନନ୍ଦ ତୃତୀୟ ସର୍ବକନିଷ୍ଠ ଖେଳାଳି। ସେ ଏହି ଚାମ୍ପିୟନଶିପ୍‌ରେ ପୂର୍ବରୁ ବିଶ୍ୱର ୩ ନମ୍ବର ଆମେରିକାନ ଗ୍ରାଣ୍ଡମାଷ୍ଟର ହିକାରୁ ନାକାମୁରାଙ୍କୁ ମଧ୍ୟ ହରାଇ ଦେଇଥିଲେ। ଇଭେଣ୍ଟରେ ତାଙ୍କର ଏହି ପ୍ରଭାବୀ ପ୍ରଦର୍ଶନକୁ ନେଇ ୫ ଥର ବିଶ୍ୱ ଚାମ୍ପିୟନ ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ଉଚ୍ଚ ପ୍ରଶଂସା କରିଛନ୍ତି। ବିଶିଷ୍ଟ ଚେସ୍ କୋଚ୍ ଆର୍. ବି ରମେଶ କହିଛନ୍ତି, ଫାବିଆନୋଙ୍କ ଭଳି ଖେଳାଳିଙ୍କ ବିପକ୍ଷରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଥିବାରୁ ଆମେ ଗର୍ବିତ ଓ ଆନନ୍ଦିତ। ବିଶ୍ୱର ପୂର୍ବତନ ନମ୍ବର ୱାନ ମହିଳା ଖେଳାଳି ସୁସାନ ପୋଲ୍‌ଗାର, ସର୍ବଭାରତୀୟ ଚେସ୍ ମହାସଂଘ ସଭାପତି ସଞ୍ଜୟ କପୁର ପ୍ରଜ୍ଞାନନ୍ଦଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଅଭାବ ଅସୁବିଧା ପୂରଣ ଦିଗରେ ଅନ୍ୟମାନଙ୍କୁ ନେହୁରାହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟିହେବା ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** – ମାନସିକ ସ୍ଥିତି ଠିକ୍ ରହିଲେ ମଧ୍ୟ ସମସ୍ୟା ସମାଧାନରେ ପ୍ରତାରିତ ହୋଇପାରନ୍ତି। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ହଠାତ୍ ମୋଟା ଅଙ୍କର ଆବଶ୍ୟକତା ପଡ଼ିପାରେ। କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** – ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର ନ କରି କାମକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ନିଜର ଫାଇଦା ହାସଲ ପାଇଁ ଆତ୍ମୀୟସ୍ୱଜନମାନେ ଫନ୍ଦିଫିକର କରିପାରନ୍ତି। ସାମାଜିକ ସ୍ତରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ କରିବା କଷ୍ଟକର ହୋଇପାରେ।

**କର୍କଟ** – ମନରେ ସାହସ ଭରି ରହିଥିଲେ ମଧ୍ୟ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ଅନଟନ ଲାଗି ରହିଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ନିକଟ ସମ୍ପର୍କୀୟମାନଙ୍କ ସହାୟତାରେ ଧାର କରଜ, ଭଡ଼ା ସୂତ୍ରରୁ ଟଙ୍କା ଆଜି ପାଇବେ।

**ସିଂହ** – ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ବ୍ୟବସାୟ ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥ ଆବଶ୍ୟକତା ପଡ଼ିପାରେ।

**କନ୍ୟା** – ଆର୍ଥିକ ପରିସ୍ଥିତି କ୍ରମଶଃ ନିମ୍ନାଭିମୁଖୀ ହୋଇପାରେ। ଭଲ ସମ୍ପର୍କ ଥିବା ସମ୍ପର୍କୀୟମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ଧାରଣାର ବଶବର୍ତ୍ତୀ ହେବେ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ତୁଳା** – ପାରିବାରିକ ସ୍ତରରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଦକ୍ଷତା ଓ ସମୟାନୁବର୍ତ୍ତିତାରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା** – ନିଜେ ସାମିଲ ହୋଇଥିବା ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ପରିବାରରେ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଆଶା କରୁଥିବା କାମ ହାସଲଜନିତ ମାନସିକ ଅବସାଦ ଦୂରହେବ। କାର୍ଯ୍ୟଦକ୍ଷତା କାରଣରୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ** – ସାଧାରଣ କଥାରେ ଭାବପ୍ରବଣ ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ସ୍ୱାର୍ଥ ହାସଲ ମାନସରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ପ୍ରଶାସନିକ ସ୍ତରରେ, ରାଜନୀତିରେ, ଜମିଜମା କାରବାରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଦିନଟିରେ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** – କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କାର୍ଯ୍ୟ ହାସଲ ସକାଶେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବାକୁ ଯାଇ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଆଜି ଆପଣ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ।

**କୁମ୍ଭ** – ଆଶା କରୁଥିବା ଦିଗରୁ ଶୁଭଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ବାରମ୍ବାର ବିଫଳତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** – ଅସଫଳତାରେ ବିବ୍ରତ ହେତୁ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ପରିବାରର ଆବଶ୍ୟକତାକୁ ନେଇ ଆଜି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ନିଜ ମନ ପସନ୍ଦର ଜିନିଷ ଲାଭକରି ଖୁସି ରହିବେ।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ମଙ୍ଗଳବାର, ଅଗଷ୍ଟ ୨୨ ତାରିଖ। ରାଶି ନକ୍ଷତ୍ର- ସ୍ୱାତୀ/ତୁଳା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୪୦ ଗତେ, ଘ. ୧୦।୩୪ ମଧ୍ୟେ, ଘ.୦୧।୦୫ ଗତେ, ଘ.୦୧।୩୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୮ ଗତେ, ଘ.୦୪।୩୨ ମଧ୍ୟେ ରାହୁକାଳ ।

# ପୋଲିସକୁ ଆକ୍ରମଣ କରି ସ୍ତ୍ରୀ, ଝିଅ ଗିରଫ

**ବାଡ଼ରେ ବିଦ୍ୟୁତ୍ ସଂଯୋଗ କରି ଖସିଗଲେ ଅଭିଯୁକ୍ତ**

ସୋର, ୨୧।୮ (ଜନ୍ମେଜୟ ମିଶ୍ର)

୧୪ବର୍ଷ ହେଲା ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ରବିବାର ରାତିରେ ବାଲେଶ୍ୱର ଜିଲା ଅନନ୍ତପୁର ଫାଣ୍ଡି ପୋଲିସ ହଟହଟାର ସମ୍ମୁଖୀନ ହୋଇଛି। ଗିରଫଦାରୀରୁ ବର୍ତ୍ତିବା ପାଇଁ ଅଭିଯୁକ୍ତ ନିଜ ଘର ବାଡ଼ରେ ବିଦ୍ୟୁତ୍ ସଂଯୋଗ କରି ପୋଲିସକୁ ଚକ୍‌ମା ଦେଇ ଖସିଯାଇଛି। ଅନ୍ୟପକ୍ଷରେ ତଲ୍ଲାସ ପାଇଁ ଯାଇଥିବା ପୋଲିସ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଅଭିଯୁକ୍ତଙ୍କ ସ୍ତ୍ରୀ ଓ ଝିଅ ଗିରଫ ହୋଇଛନ୍ତି। ବଂଶୀଧର ମଲିକଙ୍କ ନାମରେ ୨୦୦୯ରେ ସୋର କୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ବଂଶୀଧର କୋର୍ଟରେ ହାଜର ନ ହେବାରୁ ରବିବାର ସନ୍ଧ୍ୟାରେ ଅନନ୍ତପୁର ଫାଣ୍ଡି ଅଧିକାରୀ ଅନ୍ୟ କର୍ମଚାରୀଙ୍କ ସହ ବଂଶୀଧରଙ୍କୁ ଗିରଫ କରିବାକୁ ତାଙ୍କ ଘରକୁ ଯାଇଥିଲେ। ପୋଲିସକୁ ଭୟଭୀତ କରିବା ପାଇଁ ବାଡ଼ରେ ବିଦ୍ୟୁତ୍ ସଂଯୋଗ କରିଦେଇଥିଲେ। ପୋଲିସ ଏହା ଜାଣିପାରି ସତର୍କତାର ସହ ଭିତରକୁ ପ୍ରବେଶ କରିଥିଲା। ଏହିସମୟରେ ବଂଶୀଧର, ତାଙ୍କ ସ୍ତ୍ରୀ ମଞ୍ଜୁଲତା ଓ ଝିଅ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ମୁହଁରେ ଲଙ୍କା ଗୁଣ୍ଡ ଛାଟି ଦେଇଥିଲେ। ଆକ୍ରମଣରେ ଫାଣ୍ଡି କନେଷ୍ଟବଲ ପୂର୍ଣ୍ଣଚନ୍ଦ୍ର ସିଂଙ୍କ ହାତ ଭାଙ୍ଗିଯାଇଥିଲା। ଏହି ସୁଯୋଗରେ ଅଭିଯୁକ୍ତ ବଂଶୀଧର ସେଠାରୁ ଖସି ପଳାଇଥିଲେ। ଅନ୍ୟ ଏକ ପୋଲିସ ଟିମ୍ ପହଞ୍ଚି ଆହତ କର୍ମଚାରୀଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।

# ଅକ୍ଟୋବର ପରେ ନାଟମଣ୍ଡପ ମରାମତି

**ସ୍ଥିତି ଅନୁଧ୍ୟାନ କଲା ଏଏସ୍‌ଆଇ**
- ଫୁଲଘର ପୁନଃନିର୍ମାଣ କରାଯିବ
- ଦିବ୍ୟାଙ୍ଗଙ୍କ ପାଇଁ ନିର୍ମାଣ କରାଯିବ ର୍‍ୟାମ୍ପ୍
- ରତ୍ନଭଣ୍ଡାର ପ୍ରସଙ୍ଗରେ କୋର୍ଟଙ୍କ ଆଦେଶ ଅନୁପାଳନ କରାଯିବ

ପୁରୀ, ୨୧।୮ (ଅଜିତ ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ, ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ଅଧିକାରୀ ଏବଂ ସଂରକ୍ଷକ (କନ୍‌ଜରଭେସନ) ନିର୍ଦ୍ଦେଶକ ସୋମବାର ଶ୍ରୀମନ୍ଦିରର ସ୍ଥିତି ଯାଞ୍ଚ କରିଛନ୍ତି। ଏହି ମିଳିତ ଦଳ ଶ୍ରୀମନ୍ଦିର ନାଟମଣ୍ଡପ, ଜଗମୋହନ, ପାର୍ଶ୍ୱଦେବଦେବୀ, ଉତ୍ତରଦ୍ୱାର ପାର୍ଶ୍ୱ ଏବଂ ଶ୍ରୀମନ୍ଦିର ପରିସରର ବିଭିନ୍ନ ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ନାଟମଣ୍ଡପ ବିମ୍ ଅସୁରକ୍ଷିତ ରହିଛି। ତେଣୁ ଆସନ୍ତା ଅକ୍ଟୋବର ପରେ ନାଟମଣ୍ଡପ ମରାମତି କରାଯିବାକୁ ସ୍ଥିର ହୋଇଛି। ସେହିପରି ଶ୍ରୀମନ୍ଦିର ଭିତର ଗୁମ୍ଫରେ କ୍ଷତି ଅଂଶ ମରାମତି ହେବ ଓ ଫୁଲଘର ପୁନଃନିର୍ମାଣ କରାଯିବ। ଏଥିସହ ଦିବ୍ୟାଙ୍ଗଙ୍କ ପାଇଁ ର୍‍ୟାମ୍ପ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ବି.ବି. ଗଡ଼ନାୟକ କହିଛନ୍ତି, ନାଟମଣ୍ଡପ ସ୍ଥିତିର ଅନୁଧ୍ୟାନ ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ପ୍ରଶାସନ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ସମେତ ବରିଷ୍ଠ ଅଧିକାରୀ, କେମିକାଲ ଟିମ୍, ଏଏସ୍‌ଆଇର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଗତ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ପରିସରରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ଯେଉଁସବୁ କାର୍ଯ୍ୟ ବାକି ରହିଛି ସେଗୁଡ଼ିକୁ ଦ୍ୱରାନ୍ୱିତ କରାଯାଇ କିପରି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ନାଟମଣ୍ଡପର ସ୍ଥିତି ସମୀକ୍ଷା କରାଯାଇଥିଲା। ତେବେ ଯାହା ସ୍ଥିତି ଅଛି, ସେଥିରେ ଭୟଭୀତ ହେବାର କିଛି ନାହିଁ। ନାଟମଣ୍ଡପର ସ୍ଥିତିକୁ ୫ବର୍ଷ ହେବ ମନିଟରିଂ କରାଯାଉଛି। ପୂର୍ବରୁ ଯେପରି ସ୍ଥିତି ଥିଲା ସେହିଭଳି ରହିଛି। ତେବେ ନାଟମଣ୍ଡପ ମରାମତି କରାଯିବ। ନାଟମଣ୍ଡପ ବିମ୍‌ର ଡାଏଗ୍ରାମ୍ ପ୍ରସ୍ତୁତ କରାଯାଇ ଦ୍ୱରିତ ମରାମତି କରାଯିବ। କ୍ରାକ୍‌ବିମ୍‌ର କାର୍ଯ୍ୟ ଦ୍ୱରାନ୍ୱିତ ହେବ। ଭିତରଜଗମୋହନ କାର୍ଯ୍ୟ ଯେଉଁଭଳି କରାଯାଇଥିଲା ଠିକ୍ ସେହିଭଳି ନାଟମଣ୍ଡପ କାର୍ଯ୍ୟ କରାଯିବ। ମନ୍ଦିର ପ୍ରତି ସେପରି ବିପଦ ନାହିଁ। ଯେହେତୁ ବହୁ ପୁରାତନ ମନ୍ଦିର, ତେଣୁ ସମୟେ ସମୟେ ମରାମତିର ଆବଶ୍ୟକତା ପଡ଼ିଥାଏ। ଦିବ୍ୟାଙ୍ଗ ଓ ବୟସ୍କ ଭକ୍ତଙ୍କ ପାଇଁ ଉତ୍ତରଦ୍ୱାର ପଟେ ର୍‍ୟାମ୍ପ ରହିଥିଲେ ମଧ୍ୟ ସମସ୍ୟା ଥିବାରୁ କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ଉତ୍ତରଦ୍ୱାର ଦେଇ ମନ୍ଦିର ଭିତରକୁ ସିଧାସଳଖ ପଥରରେ ର୍‍ୟାମ୍ପ ନିର୍ମାଣ କରାଯିବ। ଯେପରି ଭକ୍ତ ଓ ସେବାୟତଙ୍କ ସମସ୍ୟା ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ। ବର୍ତ୍ତମାନ ବର୍ଷାଋତୁ ଓ ଶ୍ରୀମନ୍ଦିରରେ ଭିଡ଼ ରହୁଥିବାରୁ କାର୍ତ୍ତିକ ମାସ ଅର୍ଥାତ ଅକ୍ଟୋବର ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ସେହିପରି ଶ୍ରୀମନ୍ଦିର ପରିସରରେ ଥିବା ଫୁଲଘର ମରାମତି କରାଯିବ। ପାର୍ଶ୍ୱ ଦେବଦେବୀ ମନ୍ଦିରଗୁଡ଼ିକ ବହୁ ପୁରାତନ ହୋଇଥିବାରୁ କେତେକ ମନ୍ଦିରରେ ପାଣି ଗଳୁଛି। ତେଣୁ ସେଗୁଡ଼ିକର ମରାମତି କାର୍ଯ୍ୟ କରାଯିବ। ଶ୍ରୀମନ୍ଦିର ଭିତରବେଢ଼ାରେ ଥିବା ସତ୍ୟନାରାୟଣ ମନ୍ଦିର ଚଟାଣ ନିର୍ମାଣ କରାଯିବ। ଏହି ମନ୍ଦିରଠାରୁ ଇନ୍ଦ୍ରାଣୀ ମନ୍ଦିର, ବଟବୃକ୍ଷ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ କରାଯାଉଛି। ବାକି ଥିବା କାର୍ଯ୍ୟ ଖୁବ୍‌ଶୀଘ୍ର ସରିବ। ଅରୁଣ ସ୍ତମ୍ଭ ଚାରିପାଖରେ ପଡ଼ିଥିବା ପଥରଗୁଡ଼ିକ ପରିବର୍ତ୍ତନ କରାଯାଇ ମରାମତି କରାଯିବ। ଭିତରଜଗମୋହନ କାର୍ଯ୍ୟ ସରିଥିବା ବେଳେ ବାହାର ଜଗମୋହନର ସ୍ଥିତି କାର୍ତ୍ତିକ ମାସ ପରେ ଅନୁଧ୍ୟାନ କରାଯିବ ବୋଲି ଗଡ଼ନାୟକ କହିଛନ୍ତି। ସେହିପରି ରତ୍ନଭଣ୍ଡାର ସମ୍ପର୍କରେ ୨୦୧୮ ଅନୁଧ୍ୟାନ ଅନୁଯାୟୀ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। କୋର୍ଟ ଯାହା ଆଦେଶ ଦେବେ ତାହାକୁ ଅନୁପାଳନ କରାଯିବ ବୋଲି ଗଡ଼ନାୟକ କହିଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ନାଟମଣ୍ଡପ ବିମ୍ ଅସୁରକ୍ଷିତ ଥିବା ନେଇ ଆମିକସ୍ କ୍ୟୁରି ଏନ୍.କେ.ମହାନ୍ତି କିଛିଦିନ ତଳେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ପରେ ବିଭିନ୍ନ ମହଲରେ ଏଏସ୍‌ଆଇର କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ଏବେ ଏଏସ୍‌ଆଇ ପକ୍ଷରୁ ଶ୍ରୀମନ୍ଦିରର ନାଟମଣ୍ଡପ ସହ ବିଭିନ୍ନ ସ୍ଥାନ ଯାଞ୍ଚ କରାଯାଇଥିବା କୁହାଯାଉଛି।



ଏଏସ୍‌ଆଇ ଅଧିକାରୀମାନେ ଶ୍ରୀମନ୍ଦିର ପରିସରରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଦୋଷ ସ୍ୱୀକାର କଲେ ୩ ଛାତ୍ର

**ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ର୍‍ୟାଗିଂ ଘଟଣା**
- ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ: ଏସ୍‌ପି
- ର୍‍ୟାଗିଂ ନେଇ ହେବ ସଚେତନତା କର୍ମଶାଳା

ପୁରୀ, ୨୧।୮ (ଅଜିତ ମହାନ୍ତି)

ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ପୁରୀ–କୋଣାର୍କ ରୋଡରେ ଥିବା ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଦ୍ୱିତୀୟ ବର୍ଷର ୩ଜଣ ଛାତ୍ର ପ୍ରଥମ ବର୍ଷର ଜଣେ ଛାତ୍ରଙ୍କୁ ର୍‍ୟାଗିଂ କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଘଟଣା ସମ୍ପର୍କରେ କଲେଜର ଡିନ୍ ଦୁଃଖ ପ୍ରକାଶ କରିଛନ୍ତି। ସେହିପରି ତଦନ୍ତ ଚାଲିଥିବାବେଳେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କେ. ବିଶାଲ ସିଂ କହିଛନ୍ତି। ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ଦ୍ୱିତୀୟ ବର୍ଷର ୩ଜଣ ଛାତ୍ର ପ୍ରଥମ ବର୍ଷର ଜଣେ ଛାତ୍ରଙ୍କୁ ର୍‍ୟାଗିଂ କରିବା ସହ ମାଡ଼ ମାରିଥିଲେ। ଏ ନେଇ ପୀଡ଼ିତ ଛାତ୍ର କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଡିନ୍ ମାୟା ପାଢୀ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ସମ୍ପୃକ୍ତ ୩ଜଣ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ କରି ଆଇପିସିର ୩୪୧, ୩୨୩, ୨୯୪, ୫୦୬ ଓ ୩୪ ଦଫା ଲାଗିଛି।

ଘଟଣାକୁ ନେଇ କଲେଜର ଡିନ୍ ଡ. ମାୟା ପାଢ଼ୀ କହିଛନ୍ତି, ଉକ୍ତ ଘଟଣା ଦିନ ମୁଁ ଛୁଟିରେ ଥିଲି। ତେଣୁ ଭାଇସ୍ ପ୍ରିନ୍ସିପାଲଙ୍କୁ ଜଣାଇବା ସହ ତଦନ୍ତ ପାଇଁ ଏକ ଇଣ୍ଟରନାଲ ମିଟିଂ ଡକାଯାଇଥିଲା। ଉକ୍ତ ମିଟିଂରେ ୩ଛାତ୍ର ଏବଂ ଅଭିଯୋଗ କରିଥିବା ଛାତ୍ରଙ୍କୁ ଡାକି ଘଟଣା ସମ୍ପର୍କରେ ପଚରାଯାଇଥିଲା। ତେବେ ଘଟଣା ସମ୍ପର୍କରେ ୟୁଜିସି ତରଫରୁ ମେଲ୍ ଆସିବା ପରେ ଥାନାରେ ଏତଲା ଦିଆଯାଇଛି। ଅପରପକ୍ଷେ କଲେଜର ଆଣ୍ଟି ର୍‍ୟାଗିଂ ଟିମ୍ ମଧ୍ୟ ତଦନ୍ତ କରୁଛି। ପୀଡ଼ିତ ଛାତ୍ର ମାନସିକ ଭାବେ ଆଘାତ ପାଇଛନ୍ତି। ତାଙ୍କ ମାଙ୍କ ସ୍ୱାସ୍ଥ୍ୟ ଭଲ ନଥିବାରୁ ସେ ଛୁଟିରେ ଅଛନ୍ତି। କଲେଜ ତରଫରୁ ଛାତ୍ରଙ୍କ ପରିବାରକୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ୨,୩ଦିନ ମଧ୍ୟରେ ତଦନ୍ତ କମିଟି ଦେବ ରିପୋର୍ଟ। ତଦନ୍ତ ରିପୋର୍ଟ ଆସିବା ପରେ ର୍‍ୟାଗିଂ କରିଥିବା ୩ଜଣଙ୍କ ସମ୍ପର୍କରେ କ'ଣ ପଦକ୍ଷେପ ନିଆଯିବ ସେନେଇ କମିଟି ନିଷ୍ପତ୍ତି ନେବ। ୩ଜଣ ଛାତ୍ର ଘଟଣାକୁ ନେଇ ଅନୁତପ୍ତ କରିଥିବା ବ୍ୟକ୍ତିଗତ ଭାବେ ଲେଖି ଜଣାଇବା ସହ ଆଣ୍ଟି ର୍‍ୟାଗିଂ କମିଟି ସମ୍ମୁଖରେ ନିଜ ଦୋଷ ସ୍ୱୀକାର କରିଛନ୍ତି ବୋଲି ଡିନ୍ କହିଛନ୍ତି। ଅପରପକ୍ଷେ ଘଟଣା ସମ୍ପର୍କରେ ଏସ୍‌ପି କେ.ବିଶାଲ ସିଂ କହିଛନ୍ତି, ପୀଡ଼ିତ ଛାତ୍ର ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମେରାଇନ ଥାନାରେ ମାମଲା ରୁଜୁ ହୋଇଛି। ଏ ନେଇ ସମସ୍ତ ତଥ୍ୟ ପ୍ରମାଣ ପୋଲିସ ସଂଗ୍ରହ କରୁଥିବା ବେଳେ ତଦନ୍ତ ପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ବିଭିନ୍ନ କଲେଜରେ କିଭଳି ର୍‍ୟାଗିଂ ଉପରେ ରୋକ ଲଗାଇହେବ ସେନେଇ ପୁରୀ ପୋଲିସ ପକ୍ଷରୁ ଖୁବ୍‌ଶୀଘ୍ର ସଚେତନତା କର୍ମଶାଳା ଆୟୋଜନ କରାଯିବ ବୋଲି ଏସ୍‌ପି ସିଂହ କହିଛନ୍ତି।

# ୩ ମହିଳାଙ୍କ ସମେତ ୧୩ କୋର୍ଟ ଚାଲାଣ

**ବରୀ ବୋମାମାଡ଼ ଘଟଣା**
- ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଜାରି
- ଉଭୟ ଗୋଷ୍ଠୀର ୩୪ଜଣଙ୍କ ନାମରେ ମାମଲା

ବରୀ, ୨୧।୮ (ମହେନ୍ଦ୍ର ସ୍ୱାଇଁ)

ରବିବାର ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରତଳାଙ୍ଗ ଗ୍ରାମର ଖଜୁରି ପୋଖରୀଠାରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀସଂଘର୍ଷ ଓ ବୋମାମାଡ଼ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୮ ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ବରୀ ରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ପୋଲିସ ସୋମବାର ୩ ମହିଳାଙ୍କ ସମେତ ୧୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ନିରଞ୍ଜନ ଜେନା, ବିନୋଦ ଜେନା, ଅଶୋକ ଜେନା, ସୁନନ୍ଦ ଜେନା, ସଂଗ୍ରାମ ଜେନା, ଧନେଶ୍ୱର ଜେନା, କରୁଣାକର ଜେନା, ଧରଣୀ ଜେନା, କ୍ଷୀରୋଦ ଜେନା, ସୁନୀଲ ଜେନା, ଚନ୍ଦ୍ରକାନ୍ତି ଜେନା, ମଧୁସ୍ମିତା ଜେନା ଓ ପ୍ରତିମା ଜେନା।

ସୂଚନା ଅନୁଯାୟୀ, ରବିବାର ପୂର୍ବ ବିବାଦକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହାପରେ ଗାଁରେ ୧୦ରୁ ଊର୍ଦ୍ଧ୍ୱ ବୋମା ମାଡ଼ ହୋଇଥିଲା। ଏ ସଂକ୍ରାନ୍ତରେ ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲା। ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ବରୀ ଥାନା ଭାରପ୍ରାପ୍ତ ଅଧିକାରୀ ଚିତ୍ତରଞ୍ଜନ ଜେନା ପୋଲିସ ଫୋର୍ସ ସହିତ ସେହି ଗାଁରେ ପଇଁତରା ମାରିଥିଲେ। ଘଟଣା ସ୍ଥଳରୁ ଏକ ଅଫୁଟା ବୋମାକୁ ପୋଲିସ ଜବତ କରିଥିଲା। ଉତ୍ତେଜନା ଥମିବା ପରେ ବିଳମ୍ବିତ ରାତିରେ ୨ ଗୋଷ୍ଠୀ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ବରୀ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଉଭୟ ଗୋଷ୍ଠୀର ଲିଖିତ ଅଭିଯୋଗକୁ ଆଧାର କରି ବରୀ ଥାନା ପକ୍ଷରୁ ମୋଟ ୩୪ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ଗୋଷ୍ଠୀର ଅଭିଯୋଗ ଆଧାରରେ ଏକ ମାମଲା(ନଂ.୨୯୩/୨୩) ରୁଜୁ କରାଯାଇ ୯ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ଅନ୍ୟ ଗୋଷ୍ଠୀର ଅଭିଯୋଗ ଆଧାରରେ ଏକ ମାମଲା(ନଂ.୨୯୪/୨୩) ରୁଜୁ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୋମବାର ସାଇଣ୍ଟିଫିକ୍ ଟିମ୍ ଓ ବୋମା ନିଷ୍କ୍ରିୟ ସ୍କ୍ୱାଡ୍ ପହଞ୍ଚି ତଦନ୍ତ କରି ଫେରିଛି। ଜବତ କରାଯାଇଥିବା ଏକ ଅଫୁଟା ବୋମାକୁ ନିଷ୍କ୍ରିୟ କରାଯାଇଛି ବୋଲି ବରୀ ଭାରପ୍ରାପ୍ତ ଥାନାଧିକାରୀ ଜେନା ସୂଚନା ଦେଇଛନ୍ତି।

# କୋରାପୁଟ କଫିକୁ ଇନ୍‌ଷ୍ଟାଣ୍ଟ ମାନ୍ୟତା

**ଟୁଇଟ୍ କଲେ ମୁଖ୍ୟମନ୍ତ୍ରୀ**

କୋରାପୁଟ, ୨୧।୮ (ଅମିତାଭ ବେହେରା)

କୋରାପୁଟ ଇନ୍‌ଷ୍ଟାଣ୍ଟ କଫିକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥିବାରୁ କୋରାପୁଟ କଫି ଚାଷୀ ଓ କୋରାପୁଟ ଜିଲାବାସୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି । ପ୍ରତିଷ୍ଠିତ ବ୍ରାଣ୍ଡ ନେସକାଫେ ଓ ବ୍ରୁ କଫି ଭଳି କୋରାପୁଟ କଫିକୁ ଇନ୍‌ଷ୍ଟାଣ୍ଟ କଫିର ମାନ୍ୟତା ପ୍ରଦାନ କରାଯାଇଥିବା ନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଟୁଇଟର ପେଜ୍‌ରେ ଉଲ୍ଲେଖ କରିଥିବା ଜଣାଯାଇଛି। କୋରାପୁଟ କଫିରେ ଗୁଣାତ୍ମକମାନ ଭରପୂର ରହିଥିବାବେଳେ ଏହାର ଇନ୍‌ଷ୍ଟାଣ୍ଟ ମାନ୍ୟତା ଦ୍ୱାରା ଏହାର ଆଦର ବିଶ୍ୱବ୍ୟାପୀ ବୃଦ୍ଧି ପାଇବ। ଫଳରେ କୋରାପୁଟ ଜିଲାର କଫି ଚାଷୀଙ୍କ ଆର୍ଥିକ ଉନ୍ନତି ହୋଇପାରିବ ବୋଲି କଫି ଉଦ୍ୟୋଗୀମାନେ ଆଶା ରଖିଛନ୍ତି। ସୂଚନା ଯୋଗ୍ୟ, କୋରାପୁଟ ଜିଲାରେ ଆସନ୍ତା ୫ ବର୍ଷରେ ୫ ହଜାର ହେକ୍ଟର ଜମିରେ କଫି ଚାଷ କରାଯିବା ଲକ୍ଷ୍ୟ ରଖାଯାଇଛି।




# ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣଙ୍କ ଜାମିନ ଖାରଜ

**ବାହାନଗା ଟ୍ରେନ୍ ଦୁର୍ଘଟଣା**

ଭୁବନେଶ୍ୱର, ୨୧।୮ (ସତ୍ୟଜିତ୍ ରାଉତ)

ବାଲେଶ୍ୱର ଜିଲା ବାହାନଗା ବଜାର ଷ୍ଟେଶନ ନିକଟରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣା ମାମଲାରେ ସିବିଆଇ ଅଧିକ ଖୋଳତାଡ଼ ଚଳାଇଛି। ଅଭିଯୁକ୍ତ ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତି, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍ ଓ ଟେକ୍ନିସିଆନ୍ ପପୁ କୁମାର ଏବେ ଝାରପଡ଼ା ଜେଲରେ ଦିନ କାଟୁଛନ୍ତି। ଏଭଳିସ୍ଥିତିରେ ଅରୁଣଙ୍କ ଜାମିନ ଆବେଦନକୁ ସୋମବାର ସିବିଆଇ–୧ କୋର୍ଟ ଖାରଜ କରିଦେଇଛନ୍ତି। ଫଳରେ ଅରୁଣଙ୍କ ପାଇଁ ଅଧିକ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏହି ରାୟକୁ ଚ୍ୟାଲେଞ୍ଜ କରି ଅରୁଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ବାକି ରହିଥିବା ଜଣାପଡ଼ିଛି। ସିବିଆଇ ୩ ଅଭିଯୁକ୍ତଙ୍କୁ ଗତ ଜୁଲାଇ ୭ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସମସ୍ତଙ୍କୁ ଦୁଇଟି ପର୍ଯ୍ୟାୟରେ ୯ ଦିନ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରି ତଥ୍ୟ ଯୋଗାଡ଼ କରିଥିଲା। ତେବେ ରିମାଣ୍ଡ ସରିବା ପରେ ଗତ ଜୁଲାଇ ୧୧ରେ ଅଭିଯୁକ୍ତମାନେ ଜେଲ ଫେରିଥିଲେ। ଅନ୍ୟପକ୍ଷରେ ସିବିଆଇ ବହୁ ପ୍ରମାଣ ଏକଜୁଟ୍ କରି ଏହି ମାମଲାରେ ଏକ ବଳିଷ୍ଠ ଚାର୍ଜଶିଟ୍ କୋର୍ଟରେ ଦାଖଲ କରିବାକୁ ପ୍ରୟାସ ଜାରି ରଖିଥିବା ସୂଚନା ମିଳିଛି।

# ବିଧାୟକ ମୋକିମଙ୍କୁ ଜେରା

**ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲା**

କଟକ, ୨୧।୮ (କାର୍ତ୍ତିକ ସାହୁ)

ବାରବାଟୀ–କଟକ ନିର୍ବାଚନ ଅନିୟମିତତା ମାମଲାରେ ବିଧାୟକ ମହମ୍ମଦ ମୋକିମଙ୍କୁ ସୋମବାର ହାଇକୋର୍ଟରେ ଜେରା କରାଯାଇଛି। ଆବେଦନକାରୀ ତଥା ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଓକିଲ ପ୍ରତିପକ୍ଷ ମୋକିମଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ଓ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ଜେରା କରିଥିଲେ। ମୋକିମଙ୍କ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ୧୨୮ ପୃଷ୍ଠାର ଦସ୍ତାବିଜ୍ ମଧ୍ୟରୁ ୩୫ ପୃଷ୍ଠାର ଦସ୍ତାବିଜ୍ ସଂକ୍ରାନ୍ତରେ ଜେରାର ପ୍ରଶ୍ନ ଅନ୍ତର୍ଭୁକ୍ତ ଥିଲା। ସୋମବାର ଏହି ଜେରା ଅସମ୍ପୂର୍ଣ୍ଣ ରହିଛି। ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରିଥିଲେ। ଆସନ୍ତା ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ପରାଜିତ ପ୍ରାର୍ଥୀ ସାମନ୍ତରାୟ ବିଜୟୀ ପ୍ରାର୍ଥୀ ମୋକିମଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ଓ ମିଲନ୍ କାନୁନ୍‌ଗୋ ଏବଂ ପ୍ରତିପକ୍ଷ ମୋକିମଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurment Portal https://eprocure.gov.in In addition, procurement is also done through GeM portal https://gem.gov.in".

**ପୂର୍ବ ତଟ ରେଳପଥ**

**ଭୁଷଣ୍ଡପୁର-କୁହୁଡୀ(କାଲୁପଡ଼ାଘାଟ ଷ୍ଟେସନ ୟାର୍ଡ଼ ଠାରେ) ଷ୍ଟେସନ ମଧ୍ୟରେ ଜଗୁଆଳୀ ଥିବା ଲେଭେଲ କ୍ରସିଂ ଫାଟକକୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନୀକ ସୂଚନା**

ତା.23.08.2023ରିଖ ଦିନ ସ୍ଥାୟୀ ଲିଙ୍କିଙ୍ଗ୍ ରୋଡ଼ ପ୍ରଚଳନ ହେବା ପରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିମ୍ନବର୍ଣ୍ଣିତ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ଜନସାଧାରଣଙ୍କ ନିମନ୍ତେ ବନ୍ଦ କରାଯିବା ପାଇଁ ନିର୍ଦ୍ଧାରଣ କରାଯାଇଛି । ପତ୍ର ସଂ.1267/Judi, ତା.27.01.2022ରିଖ ଦ୍ୱାରା କଲେକ୍ଟର/ଖୋର୍ଦ୍ଧା ଏହି ଲେଭେଲ୍ ଜଗୁଆଳୀ ଥିବା କ୍ରସିଙ୍ଗ ଫାଟକକୁ ବନ୍ଦ କରିବା ନିମନ୍ତେ ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି । ବନ୍ଦ ନିମନ୍ତେ ପ୍ରମୁଖ ମୁଖ୍ୟ ଯନ୍ତ୍ରୀ/ପୂର୍ବ ତଟ ରେଳପଥ/ଭୁବନେଶ୍ୱରଙ୍କ ମଞ୍ଜୁରୀ ପ୍ରକ୍ରିୟାଧୀନ ରହିଛି ।
ତେଣୁ, ବନ୍ଦ ହେବାର ନିର୍ଦ୍ଧାରିତ ତାରିଖ ପରେ ନିମ୍ନବର୍ଣ୍ଣିତ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ବନ୍ଦ କରିଦିଆଯିବ ।

| କ୍ର. ସଂ. | ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ୍ ସଂ. | ରେଳବାଇ କି.ମି. | ଶ୍ରେଣୀ (M/UM) | ଗଣନା ବର୍ଷ | ଟ୍ରେନ୍ ଭେଇକିଲ୍ ୟୁନିଟ୍ |
|---|---|---|---|---|---|---|---|
| 1 | B | ଭୁଷଣ୍ଡପୁର-କୁହୁଡି (କାଲୁପଡ଼ା ଘାଟ ଷ୍ଟେସନ ୟାର୍ଡ଼ ଠାରେ) | 232 | 498/5-7 | "C" ଶ୍ରେଣୀ (ଜଗୁଆଳୀ ଥିବା) | ସେପ୍ଟେମ୍ବର-2021 | 8902 |

ବନ୍ଦ ହେବାର କାରଣ : ଲେଭେଲ କ୍ରସିଙ୍ଗ୍ ନଂ.232 ଠାରୁ 233 ପର୍ଯ୍ୟନ୍ତ ସ୍ଥାୟୀ ଲିଙ୍କିଙ୍ଗ୍ ରୋଡ଼ ର ନିର୍ମାଣ କରାଯାଇଅଛି ।
ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ସୂଚନାର୍ଥେ ।
PR-478/O/23-24 — ମଣ୍ଡଳ ଯନ୍ତ୍ରୀ(ଦକ୍ଷିଣ), ଖୋର୍ଦ୍ଧା ରୋଡ

# ପବିତ୍ର ମୋହନଙ୍କ ନାମରେ ନାମିତ ହେଲା କଣିହାଁସ୍ଥିତ ବ୍ରାହ୍ମଣୀ ନଦୀ ସେତୁ

ଭୁବନେଶ୍ୱର, ୨୧।୮ (ଅନିଲ ଦାସ)

ଅନୁଗୋଳ ଜିଲା କଣିହାଁଠାରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ସେତୁକୁ ରାଜ୍ୟ ସରକାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରଜାମଣ୍ଡଳ ନେତା ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତିରେ ପବିତ୍ର ମୋହନ ସେତୁ ନାମରେ ନାମିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଗତ ଜୁଲାଇ ୧୧ରେ ୫–ଟି ସଚିବ ଭି.କେ. ପାଣ୍ଡିଆନ ତାଳଚେର ଗସ୍ତରେ ଯାଇଥିବା ବେଳେ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତି ରକ୍ଷା ପାଇଁ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ସେତୁକୁ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମିତ କରିବା ପାଇଁ ଜନସାଧାରଣ ଅନୁରୋଧ କରିଥିଲେ। ତଦନୁଯାୟୀ, ରାଜ୍ୟ ସରକାର ଏହି ସେତୁର ନାମକୁ ପ୍ରଜାମଣ୍ଡଳ ଆନ୍ଦୋଳନର ଅଗ୍ରଗଣ୍ୟ ସାରଥି ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମିତ କରିଛନ୍ତି।

# ବନ୍ଦ ଘରେ ମା'ପୁଅଙ୍କ ଝୁଲନ୍ତା ମୃତଦେହ

- ପାରିବାରିକ ଅଶାନ୍ତିରୁ ଆତ୍ମହତ୍ୟା ଚର୍ଚ୍ଚା
- ୮ ବର୍ଷ ମଧରେ ପରିବାରର ୪ ଜଣଙ୍କ ଆତ୍ମହତ୍ୟା

ସମ୍ବଲପୁର, ୨୧।୮ (ଶୁଭାଶିଷ ପାଢୀ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ଟାଙ୍ଗରପାଲି ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବନ୍ଦ ଘରୁ ମା'ପୁଅଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଶିକ୍ଷୟିତ୍ରୀ ମା' ଜ୍ୟୋତ୍ସ୍ନାମୟୀ ଦାସ (୫୫) ଓ ପୁଅ ସୁଧୀର ପଣ୍ଡା (୩୫)। ଶନିବାର ରାତିରେ ଉଭୟ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପୂର୍ବରୁ ବାପା ଭବାନୀ ଶଙ୍କର ପଣ୍ଡା, ସାନପୁଅ ସମୀରଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ପାରିବାରିକ କଳହ ବୋଲି ଆଲୋଚନା କରୁଥିଲେ। ସୋମବାର ଘଟଣାରେ ମଧ ପାରିବାରିକ ଅଶାନ୍ତି ଯୋଗୁ ମା'ପୁଅ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରାୟ ୮ବର୍ଷ ବ୍ୟବଧାନରେ ପରିବାରର ୪ଜଣ ସଦସ୍ୟ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ଥାନା ଅଧିକାରୀ ସନୟ ନାଏକ କହିଛନ୍ତି, ଏହା ଆତ୍ମହତ୍ୟା ଘଟଣା। ସାନପୁଅଙ୍କ ମୃତ୍ୟୁ ପରେ ପୁରା ପରିବାର ଭାଙ୍ଗି ପଡିଥିଲେ। ସବୁ ସମୟରେ ମାନସିକ ଚିନ୍ତାରେ ରହୁଥିଲେ। ପଡ଼ୋଶୀଙ୍କ ସହ କମ୍ ମିଳାମିଶା କରୁଥିଲେ। ଚିନ୍ତାରେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ଏ ନେଇ ଏକ ମାମଲା (ନଂ.୧୯/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ସ୍ୱାମୀ ଓ ସାନପୁଅଙ୍କୁ ହରାଇ ଗମ୍ଭାରକଟା ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ଜ୍ୟୋତ୍ସ୍ନାରାଣୀ ପୁଅ ସୁଧୀରଙ୍କ ସହ ଟାଙ୍ଗରପାଲି ଗ୍ରାମରେ ରହୁଥିଲେ। ସୁଧୀରଙ୍କ ପାଇଁ ନିଜ ଭଉଣୀର ଝିଅକୁ ବୋହୂ କରିଥିଲେ ଜ୍ୟୋତ୍ସ୍ନାରାଣୀ। ତାଙ୍କର ଦୁଇବର୍ଷର ଏକ କନ୍ୟାସନ୍ତାନ ରହିଛି। ଗତ ଶନିବାର ଛୁଆ ସହ ବୋହୂ ତାଙ୍କ ବାପାଙ୍କ ସାଙ୍ଗରେ ହେମଗିର ଘରକୁ ଯାଇଥିଲେ। ଘରେ କେବଳ ମା' ଓ ପୁଅ ରହିଥିଲେ। ସୋମବାର ସକାଳେ ଘରକୁ କାମ ପାଇଁ ଆସିଥିବା ଯୁବତୀ ଉଭୟଙ୍କୁ ଫ୍ୟାନରେ ଲୁଗାବାନ୍ଧି ଝୁଲୁଥିବା ଦେଖି ପଡୋଶୀଙ୍କୁ କହିଥିଲେ। ଖବର ପାଇ ପୋଲିସ ଗ୍ରାମରେ ପହଞ୍ଚିଥିଲା। ପୂର୍ବରୁ ସାନପୁଅ ଓ ଭବାନୀ ମଧ ଆତ୍ମହତ୍ୟା କରିଥିବା ପଡୋଶୀଠାରୁ ଜଣାପଡିଛି। ସାନପୁଅ ଅନ୍ୟଜାତିର ଝିଅକୁ ଭଲପାଇ ବିବାହ କରିବାକୁ ଚାହିଁଥିଲେ। ହେଲେ ପରିବାର ମନା କରିବାରୁ ସେ ଆତ୍ମହତ୍ୟା କରିଥିଲେ। ପ୍ରାୟ ଦୁଇବର୍ଷ ହେଲା ପରିବାର ଭାଙ୍ଗି ପଡିଥିଲେ। ଜ୍ୟୋତ୍ସ୍ନାରାଣୀ ମଧ ପୁଅ ଓ ସ୍ୱାମୀଙ୍କ ମୃତ୍ୟୁକୁ ନେଇ ଚିନ୍ତିତ ଥିଲେ।



ଟାଙ୍ଗରପାଲିରେ ପୋଲିସ ଟିମ୍‌ର ତଦନ୍ତ।

आज़ादी का अमृत महोत्सव
G20
**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ସେପ୍‌ଟେମ୍ବର ମାସ ପାଇଁ "ନିଧି ଆପ୍‌କେ ନିକଟ" ଏବଂ "ପେନ୍‌ସନ୍ ଅଦାଲତ" ତା.୧୧.୦୯.୨୦୨୩ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି । ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ । ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସ୍‌ରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି । ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୩୧.୦୮.୨୦୨୩ କିମ୍ବା ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

ସ୍ୱା - କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0208/23

ଶତ୍ରୁକୁ ପରାଭୂତ କରିବାର ସର୍ବୋତ୍ତମ ଉପାୟ ହେଲା- ତା'ସମ୍ମୁଖରେ ହସିବା। ତୁମେ ସତକୁ ସତ ହସିପାରିବ ସେତିକି ବେଳେ, ଯେତେବେଳେ ତୁମେ ସବୁପ୍ରକାର ଅପମାନ ଓ ଦୋଷାଦୋଷର ଊର୍ଦ୍ଧ୍ୱରେ ଥିବ। -ଶ୍ରୀମା

# କର୍ତ୍ତୃପକ୍ଷ ଗିରଫ ହୁଅନ୍ତୁ

ନିକଟରେ ପଶ୍ଚିମବଙ୍ଗ ଯାଦବପୁର ବିଶ୍ୱବିଦ୍ୟାଳୟର ଏକ ଛାତ୍ରାବାସରେ ଜଣେ ଛାତ୍ରଙ୍କୁ ରାଗିଂ ପରେ ଦ୍ୱିତୀୟ ମହଲା ବାଲ୍‌କୋନିରୁ କେତେଜଣ ସିନିୟର ଛାତ୍ର ଠେଲି ହତ୍ୟା କରିଥିଲେ। ଏହି ଘଟଣାର ସପ୍ତାହେ ପରେ ଅର୍ଥାତ୍ ୨୦ ଅଗଷ୍ଟରେ ଓଡ଼ିଶାର ପୁରୀସ୍ଥିତ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ରାଗିଂ ଘଟଣା ଛାତ୍ର ମାନସିକତାର କୁତ୍ସିତ ରୂପକୁ ସାମ୍ନାକୁ ଆଣିଛି। କୋଭିଡ୍ ପରେ ଅଫ୍‌ଲାଇନ ଶିକ୍ଷା ଆରମ୍ଭ ହେବାଠାରୁ ଦେଶରେ ଏପରିକି ଆମ ରାଜ୍ୟରେ ଲଗାତର ରାଗିଂଜନିତ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ହେଲେ ଆହୁରି ଅନେକ ଘଟଣା ଲୋକଲୋଚନକୁ ଆସିପାରୁନାହିଁ। ୨୦୧୬ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭାରତର ବିଭିନ୍ନ କଲେଜରେ ପାଖାପାଖି ୪୦% ଛାତ୍ର କୌଣସି ପ୍ରକାରର ରାଗିଂର ସମ୍ମୁଖୀନ ହେଉଛନ୍ତି। ସେଥିମଧ୍ୟରୁ ମାତ୍ର ୮.୬% ସାଧାରଣରେ ପ୍ରକାଶ ପାଉଛି, ଯାହା ଅତ୍ୟନ୍ତ ଉଦ୍‌ବେଗଜନକ।

ଶିକ୍ଷାନୁଷ୍ଠାନରେ ଉଚ୍ଚଶ୍ରେଣୀର ଛାତ୍ର କିମ୍ବା ଛାତ୍ରୀମାନେ ତଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ରାଗିଂ କରି ସେମାନଙ୍କ ବାହୁବଳୀ ସ୍ୱଭାବ ଓ ଅନୁଶାସନର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରିଥାଆନ୍ତି। ଏଭଳି ଦମନ ଚିନ୍ତାଧାରା ରଖୁଥିବା ବିଦ୍ୟାର୍ଥୀମାନେ ଏଥିରୁ ସାମୟିକ ଖୁସି ପାଉଥିବା ବେଳେ ଅନ୍ୟପଟେ ନବାଗତ ପିଲାମାନେ ଶାରୀରିକ ଓ ମାନସିକ ଯନ୍ତ୍ରଣା ପାଉଛନ୍ତି। କେବଳ ଏତିକି ନୁହେଁ, ଅନେକେ ମାନସିକ ଭାରସାମ୍ୟ ହରାଇ କ୍ୟାମ୍ପସରେ ଆତ୍ମହତ୍ୟା କରୁଥିବା ଦେଖାଯାଉଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ମଧ୍ୟ ଏ ବିଷୟକୁ ତା' ତଥ୍ୟରେ ଦର୍ଶାଇଛି। ସାଧାରଣ ଶିକ୍ଷାୟତନ ଅପେକ୍ଷା ବୃତ୍ତିଗତ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂ ଅଧିକ ଦେଖାଯାଏ। ପୂର୍ବରୁ ରାଗିଂରେ ପୁଅମାନେ ଅଧିକ ସକ୍ରିୟ ଥିବା ଦେଖାଯାଉଥିବା ବେଳେ ବିଗତ କିଛି ବର୍ଷ ହେବ ସେହି କୁତ୍ସିତ କାର୍ଯ୍ୟରେ ଝିଅମାନେ ଖୁବ୍ ଆଗ୍ରହର ସହିତ ସାମିଲ ହୋଇଯାଇଥିବା ଲକ୍ଷ୍ୟ କରାଯାଉଛି। ବର୍ଷେ ତଳେ ଭୁବନେଶ୍ୱରସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ସିନିୟର ଛାତ୍ରୀଙ୍କ ଅତ୍ୟାଚାର ସହି ନ ପାରି ରୁଚିକା ମହାନ୍ତି ଆତ୍ମହତ୍ୟା କରିବା ଘଟଣା ରାଜ୍ୟରେ ଚହଳ ପକାଇଥିଲା। କିନ୍ତୁ ତା' ପରେ ସେହି ତିନି ଜଣ ସିନିୟର ଛାତ୍ରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା କେହି ଜାଣିପାରିଲେ ନାହିଁ ଏବଂ ମୃତ ଛାତ୍ରୀଙ୍କ ପରିବାର ସବୁ ଦିନ ପାଇଁ ତାଙ୍କ ପିଲାକୁ ହରାଇବସିଲେ। ଚିନ୍ତାର ବିଷୟ ହେଉଛି, ରାଗିଂ ରୋକିବା ଲାଗି ୨୦୦୭ରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ସହ ଏହାକୁ ଅପରାଧ ଶ୍ରେଣୀଭୁକ୍ତ କରିଛନ୍ତି। ୨୦୦୯ରେ ୟୁଜିସି ନିୟମାବଳୀ ସ୍ଥିର କରିବା ପରେ ମଧ୍ୟ ରାଗିଂକୁ ନେଇ ଛାତ୍ର ମାନସିକତାରେ ପରିବର୍ତ୍ତନ ଆସିପାରୁନାହିଁ। ଏହାର ପ୍ରମୁଖ କାରଣ ହେଲା ଦୃଷ୍ଟାନ୍ତମୂଳକ ଦଣ୍ଡର ଅଭାବ। ରାଗିଂକୁ ନେଇ କେତେ ଜଣ ଛାତ୍ର କହିଥାଆନ୍ତି ଯେ, ଜୁନିୟରମାନଙ୍କୁ ସ୍ମାର୍ଟ କରିବା ଲାଗି ଏହା ଉଦ୍ଦିଷ୍ଟ। ଏଠାରେ ସ୍ମାର୍ଟର ସଂଜ୍ଞା ବୁଝିବା କଷ୍ଟକର। ଯଦି ଶାରୀରିକ ଓ ମାନସିକ ନିର୍ଯାତନା ଦିଆ ନ ଯାଇ ସିନିୟରମାନେ ଜୁନିୟରଙ୍କୁ ପାଠପଢ଼ାଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ଷେତ୍ରରେ ମାର୍ଗଦର୍ଶନ କରାନ୍ତେ, ତା' ହେଲେ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି ହେବା ସହିତ ସ୍ମାର୍ଟର ଯଥାର୍ଥତାର ପ୍ରତିପାଦନ ହୋଇପାରନ୍ତା। କିନ୍ତୁ ଏହା ସ୍ପଷ୍ଟ ଭାବେ ବୁଝାପଡୁଛି ଯେଉଁ ଛାତ୍ରୀଛାତ୍ର ହିଂସାତ୍ମକ ରାଗିଂ କରି ମଜା ନେଉଛନ୍ତି, ସେମାନେ କଦାପି ପାଠପଢ଼ା କିମ୍ବା ଖେଳକୁଦରେ ସଫଳତା ପାଇପାରୁଥିବେ ବୋଲି ବିଶ୍ୱାସ ହେଉନାହିଁ।

> **ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଏବଂ ବିଶ୍ୱବିଦ୍ୟାଳୟ ତରଫରୁ ରାଗିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। କର୍ତ୍ତୃପକ୍ଷଙ୍କୁ ଦାୟୀ କରା ନ ଯିବା ପର୍ଯ୍ୟନ୍ତ ଏହି ସ୍ଥିତିରେ ପରିବର୍ତ୍ତନ ଆସିପାରିବ ନାହିଁ।**

ଆଜିର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଶିକ୍ଷାରେ ପିଲାମାନେ ପେଷି ହୋଇଯାଉଛନ୍ତି। ଏହା ସତ୍ତ୍ୱେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯେଉଁମାନେ ଲକ୍ଷ୍ୟ ନେଇ ନୂତନ ଶିକ୍ଷାନୁଷ୍ଠାନରେ ପ୍ରବେଶ କରୁଛନ୍ତି, ସେମାନେ ରାଗିଂକୁ ନେଇ ଭୟଭୀତ ହେଉଛନ୍ତି। ଏମିତି ଉଦାହରଣ ଦେଖିବାକୁ ମିଳୁଛି ଯେ ରାଗିଂ ଯୋଗୁ ପ୍ରବଳ ହିଂସାର ଶିକାର ହେଉଥିବା ବିଦ୍ୟାର୍ଥୀ ସେହି ଶିକ୍ଷାନୁଷ୍ଠାନ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି।

ରାଗିଂ ରୋକିବାର ଏକମାତ୍ର ପନ୍ଥା ଭାବେ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଏବେ ବୁଝାପଡୁଛି ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ଏହି ଘଟଣାରେ ସମ୍ପୂର୍ଣ୍ଣ ନୀରବ ରହିଯାଉଛନ୍ତି, ଯେଉଁଥିରେ ଅସାମାଜିକ ଛାତ୍ରୀଛାତ୍ର ଅତ୍ୟଧିକ ମାତ୍ରାରେ ଉତ୍ପାତ ହେବାକୁ ସୁଯୋଗ ପାଉଛନ୍ତି। ଏହାପଛରେ ସେହିଭଳି ପିଲାଙ୍କ ଅଭିଭାବକମାନେ ଦେଉଥିବା ବିପୁଳ ଅର୍ଥର ଭୂମିକା ଥାଇପାରେ। କିନ୍ତୁ ସରକାରୀ ସ୍ତରରେ ଏଭଳି କୌଣସି ଉଦାହରଣ ଦେଖାଗଲେ ତାହାର ପ୍ରତିକ୍ରିୟା ଭାବେ ତତ୍‌କ୍ଷଣାତ୍ ସେହି ଅନୁଷ୍ଠାନର ମ୍ୟାନେଜିଂ କମିଟି ଅଧ୍ୟକ୍ଷ, ସଦସ୍ୟ ଏବଂ ପ୍ରିନ୍ସିପାଲ କିମ୍ବା ନିର୍ଦ୍ଦେଶକ ପୋଲିସ ଦ୍ୱାରା ଜାମିନବିହୀନ ଦଫାରେ ଗିରଫ ହେବା ଦରକାର। ସେଥିପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଏବଂ ବିଶ୍ୱବିଦ୍ୟାଳୟ ତରଫରୁ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। କର୍ତ୍ତୃପକ୍ଷଙ୍କୁ ଦାୟୀ କରା ନ ଯିବା ପର୍ଯ୍ୟନ୍ତ ଏହି ସ୍ଥିତିରେ ପରିବର୍ତ୍ତନ ଆସିପାରିବ ନାହିଁ।

# ସହରାଞ୍ଚଳ ପଟ୍ଟାବିହୀନଙ୍କ ସମସ୍ୟା



ଅଧ୍ୟାପକ ଗୋପବନ୍ଧୁ

ଓଡ଼ିଶାରେ ୨୦୧୭ ମସିହାରେ ବସ୍ତିବାସିନ୍ଦାଙ୍କ ଥଇଥାନ ନିମିତ୍ତ ଏକ ଆଇନ ପ୍ରଣୟନ କରାଯାଇଛି, ଯାହା ଓଡ଼ିଶା ଲ୍ୟାଣ୍ଡ ରାଇଟ୍ସ ଟୁ ସ୍ଲମ୍ ଡୁଏଲର୍ସ ଆକ୍ଟ-୨୦୧୭ ବା ବସ୍ତି ବାସିନ୍ଦା ଆଇନ-୨୦୧୭ ଭାବେ ପରିଚିତ। ଏହି ନିୟମ ଅନୁଯାୟୀ ରାଜ୍ୟର ବିଭିନ୍ନ ସହରର ବସ୍ତିରେ ୨୦୧୭ ପୂର୍ବରୁ ବସବାସ କରୁଥିବା ପଟ୍ଟାବିହୀନ ବାସିନ୍ଦାଙ୍କୁ ସେମାନେ ବସବାସ କରୁଥିବା ଜାଗାର ମାଲିକାନା ସ୍ୱତ୍ୱ ପ୍ରଦାନ କରାଯାଉଛି। ଏହାରି ଆଧାରରେ ବସ୍ତିବାସିନ୍ଦାମାନେ ବାସସ୍ଥାନ ପ୍ରମାଣପତ୍ର ସହ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ପାଇପାରିବେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମୁତାବକ ସେମାନେ ପକ୍କାଘର ତିଆରି ପାଇଁ ଅର୍ଥ ପାଇବାକୁ ଯୋଗ୍ୟ ହୋଇଯିବେ। ଏହାବ୍ୟତୀତ ଏହି ଆଇନ ଅନୁଯାୟୀ ବସ୍ତିଗୁଡ଼ିକର ଉନ୍ନତି ବିଶେଷକରି ରାସ୍ତା, ଡ୍ରେନ୍, ରାସ୍ତାରେ ବିଦ୍ୟୁତ୍ ଆଲୋକ, ଉନ୍ନତ ପରିମଳ ବ୍ୟବସ୍ଥା, ବିଶୁଦ୍ଧ ଜଳ ଯୋଗାଣ, ଉଦ୍ୟାନ ସ୍ଥାପନ ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯିବ। ବସ୍ତିବାସିନ୍ଦା ତଥା ପଟ୍ଟାବିହୀନ ବାସିନ୍ଦାଙ୍କ ପାଇଁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଦେଶର ତଥା ରାଜ୍ୟର ବିଭିନ୍ନ ସହରରେ ପଟ୍ଟାବିହୀନ ବାସିନ୍ଦାଙ୍କୁ ଜବରଦଖଲକାରୀ ବା ଇଂରାଜୀରେ ଏନ୍‌କ୍ରୋଚର ବୋଲି କୁହାଯାଏ। ବେଳେବେଳେ ଜଣେ ଆଉ ଜଣକର ପଟ୍ଟାଭୁକ୍ତ ଜମି ବା ସମ୍ପତ୍ତିକୁ ବଳପୂର୍ବକ ମାଡ଼ିବସିଥିଲେ ତାକୁ ମଧ୍ୟ ଏହି ନାମରେ ସମ୍ବୋଧିତ କରାଯାଏ। ତେବେ ଜବର ଦଖଲକାରୀ କହିଲେ ସାଧାରଣତଃ ସରକାରୀ ଜମିରେ ବସବାସ କରୁଥିବା ବାସିନ୍ଦାଙ୍କୁ ବୁଝାଏ। ବିଶେଷକରି ସହରଗୁଡ଼ିକରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ଏହା ଅଧିକ ପ୍ରୟୋଗ ହୁଏ। ସହରାଞ୍ଚଳରେ ବସବାସ କରୁଥିବା ପ୍ରାୟ ସମସ୍ତ ବସ୍ତିଲୋକ ପଟ୍ଟାବିହୀନ ବାସିନ୍ଦାର ଅନ୍ତର୍ଗତ। ଏହା ବାଦ୍ ଆହୁରି କେତେ ଲୋକ ରହିଛନ୍ତି ସେମାନେ ବସ୍ତିରେ ବସବାସ କରନ୍ତି ନାହିଁ, କିନ୍ତୁ ସରକାରୀ ଜମିରେ ଘରକରି ରହିଛନ୍ତି, ସେମାନେ ମଧ୍ୟ ପଟ୍ଟାବିହୀନ ବାସିନ୍ଦାର ଅନ୍ତର୍ଗତ।

ସହରାଞ୍ଚଳରେ ପଟ୍ଟାବିହୀନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏହାର ଅନେକ କାରଣ ରହିଛି। ଗାଁଗହଳିରେ କର୍ମନିଯୁକ୍ତିର ଘୋର ଅଭାବ ରହିଛି। ଫଳରେ ଅନେକ କୁଶଳୀ, ଅର୍ଦ୍ଧକୁଶଳୀ, ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ସହରକୁ ପଳାଇ ଆସିଛନ୍ତି କର୍ମସଂସ୍ଥାନ ପାଇବା ଆଶାରେ। ଏମାନେ ସହରକୁ ଆସି ପ୍ରଥମେ ବେସରକାରୀ ସଂସ୍ଥାରେ ଛୋଟ ମୋଟ ଚାକିରି କରନ୍ତି ଓ କେତେକେ ଛୋଟକାଟିଆ ବ୍ୟବସାୟ ଆରମ୍ଭ କରନ୍ତି। ବିଭିନ୍ନ ଦୋକାନରେ ସେଲ୍ସମ୍ୟାନ, ବିଭିନ୍ନ ଅନୁଷ୍ଠାନରେ ସିକ୍ୟୁରିଟି ଗାର୍ଡ, ମହିଳାମାନେ ବାଇ ବା ଘରୋଇ କାର୍ଯ୍ୟରେ ସାହାଯ୍ୟକାରୀ, ଫଳଦୋକାନୀ, ଠେଲାଗାଡ଼ି ଜଳଖିଆ ଦୋକାନୀ, ସାଇକେଲ ମରାମତି ଦୋକାନୀ, ବିଭିନ୍ନ ପ୍ରକାର ମିସ୍ତ୍ରି କାମ, ଫେରିବାଲା, ସଫେଇ କର୍ମଚାରୀ, ବିଭିନ୍ନ ଅଫିସରେ ଚପରାସୀ ଚାକିରି ଇତ୍ୟାଦି କରନ୍ତି। ଯାହା ରୋଜଗାର ହୁଏ, ସେଥିରେ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇଯାଏ। ଏପରି ସ୍ଥଳେ ପଟ୍ଟାଭୁକ୍ତ ଜମି କିଣି ଘର କରିବା ଏମାନଙ୍କ ପାଇଁ ସ୍ୱପ୍ନ ହୋଇପଡ଼େ। ଅନ୍ୟପକ୍ଷରେ ଭଡ଼ାଘରେ ରହିବା ମଧ୍ୟ ଏମାନଙ୍କ ପାଇଁ ବ୍ୟୟ ସାପେକ୍ଷ ହୁଏ। ତେଣୁ ଏମାନେ କେଉଁ ନାଳ କଡ଼ରେ, କେନାଲ କଡ଼ରେ, ନଦୀପଠାରେ, ରାସ୍ତାକଡ଼ରେ, ଟ୍ରେନ୍ ଲାଇନ କଡ଼ରେ ଝୁପୁଡି ଘର କରିରହନ୍ତି। ସମୟକ୍ରମେ ଝୁପଡ଼ିଘର ଆଜବେଷ୍ଟସ୍ ଘରକୁ ଓ କେତେଜଣଙ୍କ ଆଜବେଷ୍ଟସ୍ ଘର ଛୋଟ ପକ୍କାଘରକୁ ରୂପାନ୍ତରିତ ହୁଏ। ଏହା ପ୍ରତ୍ୟେକ ସହରର ବାସ୍ତବତା। ସମସ୍ତଙ୍କ ଜ୍ଞାତସାରରେ ଏପରି ବସ୍ତି ଗଢ଼ିଉଠେ। ଏମାନଙ୍କ ନିକଟରେ ସମାଧାନର ସୂତ୍ର ନ ଥାଏ। ସମସ୍ୟା ଆଗକୁ ଗଡ଼ିଚାଲେ।



କେତେକ ଗଡ଼ଜାତିଆ ସହରରେ ବହୁ ପୁରାତନ ପଟ୍ଟାବିହୀନ ବାସିନ୍ଦାଙ୍କୁ ଦେଖିବାକୁ ମିଳେ। ଏମାନଙ୍କ ଭିତରୁ କେତେଜଣ ଅଛନ୍ତି ଯେଉଁମାନେ ସ୍ୱାଧୀନତା ପୂର୍ବରୁ ସରକାରୀ ଜମିରେ ଘରକରି ରହିଛନ୍ତି। ଚାଲାକମାନେ କଳେବଳେ କୌଶଳେ ନିଜ ନାମରେ ପଟ୍ଟାକରି ନେଇଛନ୍ତି। ସରଳ ଓ ନିରୀହମାନେ ସେହିପରି ପଡ଼ି ରହିଛନ୍ତି। ଏହି ପ୍ରକ୍ରିୟା ମଧ୍ୟରେ କେତେକେ ଭାବି ନେଇଛନ୍ତି ଯେ ସରକାରୀ ଜମିରେ ଘରକରି ରହିବା ଅପରାଧ ନୁହେଁ। ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକଭାବେ ଜଣକର ମୁଣ୍ଡ ଗୁଞ୍ଜିବାର ଅଧିକାର ଅଛି। ସେ ବାଧ୍ୟରେ ୨/୪ ଡେସିମିଲ ଘେରି ଘର କରିଛି ନିଜ ପିଲାଛୁଆଙ୍କ ସହ ମୁଣ୍ଡ ଗୁଞ୍ଜିବା ପାଇଁ। ଭାରତ ଏକ ଜନମଙ୍ଗଳ ରାଷ୍ଟ୍ର। ତେଣୁ ଶାସକ ଓ ପ୍ରଶାସକ ଗୋଷ୍ଠୀ ତାକୁ ନିଶ୍ଚୟ ଅନୁକମ୍ପା ଦେଖାଇବେ। ଏହି ମାନସିକତାରେ କେତେଜଣ ଅଛନ୍ତି। ଆଉ କେତେକେ ଭାବନ୍ତି ଯାହା ହେବ ଦେଖାଯିବ।

କୌଣସି ଲୋକକୁ ବାସହୀନ କରିବା ମାନବିକତା ବିରୋଧୀ କାର୍ଯ୍ୟ। ଏହା ଏକ ସ୍ପର୍ଶକାତର ବିଷୟ। ବହୁମାତ୍ରାରେ ଏପରି ଲୋକଙ୍କ ଉଚ୍ଛେଦ ରାଜନୈତିକ ବିବାଦର ବିନ୍ଦୁ ହୋଇଯାଏ। ପଟ୍ଟାବିହୀନଙ୍କ ସପକ୍ଷରେ ବଳିଷ୍ଠ ଯୁକ୍ତି ହେଉଛି ସରକାର ଶିଳ୍ପାୟନ ନାମରେ ଘରୋଇ କମ୍ପାନୀଗୁଡ଼ିକୁ ହଜାର ହଜାର ଏକର ଜମି ଦେଉଥିବା ବେଳେ ପ୍ରଗତିର ମୂଳଦୁଆ ସାଜିଥିବା ଏହି ଲୋକମାନଙ୍କୁ ୨/୪ ଡେସିମିଲ ଲେଖାଏଁ ଜମି ଦେଇପାରିବେ ନାହିଁ କାହିଁକି? ଏମାନେ ପକ୍କା ଭାରତୀୟ। ସମ୍ମାନର ସହିତ ବଞ୍ଚିବାର ଅଧିକାର ଦେଶର ସମସ୍ତ ନାଗରିକର ରହିଛି। ତେଣୁ ପ୍ରତ୍ୟେକ ନାଗରିକକୁ ବାସସ୍ଥାନ ଯୋଗାଇବା ଓ ଆବଶ୍ୟକ ସୁରକ୍ଷା ଦେବା ରାଷ୍ଟ୍ରର କର୍ତ୍ତବ୍ୟ।

ପଟ୍ଟାବିହୀନ ବସ୍ତିବାସିନ୍ଦାଙ୍କ ଆଳରେ କିଛି ଜମିମାଫିଆ ବିଭିନ୍ନ ସହରରେ ଏକର ଏକର ସରକାରୀ ଜାଗାକୁ ନିଜ କବ୍‌ଜାକୁ ନେଇ ପ୍ଲଟ୍‌କରି ବିକିଚାଲିଛନ୍ତି। ଅନେକ ପଟ୍ଟାବିହୀନ ବାସିନ୍ଦା ବି ରହିଛନ୍ତି ଯେଉଁମାନଙ୍କ ଆୟତ୍ତରେ ବହୁ ସରକାରୀ ଜମି ରହିଛି। ଅନେକେ ଅଛନ୍ତି ଯେଉଁମାନେ ଘରକରି ଭଡ଼ାରେ ଲଗାଇଛନ୍ତି। ତେଣୁ ଥଇଥାନ ପାଇଁ ସମୟ ଅବଧି ନିର୍ଣ୍ଣୟ ଓ ପ୍ରକୃତ ହିତାଧିକାରୀ ଚୟନ ଜରୁରୀ।

ବସ୍ତିବାସିନ୍ଦା ନିୟମ-୨୦୧୭ ଅନୁଯାୟୀ ପ୍ରତ୍ୟେକ ପଟ୍ଟାବିହୀନ ବାସିନ୍ଦା ପୌରାଞ୍ଚଳରେ ୪୫ ବର୍ଗମିଟର ଓ ଏନ୍‌ଏସିରେ ୬୦ ବର୍ଗମିଟର ଜାଗା ପାଇବେ। ଏହାଠାରୁ କମ୍ ଥିଲେ ଯେତିକି ଥିବ ସେତିକି ପାଇବେ। ଅଧିକ ଥିଲେ ବଳକା ଜମିକୁ ସରକାରଙ୍କୁ ହସ୍ତାନ୍ତର କରିବେ। ଯେଉଁ ଜମି ମାଲିକାନା ଦିଆଯାଉଛି ତାହାକୁ ପ୍ରଥମେ ଜମି ଅଧିକାର ପ୍ରମାଣପତ୍ର ବା ଏଲ୍‌ଆର୍‌ସି ବୋଲି କୁହାଯାଉଛି। ପରେ ଏହାକୁ ବଦଳାଇ ପଟ୍ଟା ପ୍ରଦାନ କରାଯାଉଛି। ଏହା ଆଧାରରେ ଅନେକେ ଲୋକ ପଟ୍ଟା ପାଇ ସାରିଲେଣି। ଆହୁରି ଅନେକେ ପାଇବା ଅପେକ୍ଷାରେ ଅଛନ୍ତି।

କେତେକ ସହରରେ ସମସ୍ୟା ହେଉଛି ଜଙ୍ଗଲ ଜମି କିସମକୁ ନେଇ। ଅନେକ ବସ୍ତି ଜଙ୍ଗଲ ଜମିରେ ଗଢ଼ିଉଠିଛି। କିସମ ବଦଳାଇବା ପାଇଁ କେନ୍ଦ୍ରର ଅନୁମତି ଲୋଡ଼ା। ତେଣୁ ଏମାନଙ୍କୁ ଏଲ୍‌ଆର୍‌ସି ଦିଆଯାଇ ପାରୁନାହିଁ। ରାଜ୍ୟ ସରକାର ତାଙ୍କୁ ଜମି ଯୋଗ୍ୟତା ପ୍ରମାଣପତ୍ର ବା ଏଲ୍‌ଇସି ପ୍ରଦାନ କରିଛନ୍ତି। ଆବଶ୍ୟକ ସ୍ଥଳେ ଏମାନଙ୍କୁ ଆଉ କୋଉ ଜାଗାରେ ଜମି ଦିଆଯାଇପାରିବ। ଏବେ ସହର ମଧ୍ୟରେ ଆଉ ଜଙ୍ଗଲ ନାହିଁ। ତେଣୁ ଜମି କିସମ ବଦଳିବା ଜରୁରୀ।

ରାଜ୍ୟର ବିଭିନ୍ନ ସହରରେ ଯେତିକି ପଟ୍ଟାବିହୀନ ବାସିନ୍ଦା ଅଛନ୍ତି ତାଙ୍କୁ ହଟାଇବା ସମ୍ଭବପର ନୁହେଁ। ଯେତେବେଳେ ନିୟମ ଠିକ୍‌ଭାବେ କାର୍ଯ୍ୟକାରୀ ହୁଏ ନାହିଁ, ସେତେବେଳେ ବେନିୟମ ନିୟମରେ ପରିଣତ ହୁଏ। ଏହି ନ୍ୟାୟରେ ସହରଗୁଡ଼ିକରେ ପଟ୍ଟାବିହୀନଙ୍କ ସଂଖ୍ୟା ବଢ଼ିଯାଇଛି। ଠିକ୍ ସମୟରେ ନିୟନ୍ତ୍ରଣ କରାଯାଇନାହିଁ। ତେଣୁ ସରକାରଙ୍କ ନିକଟରେ ଏକମାତ୍ର ପନ୍ଥା ଏମାନଙ୍କୁ ସର୍ବକ୍ଷମା ଦେଇ ଥଇଥାନ କରିବା। ତଦନୁଯାୟୀ ବୋଧହୁଏ ବସ୍ତିବାସିନ୍ଦା ଆଇନ-୨୦୧୭ ଆଗତ ହୋଇଛି। ଏହି ନିୟମର ପରିସୀମାକୁ ବଢ଼ାଇବାର ଆବଶ୍ୟକତା ଅନୁଭୂତ ହେଉଛି। ନିୟମ ମୁତାବକ ଦେୟମୁକ୍ତ ଜାଗା ବାଦ୍ ୪୫ ଡେସିମିଲ ପର୍ଯ୍ୟନ୍ତ ଅଥବା ଯେତିକି ଜାଗା ଉପରେ ଘର କରିଛନ୍ତି ସେତିକିକୁ ଦେୟଯୁକ୍ତ ଯୋଜନାର ଅନ୍ତର୍ଭୁକ୍ତ କଲେ ଏହା ଅଧିକ ଫଳପ୍ରଦ ହୁଅନ୍ତା। ଏହାଦ୍ୱାରା ଜବରଦଖଲରେ ଥିବା ସରକାରୀ ଜମିର ସୁବନ୍ଦୋବସ୍ତ ହେବା ସହ ରାଜ୍ୟ ରାଜକୋଷ ପାଇଁ ଭଲ ପରିମାଣର ଅର୍ଥ ସଂଗ୍ରହ କରାଯାଇ ପାରିବ। ଯେଉଁ ଅର୍ଥ ରାଜ୍ୟର ଅନ୍ୟ କୌଣସି ବିକାଶ କାର୍ଯ୍ୟରେ ଲାଗିପାରିବ।

**ଦର୍ଶନ ବିଭାଗ (ଅବସରପ୍ରାପ୍ତ)**
**ବାରିପଦା, ମୟୂରଭଞ୍ଜ,**
**ମୋ: ୭୦୦୮୯୭୬୧୮୦**

# ଏକ ବକ୍ତୃତା ପ୍ରତିଯୋଗିତା



ଅନୀତା ପଟ୍ଟନାୟକ

ଥରେ ପ୍ରକୃତି, ସଂସ୍କାରିତ ଶିକ୍ଷା ଓ ଦୈବିତ୍ୱ ଉପରେ ବକ୍ତୃତା ପ୍ରତିଯୋଗିତା ହେଉଥିଲା। ମତେ ପିଲାମାନଙ୍କ ମଧ୍ୟରୁ ଉତ୍ତମ ବକ୍ତା ବାଛିବାର ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ଅଭିଭାବକ, ଶିକ୍ଷକ, ସମାଜର ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ସରବରାହର ବିଭିନ୍ନ ବ୍ୟକ୍ତି, ସ୍କୁଲ କଲେଜର ଅନେକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ଉପମନ୍ୟୁ ନାମକ ଜଣେ ଛାତ୍ର ପ୍ରଥମେ କହିବାର ସୁଯୋଗ ପାଇ ଶିକ୍ଷାନୁଷ୍ଠାନ କାହିଁକି ଗଢ଼ାଯାଇଛି, ସେ ବିଷୟରେ ସୂଚନା ଦେଇ କହିଲା- ସମାଜକୁ ସୁଶିକ୍ଷିତ ବ୍ୟକ୍ତି ଯୋଗାଇବା, ଦକ୍ଷ, ସଚ୍ଚୋଟ ସହ ସମାଜସେବାରେ ବ୍ରତୀ ହୋଇପାରୁଥିବା ଛାତ୍ର ଗଢ଼ିବା ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ହେବା ଉଚିତ। ସେ କହିଲା- ନୈତିକତା ଓ ଆଧ୍ୟାତ୍ମିକତା ଶିକ୍ଷାକୁ ପ୍ରକୃତ ମୂଲ୍ୟ ଓ ମହତ୍ତ୍ୱ ଦିଏ। ସେ ନିଜର ବକ୍ତବ୍ୟକୁ ଶେଷ କରିବାକୁ ଯାଇ କହିଲା- ବହୁ କାରିଗରି, ବୈଜ୍ଞାନିକ ପରିବର୍ତ୍ତନ ଜଗତ, ଆଧୁନିକତା, ଦେଶର ଆଧ୍ୟାତ୍ମିକ ପରମ୍ପରା ଓ ଐତିହ୍ୟ ମଧ୍ୟରେ ଶିକ୍ଷା ଦ୍ୱାରା ଏକ ସମତା ରହିବା ଦରକାର। ଶିକ୍ଷା ଜୀବିକା ଅର୍ଜନ ପାଇଁ ନ ହୋଇ ଜୀବନ ପାଇଁ ହେବା ଉଚିତ।

ଏଥର ଦ୍ୱିତୀୟ ପ୍ରତିଯୋଗୀ ଭାବେ ବିଲେ ନାମକ ଏକ ଛାତ୍ରର ପାଳି ପଡ଼ିଲା। ସେ କହିଲା- ଶିକ୍ଷାନୁଷ୍ଠାନଗୁଡ଼ିକ ବିଶୃଙ୍ଖଳା ଓ ଅବ୍ୟବସ୍ଥାର ଆଶ୍ରୟସ୍ଥଳ ହୋଇଛି। ଛାତ୍ରମାନେ ଆନ୍ଦୋଳନ କରୁଛନ୍ତି, ଶିକ୍ଷକମାନେ ଅସନ୍ତୁଷ୍ଟ ହେଉଛନ୍ତି। ଆଗକାଳରେ ପରିବାର ପ୍ରଥମ ପାଠଶାଳା ଥିଲା। ମା', ବାପା, ସାଧୁସନ୍ଥ ବୀରମାନଙ୍କ କାହାଣୀ ଦେଶର ସଂସ୍କୃତି ଐତିହ୍ୟକୁ ପିଲାମାନଙ୍କୁ ଶିକ୍ଷା ଦେଉଥିଲେ। ଏବେ ମାତାପିତା ପିଲାକୁ ନିଜ ବାଟରେ ଯିବା ପାଇଁ ଓ ଉତ୍ତମ, ମହାନ୍, ସମୁଚିତ କଥାକୁ ଏଡ଼ାଇ ଯିବା ପାଇଁ ଅନୁମତି ଦେଉଛନ୍ତି। ଭଲ, ମନ୍ଦ ତଥା ସତ, ଅସତ ମଧ୍ୟରେ ଥିବା ପାର୍ଥକ୍ୟକୁ ଓ ସକ୍ଷମ କରିବାକୁ ଶିକ୍ଷକମାନେ ଛାତ୍ରମାନଙ୍କୁ ମୂଲ୍ୟବୋଧ ଶିକ୍ଷା ଦେଉନାହାନ୍ତି। ପରିତାପର ବିଷୟ, ଦେଶର ଅଧିକାଂଶ ସମସ୍ୟା ଶିକ୍ଷିତ ଲୋକମାନଙ୍କ ଦ୍ୱାରା ସୃଷ୍ଟି ହେଉଛି। ଅଶିକ୍ଷିତ ବା ନିରକ୍ଷରମାନଙ୍କ ପାଇଁ ନୁହେଁ। କାରଣ ଶିକ୍ଷିତ ଉପଯୁକ୍ତ ଶିକ୍ଷା ଲାଭ କରି ନାହାନ୍ତି। କରତାଳିରେ ଗୃହ କମ୍ପି ଉଠିଲା।

ଏଥର ପଡ଼ିଲା ନଚିକେତାର ପାଳି। ସରକାରଙ୍କର ଅତ୍ୟଧିକ ହସ୍ତକ୍ଷେପ ୧୦+୨+୩ କିମ୍ବା ୧୦+୩+୨ ଶିକ୍ଷା ପଦ୍ଧତି ଶିକ୍ଷା ଉପଲବ୍ଧିରେ କୌଣସି ପାର୍ଥକ୍ୟ କରେନାହିଁ। ଗଠନଶୀଳ ଶିକ୍ଷା ପ୍ରାଥମିକ ସ୍ତରରେ ନାହିଁ, ଯେଉଁଠାରେ କି ଶୃଙ୍ଖଳା ଓ ନୈତିକ ମୂଲ୍ୟବୋଧର ବୀଜ ବପନ କରାଯିବା ଉଚିତ। ମୂଳରୁ ସାଂସ୍କୃତିକ ଐତିହ୍ୟ ଦ୍ୱାରା ପରିଚାଳିତ ହୋଇ ଠିକ୍ ବାଟରେ ଚାଲିଲେ ହିଁ ଏକ ଛାତ୍ର ଆଦର୍ଶ ନାଗରିକରେ ପରିଣତ ହେବ। ଉଚ୍ଚତର



ଶିକ୍ଷାନୁଷ୍ଠାନରେ ରାଜନୀତି, କଲେଜ, ନିର୍ବାଚନ ସମସ୍ୟା ସୃଷ୍ଟି କରେ। ଛାତ୍ର ପରିଷଦ ନିର୍ବାଚନ ବନ୍ଦ ହେବା ଉଚିତ। ଏହା କଲେ ବା ହେଲେ ଟଙ୍କା ଅପବ୍ୟୟ, ବିବେକ ଓ ସଂଘର୍ଷ ବନ୍ଦ ହୋଇପାରିବ।

ଏଥର ପଡ଼ିଲା ଶ୍ୱେତକେତୁର ପାଳି। ସେ କହିଲା- ପରୀକ୍ଷା ସମ୍ବନ୍ଧୀୟ ପରିବର୍ତ୍ତନ ଆବଶ୍ୟକ। ପରୀକ୍ଷା ତାରିଖ ବାରମ୍ବାର ଘୁଞ୍ଚାଇବା ଶିକ୍ଷା ପଦ୍ଧତିରେ ଅନର୍ଥର ମୂଳ କାରଣ। ଏପ୍ରିଲ ପ୍ରଥମ ସପ୍ତାହରେ ସବୁ କଲେଜରେ ପରୀକ୍ଷା ସରିଯିବା ଉଚିତ। ଜୁନ ପ୍ରଥମ ସପ୍ତାହରେ ପରୀକ୍ଷାଫଳ ବାହାରିବା ଉଚିତ ଓ ଜୁନ ଶେଷ ସପ୍ତାହ ବେଳକୁ ଶିକ୍ଷାନୁଷ୍ଠାନକୁ ଖୋଲି ନୂତନ ବର୍ଷର ଶିକ୍ଷା ଆରମ୍ଭ କରିବା ଦରକାର। ଏହା ଦ୍ୱାରା ଛାତ୍ର ଉଚ୍ଚତର ଶିକ୍ଷା ଯୋଜନା କରିବାକୁ ସମର୍ଥ ହେବ।

ଏଥର ପଡ଼ିଲା ଏକଲବ୍ୟର ପାଳି। ସେ କହିଲା- ଶିକ୍ଷକ ବୃତ୍ତିକୁ ଏକ ପବିତ୍ର କର୍ତ୍ତବ୍ୟ ଭାବିବା ଉଚିତ। ଶିକ୍ଷାଦାନ ଓ ଆଦର୍ଶ ବଳରେ ସେ ଭାବୀ ନାଗରିକ ତୋଳିବା ଉଚିତ। ଶିକ୍ଷକ ନିଜ ଆଦର୍ଶ ଦ୍ୱାରା ଶ୍ରେଣୀଗୃହ ବାହାରେ ଓ ଆଚରଣ ଦ୍ୱାରା ଛାତ୍ରମାନଙ୍କୁ ଅନୁପ୍ରାଣିତ କରିବା ଆବଶ୍ୟକ, ତାହାହେଲେ ଛାତ୍ରମାନେ ପଥଭ୍ରଷ୍ଟ ହେବେନାହିଁ। ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଛାତ୍ରମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଓ ଉପାଧିଧାରୀ ହୋଇ ଚାକିରି ଖୋଜିବୁଲିବା ନୁହେଁ। ଶିକ୍ଷକ ଅଧିକ ଶକ୍ତି, ଆଗ୍ରହ ଓ କର୍ତ୍ତବ୍ୟପରାୟଣ ହେଲେ ଛାତ୍ରର ପରିବର୍ତ୍ତନ ଆସିବ ଓ ସେ ଦେଶ ପାଇଁ ସାର୍ଥକ। ଉପଯୁକ୍ତ ନାଗରିକ ଗଢ଼ିପାରିବ।

ଏଥର ପ୍ରଭୁପାଦର ପାଳି ପଡ଼ିଲା। ସେ କହିଲା- ଆରମ୍ଭ ଓ ଶେଷ ହେଉଛି ଦୈବ୍ୟତ୍ୱର ପ୍ରତୀକ। ବୀଜ ଏକ। ସବୁ ବୀଜ ଚୋପା ଦ୍ୱାରା ଆଚ୍ଛାଦିତ। ଏ ସାରା ବିଶ୍ୱର ଚୋପା ହିଁ ପ୍ରକୃତି। ପ୍ରକୃତି ଓ ସଚରାଚର ଜଗତ, ପଞ୍ଚମହାଭୂତ ମନୁଷ୍ୟ ସ୍ଥିତି ପାଇଁ ଭଗବାନ୍‌ଙ୍କ ଦ୍ୱାରା ସୃଷ୍ଟି କରାଯାଇଛି। ପଞ୍ଚକୋଷ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ମନ, ହୃଦୟ, ବୁଦ୍ଧି ଏସବୁ ଭଗବାନ୍‌ଙ୍କ ଦ୍ୱାରା ସୃଷ୍ଟି। ପକ୍ଷୀର ରାବ, ଫୁଲର ସୁଗନ୍ଧ, ନକ୍ଷତ୍ରର ସୌନ୍ଦର୍ଯ୍ୟ, ଭଗବାନ୍ ମନୁଷ୍ୟକୁ ଆଦର୍ଶ ଶିକ୍ଷା ଓ ପ୍ରେମ ସୃଷ୍ଟି ନିମନ୍ତେ ସୃଷ୍ଟି କରିଥିଲେ ମଧ୍ୟ ଆଜିକାଲିର ଶିକ୍ଷାରେ ଆଧ୍ୟାତ୍ମିକ ଶିକ୍ଷାର ଚିହ୍ନବର୍ଣ୍ଣ ନାହିଁ ବରଂ ଯୌନଶିକ୍ଷା ପ୍ରଚଳିତ କରାଯାଉଛି। ଭଗବାନ୍ ଓ ପ୍ରକୃତି ପ୍ରତି ଆନୁଗତ୍ୟର ଶିକ୍ଷା ଦିଆଯାଉନାହିଁ, ଯାହା ସମସ୍ତ ଦୁଃଖର କାରଣ। ମୋ ମତରେ ଆଧ୍ୟାତ୍ମିକ ଶିକ୍ଷା ଓ ବୈଷୟିକ ଶିକ୍ଷାର ମିଳନ ହିଁ ପ୍ରକୃତ ଶିକ୍ଷା ହେବା ଉଚିତ। କରତାଳିରେ ଗୃହ କମ୍ପି ଉଠିଲା। ସଂଯୋଜକ ଏକ ଉତ୍ସବରେ ପରବର୍ତ୍ତୀ ସମୟରେ ପୁରସ୍କାର ଦେବା ଘୋଷଣା କଲେ। ମୁଁ ଆଶ୍ୱସ୍ତ ହେଲି। ଆପଣମାନଙ୍କଠାରୁ ଦିଗ୍‌ଦର୍ଶନ ପାଇଲେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଛାତ୍ର ବାଛିବାରେ ସହାୟକ ହେବି। ଆପଣଙ୍କ ମତାମତ ସମ୍ପର୍କରେ।

**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ସରକାରୀ ସ୍କୁଲଗୁଡ଼ିକର କ୍ଲାସ୍‌ରୁମ୍‌କୁ ଡିଜିଟାଲ ହବ୍ କରିବାରେ ଅଭିଷେକ ଦୁବେଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ଗ୍ୱାଲିୟର ଜନ୍ମିତ ଅଭିଷେକ ୨୦୧୭ରେ 'ମୁସ୍କାନ ଡ୍ରିମ୍' ନାମକ ଏନ୍‌ଜିଓ ପ୍ରତିଷ୍ଠା କରି ତା'ମାଧ୍ୟମରେ ଏହା କରୁଛନ୍ତି। ଏବେ ସେ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶର ୧,୦୦୦ ସରକାରୀ ସ୍କୁଲରେ ଡିଜିଟାଲ କ୍ଲାସ୍‌ରୁମ୍‌ରେ ଆନିମେଟେଡ୍ ଏନ୍‌ସିଆର୍‌ଟି ପାଠ୍ୟକ୍ରମ ସାମିଲ କରି ପିଲାଙ୍କୁ ପଢ଼ାଉଛନ୍ତି। ଅଭିଷେକ ଏବଂ ତାଙ୍କ ୨୦୦ ଜଣିଆ ଟିମ୍ ଗଣିତ, ବିଜ୍ଞାନ ସମେତ ଇଂଲିଶ ମଧ୍ୟ ପଢ଼ାଉଛନ୍ତି। ୨୦୧୬ରୁ ଆରମ୍ଭ କରିଥିବା ଏହି ଅଭିଯାନରେ ସେ ଏବେସୁଦ୍ଧା ୧ ଲକ୍ଷ ପିଲାଙ୍କୁ ଯୋଡ଼ିସାରିଲେଣି। ଆନିମେଟେଡ ଡିଜିଟାଲ କ୍ଲାସ୍ ମାଧ୍ୟମରେ ସରକାରୀ ସ୍କୁଲର ଗରିବ ପିଲାମାନେ ବେଶି ଉପକୃତ ହେଉଛନ୍ତି। ପ୍ରଥମେ ଡିଜିଟାଲ କ୍ଲାସ୍ ଆରମ୍ଭ କରିବା ସମୟରେ ମାତ୍ର ୭୯ ଛାତ୍ର ଥିଲେ ଏବଂ ପରେ ୩ ରାଜ୍ୟରେ ୧ ଲକ୍ଷରେ ପହଞ୍ଚିଲାଣି। ତେବେ ୨୦୨୫ ସୁଦ୍ଧା ୧୦ ଲକ୍ଷ ପିଲାଙ୍କୁ ଡିଜିଟାଲ ହବ୍‌ରେ ସାମିଲ କରିବାର ଲକ୍ଷ୍ୟ ରଖିଛନ୍ତି ଅଭିଷେକ।

## ୨୫ ବର୍ଷ ତଳର ଧରିତ୍ରୀ

**୨୨ ଅଗଷ୍ଟ ୧୯୯୮**

- ଆମେରିକାର କ୍ଷେପଣାସ୍ତ୍ର ଆକ୍ରମଣରେ ଆଫଗାନିସ୍ତାନ, ସୁଦାନ ଏବଂ ପାକିସ୍ତାନରେ ୨୬ ଜଣଙ୍କ ପ୍ରାଣହାନି।
- ବିହାର ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କ ସରକାରୀ ବାସଭବନ ଉପରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି।
- ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ଯୌନ ବ୍ୟାଭିଚାର ମାମଲାରେ କ୍ରାଇମବ୍ରାଞ୍ଚ ପୋଲିସର ତଦନ୍ତରେ ଶିଥିଳତା ନେଇ ଓଡ଼ିଶା ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏହି ଘଟଣାର ତଦନ୍ତ ଭାର ସିବିଆଇ ହାତରେ ନ୍ୟସ୍ତ କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 6 | | | | | | | 7 |
| | | | | | | 5 | | |
| 3 | | | 8 | | | | | 4 |
| 7 | 2 | | | 1 | | | | 6 |
| | | | | | 7 | | 1 | 9 |
| | | | | | | | 3 | |
| | | 8 | | | 9 | 6 | | |
| 6 | | | | | 3 | | | 8 |
| | 5 | | | 2 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 3 | 7 | 9 | 1 | 2 | 8 | 5 |
| 7 | 8 | 2 | 5 | 6 | 3 | 9 | 4 | 1 |
| 1 | 5 | 9 | 4 | 2 | 8 | 7 | 3 | 6 |
| 9 | 3 | 6 | 2 | 5 | 4 | 1 | 7 | 8 |
| 8 | 2 | 4 | 1 | 3 | 7 | 6 | 5 | 9 |
| 5 | 7 | 1 | 9 | 8 | 6 | 4 | 2 | 3 |
| 3 | 1 | 5 | 6 | 4 | 2 | 8 | 9 | 7 |
| 2 | 9 | 7 | 8 | 1 | 5 | 3 | 6 | 4 |
| 6 | 4 | 8 | 3 | 7 | 9 | 5 | 1 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୁଣା କିଣାବିକା ଜାଗାର ପଟ୍ଟା ମିଳୁନି

ମହାଶୟ,

ଏବେ କିଣାବିକା ହେଉଥିବା ଜାଗାଗୁଡ଼ିକର କବଲା ଓ ପଟ୍ଟା ଶୀଘ୍ର ମିଳିପାରୁଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ୧୦-୫୦ ବର୍ଷ ଭିତରେ ସେହି ପ୍ରଣାଳୀରେ ସେହି ରେଜିଷ୍ଟ୍ରି ଅଫିସରୁ କିଣାବିକା ହୋଇଥିବା ଜାଗାର ପଟ୍ଟା ବର୍ଷ ବର୍ଷ ଧରି ପଡ଼ିରହିଛି ଓ ଆଜି ପର୍ଯ୍ୟନ୍ତ ମିଳିପାରୁନାହିଁ। ଫଳରେ ସମସ୍ତ ବୟସ୍କ ବ୍ୟକ୍ତି ଏହାଦ୍ୱାରା ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି। ନିଜର କଷ୍ଟାର୍ଜିତ ଧନ ଦ୍ୱାରା କିଣାଯାଇଥିବା ଜାଗାର ପଟ୍ଟା ନ ହୋଇଥିବାରୁ ବିକ୍ରେତା ପୁଣି ସେହି ଜାଗାକୁ ବିକ୍ରି କରିବାରେ ସକ୍ଷମ ହେଉଛନ୍ତି। କାରଣ ଇସିରେ ପୁରୁଣା କିଣାବିକା ହୋଇଥିବା ତଥ୍ୟ ଦର୍ଶାଉନାହିଁ ଓ ସମସ୍ତ ବରିଷ୍ଠ ନାଗରିକ କୋର୍ଟର ଦ୍ୱାରସ୍ଥ ହେବାକୁ ବାଧ୍ୟ ହେଉଛନ୍ତି। ରେଜିଷ୍ଟ୍ରି ଅଫିସରେ ସମ୍ପୃକ୍ତ ଜାଗାକୁ ପୁଣି ବିକ୍ରି ବନ୍ଦ ନିମନ୍ତେ ଦରଖାସ୍ତ କଲେ ଗ୍ରହଣ କରାଯାଉନାହିଁ। ଏଥିପ୍ରତି ସରକାର ଧ୍ୟାନ ଦିଅନ୍ତୁ ଏବଂ ସମସ୍ତ ପୁରୁଣା କିଣାବିକା ହୋଇଥିବା ଜାଗାର ପଟ୍ଟା ପ୍ରଦାନ କରନ୍ତୁ ଓ ସେହି ଜାଗାର ପୁନଃ ବିକ୍ରି ବନ୍ଦ କରାଯାଉ।

**-ଶକୁନ୍ତଳା ଦେଈ, ଆଠଗଡ଼, କଟକ**

## ଚିରନ୍ତନୀ

ମୁହୂର୍ତ୍ତକେ ଉଦେ ହୋଇ ମୁହୂର୍ତ୍ତକେ ପଡ଼ିଲେ ମଉଳି
ନବୋଦ୍‌ଗତ ଅଙ୍କୁରଟି ରବିକରେ ନଇଁଲେ ଝାଉଁଳି,
ଅକାରଣ ନୁହେ ତା'ର କ୍ଷଣିକ ବିକାଶ-
ଅକଳଙ୍କ ସୃଷ୍ଟିର ନିୟତ୍ପ୍ରୟାସ।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





ଆଗାମୀ ବିଧାନସଭା ନିର୍ବାଚନ ଲାଗି ହାଇଦ୍ରାବାଦଠାରେ ସୋମବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ବିଆର୍‌ଏସ୍ ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ ପ୍ରାର୍ଥୀ ତାଲିକା ଘୋଷଣା କରୁଛନ୍ତି।

# ୨ ଆସନରୁ ଲଢ଼ିବେ କେସିଆର୍

■ ତେଲଙ୍ଗାନା ବିଧାନସଭା ନିର୍ବାଚନ

■ ୧୧୫ ପ୍ରାର୍ଥୀଙ୍କ ତାଲିକା ଘୋଷଣା କଲା ବିଆର୍‌ଏସ୍

ହାଇଦ୍ରାବାଦ,୨୧।୮

ତେଲଙ୍ଗାନା ବିଧାନସଭା ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ଭାରତ ରାଷ୍ଟ୍ରୀୟ ସମିତି(ବିଆର୍‌ଏସ୍) ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ସୋମବାର ୧୧୫ ବିଧାନସଭା ଆସନ ଲାଗି ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଏଥିସହ ସେ ନିଜେ ଗଜୱେଲ ଓ କାମରେଡ୍ଡୀ ଭଳି ଦୁଇଟି ଆସନରୁ ନିର୍ବାଚନ ଲଢ଼ିବେ ବୋଲି ମଧ୍ୟ ଘୋଷଣା କରିଛନ୍ତି। ରାଜ୍ୟର ୧୧୯ଟି ଆସନ ଲାଗି ନିର୍ବାଚନ ହେବାକୁ ଥିବାବେଳେ କେସିଆର୍‌ଙ୍କ ଏହି ପ୍ରାର୍ଥୀ ତାଲିକା ଘୋଷଣା ବିରୋଧୀ କଂଗ୍ରେସ ଓ ଭାଜପାକୁ ଚକିତ କରିଛି। ୨୦୧୮ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ କେସିଆର୍ ଗଜୱେଲ ଆସନରୁ ବିଜୟୀ ହୋଇଥିଲେ। ଏଥିସହ ତାଙ୍କ ଦଳ ବିଆର୍‌ଏସ୍ (ସେତେବେଳର ଟିଆର୍‌ଏସ୍) ୮୮ ଆସନରେ ବିଜୟୀ ହୋଇଥିବାବେଳେ କଂଗ୍ରେସ ୧୯ଟି, ଏଆଇଏମ୍‌ଏମ୍ ୭ଟି ଆସନରେ ହୋଇଥିଲା। ଭାଜପା ମାତ୍ର ଗୋଟିଏ ଆସନରେ ସନ୍ତୁଷ୍ଟ ହୋଇଥିଲା। ଚଳିତ ଥର ତାଙ୍କ ଦଳ ୯୫ରୁ ୧୦୫ ଆସନରେ ବିଜୟୀ ହୋଇ ପୁନର୍ବାର କ୍ଷମତାକୁ ଫେରିବ ବୋଲି ସେ କହିଛନ୍ତି। କେସିଆର୍ କହିଛନ୍ତି ତାଙ୍କ ଦଳ ଏଆଇଏମ୍‌ଏମ୍ ସହ ୨୦୧୪ରୁ ଏକାଠି କାମ କରି ଆସୁଛି, ଯାହା ଆଗାମୀ ଦିନରେ ଜାରି ରହିବ। ସେହିପରି ୨୦୨୪ ଲୋକ ସଭା ନିର୍ବାଚନକୁ ନେଇ କେସିଆର୍ କହିଛନ୍ତି, ବିଆର୍‌ଏସ୍ ଏବଂ ଏଆଇଏମ୍‌ଏମ୍ ମିଳିତ ଭାବେ ରାଜ୍ୟର ୧୭ଟି ଲୋକ ସଭା ଆସନରେ ବିଜୟୀ ହେବ। ଅକ୍ଟୋବର ୧୬ରେ ୱାରାଙ୍ଗଲ୍‌ରେ ଏକ ର୍‍ୟାଲି ଅନୁଷ୍ଠିତ ହେବ। ଏହି ଅବସରରେ ସେ ତାଙ୍କର ନିର୍ବାଚନ ଇସ୍ତାହାର ପ୍ରକାଶ କରିବେ ବୋଲି ବିଆର୍‌ଏସ୍ ସୁପ୍ରିମୋ କହିଛନ୍ତି। ତାଙ୍କ ଦଳ ସିପିଆଇ ଏବଂ ସିପିଆଇ(ଏମ୍)ସହ ମେଣ୍ଟ କରିବ କି ବୋଲି ପ୍ରଶ୍ନ କରାଯିବାରୁ କେସିଆର୍ କହିଥିଲେ, ତାଙ୍କ ଦଳ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିସାରିବା ପରେ ଏବେ ଆଉ କୌଣସି ମେଣ୍ଟର ଆବଶ୍ୟକତା ନାହିଁ।

# ‘ନୀତୀଶ କୁମାରଙ୍କ ନାଁ ବି ବଦଳିଯିବ’

## ପାର୍କର ନାମ ପରିବର୍ତ୍ତନକୁ ନେଇ ନୀତୀଶ ସରକାରଙ୍କୁ ଟାର୍ଗେଟ କଲେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ

ପାଟନା,୨୧।୮



ନିତ୍ୟାନନ୍ଦ ରାୟ



ନୀତୀଶ କୁମାର

ପାଟନାରେ ଏକ ପାର୍କର ନାମ ପରିବର୍ତ୍ତନ କରିଛନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ତେଜ ପ୍ରତାପ ଯାଦବ। ଏହାକୁ ନେଇ ସୋମବାର ରାଜନୀତି ସରଗରମ ହୋଇଛି। କଙ୍କଡବାଗରେ ଅବସ୍ଥିତ ଏକ ପାର୍କର ନାମ ପୂର୍ବରୁ କୋକନଟ ପାର୍କ ଥିଲା କିନ୍ତୁ ଅଟଳ ବିହାରୀ ବାଜପେୟୀଙ୍କ ମୃତ୍ୟୁ ପରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ଅଟଳ ପାର୍କ ରଖାଯାଇଥିଲା। ଏବେ ପୁଣି ଏହାର ନାମ ପରିବର୍ତ୍ତନ କରାଯାଇ କୋକନଟ ପାର୍କ ରଖାଯାଇଛି। ଏହି ଘଟଣାକୁ ନେଇ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଅଟଳ ବିହାରୀ ବାଜପେୟୀ ଭାରତ ଏବଂ ବିହାରର ହୃଦୟରେ ଅଛନ୍ତି। ସେମାନେ ପାର୍କର ନାମ ପରିବର୍ତ୍ତନ କରି ଅଟଳ ବିହାରୀ ବାଜପେୟୀଙ୍କ ନାମକୁ ଅପବିତ୍ର କରିବାକୁ ଚାହୁଁଛନ୍ତି। ଏହା ଏକ ବିରାଟ ପରିବର୍ତ୍ତନ। ଭାରତ ରତ୍ନ ଅଟଳଜୀଙ୍କ ନାମ ପରିବର୍ତ୍ତନ କରିବା ଅତ୍ୟନ୍ତ ଅପମାନଜନକ। ଯଦି ଏହା ବନ୍ଦ ନ ହୁଏ ତେବେ ତେଜସ୍ୱୀ ଯାଦବ ମଧ୍ୟ ଦିନେ ନୀତିଶ କୁମାରଙ୍କ ନାମ ପରିବର୍ତ୍ତନ କରିଦେବେ। ନାଁ ପରିବର୍ତ୍ତନ ନ କରିବାକୁ ନୀତୀଶ କୁମାରଙ୍କୁ ଅନୁରୋଧ କରାଯାଇଛି। ଅପରପକ୍ଷେ ଜେଡିୟୁ ଜାତୀୟ ସଭାପତି ଲଲନ ସିଂ କହିଛନ୍ତି, ଯଦି ନରେନ୍ଦ୍ର ମୋଦିଙ୍କ ସରକାର ୨୦୨୪ରେ ଆସନ୍ତି, ତେବେ ସେ ଆମ୍ବେଦକରଙ୍କ ସମ୍ବିଧାନର ନାମକୁ ‘ନରେନ୍ଦ୍ର ମୋଦି ସମ୍ବିଧାନ’ ରେ ପରିବର୍ତ୍ତନ କରିଦେବେ। ଏହା ଉପରେ ମତ ଦେଇ କେନ୍ଦ୍ର ମନ୍ତ୍ରୀ ନିତ୍ୟାନନ୍ଦ କହିଛନ୍ତି, ଲଲନ ସିଂ ଆଦୌ ସମ୍ବିଧାନ ବୁଝନ୍ତି ନାହିଁ। ଆମ୍ବେଦ୍‌କରଙ୍କ ସମ୍ବିଧାନ ସହିତ ନରେନ୍ଦ୍ର ମୋଦି ସାଢେ ନଅ ବର୍ଷ ମଧ୍ୟରେ ଦେଶ ତଥା ସମାଜର ସେବା କରିଛନ୍ତି। ଭାରତର ଆଇନ ବ୍ୟବସ୍ଥା ଅପେକ୍ଷା ପାକିସ୍ତାନର ଆଇନ ବ୍ୟବସ୍ଥା ଭଲ ବୋଲି ଜେଡିୟୁ ଅଭିଯୋଗ କରିଛି। ଏହା ଉପରେ ମତ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ, ସେ କହିଛନ୍ତି ଜେଡିୟୁ ଲୋକେ ଥରେ ପାକିସ୍ତାନ ଗସ୍ତ କରିବା ଜରୁରୀ। ମୁଦ୍ରାସ୍ଫୀତି, ଆତଙ୍କବାଦର ରାଜତ୍ୱକୁ କିଭଳି ତାହା ମଧ୍ୟ ଦେଖିବା ଆବଶ୍ୟକ। ଆମ ଦେଶର ଲୋକେ ପାକିସ୍ତାନ ମୁର୍ଦାବାଦ କୁହନ୍ତି କିନ୍ତୁ ଜେଡିୟୁ-ଆରଜେଡି ଏବଂ କଂଗ୍ରେସର ଲୋକେ ପାକିସ୍ତାନ ଜିନ୍ଦାବାଦ କହିଥାନ୍ତି।

# ରାଜୀବଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଯୁବପିଢ଼ି: ଶରତ

ଭୁବନେଶ୍ୱର,୨୧।୮(ଅନିଲ ଦାସ)

ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସର୍କଲ ପକ୍ଷରୁ ଜୟଦେବ ଭବନରେ ରାଜୀବ ଗାନ୍ଧୀଙ୍କ ୭୯ତମ ଜନ୍ମବାର୍ଷିକୀ, ରାଜୀବ ଗାନ୍ଧୀ ଶିକ୍ଷା ଓ ପ୍ରତିଭା ସମ୍ମାନ ଉତ୍ସବ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସମଗ୍ର ଭାରତ ବର୍ଷରେ ଦାରିଦ୍ର୍ୟ ଏବଂ ନିରକ୍ଷରତାକୁ ସମୂଳେ ନଷ୍ଟ କରାଯାଇପାରିଲେ ଯୁବପିଢ଼ିଙ୍କ ଦ୍ୱାରା ଏକ ନୂତନ ଭାରତ ଗଢ଼ାଯାଇପାରିବ ବୋଲି ରାଜୀବ ଗାନ୍ଧୀଙ୍କର ପ୍ରୟାସ ରହିଥିଲା। ଆଜିର ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାର ଆବଶ୍ୟକତା ରହିଛି। ଏଥିରେ ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ତଥା ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ପ୍ରଶାସକ ସୁରେଶ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ।

# ‘ଇଣ୍ଡିଆ’ ବୈଠକରେ ଯୋଗଦେବ ଏଏପି

**ନୂଆଦିଲ୍ଲୀ,୨୧।୮:** ମୁମ୍ବାଇରେ ହେବାକୁ ଥିବା ‘ଇଣ୍ଡିଆ’ ବୈଠକରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସାମିଲ ହେବ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏନେଇ ସୂଚିତ କରିଛନ୍ତି। ସୂଚନାଯୋଗ୍ୟ, ‘ଇଣ୍ଡିଆ’ର ମୁମ୍ବାଇ ବୈଠକ ଆସନ୍ତା ୩୧ ଅଗଷ୍ଟ ଏବଂ ୧ସେପ୍ଟେମ୍ବରରେ ଅନୁଷ୍ଠିତ ହେବ। କେତେକ ପ୍ରସଙ୍ଗରେ କେଜ୍‌ରିୱାଲ ଏବଂ କଂଗ୍ରେସ ମଧ୍ୟରେ ମତଭେଦକୁ ନେଇ ସେ ଏହି ବୈଠକରେ ଯୋଗଦେବେ କି ନାହିଁ ସନ୍ଦେହ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ତାହା ସ୍ପଷ୍ଟ ହୋଇଛି ଯେ କେଜ୍‌ରିୱାଲ ଏହି ବୈଠକରେ ସାମିଲ ହେବାକୁ ଯାଉଛନ୍ତି। ତେବେ ଏହି ବୈଠକକୁ ନେଇ ଏବେଠୁ ଆଲୋଚନା ଆରମ୍ଭ ହେଲାଣି।

# ଜିଲା ସଭାପତିଙ୍କ ଅଧ୍ୟକ୍ଷତାରେ ହେବ ନେତୃତ୍ୱ ବିକାଶ କମିଟି

## କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମିଳିତ କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଏକ ମିଳିତ କାର୍ଯ୍ୟକାରିଣୀ ବୈଠକ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଂଗ୍ରେସ ଭବନ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଖିଳ ଭାରତ କଂଗ୍ରେସ କମିଟି (ଏସ୍.ସି.,ଏସ୍.ଟି., ଓ.ବି.ସି ଓ ସଂଖ୍ୟାଲଘୁ) ବିଭାଗ ସଂଯୋଜକ କେ. ରାଜୁ କହିଛନ୍ତି, ୧୪୭ ବିଧାନସଭା ଆସନ ମଧ୍ୟରୁ ସଂରକ୍ଷିତ ୫୭ଟି ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ନେତୃତ୍ୱ ବିକାଶ ମିଶନ ଗଠନ କରାଯାଇଛି। ୩୩ଟି କଂଗ୍ରେସ ସାଙ୍ଗଠନିକ ଜିଲାର ସଭାପତିଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ନେତୃତ୍ୱ ବିକାଶ କମିଟି ଗଠନ କରାଯିବା ପାଇଁ ରାଜୁ ପ୍ରକାଶ କରିଛନ୍ତି। ଏହି କମିଟିଗୁଡ଼ିକ ସଂରକ୍ଷିତ ନିର୍ବାଚନମଣ୍ଡଳୀଗୁଡ଼ିକରେ ନୂତନ ନେତୃତ୍ୱ ସୃଷ୍ଟି ଏବଂ ଉକ୍ତ ବର୍ଗର କଂଗ୍ରେସ କର୍ମୀ ଓ ନେତାଙ୍କୁ ଦଳରେ ଯେପରି ଅଧିକ ପ୍ରାଧାନ୍ୟ ମିଳିବ ସେ ନେଇ ରାଜୁ ଆଲୋକପାତ କରିଛନ୍ତି। ଏଆଇସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ରାଜେଶ ଲିଲୋଠିଆ କହିଛନ୍ତି, ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ୨୪ଟି ବିଧାନସଭା ଆସନରେ ପ୍ରାର୍ଥୀ ଚୟନବେଳେ ରାଜ୍ୟ ନିର୍ବାଚନ କମିଟି ପ୍ରକୃତ ନେତୃତ୍ୱ ଆବେଦନକୁ ଉପଯୁକ୍ତ ବିଚାର କରାଯିବାର ଆବଶ୍ୟକତା ରହିଛି। ସାମ୍ପ୍ରତିକ ସ୍ଥିତିରେ ରାଜ୍ୟରେ ବିଜେଡି ସରକାର କେନ୍ଦ୍ର ଭାଜପା ପାଖରେ ଶରଣ ପଶିଥିଲାବେଳେ ସାଧାରଣ ଲୋକେ ରାଜ୍ୟ ସରକାରଙ୍କ ଉପରେ ଖପ୍ପା ଅଛନ୍ତି। ତେଣୁ କଂଗ୍ରେସ ନେତୃତ୍ୱ ଏ ସରକାରର ଜନବିରୋଧୀ ନୀତିକୁ ଆଧାର କରି ସାଧାରଣ ଭୋଟରଙ୍କ ପାଖକୁ ଯିବା ପାଇଁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଏହି ଅବସରରେ ଶରତ କହିଛନ୍ତି, ଦୀର୍ଘ ୨୩ ବର୍ଷ ଶାସନରେ ଉଭୟ ବିଜେଡି ଓ ଭାଜପା ସରକାର ଆଦିବାସୀ, ଦଳିତ ଓ ଅନୁସୂଚିତ ଜାତିଙ୍କ ଉପରେ ଅତ୍ୟାଚାର କରିଛନ୍ତି। ଏ ପର୍ଯ୍ୟନ୍ତ କଳିଙ୍ଗନଗରର ମାଟିରୁ ଆଦିବାସୀଙ୍କ ରକ୍ତର ଦାଗ ଲିଭିନାହିଁ ବୋଲି ସେ କହିଛନ୍ତି।

# ଡେଙ୍ଗୁ ମୁକାବିଲା କ୍ଷେତ୍ରରେ ସରକାର ପଙ୍ଗୁ: ଭାଜପା

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

ରାଜ୍ୟରେ ଡେଙ୍ଗୁ ରୋଗ ‘ନିୟନ୍ତ୍ରଣହୀନ’ ହୋଇପଡିଥିବା ବେଳେ ଏହାର ମୁକାବିଲାରେ ରାଜ୍ୟ ସରକାର ‘ପଙ୍ଗୁ’ ହୋଇପଡିଛନ୍ତି। ରାଜ୍ୟସାରା ଡେଙ୍ଗୁ ଆତଙ୍କ ସୃଷ୍ଟି କରିଛି ଏବଂ ବିଶେଷ ଭାବେ ଭୁବନେଶ୍ୱର ଓ କଟକରେ ଏହା ଭୟଙ୍କର ରୂପ ନେଇଛି। କେବଳ ଭୁବନେଶ୍ୱରରେ ୧୫ ଶହ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୦ରୁ ଅଧିକ ପୀଡିତଙ୍କ ମୃତ୍ୟୁ ସମସ୍ତଙ୍କୁ ଭୟଭୀତ କରିଛି। ଭୁବନେଶ୍ୱର ଓ କଟକର ପ୍ରତି ୩ ଘରେ ଜଣେ ଡେଙ୍ଗୁ ପୀଡିତ। ରାଜ୍ୟରେ ସ୍ୱାୟତ୍ତ ଶାସନ ବାଟବଣା ହୋଇଛି। ରାଜଧାନୀ ସହରରେ ସ୍ୱାସ୍ଥ୍ୟ ବିଭାଗ ଓ ବିଏମ୍‌ସି ଉଭୟଙ୍କ ଦାୟିତ୍ୱହୀନତା ପାଇଁ ସାଧାରଣ ଲୋକ ଅକାଳରେ ପ୍ରାଣ ହରାଉଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି, ପ୍ରତିବର୍ଷ ଡେଙ୍ଗୁ କାୟା ବିସ୍ତାର କରିଚାଲିଛି । ୨୩ ବର୍ଷ ଶାସନରେ ରହିବା ସତ୍ତ୍ୱେ ବିଜେଡି ସରକାରର ‘ପରିମଳ ପରିଚାଳନା’ ସମ୍ପୂର୍ଣ୍ଣ ଫେଲ୍ ହେବାରୁ ଡେଙ୍ଗୁ ପ୍ରତିବର୍ଷ ବଢି ଚାଲିଛି । ସର୍ବଦା ଚିତ୍କାର କରି ‘ପ୍ରତ୍ୟେକ ଜୀବନ ମୂଲ୍ୟବାନ’ ବୋଲି କହୁଥିବା ମୁଖ୍ୟମନ୍ତ୍ରୀଙ୍କ ପାଇଁ ଡେଙ୍ଗୁରେ ଆକ୍ରାନ୍ତ ପୀଡିତଙ୍କ ଜୀବନ କ’ଣ ମୂଲ୍ୟହୀନ ବୋଲି ଦିଲୀପ ପ୍ରଶ୍ନ କରିଛନ୍ତି।

# ଭାବାବେଗକୁ ପରିପ୍ରକାଶ କରେ ସାହିତ୍ୟ: ଧର୍ମେନ୍ଦ୍ର





## ‘ଜଙ୍ଗଲ କୁଲପତି କି କଥା’ ପୁସ୍ତକ ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

କୌଣସି ବସ୍ତୁ ବା ବିଷୟକୁ ବୁଝିବାକୁ ହେଲେ ତାହାର ଅନ୍ତର୍ନିହିତ ବିଚାରକୁ ଜାଣିବା ପାଇଁ ପଡ଼ିଥାଏ। ତତ୍ତ୍ୱ ସାହିତ୍ୟ, ବିଚାର ତଥା ଅନୁଭବରୁ ତାହା ମିଳିଥାଏ ବୋଲି ସୋମବାର ନୂଆଦିଲ୍ଲୀଠାରେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାହିତ୍ୟିକ ପ୍ରଫେସର ଟିବି କଟ୍ଟିମନୀଙ୍କ ଲିଖିତ ପୁସ୍ତକ ‘ଜଙ୍ଗଲ କୁଲପତି କି କଥା’ ପୁସ୍ତକ ଉନ୍ମୋଚନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସାହିତ୍ୟ ଜନସାଧାରଣଙ୍କ ଆବେଗ ଓ ଭାବାବେଗକୁ ପରିପ୍ରକାଶ କରେ। ସାଧାରଣ ବ୍ୟକ୍ତି ଓ ସାହିତ୍ୟିକଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ଯେତେବେଳେ ସାହିତ୍ୟିକ ଲେଖନୀ ଚାଳନା କରେ, ତାଙ୍କ ଦ୍ୱାରା ସୃଜନଶୀଳତା ଜନ୍ମ ନେଇଥାଏ। ଏହାସହ ସାହିତ୍ୟର ବିଚାର ମଧ୍ୟ ସୃଷ୍ଟି ହୋଇଥାଏ। ସାହିତ୍ୟିକମାନେ ସମାଜର ବଞ୍ଚିତ ବର୍ଗଙ୍କ ଅଭିବ୍ୟକ୍ତି, ଅସହାୟଙ୍କ କଥା ସହ ସେମାନଙ୍କ ସମାଧାନର ରାସ୍ତା ଦେଖାଇବା ଦରକାର। ଏହି ପୃଷ୍ଠଭୂମିରେ ବର୍ତ୍ତମାନ ଉନ୍ମୋଚିତ ପୁସ୍ତକ ସାମାଜିକ ସଂଘର୍ଷ ଏବଂ ଦୁର୍ଗମ କ୍ଷେତ୍ରରେ ଏକ ବିଶ୍ୱବିଦ୍ୟାଳୟ ବନାଇବାର କଥା ଅନ୍ତର୍ନିହିତ। ଜନଜାତି ସମୁଦାୟଙ୍କ ଆତ୍ମବିଶ୍ୱାସ ଏବଂ ସେମାନଙ୍କ ଅଭିବ୍ୟକ୍ତିର କଥା ଉପରେ ଉଲ୍ଲେଖ ରହିଛି। ମୂଳ ବିଷୟ ସହିତ ଯୋଡ଼ି ହେବା ସହ ଭବିଷ୍ୟତଗାମୀ ହେବା ଦିଗରେ ଏହି ପୁସ୍ତକ ଏକ ପ୍ରେରଣା। ନିଜର ଅନୁଭବକୁ ଏଭଳି ଅଭିନବ ଉପାୟରେ ପୁସ୍ତକ ଆକାରରେ ପ୍ରସ୍ତୁତ କରିଥିବାରୁ ଧର୍ମେନ୍ଦ୍ର ଲେଖକଙ୍କୁ ଧନ୍ୟବାଦ ଜଣାଇଛନ୍ତି।


**WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**

No. B-731 E-Mail Id -eepwdrkl@gmail.com

**Government of Orissa “e” Procurement Notice**

**Bid Identification No. 44/2023-24 Dated: 18.08.2023**

1. Number of Works : 01 (One) number of works
2. Estimated Cost : Rs.90.08 lakhs
3. Period of Completion : 4 (Four) Calendar Months
4. Date & time of availability of bid document in the portal : Dt.23.08.2023 at 11.00 A.M.
5. Last date/time for receipt of bids in the portal : Dt.04.09.2023 upto 05.00 P.M.
6. Date of Opening of Bid : Dt.05.09.2023 at 11.30 A.M.
7. Name and Address of the Officer Inviting Bid : Superintending Engineer, (R&B) Division, Rourkela, Uditnagar

Further details can be seen from the e-procurement portal **http//tendersorissa.gov.in**.

**Sd./- Superintending Engineer**
**R&B Division, Rourkela**
**OIPR-34068/11/0017/2324**

**GOVERNMENT OF ODISHA** **No. C-1113**
**HOUSING & URBAN DEVELOPMENT**
**OFFICE OF THE EXECUTIVE OFFICER, NAC, BARPALI**
E-mail Id: barpalinac@gmail.com

**BID IDENTIFICATION No. EOBRP/02/2023-24 Dated: 18.08.2023**

1. Type of the Work : Civil
2. No. of Works : 52 (Fifty Two)
3. Class of Contractor : “D” or “C”
4. Bid Identification No. : EOBRP/02/2023-24
5. Estimated Cost : As per DTCN
6. Period of Completion : As per DTCN
7. Date and time of availability of Bid documents in the Portal : Dt.22.08.2023 at 11.00 A.M. to Dt.01.09.2023 upto 5.00 P.M.
8. Last date/time for receipt of Bids in the Portal : Dt.01.09.2023 upto 5.00 P.M.
9. Date of Opening of Bid : Dt.02.09.2023 at 11.00 A.M. At: Office of the Executive Officer, NAC Barpali, At/P.O.: Barpali, Dist.: Bargarh - 768029, Odisha
10. Name and Address of the Officer Inviting Bid : Executive Officer, NAC, Barpali, At/P.O.: Barpali, Dist.: Bargarh - 768029
Email Id: : **barpalinac@gmail.com**

1. Any Addendum/Corrigendum/Cancellation/erratum of tender can also be seen in the said website.
2. Further details can be seen from Government website: **http://tenderodisha.gov.in** & official website: **www.nacbarpali.in**.

**Sd./- Executive Officer, NAC, Barpali**
**OIPR-13127/11/0004/2324**

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
E Mail ID: serw_balasore@yahoo.in, Ph.No.-06782-260318, Balia, Balasore
**“e” Procurement Notice for Bridge Work**
**Identification No.Online Tender Bridge N.C.B. No. 22 of 2023-24**
**Letter No. 3405/WE, Date: 16.08.2023**

**No.O-705:**1. Name of the Work :- Bridge work. 2. Total No. of Work :- 01 No. (One). 3. Estimated Cost :- Rs.647.66 lakh (Approximately). 4. Eligible Class of Contractor :- “Special” Class, “A” Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion :- 18 (Eighteen) Calendar Months (As per annexure). 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.22 of 2023-24 | 24.08.2023 at 11.00 A.M. | 07.09.2023 upto 5.00 P.M. | 05.09.2023 upto 5.00 P.M. | 08.09.2023 at 11.00 A.M. | Will be Intimated Later |

● Further details can be seen from the website **www.tendersodisha.gov.in.**

**Sd./- Er. S.K. Mishra**
**OIPR-25105/11/0024/2324** **Chief Construction Engineer, R.W.Circle, Balasore**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT/PO- NAYABAZAR, CUTTACK-753004, Tel.No.0671-2444488, Email:serw_kpd@yahoo.com
**No. Tender Online RCK-27/23 Letter No.2860, Date:17.8.23**
**e-Procurement NOTICE**

**No.O-704:**Name of the Work: Tender for the Bridge work under BSY in the Dist. of Kendrapara & Jajpur. 2.Class of Contractor: As specified in the Column-6 of the Annexure. 3. Time of completion: As specified in the Column-7 of the Annexure. 4.Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-27/23 | 28.08.2023 at 11.30 A.M. | 15.09.2023 to 05.00 P.M. | 15.09.2023 upto 02.00 P.M. | 16.09.2023 at 11.30 A.M. | To be intimated later |

Further details can be seen from the website www.tendersorissa.gov.in.

**Sd./- D.P. Karan**
**OIPR-25129/11/0027/2324** **Chief Construction Engineer, Rural Works Circle,Kendrapara-Jajpur**

**No. CAD-1766** **GOVERNMENT OF ODISHA** **Email: itdagnp@nic.in**
**OFFICE OF THE PROJECT ADMINISTRATOR**
**INTEGRATED TRIBAL DEVELOPMENT AGENCY, GUNUPUR**
**E-Procurement Notice**
**Bid Identification No. ITDAGNP - Online - 03/2023-24**
**No. 971/VII-89/2023** **Date: 19.08.2023**

1. Name of the Work : Construction of Building Works
2. Total No. of Works : 01 No. (Percentage rate tender)
3. Estimated Cost : As mentioned in Col. 3 of Annexure
4. Class of Contractor : As mentioned in Col. 5 of Annexure
5. Period of Completion : As mentioned in Col. 4 of Annexure
6. EMD : As mentioned in Col. 6 of Annexure
7. Paper Cost : As mentioned in Col. 7 of Annexure
8. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Project Administrator, I.T.D.A., Gunupur | ITDAGNP Online 03/2023-24 | 22.08.2023 at 10.00 A.M. | 05.09.2023 upto 5.00 P.M. | 05.09.2023 upto 1.00 P.M. | 15.09.2023 at 11.00 hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website: **www.tendersorissa.gov.in**.

**OIPR-26072/11/0009/2324** **Sd./- Project Administrator, I.T.D.A., Gunupur**

**ADVERTISEMENT**

No. RR-28: Applications are invited from the eligible fresh candidates for engagement of the Guest Faculties in the B.K. College of Art and Crafts, Bhubaneswar for the academic year 2023-24 functioning under the Odia Language, Literature and Culture Department, Govt. of Odisha as mentioned.

**Guest Lecturer (Department/Subject wise) :**
Indian Painting-1, Oil Painting-1, Crafts-1

Interested candidates are advised to apply in the plain paper application along with all photo copies of Educational Certificates and Mark sheets, latest by 28th August 2023 positively to the Office of the Principal, B.K. College of Art and Crafts, Khandagiri, Bhubaneswar-751030 personally. The application received after due date shall not be taken into consideration.

The minimum qualification for the post of Guest Lecturers shall be Master’s Degree in the concerned subject and preference will be given to the candidates having any higher qualification. The remuneration shall be paid to the Guest Faculties as per the Govt. approved rate.

The undersigned has reserved every right to reject any or all applications without assigning any reason thereof. The selection of the Screening committee is final.

**Principal**
**B.K. College of Art and Crafts**
**Bhubaneswar**
**OIPR-03031/11/0005/2324**

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- 'ଇମେଜ୍ ଓ ଇମାଜିନେଶନ୍' ଫଟୋ ପ୍ରଦର୍ଶନୀ, ବୁଦ୍ଧ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୧ଟା।
- 'ସମ୍ବଲପୁରୀ ଲୋକସାହିତ୍ୟ' ଉନ୍ମୋଚନ, ସୂଚନା ଭବନ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଚାଲାଣ ବେଳେ ୧୦ ଟନ୍ ଗୋମାଂସ ଜବତ, ୨ ଗିରଫ



ଖୁଣ୍ଟୁଣୀ, ୨୧।୮ (ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଟିଗିରିଆ ଅଞ୍ଚଳରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ଗୋମାଂସ ବୋଝେଇ ଏକ ଟ୍ରକକୁ ସୋମବାର ଭୋର ସମୟରେ ଖୁଣ୍ଟୁଣୀ ପୋଲିସ ସ୍ଥାନୀୟ ବଜାରରୁ ଜବତ କରିଛି। ଏହି ଘଟଣାରେ ଟ୍ରକ ଚାଳକ ଓ ହେଲ୍ପରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହାରାଷ୍ଟ୍ର ଓସମାନବାଦ ଜିଲା ଇଟାକଲ ଥାନା ଆନ୍ନାବହାଡ଼ ଗ୍ରାମର ତୁକରାମ ବିଶ୍ୱନାଥ ଗାଇକ୍ୱାର୍ଡ ଓ ସୋଲାପୁର ଜିଲା ଦକ୍ଷିଣ ସୋଲାପୁର ଥାନା ପିଞ୍ଜରବାଡ଼ି ଗ୍ରାମର ଆଲତାଫ ସତାର ନାଦାଫ। ଉକ୍ତ ଟ୍ରକ(ନଂ.ଏମ୍‌ଏଚ୍୨୫ଏକେ-୭୮୬୪)ରେ ୧୦ ଟନ୍ ଗୋମାଂସ ବୋଝେଇ ହୋଇ ଟିଗିରିଆରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଖବର ପାଇଥିଲେ। ସେ ତୁରନ୍ତ ଏହି ଟ୍ରକ୍‌କୁ ଅଟକାଇବାକୁ ପାଟ୍ରୋଲିଂ କରୁଥିବା ଏସ୍‌ଆଇ ବିକାଶ ସେଠୀଙ୍କୁ କହିଥିଲେ। ଖୁଣ୍ଟୁଣୀ ଛକରେ ସେଠୀ ଏହି ଟ୍ରକ୍‌କୁ ଜଗି ରହିଥିଲେ। ଟ୍ରକ୍‌ଟି ସେଠାରେ ପହଞ୍ଚିବା ମାତ୍ରେ ପୋଲିସ ଯାଞ୍ଚ କରିବାରୁ ସେଥିରେ ଗୋମାଂସ ଥିବା ଦେଖିବାକୁ ମିଳିଥିଲା। ପରେ ପୋଲିସ ଟ୍ରକ୍ ଚାଳକ ଓ ହେଲ୍ପରଙ୍କୁ ଗିରଫ କରିଥିଲା। ଆଠଗଡ଼ରୁ ଭେଟେରିନାରୀ ସର୍ଜନ ସୁଶାନ୍ତ କୁମାର ନାୟକ ଏବଂ ଡ. ଶୁଭଶ୍ରୀ ନାୟକ ପହଞ୍ଚି ମାଂସ ପରୀକ୍ଷା କରିଥିଲେ। ପରେ ଜବତ ମାଂସକୁ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ନୃସିଂହପୁର ଜଙ୍ଗଲରେ ପୋତି ଦିଆଯାଇଥିବା ଆଇଆଇସି ଖୁଣ୍ଟିଆ କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୧୬୬/୨୩) ରୁଜୁ ହୋଇଛି।

# 'ମେରି ମିଟି ମେରା ଦେଶ'ରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



## ଶହୀଦ ସ୍ମୃତିଫଳକ ଉନ୍ମୋଚନ

ଭୁବନେଶ୍ୱର,୨୧।୮ (ବନ୍ଦନା ସେଠୀ)

ବୀର ଯବାନ୍ ଏବଂ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଉଦ୍ଦେଶ୍ୟରେ ସୋମବାର ଓୟୁଏଟି ଭେଟେରିନାରି କଲେଜ ନିକଟରେ ଶହୀଦ ସ୍ମୃତିଫଳକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଦେଶପ୍ରେମର ପ୍ରସାର, ସାମାଜିକ ସଦ୍‌ଭାବର ପ୍ରଚାର ଏବଂ ବୀର ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଏବଂ ଓଡ଼ିଶା ଭେଟେରିନାରି କଲେଜ ଅଧ୍ୟକ୍ଷ ଡ. ସୁସେନ୍ ପରିଡ଼ା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ସିସି ଗ୍ରୁପ୍ ହେଡ୍‌କ୍ୱାର୍ଟର କଟକର ଗ୍ରୁପ୍ କମାଣ୍ଡର କଲୋନେଲ୍ ସତ୍ୟବ୍ରତ ସ୍ୱାଇଁ, ଏନ୍‌ସିସି କମାଣ୍ଡର ଡ. ସ୍ୱଦେଶ, ୱାନ୍ (ଓଡ଼ିଶା) ଆର୍ ଆଣ୍ଡ ଭି ସ୍କ୍ୱାର୍ଡନ ଅଫିସର କମାଣ୍ଡିଙ୍ଗ କଲୋନେଲ ପି. ଦିନାଥାୟାଲନ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବୈଜ୍ଞାନିକ ଡ. ଦେବ ପ୍ରସାଦ ମଲ୍ଲିକ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ଜମିରୁ ମାଙ୍କଡ଼ା ପଥର ଚାଲାଣ ଅଭିଯୋଗ

ଜଟଣୀ,୨୧।୮ (ରବୀନ୍ଦ୍ର ନାଥ ମହାକୁଡ଼)



ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅଞ୍ଚଳରେ ମାଙ୍କଡ଼ା ପଥର ଓ ମୋରମ ଉତ୍ତୋଳନ ସହ ଚାଲାଣ ହେଉଛି। ଏନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। କନ୍ତିଆ ଗ୍ରାମ ନିକଟରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକର ଏକର ଜମିରୁ ଗତ କିଛି ମାସ ହେବ ମାଫିଆମାନେ ଲକ୍ଷ ଲକ୍ଷ ଟନର ମୋରମ ଓ ପଥର କାଟି ଚାଲାଣ କରୁଛନ୍ତି। ଯାହା ଦ୍ୱାରା ଉକ୍ତ ଅଞ୍ଚଳରେ ଗୋଚର, ଅନାବାଦି ଜମି କ୍ଷତି ହେଉଥିବା ସହ ଗୋରୁ ଚରିବାକୁ ଜାଗା ମିଳୁନାହିଁ। ଏପରିକି ମୋରମ ଓ ପଥର ଖନନରୁ ବାହାରୁଥିବା ଧୂଳିରେ ସ୍ଥାନୀୟ ଗ୍ରାମବାସୀ ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା କରି ଭୟରେ ଦିନ ବିତାଉଛନ୍ତି। ଗ୍ରାମବାସୀଙ୍କ ଅସନ୍ତୋଷ ଓ ଅଭିଯୋଗ ପରେ କିଛିଦିନ ପୂର୍ବେ ଉକ୍ତ ପଥର ଖଣିରେ ଜଟଣୀ ପୋଲିସ ଚଢ଼ାଉ କରି ଦୁଇଟି ହାଇୱା, ଦୁଇଟି ଜେସିବି ଏବଂ ଗୋଟିଏ ପାୱାର ଟ୍ରିଲରକୁ ଜବତ କରି ଜଟଣୀ ତହସିଲ କାର୍ଯ୍ୟାଳୟକୁ ହସ୍ତାନ୍ତର କରିଥିଲା। କିଛଦିନର ନୀରବତା ପରେ ପୁଣି ଶ୍ରୀଜଗନ୍ନାଥଙ୍କ ଜମିରୁ ମାଫିଆମାନେ ମୋରମ ଓ ପଥର ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି। ତୁରନ୍ତ ଜିଲା ଓ ସ୍ଥାନୀୟ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। ସୂଚନାଥାଉ କି, ଜଟଣୀ ତହସିଲ ଅଧୀନ ବେଣାପଞ୍ଜରୀ, ରଥିପୁର, କନ୍ତିଆ ପାତ୍ରପଡା, ହରିପୁର, ଖୁଦୁପରୁ ତଥା ଆଇଆଇଟି ରାସ୍ତା ପାର୍ଶ୍ୱରେ ମାଫିଆମାନେ ଶ୍ରୀଜଗନ୍ନାଥଙ୍କ ଜମି ଓ ସରକାରୀ ଜମିରୁ ବେଆଇନଭାବେ ଖଣିରୁ ପଥର ଓ ମୋରମ ଉତ୍ତୋଳନ କରିଥିଲେ। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଜାତୀୟ ଓଡ଼ିଶା ସ୍ୱାଭିମାନ ସମ୍ମିଳନୀ




ସମ୍ମିଳନୀରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୨୧।୮ (ବନ୍ଦନା ସେଠୀ)

ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ, ନୂଆଦିଲ୍ଲୀ, ମହାନ୍‌ସଂଘ ଓ ଅନ୍ୟାନ୍ୟ ଓଡ଼ିଆ ସଂଗଠନର ସହଯୋଗରେ ସୋମବାର ସୂଚନା ଭବନଠାରେ ୧୩ତମ ଜାତୀୟ ଓଡ଼ିଶା ସ୍ୱାଭିମାନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ 'ଓଡ଼ିଶାର ସଂସ୍କୃତି ଓ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ କୁମାର ସାବତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସମ୍ମାନିତ ଅତିଥି ଭାବେ ଶିଳ୍ପ ଉଦ୍ୟୋଗୀ ପଦ୍ମଶ୍ରୀ ରବି ବସ୍ତିଆ, ଶିକ୍ଷାବିତ୍ ଡ. ବଦ୍ରି ପ୍ରସାଦ ପଟ୍ଟନାୟକ, ପରିବେଶବିତ୍ ଡ. ଦିଲୀପ ଶ୍ରୀଚନ୍ଦନ, ପ୍ରମୋଦ କୁମାର ମହାପାତ୍ର ଭାବେ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ 'ଓଡ଼ିଶାର ବିକାଶରେ ପ୍ରବାସୀ ଓଡ଼ିଆଙ୍କ ଭୂମିକା' ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଆଲୋଚକ ଭାବେ ନିର୍ବାଚନ କମିଶନ ପୂର୍ବତନ ଉପଦେଷ୍ଟା ଡ. ଭଗବାନ ପ୍ରକାଶ, ଉତ୍କଳ ପ୍ରସଙ୍ଗ ପୂର୍ବତନ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଏବଂ ଆରଇସିଏ ଲିଃ ମୁଖ୍ୟ ବିଜୟ କୁମାର ମହାନ୍ତି ଯୋଗଦେଇଥିଲ। ଉଦ୍‌ଯାପନୀ ସଭାରେ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ଜଣଙ୍କୁ ସମ୍ମାନିତ କରାଯାଇଥିଲା।

### ପୂର୍ବତନ କାଉନସିଲରଙ୍କ ନାଁରେ ଜାଲ୍ ଦସ୍ତଖତ: ଭୁଲ ମାଗି ଛାଡ଼ ପାଇଲେ ୩ ମହିଳା

ପୁରୀ, ୨୧।୮ (ଅଜିତ ମହାନ୍ତି)

ପୁରୀ ପୌରସଂସ୍ଥା ଅନ୍ତର୍ଗତ ୨୦ ନମ୍ବର ୱାର୍ଡରେ ହେଉଥିବା ଏକ ସରକାରୀ ପ୍ରକଳ୍ପ କାର୍ଯ୍ୟର ସର୍ବେକ୍ଷଣ ପାଇଁ ୩ଜଣ ମହିଳାଙ୍କୁ ନିୟୋଜିତ କରାଯାଇଥିଲା। ଏହି ସର୍ବେକ୍ଷଣ ପାଇଁ ଦସ୍ତାବିଜରେ ପୂର୍ବତନ କାଉନସିଲର ସୁଚିସ୍ମିତା ସାହୁଙ୍କ ଦସ୍ତଖତ ଆବଶ୍ୟକ ଥିଲା। ହେଲେ ସମ୍ପୃକ୍ତ ୩ ମହିଳା ଶୁଚିସ୍ମିତାଙ୍କୁ ନ ଜଣାଇ ତାଙ୍କ ନାମରେ ଜାଲ୍ ଦସ୍ତଖତ କରିଥିଲେ। ଏପରିକି ତାଙ୍କ ନାମରେ ମିଛ ଷ୍ଟାମ୍ପ ପ୍ରସ୍ତୁତ କରି ଏହାର ଅପବ୍ୟବହାର କରିଥିଲେ। ତେବେ ଏହି ଷ୍ଟାମ୍ପରେ ଲେଖାଯାଇଥିବା 'କାଉନସିଲର'ର ବନାନ ଭୁଲ ଥିଲା। ଉପରିସ୍ଥ ଅଧିକାରୀ ଏହି ତ୍ରୁଟି ପାଇଁ ସର୍ବେକ୍ଷଣ ଦସ୍ତାବିଜକୁ ଫେରାଇଦେଇଥିଲେ। ଏହା ଜାଣିବା ପରେ ସୁଚିସ୍ମିତା କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଥିଲେ। ତେବେ ସମ୍ପୃକ୍ତ ୩ ମହିଳା ନିଜର ଭୁଲ ସ୍ୱୀକାର କରି ଆଗକୁ ଏଭଳି କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଘଟଣାର ସମାଧାନ ହୋଇଥିଲା।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ



ଭୁବନେଶ୍ୱର,୨୧।୮ (ବନ୍ଦନା ସେଠୀ)

ଶହୀଦ ନଗର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ସଂଘର ସମ୍ପାଦକ ନିଶାକର ରାଉତ ନିଜ ଅଭିଭାଷଣରେ ବରିଷ୍ଠ ନାଗରିରଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ସମାଜରେ ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ କାର୍ଯ୍ୟାଳୟରେ ଉପଯୁକ୍ତ ସେବା ପ୍ରଦାନ କରାଯାଉ ନ ଥିବାବେଳେ ଅନେକ ସମୟରେ ସେମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଂଘର କିଶୋର ଭଞ୍ଜଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଶେଷରେ ଅକ୍ଷୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ରାଜ୍ୟପାଳଙ୍କ ଦ୍ୱାରା 'ଅମର କୀର୍ତ୍ତି' ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର, ୨୧।୮ (ବନ୍ଦନା ସେଠୀ)

ଲେଖିକା ଜୟନ୍ତୀ ସାହୁଙ୍କ ପୁସ୍ତକ 'ଅମର କୀର୍ତ୍ତି' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପୁସ୍ତକରେ ୩୫ଜଣ ମହାପୁରୁଷଙ୍କ ଜୀବନୀ ଲିପିବଦ୍ଧ ହୋଇଛି। ଏହା ଲେଖିକାଙ୍କର ନବମ ପୁସ୍ତକ। ଉନ୍ମୋଚନ ସମୟରେ ରେଲୱେର ଅବସରପ୍ରାପ୍ତ ଡେପୁଟି ଚିଫ୍ ଇଞ୍ଜିନିୟର ଶ୍ରୀନିବାସ ସାହୁ, ଏ.ଇ.ଭି କମ୍ପାନୀ ମ୍ୟାନେଜର ଆର୍ଯ୍ୟେଶ ଆଦିତ୍ୟ ସାହୁ ଏବଂ ଇନ୍ଦରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ପିନାକୀ ସାହୁ ଉପସ୍ଥିତ ଥିଲେ।

# ସାନପଦର ରେଳ ପାସେଞ୍ଜର ହଲ୍ଟ ଭିତ୍ତିପ୍ରସ୍ତର ସ୍ଥାପନ

ବୋଲଗଡ଼,୨୧।୮ (ଦେବବ୍ରତ ହୋତା)

ଖୋର୍ଦ୍ଧା-ବାଲାଙ୍ଗୀର ପୂର୍ବତଟ ରେଳପଥର ବୋଲଗଡ଼ ବ୍ଲକ ସାନପଦରଠାରେ ସୋମବାର ରେଳ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଏହି ଅବସରରେ ଗ୍ରାମର ଦୁର୍ଗାମଣ୍ଡପଠାରେ ଆଞ୍ଚଳିକ ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ସଭାରେ ସାହିତ୍ୟିକ ରାଜକିଶୋର ବ୍ରହ୍ମା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଏମ୍‌ପି ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ଏମ୍‌ପିଙ୍କ ବେଗୁନିଆ ପ୍ରତିନିଧି ପ୍ରକାଶ ଚନ୍ଦ୍ର ରଣବିଜୁଳି, ଭାଜପା ଖୋର୍ଦ୍ଧା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ଜିଲା ଭାଜପା ଓବିସି ସେଲ ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନ, ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡ଼ଙ୍ଗୀ, ଶିକ୍ଷାବିତ୍ ବଟକୃଷ୍ଣ ସାହୁ, ଭାଜପା ନେତ୍ରୀ ପ୍ରତିମା ରାଣୀ ସାହୁ, ଅଜୟ କୁମାର ମଙ୍ଗରାଜ, ଗ୍ରାମ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ସରପଞ୍ଚ ବିଜୟ କୁମାର ଗୁମାନସିଂହଙ୍କ ସମେତ ଆମନ୍ତ୍ରିତ ଅତିଥିମାନେ ମଞ୍ଚାସୀନ ଥିଲେ। ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଗ୍ରାମ ସମ୍ପାଦକ ଅର୍ଜୁନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ରଥଦାଣ୍ଡରେ ବେଆଇନ ନିର୍ମାଣ ଅଭିଯୋଗ

### ପାର୍କିଂ ସୁବିଧା ନ ଥିବା ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ଦାବି

ପୁରୁଣା ଭୁବନେଶ୍ୱର,୨୧।୮ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ଯୋଜନାରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିଲେ ମଧ୍ୟ ବେଆଇନ ନିର୍ମାଣ ଭାଙ୍ଗିବା କାର୍ଯ୍ୟ ଆଗେଇ ପାରୁନାହିଁ। ବିଶେଷକରି ଲିଙ୍ଗରାଜ ରଥଖଳାଠାରୁ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ରଥଦାଣ୍ଡର ଉଭୟ ପାର୍ଶ୍ୱରେ ବେଆଇନ ନିର୍ମାଣ ଏବଂ ପାର୍କିଂ ଯୋଗୁ ଏହି କାର୍ଯ୍ୟରେ ବାଧା ଉପୁଜୁଛି। ବିଏମ୍‌ସି ପାର୍କିଂ ଅଛି କି ନାହିଁ ନ ଦେଖି ଟ୍ରେଡ୍ ଲାଇସେନ୍ସ ପ୍ରଦାନ କରିବାରୁ ଏଭଳି ସମସ୍ୟା ଦେଖାଦେଇଛି ବୋଲି ଅଭିଯୋଗ ହୋଇଛି। ଏନେଇ ଆଇନଜୀବୀ ଅନିନ୍ଦିତା ପୁରୋହିତ ସୋମବାର ବିଏମ୍‌ସି କମିଶନର, ବିଡିଏ କର୍ତ୍ତୃପକ୍ଷ, ଉପାଧ୍ୟକ୍ଷ, ଜିଲାପାଳ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପ୍ରତ୍ୟହ ହଜାର ହଜାର ଭକ୍ତ ଲିଙ୍ଗରାଜ ମନ୍ଦିର ପରିଦର୍ଶନରେ ଆସିଥାନ୍ତି। ରଥଦାଣ୍ଡର ଉଭୟ ପାର୍ଶ୍ୱରେ ଗଢି ଉଠିଥିବା ଦୋକାନଗୁଡ଼ିକ ପାର୍କିଂ ପାଇଁ ସ୍ଥାନ ରଖି ନ ଥିବାରୁ ସ୍କୁଲ ବସ, ଆମ୍ବୁଲାନ୍ସ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାପାଇଁ ବିଳମ୍ବ ହୋଇଥାଏ। ତେଣୁ ବେଆଇନ ଜବରଦଖଲ ଉଚ୍ଛେଦ ସହ ବ୍ୟବସାୟ ପ୍ରତିଷ୍ଠାନର ପାର୍କିଂ ସ୍ଥଳ ଚିହ୍ନଟ କରାଯାଉ। ନଚେତ୍ ଉକ୍ତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବନ୍ଦ କରାଯାଉ ବୋଲି ଆଇନଜୀବୀ ପୁରୋହିତ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

# ବିଶ୍ୱ ଉଦ୍ୟୋଗୀ ଦିବସରେ 'ସ୍ୱାର୍କ-ଓ-ଥନ୍'



ଭୁବନେଶ୍ୱର,୨୧।୮ (ବନ୍ଦନା ସେଠୀ)

ବିଶ୍ୱ ଉଦ୍ୟୋଗୀ ଦିବସ ଅବସରରେ ଭାରତ ସରକାରଙ୍କ ପ୍ରିନ୍ସିପାଲ୍ ସାଇଣ୍ଟିଫିକ୍ ଆଡ୍‌ଭାଇଜର୍ (ପିଏସ୍‌ଏ) ଅଫିସ୍‌ର ଏକ ଉଦ୍ୟମ 'ଭୁବନେଶ୍ୱର ସିଟି ନଲେଜ୍ ଇନୋଭେଶନ୍ କ୍ଲଷ୍ଟର୍' (ବିସିକେଆଇସି) ଫାଉଣ୍ଡେଶନ୍, ଫିକି ଭୁବନେଶ୍ୱର ମହିଳା ୱିଙ୍ଗ୍‌ର ମିଳିତ ସହଯୋଗରେ ସ୍ୱାର୍କ-ଓ-ଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବସୃଜନ ଏବଂ ଉଦ୍ୟୋଗର ମୂଲ୍ୟକୁ ଧ୍ୟାନରେ ରଖି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଦ୍ଭାବନକାରୀ କ୍ଷମତାକୁ ଦୃଢ଼ୀଭୂତ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ୧୦ରୁ ଅଧିକ ପ୍ରତିଷ୍ଠିତ ଅନୁଷ୍ଠାନକୁ ଏକତ୍ର କରି ଭୁବନେଶ୍ୱରର ସ୍କୁଲ୍ ଏବଂ କଲେଜଗୁଡିକରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱ ଉଦ୍ୟୋଗୀ ଦିବସ ପାଳନ କରାଯାଇଥିଲା। ଏଥିରେ ୩ ହଜାରରୁ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ୧୫୦ରୁ ଅଧିକ ଅଂଶଗ୍ରହଣକାରୀ ସେମାନଙ୍କର ଅଭିନବ ଚିନ୍ତାଧାରାକୁ ଉଦ୍ୟୋଗ ଭାବେ ଉପସ୍ଥାପନା କରିଥିଲେ। ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳର ଅଗ୍ରଗତି ପାଇଁ ସ୍ୱାର୍କ-ଓ- ଥନ୍ ବିସିକେଆଇସିର ପ୍ରୟାସକୁ ପ୍ରତିଫଳିତ କରେ ବୋଲି ବିସିକେଆଇସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ସୁଆର୍ ମତ ଦେଇଥିଲେ। ବିସିକେଆଇସି ସିଇଓ ନମ୍ରତା ମିଶ୍ର ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଫ୍ଲୋ ଭୁବନେଶ୍ୱରର ଅଧ୍ୟକ୍ଷ ପୁନମ୍ ମହାପାତ୍ର ଯୋଗଦେଇ, ସବୁ ସ୍ତରରେ ନବସୃଜନ ତଥା ଉଦ୍ୟୋଗୀତାକୁ ବୃଦ୍ଧି କରିବା ଆମର ଲକ୍ଷ୍ୟ ବୋଲି କହିଥିଲେ।

### ଆଜିଠାରୁ ୫-ଟି ସଚିବଙ୍କ ଦୁଇଦିନିଆ ଖୋର୍ଦ୍ଧା ଗସ୍ତ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ବେଗୁନିଆ, ୨୧।୮ (ହରପ୍ରସନ୍ନ ପଣ୍ଡା)

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ(୫-ଟି) ସଚିବ ଭି.କେ. ପାଣ୍ଡିଆନ୍ ରାଜ୍ୟର ବିଭିନ୍ନ ଜିଲା ଗସ୍ତକରି ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି। ଏହିକ୍ରମରେ ପାଣ୍ଡିଆନ ୨୨ ଓ ୨୩ ତାରିଖ ଦୁଇ ଦିନିଆ ଖୋର୍ଦ୍ଧା ଗସ୍ତରେ ଯିବେ। ପ୍ରଥମ ଦିନରେ ବେଗୁନିଆ, ଖୋର୍ଦ୍ଧା ଏବଂ ବାଣପୁର ବ୍ଲକ ନାଚୁଣୀଠାରେ ଆୟୋଜିତ ସମାବେଶରେ ଯୋଗଦେବେ। ଦ୍ୱିତୀୟ ଦିନରେ ଜଟଣୀ ବ୍ଲକ ଖୁଦୁପୁର ଏବଂ ବାଲିଅନ୍ତା ବ୍ଲକ ବକ୍ରେଶ୍ୱର ହାଇସ୍କୁଲ ପଡିଆରେ ଆୟୋଜିତ ସମାବେଶରେ ଯୋଗଦେବା ସହିତ ଲୋକଙ୍କ ଅଭିଯୋଗ ଶୁଣିବେ। ମଙ୍ଗଳବାର ସକାଳେ ଭି.କେ. ପାଣ୍ଡିଆନ ପ୍ରଥମେ ବେଗୁନିଆ ଓ ପରେ ଖୋର୍ଦ୍ଧା ହାବେଳି ପଡିଆ ସମାବେଶରେ ସହ ଜିଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ।

# ମହିଳାଙ୍କୁ ହତ୍ୟା, ପୂର୍ବ ଶତ୍ରୁତା ସନ୍ଦେହ

### ଅଭିଯୁକ୍ତ ଫେରାର

- ଧାରୁଆ ଅସ୍ତ୍ରରେ ଆକ୍ରମଣ
- ପୋଲିସ ପକ୍ଷରୁ ତଦନ୍ତ ଜାରି

ପୁରୀ,୨୧।୮ (ଅଜିତ ମହାନ୍ତି)

ଚନ୍ଦନପୁର ଥାନା ଅନ୍ତର୍ଗତ ଭାଇଲିପୁର ରୁଆ ଗ୍ରାମରେ ସୋମବାର ଜଣେ ମହିଳାଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇଛି। କୌଣସି କାରଣକୁ ନେଇ ଦୁର୍ବୃତ୍ତମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଛି। ମୃତ ମହିଳା ହେଲେ ସ୍ଥାନୀୟ ଅଞ୍ଚଳର ସସ୍ମିତା ବରାଳ (୪୨)। ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ପାଇ ଚନ୍ଦନପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ସସ୍ମିତା ତାଙ୍କ ଦୋକାନରେ ବସିଥିବାବେଳେ ହଠାତ୍ କେହି ଆସି ତାଙ୍କୁ ଧାରୁଆ ଅସ୍ତ୍ରରେ ବାରମ୍ବାର ଆକ୍ରମଣ କରିଥିଲେ। ଫଳରେ ସସ୍ମିତାଙ୍କ ଦେହରେ ଗଭୀର ଆଘାତ ଲାଗିଥିଲା ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟା କରିବା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ରକ୍ତାକ୍ତ ଅବସ୍ଥାରେ ସସ୍ମିତା ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସଦର ଏସ୍‌ଡିପିଓ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପାରିବାରିକ ବିବାଦ ତଥା ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ହତ୍ୟାକାଣ୍ଡ ପଛରେ ନିଶା କାରବାର ଥିବା ସନ୍ଦେହ କରାଯାଉଛି। ତେବେ ତଦନ୍ତ ଓ ଅଭିଯୁକ୍ତ ଧରାପଡ଼ିବା ପରେ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏସ୍‌ପି ଡ. କନୱର ବିଶାଲ ସିଂହ କହିଛନ୍ତି ଯେ, ଚନ୍ଦନପୁର ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ଖବର ମିଳିବା ମାତ୍ରେ ଘଟଣାସ୍ଥଳରେ ଅତିରିକ୍ତ ଏସିପି, ଏସ୍‌ଡିପିଓ, ଥାନା ଅଧିକାରୀ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତ ଚାଲିଛି। ଅଭିଯୁକ୍ତ ଗିରଫ ହେବା ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

**ନିର୍ମାଣାଧୀନ ବକ୍ସ ଡ୍ରେନରୁ ଯୁବକ ଉଦ୍ଧାର**

**କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ):** ବଜ୍ରକବାଟିରୁ କେଶରପୁରକୁ ସଂଯୋଗ କରିଥିବା ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ସେଠାରେ ନିର୍ମାଣ ହୋଇଥିବା ସ୍ୱେରେଜରେ ହଠାତ ଜଣେ ଯୁବକ ଯିବାବେଳେ ପଡିଯାଇଥିଲେ। ତାଙ୍କ ପାଟି ଶୁଣିବା ପରେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ସୁରକ୍ଷିତ ଭାବେ ତାଙ୍କୁ ଉଦ୍ଧାର କରିଥିଲେ।



## ସଂକ୍ଷେପରେ

### ଚୋରି କଟର ମେଶିନ ଜବତ, ୨ ଗିରଫ

**ମଙ୍ଗୁଳି-ଜଗତପୁର,୨୧।୮(ମାନସ ସାମଲ):** କଟର ମେଶିନ ଚୋରି ଅଭିଯୋଗରେ ଜଗତପୁର ପୋଲିସ ଦୁଇଜଣ ଶ୍ରମିକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଧୀନ ଗୁଲାବନ୍ଧ ଗ୍ରାମର ମଣ୍ଟୁ ନାୟକ ଓ ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଭଗତଭଗନ ଗ୍ରାମର ପବନା ଜେନା। ସେମାନଙ୍କ ନିକଟରୁ ଚୋରି କଟର ମେଶିନ ଜବତ କରାଯାଇଛି। କଟକ ପୁରୀଘାଟ ଥାନା ଅଧୀନ ହରିପୁର ଅଞ୍ଚଳର ନନ୍ଦ କିଶୋର ସାହୁଙ୍କ ଘର ନିର୍ମାଣ ପାଇଁ ଜଗତପୁର ନିୟୁ ଶିଳ୍ପାଞ୍ଚଳର ଏକ କମ୍ପାନୀ ପକ୍ଷରୁ ଦୁଇ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ଶନିବାର ଅପରାହ୍ନରେ ଶ୍ରମିକ ଦ୍ୱୟ କଟର ମେଶିନ ଚୋରି କରିଥିବା ସନ୍ଦେହ କରି ନନ୍ଦକିଶୋର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୪୧୭/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

### ଅଲ୍ ଇଣ୍ଡିଆ ଲୟର୍ସ ଆସୋସିଏଶନ୍‌ର ସମ୍ମିଳନୀ

**କଟକ,୨୧।୮ (କାର୍ତ୍ତିକ ସାହୁ):** ଅଲ୍ ଇଣ୍ଡିଆ ଲୟର୍ସ ଆସୋସିଏଶନ୍‌ର ଓଡ଼ିଶା ଶାଖା ପକ୍ଷରୁ ବକ୍ସିବଜାରସ୍ଥିତ ପାନ୍ଥନିବାସଠାରେ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଗୁରୁ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଆସୋସିଏଶନ୍‌ର ରାଷ୍ଟ୍ରୀୟ ସଭାପତି ମୈତ୍ରେୟୀ କ୍ରିଷ୍ଣାନ ଯୋଗଦେଇଥିଲେ। ଉପ ସଂଯୋଜକ ଧନୋଜ କୁମାର ସାହୁ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆଲୋକ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଅଗଷ୍ଟି କାନୁନ୍‌ଗୋ, ପ୍ରଶାନ୍ତ କୁମାର ଜେନା, ଗୋପାଳକୃଷ୍ଣ ମହାନ୍ତି, ଅକ୍ଷୟ କୁମାର ପତି, ଲକ୍ଷ୍ମୀ ନାରାୟଣ ପଟେଲଙ୍କ ସମେତ ବିଭିନ୍ନ ବାର୍ ପ୍ରତିନିଧି ଯୋଗଦେଇଥିଲେ। ବିଜୟ କୁମାର ବେହେରା, ଦେବୀ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପଞ୍ଚାନନ ସାହୁ ଧନ୍ୟବାଦ ଦେଇଥିଲେ।

### ଶାଖା କେନାଲ ବନ୍ଧ ଖୋଲା କାର୍ଯ୍ୟ ବନ୍ଦ

**କଟକ ସଦର,୨୧।୮(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତରେ ୪ନଂ. ଶାଖା କେନାଲ ବନ୍ଧର ମଧ ଭାଗକୁ ଖୋଲାଯାଇ ସୋମବାର ପ୍ଲାଷ୍ଟିକ୍ ପାଇପ ପୋତା ଯାଉଥିଲା। ଖବରପାଇ ମହାନଦୀ ଜଳସେଚନ ଡିଭିଜନର ଯନ୍ତ୍ରୀମାନେ ପହଞ୍ଚି ବନ୍ଧ ଖୋଲା କାମକୁ ବନ୍ଦ କରିଦେଇଥିଲେ। କାରଣ ୩ଫୁଟ ଗଭୀରରେ ବନ୍ଧର ମଧ ଅଂଶକୁ ଖୋଲିଲେ ତାହା ଭାଙ୍ଗି ଯିବାର ସମ୍ଭାବନା ରହିଛି। ଏନେଇ ସମ୍ପୃକ୍ତ ବିଭାଗ ପକ୍ଷରୁ କଟକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମିଶନର ଅଧିକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ଦାସଙ୍କୁ ଅବଗତ କରାଯାଇଥିଲା। ଉଭୟ ବିଭାଗ ମଧ୍ୟରେ ମଙ୍ଗଳବାର ଆଲୋଚନା ହେବ ବୋଲି ସୂଚନା ମିଳିଛି।

# ସରକାରଙ୍କ ଆଦେଶ ପାଳନରେ ଅବହେଳା

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ପ୍ରସଙ୍ଗ**

**କଟକ ସଦର,୨୧।୮(ସୁଶାନ୍ତ କୁମାର ଜେନା)**

୨୦୨୦ରୁ ୨୦୨୩ ମାର୍ଚ୍ଚ ମଧ୍ୟରେ କଟକ ସଦର ବ୍ଲକ ଅଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ଶୀଘ୍ର ରିପୋର୍ଟ ସରକାର ଓ ଅଭିଯୋଗକାରୀଙ୍କୁ ଦେବା ପାଇଁ ସରକାର ପତ୍ରସଂଖ୍ୟା ୧୨୧୮୪/୭।୬।୨୦୨୩ରେ କଟକ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଅଢେଇ ମାସ ବିତିଯାଇଥିଲେ ସୁଦ୍ଧା ତଦନ୍ତ ଆଗେଇ ପାରିନାହିଁ। ଅନ୍ୟପକ୍ଷରେ ଅମ୍ବରଙ୍କ ବଦଳି ହୋଇଯାଇଛି। ସେ ଭାରମୁକ୍ତ ହେବା ପୂର୍ବରୁ ଏହି ଅଭିଯୋଗ ଉପରେ ଆଦୌ ତଦନ୍ତ କଲେ ନାହିଁ। ଫଳରେ ସରକାରଙ୍କ ଆଦେଶ ପାଳନରେ ଅବହେଳା କରାଯାଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ସି-୧ ଫର୍ମରେ ଶ୍ରମିକମାନେ କାମ ଆବେଦନ କରିବା, ରାତିରେ ମେଶିନ ଲଗାଇ ମାଟି ଖୋଳିବା, ପ୍ରଭାବଶାଳୀ ବ୍ୟକ୍ତିଙ୍କ ଆତ୍ମୀୟମାନଙ୍କ ଆକାଉଣ୍ଟକୁ ବିନା କାମରେ ମଜୁରି ପ୍ରଦାନ ଓ ଶ୍ରମିକମାନେ କାମ କରିବାବେଳର ଫଟୋ ଭୁବନ ପୋର୍ଟାଲରେ ଅପ୍‌ଲୋଡ୍ କରାଯାଇନାହିଁ। ଏପରି କି କାର୍ଯ୍ୟସ୍ଥଳୀର ଜିଓ ଟ୍ୟାଗ ମଧ୍ୟ କରାଯାଇ ନାହିଁ। ମଜୁରୀ ପ୍ରଦାନ ପୂର୍ବରୁ ୨୬ଟି କେନ୍ଦ୍ରୀୟ ନିୟମ ଅନୁପାଳନ କରାଯିବା ବାଧ୍ୟତାମୂଳକ। ଏ ସମ୍ପର୍କରେ କର କହିଛନ୍ତି, ମୋ ସ୍ଥାନରେ ଯିଏ ଆସିବେ ପରବର୍ତ୍ତୀ ସମୟରେ ସେ ଏହାର ତଦନ୍ତ କରିବେ।



ଶ୍ରାବଣ ସୋମବାରରେ ବିଭିନ୍ନ ଶୈବପୀଠରେ ଜଳଲାଗି କରିବା ପାଇଁ ବୋଲ୍‌ବମ୍ ଭକ୍ତମାନେ ଯିବା ପରେ କଟକ ଗଡ଼ଗଡ଼ିଆ ଘାଟ ମହାନଦୀତଟରେ ପଡିଥିବା ଆବର୍ଜନା।

# ୧୦ ଟନ୍ ଗୋମାଂସ ଜବତ, ୨ ଗିରଫ

**ଖୁଣ୍ଟୁଣୀ, ୨୧।୮ (ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ତିଗିରିଆ ଅଞ୍ଚଳରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ଗୋମାଂସ ବୋଝେଇ ଏକ ଟ୍ରକକୁ ସୋମବାର ଭୋର ସମୟରେ ଖୁଣ୍ଟୁଣୀ ପୋଲିସ ସ୍ଥାନୀୟ ବଜାରରୁ ଜବତ କରିଛି। ଏହି ଘଟଣାରେ ଟ୍ରକ ଚାଳକ ଓ ହେଲ୍‌ପର୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହାରାଷ୍ଟ୍ର ଓସମାନବାଦ ଜିଲା ଇଟାକଲ ଥାନା ଆନ୍ନାବହାଡ ଗ୍ରାମର ଟୁକରାମ ବିଶ୍ୱନାଥ ଗାଇକ୍ୱାର୍ଡ ଓ ସୋଲାପୁର ଜିଲା ଦକ୍ଷିଣ ସୋଲାପୁର ଥାନା ପିଞ୍ଜରବାଡ଼ି ଗ୍ରାମର ଆଲତାଫ ସତାର ନାଦାଫ। ଉକ୍ତ ଟ୍ରକ(ନଂ.ଏମ୍‌ଏଚ୍‌୨୫ଏକେ-



୭୮୬୪)ରେ ୧୦ ଟନ୍ ଗୋମାଂସ ବୋଝେଇ ହୋଇ ତିଗିରିଆରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଖବର ପାଇଥିଲେ। ସେ ତୁରନ୍ତ ଏହି ଟ୍ରକ୍‌କୁ ଅଟକାଇବାକୁ ପାଟ୍ରୋଲିଂ କରୁଥିବା ଏସ୍‌ଆଇ ବିକାଶ ସେଠୀଙ୍କୁ କହିଥିଲେ। ଖୁଣ୍ଟୁଣୀ ଛକରେ ସେଠୀ ଏହି ଟ୍ରକ୍‌କୁ ଜଗି ରହିଥିଲେ। ଟ୍ରକ୍‌ଟି

**ତିଗିରିଆରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା**

ସେଠାରେ ପହଞ୍ଚିବା ମାତ୍ରେ ପୋଲିସ ଯାଞ୍ଚ କରିବାରୁ ସେଥିରେ ଗୋମାଂସ ଥିବା ଦେଖିବାକୁ ମିଳିଥିଲା। ପରେ ପୋଲିସ ଟ୍ରକ୍ ଚାଳକ ଓ ହେଲ୍‌ପର୍‌ଙ୍କୁ ଗିରଫ କରିଥିଲା। ଆଠଗଡ଼ରୁ ଭେଟେରିନାରୀ ସର୍ଜନ ସୁଶାନ୍ତ କୁମାର ନାୟକ ଏବଂ ଡ. ଶୁଭଶ୍ରୀ ନାୟକ ପହଞ୍ଚି ମାଂସ ପରୀକ୍ଷା କରିଥିଲେ। ପରେ ଜବତ ମାଂସକୁ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ନୃସିଂହପୁର ଜଙ୍ଗଲରେ ପୋତି ଦିଆଯାଇଥିବା ଆଇଆଇସି ଖୁଣ୍ଟିଆ କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୧୬୬/୨୩) ରୁଜୁ ହୋଇଛି।

# ଚୌଦ୍ୱାର କଲେଜ ସମ୍ମୁଖରେ ଅଣ୍ଡର ପାସ୍ ନିର୍ମାଣ ହେଉ

**ଚୌଦ୍ୱାର,୨୧।୮(ଆଶୁତୋଷ ଦାସ)**

୫୫ନଂ. ଜାତୀୟ ରାଜପଥର ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏଥିଯୋଗୁ ଗାଡ଼ି ଚଳାଚଳରେ ସମସ୍ୟା ସୃଷ୍ଟି ହେବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଛି। କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାସଂସ୍ଥା କଳିଙ୍ଗ ଛକଠାରୁ ଚୌଦ୍ୱାର କଲେଜ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଖୋଲିଦେବା ସହିତ ଅବରୋଧ କରି ରଖିଛି। କଳିଙ୍ଗ ଛକ ପେଟ୍ରୋଲ ପମ୍ପ ସମ୍ମୁଖରେ ଗଳା ପୋଲ ନିର୍ମାଣ ପାଇଁ ଠିକାସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିବାରୁ ଚୌଦ୍ୱାର କଲେଜ ରାସ୍ତାରେ ଯାତାୟାତ ବିପଦସଙ୍କୁଳ ହୋଇପଡିଛି। ଭାରିଯାନଗୁଡିକ ମୁଖ୍ୟ ରାସ୍ତା ଛାଡି ସର୍ଭିସ ରୋଡରେ ଯାତାୟାତ କରୁଥିବାରୁ ପଥଚାରୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ରାଜପଥ ପାର୍ଶ୍ୱକୁ ଲାଗିଥିବା ଚୌଦ୍ୱାର କଲେଜର ୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରତିଦିନ ଏହି ରାସ୍ତାରେ ଯାତାୟତ କରୁଥିବାବେଳେ କୌଣସି ସମୟରେ ଅଘଟଣ ଘଟିବା ଆଶଙ୍କାଙ୍କୁ ଏଡାଇ ଦିଆଯାଇ ନ ପାରେ। ଏହି ସ୍ଥାନଟି ପୌରପାଳିକାର ୧୭ ଓ ୧୮ନଂ. ୱାର୍ଡର ମୁଖ୍ୟ ପ୍ରବେଶପଥ ହୋଇଥିବାରୁ ସର୍ବଦା ଯାତାୟାତ କରୁଥିବା ଲୋକେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ତୁରନ୍ତ ଉକ୍ତ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ସହିତ କଲେଜ ସମ୍ମୁଖରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଛାତ୍ରନେତା ଭରତ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଦାବି କରିଛନ୍ତି। ସୋମବାର ଅପରାହ୍ନରେ ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, କଲେଜ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ଦେବତା, ବିମଳ କୁମାର ବେଉରା ପ୍ରମୁଖ ଠିକାସଂସ୍ଥାର ଅଧିକାରୀ ଶିବ ପ୍ରସାଦ ପଣ୍ଡାଙ୍କୁ ଘଟଣାସ୍ଥଳକୁ ଡକାଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ କଲେଜ ସମ୍ମୁଖରେ ଏକ ଗଳାପୋଲ ନିର୍ମାଣ ପାଇଁ ଦାବି କରିଥିଲେ। ଗଳାପୋଲ ନିର୍ମାଣରେ ବିଳମ୍ବ ହେବା ପ୍ରକାଶ କରି କଲେଜର ଉଭୟ ପଟରେ ଓଭରବ୍ରିଜ୍ ନିର୍ମାଣ କରାଯିବ ବୋଲି ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ।

# ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ସଚେତନତା ଶିବିର

**ସୁଧ ଫେରସ୍ତ କରୁ ନ ଥିବା ବ୍ୟାଙ୍କ ସମ୍ପର୍କରେ ଜଣାନ୍ତୁ**

**ମଙ୍ଗୁଳି-ଜଗତପୁର,୨୧।୮(ମାନସ ସାମଲ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କନ୍ହେଇପୁର ପଞ୍ଚାୟତସ୍ଥିତ ଏକ କଲ୍ୟାଣମଣ୍ଡପରେ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନଙ୍କ ପାଇଁ ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ବ୍ୟବସ୍ଥା ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମିଶନ ଶକ୍ତି ମାଧ୍ୟମରେ ମହିଳାମାନେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଯେଉଁ ସ୍ୱୟଂ ସହାୟିକା ଗୋଷ୍ଠୀ ବ୍ୟାଙ୍କରୁ ଋଣ ନେଇ ଠିକ୍ ସମୟରେ ପରିଶୋଧ କରିଥିବ ସେହି ଗୋଷ୍ଠୀକୁ ରାଜ୍ୟ ସରକାର ବ୍ୟାଙ୍କ ଜରିଆରେ ସୁଧ ଫେରସ୍ତ କରୁଛନ୍ତି। ଯଦି କୌଣସି ବ୍ୟାଙ୍କ ସୁଧ ଫେରସ୍ତ କରୁନାହି ସେ ସମ୍ପର୍କରେ ବିଧାୟକଙ୍କୁ ଜଣାନ୍ତୁ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଜେଠୀ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ବ୍ଲକ ପ୍ରକଳ୍ପ ଅଧିକାରୀ ସରୋଜିନୀ ମହାନ୍ତି, ମିଶନ ଶକ୍ତି ବ୍ଲକ ସଂଯୋଜିକା ଗଙ୍ଗୋତ୍ରୀ ଦଳେଇ, ଆତ୍ମାର ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡଙ୍ଗୀ, ଅନୁରାଧା ନାୟକ ଯୋଗଦେଇଥିଲେ। ଏଥିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୭ଟି ପଞ୍ଚାୟତର ଶତାଧିକ ଏସ୍‌ଏଚ୍‌ଜି ସଦସ୍ୟା ଉପସ୍ଥିତ ଥିଲେ।

# ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜରେ ସ୍ୱାଗତ କାର୍ଯ୍ୟକ୍ରମ




**କଟକ,୨୧।୮(ସୁପ୍ରିୟା ପ୍ରିୟଦର୍ଶିନୀ)**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ଓ ବି.ଏଡ୍ ନବାଗତ ଛାତ୍ରୀଙ୍କ ସ୍ୱାଗତ କାର୍ଯ୍ୟକ୍ରମ ସୋମବାର ସ୍ଥାନୀୟ ମଧୁସୂଦନ ପ୍ରେକ୍ଷାଳୟ-୧ରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇ କଲେଜ ଐତିହ୍ୟ ଓ ଗରିମା ସମ୍ପର୍କରେ କହିଥିଲେ। ଡ. ବନ୍ଦନା ପାଠକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କଲେଜ ପ୍ରଶାସନିକ ପରିଚାଳନା ଅଧିକାରୀ ଡ. ପ୍ରଶାନ୍ତ କୁମାର ସାମନ୍ତରାୟ ଛାତ୍ରୀମାନଙ୍କୁ ଅନୁଷ୍ଠାନ ସମ୍ପର୍କରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗ ମୁଖ୍ୟ ଡ. ନିବେଦିତା ମହାନ୍ତି, ଡ. ବିଚିତ୍ରା ପାଣି, ଆଣ୍ଟି ର୍ୟାଗିଂ ପରିଷଦର ଆବାହକ ଇନ୍ଦୁରେଖା ମହାପାତ୍ର, ଡ. ପ୍ରତାପ କିଶୋର ସାମଲ, ଡ. ନୀହାରବାଳା ମାଝୀ, ଡ. ନର୍ମଦା କୁମାରୀ ପରିଡା, ଡ. ପ୍ରଭାତ ମଞ୍ଜରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଧବଳେଶ୍ୱରଙ୍କୁ ଜଳଲାଗି କଲେ ୩୦ ହଜାର ବୋଲ୍‌ବମ୍ ଭକ୍ତ

**ଖୁଣ୍ଟୁଣୀ,୨୧।୮(ସଚ୍ଚିଦାନନ୍ଦ ପଣ୍ଡା)**

ଶ୍ରାବଣ ସୋମବାରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଠାକୁରଙ୍କ ବିଭିନ୍ନ ନୀତି ପରେ ରବିବାର ରାତି ପ୍ରାୟ ୨ଟାରୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ପରେ ବିଭିନ୍ନ ସ୍ଥାନରୁ ଆସିଥିବା ବୋଲ୍‌ବମ୍ ଭକ୍ତମାନେ ବ୍ୟାରିକେଡ୍ ଭିତରେ ଆସି ମନ୍ଦିର ମୁଖଶାଳାରେ ଥିବା ଧବଳେଶ୍ୱରଙ୍କ ଚଳନ୍ତି ପ୍ରତିମାରେ ଜଳଲାଗି କରିଥିଲେ। ଏହି ସୋମବାରରେ ୩୦,୦୦୦ରୁ ଊର୍ଦ୍ଧ୍ୱ ବୋଲ୍‌ବମ୍ ଭକ୍ତ ଜଳଲାଗି କରିଥିବା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି। ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ଗୁରୁଡିଝାଟିଆ ପୋଲିସ ପକ୍ଷରୁ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏଥିସହ ୬ ଜଣ ଡିଏସ୍‌ପି, ୭ ଜଣ ଏସ୍‌ଆଇ, ୧୪ ଜଣ ଏଏସ୍‌ଆଇ ଓ ୫୦ରୁ ଊର୍ଦ୍ଧ୍ୱ ହୋମ୍‌ଗାର୍ଡ ମୁତୟନ ହୋଇଥିଲେ। ଆଠଗଡ଼ ଅତିରିକ୍ତ ତହସିଲଦାର ଅଶୋକ



କୁମାର ସ୍ୱାଇଁ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ ମାନସ ବେହେରା, ଜିଲା ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡିଝାଟିଆ ଆଇଆଇସି ସୁମନ୍ତ କିଷାନ ଓ ଧବଳେଶ୍ୱର ବିଟ୍ ହାଉସ ଅଧିକାରୀ ପ୍ରଦୀପ କୁମାର ସେଠୀ ପ୍ରମୁଖ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ।

# ଉତ୍କଳୀୟ ଗୋପାଳ ବୈଷ୍ଣବ ସମାଜର ନୂତନ କର୍ମକର୍ତ୍ତା ମନୋନୀତ

**ଫୁଲନଖରା,୨୧।୮ (ସତ୍ୟରଞ୍ଜନ ଦାସମହାପାତ୍ର)**

ଉତ୍କଳୀୟ ଗୋପାଳ ବୈଷ୍ଣବ ସମାଜର ସାଧାରଣ ଅଧିବେଶନ ଫୁଲନଖରାସ୍ଥିତ ଲକ୍ଷେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧ୍ରୁବଚରଣ ଦାସ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା। ସଭାପତି ଭାବେ ଧ୍ରୁବଚରଣ ଦାସ, ଉପସଭାପତି ଡ. ପ୍ରଫୁଲ୍ଲ ଚନ୍ଦ୍ର ଦାସ ଓ ନିରଞ୍ଜନ ଦାସ, ସାଧାରଣ ସମ୍ପାଦକ ବସନ୍ତ କୁମାର ଦାସ, ଯୁଗ୍ମ ସମ୍ପାଦକ ସ୍ପନ୍ଦନ କୁମାର ପୂଝାରୀ ଓ ସାଇନାଥ ଦାସ, କୋଷାଧ୍ୟକ୍ଷ ଭାବେ ମୃତ୍ୟୁଞ୍ଜୟ ଦାସଙ୍କୁ ମନୋନୀତ କରାଯାଇଥିଲା। ସେହିପରି ୨୧ ଜଣଙ୍କୁ ଅନୁଷ୍ଠାନର ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଭ୍ୟ ତପନ କୁମାର ଦାସ ସମସ୍ତଙ୍କୁ ଶପଥପାଠ କରାଇଥିଲେ । ନିମାଇଁ ଦାସ ଓ ପୁରୁଷୋତ୍ତମ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମନୋଜ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଏହି ଅଧିବେଶନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ସଦସ୍ୟ ଯୋଗଦେଇଥିଲେ।

# 'ଉଦ୍ୟମ କଲେ ସଫଳ ଉଦ୍ୟୋଗୀ ହୋଇପାରିବ'




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ଅନ୍ୟମାନେ।

**କଟକ,୨୧।୮(ସୁପ୍ରିୟା ପ୍ରିୟଦର୍ଶିନୀ)**

**ବିଶ୍ୱ ଉଦ୍ୟୋଗୀ ଦିବସ**

ଡ୍ରିମ୍‌ସ ମ୍ୟାନେଜମେଣ୍ଟ ଉଇଙ୍ଗ ପକ୍ଷରୁ ବିଶ୍ୱ ଉଦ୍ୟୋଗୀ ଦିବସ ସୋମବାର ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତଙ୍କ ସଭାପତିତ୍ୱରେ ରାଣୀଦେବୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ପ୍ରତିକୃତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କହିଥିଲେ, ମ୍ୟାନେଜମେଣ୍ଟ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ର ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ ଆହରଣ କରିଥିବା ଜ୍ଞାନ, ସୃଜନଶୀଳତା ଓ ଉଦ୍ୟମ ଦ୍ୱାରା ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ। ମୁଖ୍ୟବକ୍ତା ଡ. କଲ୍ୟାଣ କୁମାର ସାହୁ କହିଥିଲେ, ନିଜକୁ ଜଣେ ଉଦ୍ୟୋଗୀ ଭାବରେ ଗଢିତୋଳିବା କଷ୍ଟସାଧ ବ୍ୟାପାର ହୋଇପାରେ। ମାତ୍ର କଠିନ ପରିଶ୍ରମ, ଉତ୍ସର୍ଗୀକୃତ ଭାବନା ଓ ଉଦ୍ୟମ ଜାରି ରହିଲେ ଦିନେ ନିଶ୍ଚିତ ସଫଳତା ମିଳିବ। ସମ୍ମାନିତ ବକ୍ତା ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଉଦ୍ୟୋଗୀ ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ପ୍ରାଧାପିକା ବିକଶିତା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧାପିକା ପ୍ରଣୀତା ସାହୁ ଧନ୍ୟବାଦ ଦେଇଥିଲେ।

# ଡେଙ୍ଗୁ ରୋଗର ପ୍ରତିକାର ବ୍ୟବସ୍ଥା କରାଯାଉ

**କଟକ,୨୧।୮(ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ବିଭିନ୍ନ ୱାର୍ଡରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନକ୍ରମେ କଂଗ୍ରେସ ନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଯୁଗ୍ମ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ସହରକୁ ମଶାମୁକ୍ତ କରିବାରେ ସିଏମ୍‌ସି ବିଫଳ ହୋଇଛି। ବିଭିନ୍ନ ସ୍ଥାନରେ କୁଢ କୁଢ ଆବର୍ଜନା ଦୀର୍ଘଦିନ ଧରି ଜମି ରହୁଥିବାରୁ ମଶାବଂଶ ବୃଦ୍ଧି ପାଉଛି। ଫଳରେ ସିଏମ୍‌ସିର ବିଭିନ୍ନ ୱାର୍ଡ ଅଞ୍ଚଳ ସମେତ ସିଡିଏ ସେକ୍ଟର-୮, ୯, ୧୦ ଓ ୧୧ ଅଞ୍ଚଳର ଲୋକମାନେ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି। ଏଥିପ୍ରତି ସିଏମ୍‌ସି କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ ନ କରିବା ଦୁର୍ଭାଗ୍ୟଜନକ ବୋଲି ବିଧାୟକ ଇଂ. ମହମ୍ମଦ ମୋକିମ କହିଛନ୍ତି। କଟକ ସହରରେ ଡେଙ୍ଗୁ ଓ ମ୍ୟାଲେରିଆ ଆକ୍ରାନ୍ତଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବା, ଅଗ୍ରାଧିକାର ଭିତ୍ତିରେ ଆକ୍ରାନ୍ତଙ୍କ ଉତ୍ତମ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ, ନିୟମିତ ମଶାଧୂଆଁ, ମଶାତେଲ ଓ ବ୍ଲିଚିଂ ବ୍ୟବହାର ପାଇଁ ବ୍ୟବସ୍ଥା କରାଯିବା, ସହର ମଧ୍ୟରେ ଥିବା ପରିତ୍ୟକ୍ତ ଜଳାଶୟଗୁଡିକୁ ବିଶୋଧନ ଅଥବା ମଶା ନିରାକରଣ ଦିଗରେ ପଦକ୍ଷେପ ନିଆଯାଉ ବୋଲି ଦାବି କରାଯାଇଛି। ଦାବିପତ୍ର ପ୍ରଦାନବେଳେ କର୍ପୋରେଟର ସନ୍ତୋଷ ଭୋଳ, ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ଭାନୁ ସେନାପତି, ଜେ. କାମେଶ୍ୱର ରାଓ, ଜନାର୍ଦ୍ଦନ ପରିଡା, ବରିଷ୍ଠ ନେତା ଅଶ୍ୱିନୀ ମହାରଣା, ଚାରୁଲତା ସାହୁ, ଅନିତା ନାୟକ, ଶରତ ଚନ୍ଦ୍ର ସେଠୀ, କେଦାର ପୃଷ୍ଟି, ପ୍ରତାପ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସର ପ୍ରତିନିଧି ମଣ୍ଡଳୀ।

## ସଂକ୍ଷେପରେ

### ଫାଣ୍ଡିରେ କନଷ୍ଟେବଲଙ୍କୁ ଆକ୍ରମଣ, ଯୁବକ ଗିରଫ

ଗୋପ,୨୧।୮(ଭାରତୀ ଭୂଷଣ ଉପାଧ୍ୟାୟ)

ରବିବାର ମଧ୍ୟାହ୍ନରେ ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡିର କାର୍ଯ୍ୟରତ କନଷ୍ଟେବଲଙ୍କୁ ଫାଣ୍ଡି ପରିସରରେ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରି ଢେଲାପଥର ମାଡ଼ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଫାଣ୍ଡି ଅଧୀନ ବିଶୁଳିପଡା ଗ୍ରାମର କେଦାର ମହାନ୍ତି। କୋର୍ଟ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି ବୋଲି ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, କିଛି ଦିନ ଧରି କେଦାରଙ୍କ ପାରିବାରିକ ବିବାଦକୁ ନେଇ ତାଙ୍କ ସ୍ତ୍ରୀ ଘର ଛାଡ଼ି ବାପ ଘରେ ରହୁଛନ୍ତି। ସ୍ତ୍ରୀଙ୍କୁ ଆଣିବା ପାଇଁ କେଦାର ବାରମ୍ବାର ନୟାହାଟ ଫାଣ୍ଡି ଦୌଡୁଥିଲେ। ପୋଲିସ ଏହି ଅଭିଯୋଗ ପ୍ରତି ଗୁରୁତ୍ୱ ନ ଦେବାରୁ ରବିବାର କେଦାର ଉତ୍ତ୍ୟକ୍ତ ହୋଇ ଫାଣ୍ଡି ଭିତରେ ପଶି ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଲ ଅମରେଶ୍ୱର ଜେନାଙ୍କୁ ଗାଳିମନ୍ଦ କରି ଆକ୍ରମଣ କରିଥିଲେ। ଏହି ଗାଳିମନ୍ଦ ସମୟରେ ଫାଣ୍ଡି ଅଧିକାରୀ କୁନାଲ କୁମାର ପହଞ୍ଚିବା ପରେ ଅଭିଯୁକ୍ତ କେଦାରଙ୍କୁ ଅଟକ ରଖିଥିଲେ। ପରେ କନେଷ୍ଟବଳ ଅମରେଶ୍ୱର ଅଭିଯୋଗ ଦେବାରୁ କେଦାରଙ୍କୁ ଗିରଫ କରାଯାଇଥିଲା।

### କଲେଜ କ୍ରୀଡ଼ା ଶିକ୍ଷକ ସଂଘର ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର, ୨୧।୮(ଅସମାପିକା ସାହୁ)

ଅଲ୍ ଓଡ଼ିଶା କଲେଜ ପିଇଟି ଆସୋସିଏଶନର ସାଧାରଣ ପରିଷଦ ବୈଠକ ରବିବାର ରେଡ୍‌କ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। କରୋନା ଯୋଗୁ ଗତ ୪ବର୍ଷ ପରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡ଼ିଶା ସମସ୍ତ କଲେଜର କ୍ରୀଡ଼ା ଶିକ୍ଷକମାନେ ଯୋଗଦେଇ ସେମାନଙ୍କ ଚାକିରିର ସର୍ତ୍ତାବଳୀ. ପେନ୍‌ସନ୍ ସମସ୍ୟା ଓ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଆଲେଚନା କରିଥିଲେ। ଏହାବ୍ୟତୀତ ଭବିଷ୍ୟତରେ ସବୁ କଲେଜରେ କ୍ରୀଡ଼ାର ବିକାଶ, ଖାଲିଥିବା କ୍ରୀଡ଼ା ଶିକ୍ଷକ ପଦବୀ ପୂରଣ, ସର୍ଭିସ କଣ୍ଡିଶନ ପୂରଣ, ଦରମାରେ ଥିବା ସମସ୍ୟା ଦୂର କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ସମସ୍ତ ଦାବି ନେଇ ସରକାରଙ୍କୁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଆମର ନ୍ୟାର୍ଯ୍ୟ ଦାବି ନେଇ ଆମେ ୪୮୮ ଏବଂ ୬୬୨ ବର୍ଗର କଲେଜ ଅଧାପକ ଓ କର୍ମଚାରୀମାନଙ୍କ ସହିତ ମିଶି ଲଢ଼େଇ କରିବୁ। ଆବଶ୍ୟକ ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଆସୋସିଏଶନ ସମ୍ପାଦକ ରାମ କୁମାର ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

### ଶ୍ରୀଲିଙ୍ଗରାଜଙ୍କ ପୀଠରେ ଜଳଲାଗି କଲେ କାଉଡ଼ିଆ

ପୁରୁଣା ଭୁବନେଶ୍ୱର,୨୧।୮(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରାବଣ ମାସର ତୃତୀୟ ସୋମବାର ପାଇଁ ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇପଡ଼ିଥିଲା। ଏକାମ୍ର କ୍ଷେତ୍ରର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ସକାଳ ୯ଟା ସୁଦ୍ଧା ୩୨୦୦ରୁ ଊର୍ଦ୍ଧ୍ୱ କାଉଡ଼ିଆ ଟିକେଟ କାଟି ଜଳଲାଗି କରିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଭୋର ୩ଟା ୩୦ରେ ମନ୍ଦିର ଦ୍ୱାର ଫିଟା ଯାଇଥିଲା। ମଙ୍ଗଳ ଆଳତି, ଅବକାଶ କରାଯାଇ ସାହାଣମେଲା ଅବସରରେ ରାତିରୁ ସିଂହଦ୍ୱାରରେ ଧାଡ଼ିରେ ଛିଡ଼ା ହୋଇଥିବା କାଉଡ଼ିଆମାନେ ଜଳଲାଗି ଆରମ୍ଭ କରିଥିଲେ। ଶକ୍ତିରେ ସିଧାସଳଖ ଜଳଲାଗି ନ କରାଯାଇ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗମ୍ବୁଜକାର ପାତ୍ରରେ କାଉଡ଼ିଆମାନେ ଜଳଲାଗି କରିଥିଲେ। ଓଁ ନମଃ ଶିବାୟ ଓ ହର ହର ମହାଦେବରେ କମ୍ପିଥିଲା ଶୈବପୀଠ। କାଉଡ଼ିଆ ଓ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ପଲିଥିନ, ପ୍ଲାଷ୍ଟିକ୍ କଳସ, ବାହୁଙ୍ଗି, ସାଲୁକନା, ଚିକିଟା ମାଟି ଆଦି ବିଭିନ୍ନ ଅନୁପଯୋଗୀ ପଦାର୍ଥକୁ ମନ୍ଦିର ପରିସରରେ ଏଣେତେଣେ ପକାଇଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମନ୍ଦିର ପରିସର ସଫେଇ କରାଯାଇଥିଲା। ମିସିଂ ଫାଉଣ୍ଡେଶନ୍ ଟ୍ରଷ୍ଟ, ସୁରେନ୍ଦ୍ର ନାଥ ଜେନା ଟ୍ରଷ୍ଟ, ମାଇଣ୍ଡି ଏମପାୱାରମେଣ୍ଟ ଫାଉଣ୍ଡେଶନର ପ୍ରମୁଖ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ।

# କାମ୍ପା ଯୋଜନାରେ ଚାରାରୋପଣ ନାଁରେ ଦୁର୍ନୀତି

■ ଭିଜିଲାନ୍ସ ତଦନ୍ତ ଦାବି
■ ଅଭିଯୋଗ ଭିତ୍ତିହୀନ: ବନାଞ୍ଚଳ ଅଧିକାରୀ

କୋଣାର୍କ,୨୧।୮(ଜ୍ୟୋତିରାଜ ମହାନ୍ତି)



କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ରାମଚଣ୍ଡୀ ସଂରକ୍ଷିତ ଜଙ୍ଗଲ ଓ ଲିଆଖିଆ ସଂରକ୍ଷିତ ଜଙ୍ଗଲରେ କାମ୍ପା ଯୋଜନାରେ ଲକ୍ଷାଧିକ ଚାରାରୋପଣ କରାଯାଉଛି। ଏହି ଚାରାରୋପଣ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଆସୁଥିବା ବେଳେ ସେଥିରୁ ଅଳ୍ପ କିଛି ଚାରାରୋପଣ କରି ବଳକା ଟଙ୍କା ଆତ୍ମସାତ କରାଯାଉଥିବା ନେଇ ନାଗାମଠ ଗ୍ରାମର ସାମାଜିକ କର୍ମୀ ବନମାଳୀ ଖଟୁଆ ଅଭିଯୋଗ ଆଣିଛନ୍ତି। ଖବର ଅନୁଯାୟୀ, ରାମଚଣ୍ଡୀ ସଂରକ୍ଷିତ ଜଙ୍ଗଲରେ କାମ୍ପା ଯୋଜନାରେ ୧୨୫ଏକର ପରିମିତ ଜାଗାରେ ବନ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଚାରାରୋପଣ କରାଯାଇଥିଲା। ଏ ସମ୍ପର୍କରେ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ଫଳକ ଲଗାଯାଇଥିଲା। ମାତ୍ର ଏହି ଯୋଜନାରେ ନାମକୁ ମାତ୍ର ଚାରାରୋପଣ କରାଯାଇ ଲକ୍ଷାଧିକ ଟଙ୍କା ବାଟମାରଣା ପାଇଁ କୋଣାର୍କ ବନ ବିଭାଗ ମସୁଧା କରିବା ନେଇ ଅଭିଯୋଗକାରୀ ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ପାଇଥିଲେ। ଏହି ଘଟଣା ସମ୍ପର୍କରେ ତଥ୍ୟ ପଦାକୁ ଆସିବା ପରେ ବନ ବିଭାଗ ପକ୍ଷରୁ ପୂର୍ବରୁ ଲଗାଯାଇଥିବା ଫଳକକୁ ହଟାଯିବା ସହ ସେଥିରେ କାମ୍ପା ଯୋଜନାରେ ଚାରାରୋପଣ ପାଇଁ ବ୍ୟୟ ଅଟକଳ ରାଶିକୁ ହଟାଯାଇ ଏକ ନୂତନ ଫଳକ ଲଗାଯାଇଥିଲା।

ସେହିପରି କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ଲିଆଖିଆ ସଂରକ୍ଷିତ ଜଙ୍ଗଲରେ କାମ୍ପା ଯୋଜନାରେ ୩୭୫ ଏକର ପରିମିତ ଜାଗାରେ ୨୦୨୦-୨୦୨୧ ଆର୍ଥିକ ବର୍ଷରେ ନାମକୁ ମାତ୍ର ଚାରାରୋପଣ କରାଯାଇ ୧କୋଟି ୫୦ଲକ୍ଷ ଟଙ୍କା ହରିଲୁଟ କରାଯାଇଛି ବୋଲି ଅଭିଯୋଗକାରୀ ଖଟୁଆ ପ୍ରକାଶ କରିଛନ୍ତି। ଏହି ଯୋଜନାରେ ରାମଚଣ୍ଡୀ ସଂରକ୍ଷିତ ଜଙ୍ଗଲରେ ୧୨୫ ଏକର ଜମିରେ କାମ୍ପା ଯୋଜନାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ୧୦ହଜାର ଚାରାରୋପଣ କରାଯାଇଥିବା ବେଳେ ଲିଆଖିଆ ସଂରକ୍ଷିତ ଜଙ୍ଗଲରେ ୧୨୫ଏକର ଜମିରେ କାମ୍ପା ଯୋଜନାରେ ୨୦ ହଜାର ଚାରାରୋପଣ କରାଯାଇଥିବା ଜଣାପଡ଼ିବା ପରେ ପରିବେଶପ୍ରେମୀଙ୍କ ମହଲରେ ନାପସନ୍ଦ କରାଯାଇଛି। ଏଥିସହ ଚାରାରୋପଣ ନାଁରେ ବନ ବିଭାଗର ଏପରି ଦୁର୍ନୀତି ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ କୋଣାର୍କ ବନାଞ୍ଚଳ ଅଧିକାରୀ ଓ ପୁରୀ ଜିଲା ବନ ଅଧିକାରୀଙ୍କୁ ବିଭିନ୍ନ ସମୟରେ ସାମାଜିକ କର୍ମୀ ବନମାଳୀ ଖଟୁଆ ଅଭିଯୋଗ କରିଥିଲେ ମଧ୍ୟ ତଦନ୍ତ କରିବା ଦୂର କଥା ଏପରିକି ଏଥିପ୍ରତି କୌଣସି ପଦକ୍ଷେପ ମଧ୍ୟ ନିଆଯାଉ ନ ଥିବା ଖଟୁଆ କହିଛନ୍ତି। ଏହି ଚାରାରୋପଣ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ପୁରୀ ଜିଲାପାଳ ନିର୍ଦ୍ଦେଶ ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସାମାଜିକ କର୍ମୀ ଖଟୁଆ ଦାବି କରିଛନ୍ତି। ଏ ନେଇ କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା କହିଛନ୍ତି, ଉକ୍ତ ଯୋଜନାରେ ଯାହା ଆବଶ୍ୟକ ଚାରାରୋପଣ କରାଯାଇଛି। ଏ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ଏହା ତଦନ୍ତ ପରିସରକୁ ଆସିଲେ ନିଶ୍ଚୟ ସାହାଯ୍ୟ କରିବି।

# ଜନଶୁଣାଣି ଶିବିରରେ ୩୧ ଅଭିଯୋଗ



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କୃଷ୍ଣପ୍ରସାଦ,୨୧।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଫନୀ ବାତ୍ୟା ସହାୟତା ବାସଗୃହ, ଖାଦ୍ୟଯୋଗଣ, ପାନୀୟଜଳ, ଭତ୍ତା, ଓଡିଆରପି ବାସଗୃହ, ବିଭିନ୍ନ ସମସ୍ୟା ସମ୍ପର୍କୀୟ ମୋଟ୍ ୩୧ଟି ଅଭିଯୋଗ ହୋଇଥିଲା। ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର(ଅଭିଯୋଗ ଶୁଣାଣୀ)ପ୍ରିୟଦର୍ଶନୀ ମଲ୍ଲିକ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ବିଡିଓ ମନୋଜ କୁମାର ନାୟକ, ଆଇଆଇସି ବସନ୍ତ କୁମାର ସାହୁ, ତହସିଲଦାର ଶରତ କୁମାର ଗିରି, ସିଡିପିଓ ମନୋରମା ଦେବୀ, ବ୍ଲକ ଯୋଗାଣ ଅଧିକାରୀ ଦୈତାରୀ ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ଜିତେନ୍ଦ୍ର ଦାସ, ବିପିନି ବିହାରି ମଙ୍ଗରାଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଉପରୋକ୍ତ ଅଭିଯୋଗର ସମାଧାନ ପାଇଁ ଅତିରିକ୍ତ ଜିଲାପାଳ ମହାପାତ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ମୁଖ୍ୟ କିରାଣି କୁବେର ଜେନା, ଜିତେନ୍ଦ୍ର ପାତ୍ର, ରାଜସ୍ୱ ସହାୟକ ତତ୍ତ୍ୱଦର୍ଶୀ ସେଠୀ, କାଶିମ ମହମ୍ମଦ, ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ତରେଇ, ସିପି ପ୍ରଭାତ କୁମାର ଜେନା,ଏପିଓ ଅଭିନ୍ନ କୁମାର ପଲେଇ, ସୌଭାଗ୍ୟ କୁମାର ବଳିୟାରସିଂହ, ଆଲୋକ କୁମାର ଖୁଣ୍ଟିଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଇସିଆର୍‌ପି ମହିଳା ସଂଘର ଦାବିପତ୍ର




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଆଇସିଆର୍‌ପି ମହିଳା ସଂଘ।

ପୁରୀ, ୨୧।୮(ଅଜିତ ମହାନ୍ତି):

ଓଡ଼ିଶା ଜୀବିକା ମିଶନ ଅଧୀନରେ ଥିବା ଆଇସିଆର୍‌ପି ମହିଳା ସଂଘ ୨୦୧୫ ମସିହା ଠାରୁ ଜୀବିକା ମିଶନର କାର୍ଯ୍ୟକାରିତା ପାଇଁ ଏସ୍‌ଏଚ୍‌ଜି, ସିଏଲ୍‌ଏଫ୍ ଏବଂ ଜିପିଏଲ୍‌ଏଫ୍ ଗଠନ ଓ ପରିଚାଳନା ପ୍ରକ୍ରିୟାରେ କାର୍ଯ୍ୟ କରିଆସୁଥିଲେ। ତେବେ ବର୍ତ୍ତମାନ ସମସ୍ତ ପଞ୍ଚାୟତରେ ଜୀବିକା ମିଶନ କାର୍ଯ୍ୟକାରୀ ହେବା ପରେ ଆଇସିଆର୍‌ପିମାନେ କାର୍ଯ୍ୟ ହରାଇ ବସିଛନ୍ତି। ଫଳରେ ସେମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତେଣୁ ସେମାନଙ୍କୁ ପୁନଃ କାର୍ଯ୍ୟ ପ୍ରଦାନ ନିମନ୍ତେ ସୋମବାର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ସମସ୍ତ ଆଇସିଆର୍‌ପିଙ୍କୁ ଜୀବିକା ମିଶନ କିମ୍ବା ମିଶନଶକ୍ତି ଅଧୀନରେ କାର୍ଯ୍ୟ ଦିଆଯାଉ। ବକେୟା ପ୍ରାପ୍ୟ ପ୍ରଦାନ ସହ ତାଲିମପ୍ରାପ୍ତ ଆଇସିଆର୍‌ପିଙ୍କୁ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ଅଗ୍ରାଧିକାର ଦିଆଯାଉ। ପଞ୍ଚାୟତ ସ୍ତରରେ ସୋସିଆଲ ଅଡିଟର ପଦବୀ ସୃଷ୍ଟି କରି ନିଯୁକ୍ତି ଦିଆଯାଉ ଏବଂ ସଦସ୍ୟମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ ସହିତ ଋଣ ବ୍ୟବସ୍ଥା କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

# ପୁଣି ଘୁଞ୍ଚିଲା ଜାଗା ମିଶନ ଜମିପଟ୍ଟା ବଣ୍ଟନ

ଭୁବନେଶ୍ୱର, ୨୧।୮ (ବନ୍ଦନା ସେଠୀ)

ଜାଗା ମିଶନ ଅନ୍ତର୍ଗତ ମହାନଗର ନିଗମ ଅଞ୍ଚଳରେ ଥିବା ହିତାଧିକାରୀଙ୍କୁ ପ୍ରଥମେ ଉତ୍କଳ ଦିବସ ପରେ ଅଗଷ୍ଟ ୨୫ରେ ଜମି ପଟ୍ଟା ବାଣ୍ଟିବା ପାଇଁ ତାରିଖ ନିର୍ଦ୍ଧାରିତ ହେବା ପରେ ପୁଣିଥରେ ଏହାକୁ ଘୁଞ୍ଚାଇ ଦିଆଯାଇଛି। କେଉଁ କାରଣ ପାଇଁ ତାରିଖ ଘୁଞ୍ଚାଯାଇଛି ତାହା ସ୍ପଷ୍ଟ କରାଯାଇ ନ ଥିବାବେଳେ ଅଗଷ୍ଟ ୨୫ ବଦଳରେ ୨୮ରେ ପଟ୍ଟା ବଣ୍ଟନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫ହଜାର ଲୋକଙ୍କୁ ପଟ୍ଟା ଦିଆଯିବ। ତେବେ ସମ୍ପୃକ୍ତ ହିତାଧିକାରୀଙ୍କୁ ବିଏମ୍‌ସି ନିଜ ଖର୍ଚ୍ଚରେ ୧୧୦ଟି ବସ୍ ଯୋଗେ କଳିଙ୍ଗ ଷ୍ଟାଡିୟମ୍ ନେବ ବୋଲି ସୂଚନା ମିଳିଛି। ଏହାପରେ ମହାନଗର ନିଗମ ଅନ୍ତର୍ଗତ ୩ଟି ଜୋନ୍‌ରେ ବାକି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯିବ। ଏହି ଅବସରରେ ଭୁବନେଶ୍ୱରର ୫୧ହଜାର ୮୮୬ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରିବା ନେଇ ବିଏମ୍‌ସି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ହିତାଧିକାରୀ ଚୟନ ନେଇ ଶର୍ଟଲିଷ୍ଟ ଆରମ୍ଭ ହୋଇଛି। ତେବେ ଦୁଇଦୁଇ ଥର ତାରିଖ ଘୋଷଣା ହେବା ପରେ ପୁଣି ତାହାକୁ ଘୁଞ୍ଚାଯିବାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ରାଜଧାନୀ ଭୁବନେଶ୍ୱରରେ ଭୂମିହୀନଙ୍କୁ ଭୂମି ତଥା ବାସସ୍ଥାନ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଜାଗା ମିଶନ୍'କୁ କାର୍ଯ୍ୟକାରୀ କରାଯାଉଛି। ଏହି କ୍ରମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ହିତାଧିକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୫୨ହଜାର ହିତାଧିକାରୀଙ୍କୁ ଚୟନ କରାଯାଇଛି। ଏମାନଙ୍କୁ ସ୍ଲମ୍ ଡେଭେଲପ୍‌ମେଣ୍ଟ ଅଥରିଟି (ଏସ୍‌ଡିଏ) ଚୟନ କରିଛନ୍ତି। ଏଥିସହ ବାକି ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଚିହ୍ନଟ କରି ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ଉପରେ ମଧ୍ୟ ବିଏମ୍‌ସି ଗୁରୁତ୍ୱ ଦେଉଛି।

# ଟୋଲ ଫି ଆଦାୟକୁ ଓଡ଼ିଶା ଜନଶକ୍ତି ମଞ୍ଚର ବିରୋଧ



ଖବରଦାତା ସମ୍ମିଳନୀରେ ଜନଶକ୍ତି ମଞ୍ଚ ପକ୍ଷରୁ ସୂଚନା ଦିଆଯାଉଛି।

ନିମାପଡ଼ା,୨୧।୮(ବିଚିତ୍ରାନନ୍ଦ ସାହୁ)

୩୧୬ନଂ. ଜାତୀୟ ରାଜପଥରେ ମାତ୍ର ୫ଶହ ମିଟର ରାସ୍ତା ବ୍ୟବହାର କରି ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ, କୋଣାର୍କବାସୀଙ୍କୁ ସମ୍ପୂର୍ଣ୍ଣ ପରିମାଣର ଟୋଲ ଫି ଦେବାକୁ ପଡୁଛି। ଏଭଳି ଅତ୍ୟଧିକ ପରିମାଣର ଟୋଲ ଫି ଆଦାୟକୁ ଓଡ଼ିଶା ଜନଶକ୍ତି ମଞ୍ଚ କଡ଼ା ବିରୋଧ କରିଛି। ଏପରି ମନମୁଖି ଟୋଲ ଫି ଆଦାୟ ଆଦୌ ଉଚିତ୍ ନୁହେଁ, ଏହା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ ଘଟଣା। ଏହାର ସୁବିଚାର କରାଯାଇ ନିମାପଡ଼ା ଅଞ୍ଚଳବାସୀଙ୍କଠାରୁ ଟୋଲ ଫି ଆଦାୟ କରା ନ ଯିବା ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମଞ୍ଚ ଦାବି କରିଛି। ନିମାପଡ଼ାଠାରେ ଓଡ଼ିଶା ଜନଶକ୍ତି ମଞ୍ଚ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ରାଜ୍ୟ ଆବାହକ ଅଶୋକ ନନ୍ଦ, ଓଡ଼ିଶା ଦୁର୍ନୀତି ନିବାରଣ ସଂଘର୍ଷ ମଞ୍ଚର ରାଜ୍ୟ ଉପ ଆବାହକ ଆଇନଜୀବୀ ସୁଧୀର ମହାନ୍ତି, ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି, ସମ୍ପାଦକ ଆର୍ତ୍ତବନ୍ଧୁ ସେନାପତି ପ୍ରମୁଖ ଦୃଢ ଦାବି କରିଛନ୍ତି। ଜାତୀୟ ରାଜପଥର ୫୪ କି.ମି. ମଧ୍ୟରୁ କେବଳ ୫ଶହ ମିଟର ରାସ୍ତା ଯାତ୍ରା କରୁଥିବା ନିମାପଡ଼ା, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ ଅଞ୍ଚଳର ଜନସାଧାରଣଙ୍କୁ ଥରେ ଯିବା ପାଇଁ କାର ପିଛା ୧୩୫ ଟଙ୍କା, ଏଲ୍‌ସିଭି(ହାଲୁକା ବ୍ୟବସାୟିକ ଯାନ) ପାଇଁ ୨୧୦ ଟଙ୍କା, ବସ୍ ଓ ଟ୍ରକ ପାଇଁ ୪୩୦ ଟଙ୍କା ଟୋଲ ଫି ଦେବାକୁ ପଡୁଛି। ନିମାପଡ଼ା ଅଞ୍ଚଳରୁ ଦୈନିକ ହଜାର ହଜାର ଲୋକ ସ୍ୱାସ୍ଥ୍ୟସେବା, ଅଫିସ କାର୍ଯ୍ୟ, କୃଷି ଓ ଦୁଗ୍ଧଜାତ ଦ୍ରବ୍ୟ ବିକ୍ରୟ ନିମନ୍ତେ ଭୁବନେଶ୍ୱରକୁ ଯାତାୟାତ କରନ୍ତି। ଏଭଳି ଅତ୍ୟଧିକ ଟୋଲ ଫି ଆଦାୟ ସମସ୍ତଙ୍କୁ ବହୁଳ ଭାବେ ବାଧୁଛି। ତେଣୁ ନିମାପଡ଼ା ଉପଖଣ୍ଡ ଅଞ୍ଚଳର ଜନସାଧାରଣଙ୍କଠାରୁ ଟୋଲ ଫି ଆଦାୟ ବନ୍ଦ କରାଯିବାକୁ ମଞ୍ଚର ରାଜ୍ୟ ଆବାହକ ନନ୍ଦ, ଓଡ଼ିଶା ଦୁର୍ନୀତି ନିବାରଣ ସଂଘର୍ଷ ମଞ୍ଚର ରାଜ୍ୟ ଉପ ଆବାହକ ମହାନ୍ତି ପ୍ରମୁଖ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି।

# ପୂର୍ବତନ କାଉନସିଲରଙ୍କ ନାଁରେ ଜାଲ୍ ଦସ୍ତଖତ

ପୁରୀ, ୨୧।୮(ଅଜିତ ମହାନ୍ତି)

**ଭୁଲ ମାଗିବା ପରେ ଛାଡ଼ ପାଇଲେ ୩ ଅଭିଯୁକ୍ତ**

ପୂର୍ବତନ କାଉନସିଲରଙ୍କ ନାଁରେ ଦସ୍ତଖତ ଓ ଷ୍ଟାମ୍ପ ଜାଲିଆତି କରାଯାଇଥିବା ନେଇ ଅଭିଯୋଗ ହୋଇଛି। ତେବେ ଷ୍ଟାମ୍ପରେ ବନାନ ଭୁଲ ଥିବାରୁ ଏହି ଜାଲିଆତି ଧରାପଡ଼ିଛି। ଏନେଇ ପୁରୀ ପୌରସଂସ୍ଥା ଅନ୍ତର୍ଗତ ୨୦ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ସୁଚିସ୍ମିତା ସାହୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଜାଲିଆତିକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁସାରେ, ୨୦ ନମ୍ବର ୱାର୍ଡରେ ହେଉଥିବା ଏକ ସରକାରୀ ପ୍ରକଳ୍ପ କାର୍ଯ୍ୟର ସର୍ବେକ୍ଷଣ ପାଇଁ ୩ଜଣ ମହିଳାଙ୍କୁ ନିୟୋଜିତ କରାଯାଇଥିଲା। ଏହି ସର୍ବେକ୍ଷଣ ପାଇଁ ଦସ୍ତାବିଜରେ ସୁଚିସ୍ମିତାଙ୍କ ଦସ୍ତଖତ ଆବଶ୍ୟକ ଥିଲା। ହେଲେ ସମ୍ପୃକ୍ତ ୩ ମହିଳା ଶୁଚିସ୍ମିତାଙ୍କୁ ନ ଜଣାଇ ତାଙ୍କ ନାମରେ ଜାଲ୍ ଦସ୍ତଖତ କରିଥିଲେ। ଏପରିକି ତାଙ୍କ ନାମରେ ମିଛ ଷ୍ଟାମ୍ପ ପ୍ରସ୍ତୁତ କରି ଏହାର ଅପବ୍ୟବହାର କରିଥିଲେ। ତେବେ ଏହି ଷ୍ଟାମ୍ପରେ ଲେଖାଯାଇଥିବା 'କାଉନସିଲର'ର ବନାନ ଭୁଲ ଥିଲା। ଉପରିସ୍ଥ ଅଧିକାରୀ ଏହି ତ୍ରୁଟି ପାଇଁ ସର୍ବେକ୍ଷଣ ଦସ୍ତାବିଜକୁ ଫେରାଇଦେଇଥିଲେ। ଏହାପରେ ଜାଲିଆତି ଘଟଣା ଲୋକଲୋଚନକୁ ଆସିଥିଲା। ଏହା ଜାଣିବା ପରେ ସୁଚିସ୍ମିତା କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଥିଲେ। ତେବେ ସମ୍ପୃକ୍ତ ୩ ମହିଳା ନିଜର ଭୁଲ ସ୍ୱୀକାର କରି ଆଗକୁ ଏଭଳି କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଘଟଣାର ସମାଧାନ ହୋଇଥିଲା।

# ମହିଳାଙ୍କୁ ହତ୍ୟା, ପୂର୍ବ ଶତ୍ରୁତା ସନ୍ଦେହ

ପୁରୀ,୨୧।୮(ଅଜିତ ମହାନ୍ତି)

**ଅଭିଯୁକ୍ତ ଫେରାର**

■ ଧାରୁଆ ଅସ୍ତ୍ରରେ ଆକ୍ରମଣ
■ ପୋଲିସ ପକ୍ଷରୁ ତଦନ୍ତ ଜାରି

ଚନ୍ଦନପୁର ଥାନା ଅନ୍ତର୍ଗତ ଭାଇଲିପୁର ରୁଆ ଗ୍ରାମରେ ସୋମବାର ଜଣେ ମହିଳାଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇଛି। କୌଣସି କାରଣକୁ ନେଇ ଦୁର୍ବୃତ୍ତମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଛି। ମୃତ ମହିଳା ହେଲେ ସ୍ଥାନୀୟ ଅଞ୍ଚଳର ସସ୍ମିତା ବରାଳ (୪୨)। ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ପାଇ ଚନ୍ଦନପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ସସ୍ମିତା ତାଙ୍କ ଦୋକାନରେ ବସିଥିବାବେଳେ ହଠାତ୍ କେହି ଆସି ତାଙ୍କୁ ଧାରୁଆ ଅସ୍ତ୍ରରେ ବାରମ୍ବାର ଆକ୍ରମଣ କରିଥିଲେ। ଫଳରେ ସସ୍ମିତାଙ୍କ ଦେହରେ ଗଭୀର ଆଘାତ ଲାଗିଥିଲା ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟା କରିବା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ରକ୍ତାକ୍ତ ଅବସ୍ଥାରେ ସସ୍ମିତା ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସଦର ଏସ୍‌ଡିପିଓ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପାରିବାରିକ ବିବାଦ ତଥା ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ହତ୍ୟାକାଣ୍ଡ ପଛରେ ନିଶା କାରବାର ଥିବା ସନ୍ଦେହ କରାଯାଉଛି। ତେବେ ତଦନ୍ତ ଓ ଅଭିଯୁକ୍ତ ଧରାପଡ଼ିବା ପରେ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏସ୍‌ପି ଡ. କନୱର ବିଶାଲ ସିଂହ କହିଛନ୍ତି ଯେ, ଚନ୍ଦନପୁର ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ, ଥାନା ଅଧିକାରୀ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି।

# ଡେପୁଟେଶନକୁ ବିରୋଧ: ବିଦ୍ୟାଳୟରେ ତାଲା ପକାଇଲେ

ଅସ୍ତରଙ୍ଗ,୨୧।୮(ମମତା ଜେନା)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ବଳଭଦ୍ରପୁର ୟୁଜି ୟୁପି ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ଏହି ବ୍ଲକ ଅଧୀନ ରାଇକଣା ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଛି। କିନ୍ତୁ ଏହାକୁ ବିରୋଧ କରି ବଳଭଦ୍ରପୁର ଗ୍ରାମବାସୀ ଓ ଅଭିଭାବକମାନେ ସୋମବାର ଉକ୍ତ ଶିକ୍ଷୟିତ୍ରୀଙ୍କ ଡେପୁଟେଶନକୁ ବାତିଲ ଦାବି କରି ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଇଛନ୍ତି। ପ୍ରକାଶ ଯେ, ଏହି ବିଦ୍ୟାଳୟର ଛାତ୍ରୀଛାତ୍ର ସଂଖ୍ୟା ୧୧୬ ରହିଥିବାବେଳେ, ଶିକ୍ଷକ ଓ ଶିକ୍ଷୟିତ୍ରୀ ସଂଖ୍ୟା ୬ ରହିଛି। ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ଶ୍ରେଣୀ ଗୃହ ରହିଛି। ହେଲେ ଉକ୍ତ ଶିକ୍ଷୟିତ୍ରୀ ଜଣକ ଭଲ ତଥା ଛାତ୍ରବତ୍ସଳ ରହିଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ଆଶଙ୍କା ରହୁଛି। ଫଳରେ ଛାତ୍ରୀଛାତ୍ରମାନେ ମଧ୍ୟ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନ ପଠାଇବାକୁ ଚାହୁଁ ନାହାନ୍ତି।



ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି।

ଏ ନେଇ ଅତିରିକ୍ତ ଶିକ୍ଷାଧିକାରୀ ମମତା ଦଳାଇ କୁହନ୍ତି, ରାଇକଣା ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଉକ୍ତ ଶିକ୍ଷୟିତ୍ରୀଙ୍କୁ ସେଠାକୁ ଡେପୁଟେଶନରେ ପଠାଯାଇଛି। ସ୍ଥାୟୀ ନିଯୁକ୍ତି ଦିଆଗଲେ ଉକ୍ତ ଶିକ୍ଷୟିତ୍ରୀଙ୍କୁ ନିଜ ସ୍ଥାନକୁ ଫେରିଆସିବେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ୍ୱର କାଣ୍ଡି କହୁଛନ୍ତି, ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସଙ୍ଗେ ଆଲୋଚନା କରିବା ପରେ ଯାହା ନିଷ୍ପତ୍ତି ନିଆଯିବ। ପ୍ରଧାନ ଶିକ୍ଷକଙ୍କଠାରୁ ଏହି କଥା ଗ୍ରାମବାସୀ ଜାଣିବା ପରେ ବିଦ୍ୟାଳୟର ଫାଟକ ଖୋଲାଯାଇଥିଲା। ଶ୍ରୀଧର ନାୟକ, ଲକି ଜେନା, ରେଶମା ବେଗମ, ଶିବ କାଣ୍ଡିଙ୍କ ସମେତ ଅଭିଭାବକମାନେ ବି ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୨ ଅଗଷ୍ଟ, ୨୦୨୩



## ସଂକ୍ଷେପରେ

### ଭଉଣୀ ଗାଡ଼ିରେ ଗଞ୍ଜେଇ ବେପାର, ଭାଇ ଗିରଫ

#### ସାଢ଼େ ୨୦ କେଜି ଗଞ୍ଜେଇ ସହ କାର୍ ଜବତ

ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା)

ଭଉଣୀ ନାଁରେ କିଣାଯାଇଥିବା ନୂଆ ଗାଡ଼ିରେ ଭାଇ ଗଞ୍ଜେଇ ବେପାର କରୁଥିବା ବେଳେ ଅବକାରୀ ବିଭାଗ ହାତରେ ଧରିପଡ଼ିଛନ୍ତି। ସେ ହେଲେ ପୁରୀ ଜିଲା ନିମାପଡ଼ା ହରିପୁର ଅଧୀନ ପଦନପୁର ରମେଶ ପ୍ରଧାନ। ତାଙ୍କଠାରୁ ୨୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରମେଶଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରମେଶ ୧ଲକ୍ଷ ଟଙ୍କାର ଗଞ୍ଜେଇ ଆଣି ୩ ଲକ୍ଷ ଟଙ୍କାରେ ବିକ୍ରି କରିବାର ଯୋଜନା ରଖିଥିଲା। କନ୍ଧମାଳରୁ ଗଞ୍ଜେଇ ଆଣିଥିଲା। କଟକ-ପୁରୀ ବାଇପାସ ନିକଟସ୍ଥ କେଶୁରା ଅଞ୍ଚଳରେ ଥିବାବେଳେ ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ୍ ସୋମବାର ସକାଳେ ଚଢ଼ାଉ କରି ଗଞ୍ଜେଇ ଭର୍ତ୍ତି କାର ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଏହି ନିଶାଦ୍ରବ୍ୟ କେଉଁଠି ବିକ୍ରି ହୋଇଥାନ୍ତା ତାହାର ଖୋଳତାଡ଼ ଚଳାଇବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଅବକାରୀ ଟିମ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ନିଜେ ଏହି କାର୍ କିଣି ଭଉଣୀକୁ ଦେଇଥିବା ସୂଚନା ମିଳିଛି।

### ବାଳାଶ୍ରମ ଅନ୍ତେବାସୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ

ପୁରୀ,୨୧।୮ (ଅଜିତ୍ ମହାନ୍ତି):

ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ରବିବାର ପୁରୀ ଫଟୋ ଆଣ୍ଡ ଭିଡିଓ ଟ୍ରେଡର୍ସ ଆସୋସିଏଶନ୍ ପକ୍ଷରୁ ନରେନ୍ଦ୍ରକୋଣସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ଅସହାୟ ପିଲାମାନଙ୍କ ନିମନ୍ତେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା। ଏଥିସହ ପିଲାଙ୍କୁ ଖାତା, ପେନ୍, ପେନ୍ସିଲ୍ ଓ ଅନ୍ୟାନ୍ୟ ପାଠ୍ୟ ଉପକରଣ ଆଦି ବଣ୍ଟନ କରାଯାଇଥିଲା। ସଂଘର ଉପଦେଷ୍ଟା ଶରତ ପାତ୍ର, ଦେବେନ୍ଦ୍ର ନନ୍ଦ, ରବିନାରାୟଣ ମହାନ୍ତିଙ୍କ ସହଯୋଗରେ ସଭାପତି ମିଥୁନ ଜେନା, ଉପସଭାପତି ସୁଦୀପ୍ତ ମିଶ୍ର, ସମ୍ପାଦକ ସୁକାନ୍ତ ସାହୁ, ସହସମ୍ପାଦକ ଅଭିଷେକ ମହାନ୍ତି, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦସ୍ୟ ଶିବଚରଣ ମହାନ୍ତି, ଅମୀୟ ରଞ୍ଜନ ପଣ୍ଡା, ହରପ୍ରସାଦ ଚାଟାର୍ଜୀ, ରଞ୍ଜିତ ପଟ୍ଟନାୟକ, କୃଷ୍ଣ ଷଡ଼ଙ୍ଗୀ, ପ୍ରକାଶ ଦଳେଇ, ନୀଳକଣ୍ଠ ସାହୁ, କୁନା ପାଢ଼ୀ, ଶିବ ପ୍ରସାଦ ମିଶ୍ର, ରତ୍ନାକର ସେଠୀ, ସୁନୀଲ ମହାପାତ୍ର, ଉମେଶ ଲେଙ୍କା, ଦାମୋଦର ଛଡ଼ିଦାର, ରଞ୍ଜନ ସାହୁ, ତପନ ତ୍ରିପାଠୀ, ବିଷ୍ଣୁପ୍ରସାଦ ପ୍ରଧାନ, ଜଗନ୍ନାଥ ରାଓ ଏବଂ ଅନ୍ୟ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

### ଜନ୍ମଦିନ ପାଳନ ବେଳେ ୨ ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା)

ମୈତ୍ରୀବିହାର ଥାନା ଅନ୍ତର୍ଗତ ନୀଳମାଧବ ବସ୍ତିରେ ରବିବାର ବିଳମ୍ବିତ ରାତିରେ ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଶତାଧିକ ଲୋକେ ମୈତ୍ରୀ ବିହାର ଥାନା ଓ ଚନ୍ଦ୍ରଶେଖରପୁର ଥାନା ଆଗରେ ରାତି ଅଧରେ ଧାରଣା ଦେଇଥିଲେ। ପରେ ଉକ୍ତ ଅଞ୍ଚଳ ମୈତ୍ରୀବିହାର ଥାନା ଅଞ୍ଚଳରେ ଯାଉଥିବାରୁ ଉଭୟ ପକ୍ଷ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ତେବେ ଘଟଣାର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଜନ୍ମଦିନ ପାଳନକୁ ନେଇ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିବା ଜଣାପଡିଛି। ସୂଚନାନୁସାରେ ନୀଳମାଧବ ବସ୍ତିରେ କୌଣସି କାରଣକୁ ନେଇ ବିବାଦ ଲାଗିରହିଥିବାରୁ ଦୁଇ ଭାଗ ହୋଇଯାଇଛନ୍ତି। ରବିବାର ରାତିରେ ଉକ୍ତ ବସ୍ତିରେ ଜଣେ ପିଲାର ଜନ୍ମଦିନ ଥିବାରୁ ରୋଷେଇ କରି ପାଟି କରୁଥିଲେ। ଏହି ସମୟରେ ବିପକ୍ଷ ଗୋଷ୍ଠୀର କେତେଜଣ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ଉଭୟ ପକ୍ଷରୁ ଶତାଧିକ ଲୋକେ ଠେଲାପେଲା ହେବା ସହ ପରସ୍ପର ମଧ୍ୟରେ ଆକ୍ରମଣ କରିଥିଲେ। ପରେ ଉଭୟ ଗୋଷ୍ଠୀ ପକ୍ଷରୁ ୨ଟି ଥାନା ଆଗରେ ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ପରେ ସମସ୍ତେ ଧାରଣାରୁ ହଟିଥିଲେ।

# ମହିଳାଙ୍କୁ ହତ୍ୟା, ପୂର୍ବ ଶତ୍ରୁତା ସନ୍ଦେହ

**ଅଭିଯୁକ୍ତ ଫେରାର**
- ଧାରୁଆ ଅସ୍ତ୍ରରେ ଆକ୍ରମଣ
- ପୋଲିସ ପକ୍ଷରୁ ତଦନ୍ତ ଜାରି

ପୁରୀ,୨୧।୮ (ଅଜିତ ମହାନ୍ତି)

ଚନ୍ଦନପୁର ଥାନା ଅନ୍ତର୍ଗତ ଭାଇଲିପୁର ରୁଆ ଗ୍ରାମରେ ସୋମବାର ଜଣେ ମହିଳାଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇଛି। କୌଣସି କାରଣକୁ ନେଇ ଦୁର୍ବୃତ୍ତମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଛି। ମୃତ ମହିଳା ହେଲେ ସ୍ଥାନୀୟ ଅଞ୍ଚଳର ସସ୍ମିତା ବରାଳ (୪୨)। ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ପାଇ ଚନ୍ଦନପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ସସ୍ମିତା ତାଙ୍କ ଦୋକାନରେ ବସିଥିବାବେଳେ ହଠାତ୍ କେହି ଆସି ତାଙ୍କୁ ଧାରୁଆ ଅସ୍ତ୍ରରେ ବାରମ୍ବାର ଆକ୍ରମଣ କରିଥିଲେ। ଫଳରେ ସସ୍ମିତାଙ୍କ ଦେହରେ ଗଭୀର ଆଘାତ ଲାଗିଥିଲା ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟା କରିବା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ରକ୍ତାକ୍ତ ଅବସ୍ଥାରେ ସସ୍ମିତା ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସଦର ଏସ୍‌ଡିପିଓ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପାରିବାରିକ ବିବାଦ ତଥା ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ହତ୍ୟାକାଣ୍ଡ ପଛରେ ନିଶା କାରବାର ଥିବା ସନ୍ଦେହ କରାଯାଉଛି। ତେବେ ତଦନ୍ତ ଓ ଅଭିଯୁକ୍ତ ଧରାପଡ଼ିବା ପରେ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏସ୍‌ପି ଡ. କନୱର ବିଶାଲ ସିଂହ କହିଛନ୍ତି ଯେ, ଚନ୍ଦନପୁର ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ଖବର ମିଳିବା ମାତ୍ରେ ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ, ଥାନା ଅଧିକାରୀ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତ ଚାଲିଛି। ଅଭିଯୁକ୍ତ ଗିରଫ ହେବା ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।


ଚରକ ଜୟନ୍ତୀ ଅବସରରେ ସୋମବାର ପୁରୀ ଆୟୁର୍ବେଦିକ କଲେଜ ପରିସରରେ ଚରକଙ୍କ ମୂର୍ତ୍ତି ଉନ୍ମୋଚନ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର)

## ଶ୍ରୀଜଗନ୍ନାଥଙ୍କ ଜମିରୁ ମାଙ୍କଡ଼ା ପଥର ଚାଲାଣ ଅଭିଯୋଗ

ଜଟଣୀ,୨୧।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅଞ୍ଚଳରେ ମାଙ୍କଡ଼ା ପଥର ଓ ମୋରମ ଉତ୍ତୋଳନ ସହ ଚାଲାଣ ହେଉଛି। ଏନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। କନ୍ତିଆ ଗ୍ରାମ ନିକଟରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକର ଏକର ଜମିରୁ ଗତ କିଛି ମାସ ହେବ ମାଫିଆମାନେ ଲକ୍ଷ ଲକ୍ଷ ଟନର ମୋରମ ଓ ପଥର କାଟି ଚାଲାଣ କରୁଛନ୍ତି। ଯାହା ଦ୍ୱାରା ଉକ୍ତ ଅଞ୍ଚଳରେ ଗୋଚର, ଅନାବାଦି ଜମି କ୍ଷତି ହେଉଥିବା ସହ ଗୋରୁ ଚରିବାକୁ ଜାଗା ମିଳୁନାହିଁ। ଏପରିକି ମୋରମ ଓ ପଥର ଖନନରୁ ବାହାରୁଥିବା ଧୂଳିରେ ସ୍ଥାନୀୟ ଗ୍ରାମବାସୀ ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା କରି ଭୟରେ ଦିନ ବିତାଉଛନ୍ତି। ଗ୍ରାମବାସୀଙ୍କ ଅସନ୍ତୋଷ ଓ ଅଭିଯୋଗ ପରେ କିଛିଦିନ ପୂର୍ବେ ଉକ୍ତ ପଥର ଖଣିରେ ଜଟଣୀ ପୋଲିସ ଚଢ଼ାଉ କରି ଦୁଇଟି ହାଇୱା, ଦୁଇଟି ଜେସିବି ଏବଂ ଗୋଟିଏ ପାୱାର ଟ୍ରିଲରକୁ ଜବତ କରି ଜଟଣୀ ତହସିଲ କାର୍ଯ୍ୟାଳୟକୁ ହସ୍ତାନ୍ତର କରିଥିଲା। କିଛିଦିନର ନୀରବତା ପରେ ପୁଣି ଶ୍ରୀଜଗନ୍ନାଥଙ୍କ ଜମିରୁ ମାଫିଆମାନେ ମୋରମ ଓ ପଥର ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି। ତୁରନ୍ତ ଜିଲା ଓ ସ୍ଥାନୀୟ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। ସୂଚନାଥାଉ କି, ଜଟଣୀ ତହସିଲ ଅଧୀନ ବେଣାପଞ୍ଜରୀ, ରଥିପୁର, କନ୍ତିଆ ପାତ୍ରପଡା, ହରିପୁର, ଖୁଦୁପରୁ ତଥା ଆଇଆଇଟି ରାସ୍ତା ପାର୍ଶ୍ୱରେ ମାଫିଆମାନେ ଶ୍ରୀଜଗନ୍ନାଥଙ୍କ ଜମି ଓ ସରକାରୀ ଜମିରୁ ବେଆଇନଭାବେ ଖଣିରୁ ପଥର ଓ ମୋରମ ଉତ୍ତୋଳନ କରିଥିଲେ। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ବନ୍ଧୁମିଳନ, ପରିଚୟପତ୍ର ବଣ୍ଟନ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ନିମାପଡ଼ା,୨୧।୮ (ବିଚିତ୍ରାନନ୍ଦ ସାହୁ)

ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ନିମାପଡ଼ା ବ୍ଲକ ଅଧୀନ ଚାରିଛକସ୍ଥିତ ଏକାନ୍ତ ଆଶ୍ରମରେ ମହର୍ଷି ମାୟାଧର ଦାସ ନାଗରିକ ମଞ୍ଚ ପକ୍ଷରୁ ଏକ ବନ୍ଧୁମିଳନ ଓ ପରିଚୟପତ୍ର ବଣ୍ଟନ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମଞ୍ଚର ସଭାପତି ପ୍ରଫେସର ଗୋପୀନାଥ କର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ଡ. ସନ୍ତୋଷ ମିତ୍ର, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ଦଳେଇ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ନାଗରିକମାନେ ଆମର ଗୁରୁଜନ, ଚିରନମସ୍ୟ, ବିଭିନ୍ନ କ୍ଷେତ୍ରରେ ସମାଜର ପ୍ରତ୍ୟେକ ଜନସାଧାରଣ ବରିଷ୍ଠ ନାଗରିକଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ମହିଳା ସରସ୍ୱତୀ ଦଳାଇ, ମନୋରମା ମିଶ୍ର, କନକଲତା ଚକ୍ରବର୍ତ୍ତୀ, ବରିଷ୍ଠ ଶିକ୍ଷାବିତ୍ ଲକ୍ଷ୍ମୀଧର ମହାନ୍ତିଙ୍କ ସମେତ ୩୦ଜଣ ବରିଷ୍ଠ ନାଗରିକଙ୍କୁ ଅତିଥିମାନେ ପରିଚୟପତ୍ର ପ୍ରଦାନ କରିଥିଲେ। ବ୍ୟାଙ୍କସେବା, ସ୍ୱାସ୍ଥ୍ୟସେବା, ମନ୍ଦିର ପ୍ରବେଶ, ତୀର୍ଥ ଭ୍ରମଣ, ବସ୍‌ରେ ଯାତାୟାତ ପାଇଁ ଏହି ପରିଚୟପତ୍ର ବରିଷ୍ଠ ନାଗରିକଙ୍କ ପାଇଁ ବହୁଳ ଭାବେ ସହାୟକ ହୋଇପାରିବ ବୋଲି ଅତିଥିମାନେ କହିଛନ୍ତି। ଏହି ଅବସରରେ ଏକ ବନ୍ଧୁମିଳନ ସମାରୋହ ଆୟୋଜିତ ହୋଇ ସ୍ନେହ, ଶ୍ରଦ୍ଧା, ଭାବର ଆଦାନପ୍ରଦାନ କରିଥିଲେ। ଖବରଦାତା ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଦେଇଥିଲେ। ସମାରୋହରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ମଞ୍ଚର ବିକାଶ ପାଇଁ ଶିକ୍ଷାବିତ୍ ଲକ୍ଷ୍ମୀଧର ମହାନ୍ତି ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଘୋଷଣା କରିଥିଲେ। କେଦାରନାଥ ସାହୁ ଉତ୍ସବର ସଂଯୋଜନା କରିଥିଲେ।

# ବରିଷ୍ଠ ନାଗରିକଙ୍କ ସମସ୍ୟା ନେଇ ଆଲୋଚନା

ପୁରୀ,୨୧।୮ (ଅଜିତ୍ ମହାନ୍ତି)

ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାଘଆଖଡ଼ା ମଠ ପରିସରରେ ସୋମବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାଗରିକ ମଞ୍ଚ ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କାମଦେବ ଦାସ, ଡ. ଶରତ କୁମାର ସାହୁ, ଅବସରପ୍ରାପ୍ତ ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ବିଶ୍ୱ ବରିଷ୍ଠ ନାଗରିକ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପରିବାରର ମୂଳଦୁଆ ହେଉଛନ୍ତି ବରିଷ୍ଠ ନାଗରିକ। ସେମାନଙ୍କର ଜୀବନ ଓ ଅଭିଜ୍ଞତାକୁ ନେଇ ବହୁତ କିଛି ଶିଖିବାର ଆବଶ୍ୟକତା ରହିଛି। ସେମାନଙ୍କର ସ୍ନେହ, ଭଲପାଇବା, ଆଶୀର୍ବାଦ ଅମୂଲ୍ୟ ଓ ନିଃସ୍ୱାର୍ଥପର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକଙ୍କ ବହୁବିଧ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକଙ୍କ ସେବା କରିବା ସହିତ ସେମାନଙ୍କ ଉପଲବ୍ଧି, ପରିବାର ଓ ଦେଶ ପ୍ରତି ସମର୍ପଣ ଭାବ ପାଇଁ ସେମାନଙ୍କୁ ପ୍ରଶଂସା କରିବା ନିମନ୍ତେ ଯୁବପିଢ଼ି ଆଗେଇ ଆସିବା ଦରକାର ବୋଲି ମତ ପ୍ରକାଶ ପାଇଥିଲା। ମଞ୍ଚ ସମ୍ପାଦକ ଦେବେନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶଙ୍କର ବାରିକ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବଟକୃଷ୍ଣ ସ୍ୱାଇଁ, ସନ୍ତୋଷ କୁମାର ମହାନ୍ତି, ଅରୁଣ କୁମାର ମହାନ୍ତି, କର୍ଣ୍ଣ ପ୍ରଧାନ, କୃଷ୍ଣଚରଣ ମହାନ୍ତି, ତ୍ରିବିକ୍ରମ ମିଶ୍ର, ସୁରେନ୍ଦ୍ର ସାମନ୍ତରାୟ, କୃପାସିନ୍ଧୁ ରାଉତରାୟ, ସତ୍ୟନାରାୟଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାଘଆଖଡ଼ା ମଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବରିଷ୍ଠ ନାଗରିକମାନେ ।

# ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ


ଅଗ୍ନିବିପନ୍ନଙ୍କୁ ଭାଜପା ନେତୃବୃନ୍ଦ ସହାୟତା ପ୍ରଦାନ କରୁଛନ୍ତି ।

ଡେଲାଙ୍ଗ,୨୧।୮ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଧାନକେରା ପଞ୍ଚାୟତର ବୀରମକୁନ୍ଦପୁର ନୂଆଗାଁରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୩୫ ବଖରା ଘର ପୋଡିଯାଇଥିବା ବେଳେ ୧୩ ପରିବାର ସର୍ବସ୍ୱାନ୍ତ ହୋଇଥିଲେ। ଏହି ଅଗ୍ନିକାଣ୍ଡରେ ୧୩ ପରିବାରର ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିଲା। ଏହି ଦୁଃଖଦ ଖବର ପାଇ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ମଣ୍ଡଳ ସଭାପତି ସୁଧାଂଶୁ ଶେଖର ପରିଡା ପ୍ରମୁଖ ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ କ୍ଷୟକ୍ଷତିର ଆକଳନ କରିଥିଲେ। ଭାଜପା ପକ୍ଷରୁ ପ୍ରତି ପରିବାରକୁ ୫ ହଜାର ଟଙ୍କା, ଡାଲି ସମେତ ମହିଳାଙ୍କୁ ୩ ସେଟ୍ ଲୁଗା, ପୁରୁଷଙ୍କ ୨ସେଟ୍ ଲେଖାଏ ଡ୍ରେସ ପ୍ରତି ପରିବାରକୁ ପ୍ରଦାନ କରିଛନ୍ତି। ପରିବାର ପିଛା ୫ହଜାର ଓ ୧୦ ହଜାର ଟଙ୍କାର ଆନୁସଙ୍ଗିକ ମୋଟ ୧୫ହଜର ଟଙ୍କା ଲେଖାଏ ୧୩ ପରିବାର ପିଛା ଭାଜପା ବଣ୍ଟନ କରିଛି। ସରକାରୀ ସହାୟତା ଯୋଗାଇ ଦେବାକୁ ରାଷ୍ଟ୍ରୀୟ ପ୍ରବକ୍ତା ଡ. ପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ରବିବାର ରାତ୍ର ୨ଟାବେଳେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ସମବେଦନା ଜଣାଇଥିଲେ। ସୋମବାର ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ ଗ୍ରାମରେ ପହଞ୍ଚି ୧୩ଟି ବିପନ୍ନ ପରିବାରଙ୍କୁ ପଲିଥିନ, ଲୁଗାପଟା ଖାଦ୍ୟ ଆଦି ପ୍ରଦାନ କରିଛନ୍ତି। ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ରବି ଦାସ, ନିର୍ମଳ ପରିଡା, ଅଂଶୁମୋଚନ ପ୍ରଧାନ ପ୍ରମୁଖଙ୍କ ପହଞ୍ଚି ଶୁଖିଲା ଖାଦ୍ୟ ଦେଇଛନ୍ତି। ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ଅଗ୍ରଣୀ ପ୍ରଭାତ କ୍ଲବ ପକ୍ଷରୁ ସଭାପତି ପ୍ରଦୀପ୍ତ ସ୍ୱାଇଁ ଓ ସମ୍ପାଦକ ପଦ୍ମନାଭ ବରାଳଙ୍କ ନେତୃତ୍ୱରେ ଅଗ୍ନିବିପନ୍ନଙ୍କ ସହିତ ଗ୍ରାମବାସୀଙ୍କୁ ରନ୍ଧାଖାଦ୍ୟ, ପାନୀୟ ଜଳ ଓ ରୋଷେଇ ସରଞ୍ଜାମ ପ୍ରଦାନ କରାଯାଇଛି।

## କ୍ରୀଡ଼ାଙ୍ଗନ ତାଲିମ ଶିବିର ଉଦ୍‌ଘାଟିତ

ପିପିଲି,୨୧।୮ (ଦୁର୍ଗାମାଧବ ମିଶ୍ର)

ରାଜ୍ୟ ସରକାର ଶିକ୍ଷାର ମାନକୁ ଉନ୍ନତ ଶୈଳୀର କରିବାକୁ ବିଭିନ୍ନ ପଦକ୍ଷେପ ନେଇ ଆସିଥିବାବେଳେ ଗତ ୧ ବର୍ଷ ହେଲା ହାଇସ୍କୁଲ ସ୍ତରରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ନୂଆ ପାଠ୍ୟକ୍ରମ ହାତକୁ ନେଇଛନ୍ତି। ତାହା ହେଉଛି କ୍ରୀଡ଼ା ମାଧମରେ ବିଭିନ୍ନ କୌଶଳ ଏବଂ ଆତ୍ମ ସୁରକ୍ଷା ସମ୍ପର୍କିତ ଶିକ୍ଷାଦାନ। ଏଥିପାଇଁ ମଧ୍ୟ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ପିରିୟଡ ରହିଛି ଏବଂ ପାଠ୍ୟ ପୁସ୍ତକ ମଧ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର ପିପିଲିସ୍ଥିତ ଜବାହର ବିଦ୍ୟାପୀଠ ପରିସରରେ ପ୍ରଧାନଶିକ୍ଷକ ପୀତବାସ ସେଠୀ ବ୍ଲକସ୍ତରୀୟ କ୍ରୀଡାଙ୍ଗନ କ୍ଲବ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପିପିଲି ବ୍ଲକର ବିଭିନ୍ନ ହାଇସ୍କୁଲରୁ ୨୫ଜଣ ପିଇଟି ଶିକ୍ଷକ ତାଲିମ ନେବାକୁ ଯୋଗ ଦେଇଥିଲେ। ପ୍ରଥମ ଦିନରେ ହାଟସାହି ପଞ୍ଚାୟତ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱାଗତିକା ସାମନ୍ତରାୟ ଏବଂ କ୍ରୀଡ଼ା ଶିକ୍ଷକ ସୁଚିତ୍ର ଖଟେଇ ତାଲିମ ପ୍ରଦାନ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ ବୋଲି କ୍ରୀଡ଼ା ଶିକ୍ଷୟିତ୍ରୀ ସାମନ୍ତରାୟ ସୂଚନା ଦେଇଛନ୍ତି।

# ୭୭୨ ହିତାଧିକାରୀଙ୍କୁ ମିଳିଲା ଭତ୍ତା


ବିଧାୟକ ରୁଦ୍ରପ୍ରତାପ ମହାରଥି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି ।

ଡେଲାଙ୍ଗ,୨୧।୮ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ପରିସରରେ ସୋମବାର ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥି ଯୋଗଦେଇ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ଏହି ମେଳାରେ ୨୧ ପଞ୍ଚାୟତର ମୋଟ ୭୭୨ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ୫ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଦିବ୍ୟାଙ୍ଗ ଓ ୮୦ବର୍ଷରୁ ବୃଦ୍ଧାବୃଦ୍ଧମାନଙ୍କୁ ୭ଶହ ଟଙ୍କାର ଭତ୍ତା ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବିଡିଓ ଲାବନ୍ୟେନ୍ଦୁ ମହାନ୍ତି, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିପିଓ ରତିକାନ୍ତ ସାହୁ, ବ୍ଲକ ସମାଜମଙ୍ଗଳ ଅଧିକାରୀ ତପନଚନ୍ଦ୍ର ଦାସ,ଜିଲ୍ଲାପରିଷଦ ଦିପ୍ତିଶ୍ରୀ ରାଉତରାୟ,ପ୍ରଜ୍ଞା ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ଲଗାଣ ବର୍ଷାଯୋଗୁ ଏହି ମେଳାରେ ଯୋଗଦେଇ ନଥିବା ହିତାଧିକାରୀଙ୍କୁ ଘରେ ଭତ୍ତା ପହଞ୍ଚାଇବାକୁ ବିଧାୟକ ମହାରଥି ନିର୍ଦ୍ଦେଶ ଦେଇଛନ୍ତି।

# ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଚାଲିବ ଆନ୍ଦୋଳନ

**ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଧାରଣା**

ପୁରୀ,୨୧।୮ (ଅଜିତ ମହାନ୍ତି):

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପୁରୀ ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯିବା ସହ କଲମଛାଡ଼ ଆନ୍ଦୋଳନ କରାଯାଇଛି। ଆନ୍ଦୋଳନରେ ଜିଲାର ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସାମିଲ ହୋଇଛନ୍ତି। ସଂଘ ଅଭିଯୋଗ କରିଛି ଯେ, ବାରମ୍ବାର ରାଜ୍ୟ ସରକାରଙ୍କୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀର ଶିକ୍ଷାଗତ ଯୋଗ୍ୟତା +୨ରୁ +୩ କରିବା, ଦରମା ହାର ଲେଭଲ-୫ରୁ ଲେଭଲ-୯କୁ ଧାର୍ଯ୍ୟ କରିବା, ନୂତନ ପଦବୀ ସୃଷ୍ଟି କରି ୧୦ବର୍ଷ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ପଦୋନ୍ନତି ପ୍ରଦାନ ସହ ଜିପିଡିଓ ପଦବୀରେ ଶତପ୍ରତିଶତ ପଦୋନ୍ନତି ଦେବା, ଓପିଆର୍‌ଏସ୍ କ୍ୟାଡର ରୁଲ୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରାଯାଇଛି। ତେବେ ସରକାର ଦାବିଗୁଡ଼ିକୁ ଅଣଦେଖା କରୁଛନ୍ତି। ତେଣୁ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଜିଲାର ପଞ୍ଚାୟତଗୁଡ଼ିକରେ କାର୍ଯ୍ୟ କରୁଥିବା ୧୦୩ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟ ବନ୍ଦ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ଚେତାବନୀ ଦେଇଛି। ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ସଭାପତି ଭାସ୍କର ଚନ୍ଦ୍ର ସାହୁ ଏବଂ ସମ୍ପାଦକ ମନଦୀପ ଶତପଥୀ ପୁରୀରେ ଆୟୋଜିତ ଗଣଧାରଣାର ନେତୃତ୍ୱ ନେଇଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଧାରଣା ଦିଆଯାଉଛି ।

## ସଂକ୍ଷେପରେ

### ନାବାଳିକାଙ୍କୁ ଟଣାଓଟରା, ଜଣେ ଗିରଫ

ସାଲେପୁର,୨୧।୮(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅଞ୍ଚଳର ଯୁକ୍ତ ୨ ପଢ଼ୁଥିବା ଜଣେ ନାବାଳିକାଙ୍କୁ ସୋମବାର ସ୍ଥାନୀୟ ବଜାରରେ ଟଣାଓଟରା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୨୭୧/୨୩) ରୁଜୁ କରାଯାଇଛି। ଏହି ଅଭିଯୋଗରେ ଜଗତ୍‌ସିଂହପୁର ଥାନା ଅଞ୍ଚଳର ମହମ୍ମଦ ଆରିଫ୍ ଅହମ୍ମଦ(୪୦)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ କମ୍ପ୍ୟୁଟର ଶିକ୍ଷା

ସାଲେପୁର,୨୧।୮(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅଧୀନ ପିକୋଲସ୍ଥିତ ଜଗନ୍ନାଥ ଓ ଗୋପୀନାଥ ଟ୍ରଷ୍ଟ ଆନୁକୂଲ୍ୟରେ ବହୁ ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯାଇଛି। ସାଲେପୁର ବିଜ୍ଞାନ ପ୍ରଚାର ସମିତି ସହଯୋଗରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୩ଜଣ ଛାତ୍ରୀଛାତ୍ର ଭାଗନେଇ କମ୍ପ୍ୟୁଟର ଶିକ୍ଷା ନେଇଥିଲେ। ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସୂଚନା ଦିଆଯାଇଥିଲା। ଇଂ. ମାନସ କୁମାର ମଲ୍ଲ ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟର ଶିକ୍ଷା ସମ୍ପର୍କରେ ସୂଚନା ଦେଇଥିଲେ। ମେଜର ମଞ୍ଜୁଶ୍ରୀ ପତି ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପୂର୍ବତନ କୃଷି କର୍ମଚାରୀ ବୈଷ୍ଣବ କାଣ୍ଡି ଏବଂ ତାଙ୍କ ସ୍ତ୍ରୀ ଧୋବି କାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଦ୍ୱାରିକାନାଥ ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ବିପିନ ବିହାରୀ କର, ଡ.ଉମେଶ ଚନ୍ଦ୍ର ପତି, ମହେଶ କୁମାର କର, ଡ.ପୂର୍ଣ୍ଣଚନ୍ଦ୍ର ଓଝା, ତାପସ କୁମାର ତ୍ରିପାଠୀ, ସୁଶାନ୍ତ କିଶୋର ମହାନ୍ତି, ଚିନ୍ମୟୀ ବେହେରା ପ୍ରମୁଖ ଯୋଗଦେଇଥିଲେ।

### ବିଶ୍ୱ ମଶା ଦିବସ

ସାଲେପୁର,୨୧।୮(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅଧୀନ ସତ୍ୟଭାମାପୁର ଠାରେ ବିଶ୍ୱ ମଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାସ୍ତା ପାର୍ଶ୍ୱରେ ଥିବା ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଓମ୍ ଶ୍ରୀରାମ ଟ୍ରଷ୍ଟ ପକ୍ଷରୁ ମାଗଣାରେ ମଶାରି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷ ରାମଚନ୍ଦ୍ର ପାଣି, ମୁଖ୍ୟ ଉପଦେଷ୍ଟା ଅବତନ ଷଡ଼ଙ୍ଗୀ, ସେକ୍ ସମସୁଦ୍ଦିନ, ପରମାନନ୍ଦ ମୁଦୁଲି ପ୍ରମୁଖ ଯୋଗଦେଇ ମଶାରି ବଣ୍ଟନ କରିଥିଲେ।



### କଟକ ସାନିଟାରି ଟ୍ରେଡର୍ସ ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା ଚୟନ

କଟକ,୨୧।୮(ସୁପ୍ରିୟା ପ୍ରିୟଦର୍ଶିନୀ):

କଟକ ସାନିଟାରି ଟ୍ରେଡର୍ସ ଆସୋସିଏଶନର ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ଚୟନ ସୋମବାର ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମେଶ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୋଜକ ପବିତ୍ର ମୋହନ କର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅଧିବେଶନରେ କଟକ ସହରର ସମସ୍ତ ସାନିଟାରି ବ୍ୟବସାୟୀ ଏକତ୍ରିତ ହୋଇ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସର୍ବ ସମ୍ମତି ନିଷ୍ପତ୍ତି ଅନୁଯାୟୀ ଆଗାମୀ ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ରମେଶ ଚନ୍ଦ୍ର ଚୌଧୁରୀ, ଉପ ସଭାପତି ସିତାଂଶୁ କୁମାର ଜେନା, ସାଧାରଣ ସମ୍ପାଦକ ବିପିନି କୁଅଁର, ଯୁଗ୍ମ ସମ୍ପାଦକ ଶୁଭକାନ୍ତ ସ୍ୱାଇଁ ଓ ସୁରେଶ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ପ୍ରଭାତ ରଞ୍ଜନ ଚୌଧୁରୀ, ମୁଖ୍ୟ ସଂଯୋଜକ ପବିତ୍ର ମୋହନ କର, ଯୁଗ୍ମ ସଂଯୋଜକ କାଳନ୍ଦୀ ଚନ୍ଦ୍ର ସାହୁଙ୍କ ସମେତ ଉପଦେଷ୍ଟା ମଣ୍ଡଳୀ ଓ କାର୍ଯ୍ୟକାରୀ ସଦସ୍ୟଙ୍କୁ ମନୋନୀତ କରାଯାଇଛି।

# ମାଗଣାରେ ସବୁଜ ଆବର୍ଜନା ଉଠାଇବ ବିଏମ୍‌ସି

**ବିଏମ୍‌ସି କଣ୍ଟ୍ରାକ୍ଟସ୍ କମିଟି ବୈଠକ**

- 'ସଫା ଭୁବନେଶ୍ୱର' ଆପ୍ ମାଧ୍ୟମରେ ସେପ୍ଟେମ୍ବର ଶେଷ ଯାଏ ସୁବିଧା ପାଇବେ ନାଗରିକ
- ୩ ସ୍ଥାନରେ ପେଭର ବ୍ଲକ ପାଇଁ ୨.୭୫ କୋଟି ମଞ୍ଜୁର



ବୈଠକରେ ମେୟର ଓ କମିଶନରଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୧।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କଣ୍ଟ୍ରାକ୍ଟସ୍ କମିଟି ବୈଠକ ସୋମବାର ମେୟର ସୁଲୋଚନା ଦାସ ଓ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମ୍‌ସି ଅଞ୍ଚଳରେ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ପ୍ରତି ଜୋନ୍‌ରେ ୧୨ରୁ ୧୫ଟି ଲେଖାଏ ଗାଡି ବର୍ଜ୍ୟ ଏବଂ ନିର୍ମାଣ ଓ ଭଗ୍ନାବଶେଷ ଉଠାଇବା ପାଇଁ ଦିଆଯାଇଥିବା ସୂଚନା ଦିଆଯାଇଥିଲା। 'ସଫା ଭୁବନେଶ୍ୱର' ଆପ୍ ବ୍ୟବହାରକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସବୁଜ ଆବର୍ଜନା ଏବଂ ନିର୍ମାଣ ଓ ଭଗ୍ନାବଶେଷ ବିନା ଶୁଳ୍କରେ ସଂଗ୍ରହ ଓ ସ୍ଥାନାନ୍ତର କରାଯିବ। ଏହି ସୁବିଧା କେବଳ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ମିଳିବ। ବର୍ଷାଋତୁରେ ଅଧିକ ବର୍ଜ୍ୟ ନିର୍ଗତ ହେଉଥିବାରୁ ସେସବୁ ବର୍ଜ୍ୟ ସ୍ୱଚ୍ଛତା ରକ୍ଷା କରିବାରେ ବାଧକ ସାଜୁଛି। ସବୁଜ ଆବର୍ଜନାକୁ ଲୋକେ ରାସ୍ତାକଡ କିମ୍ବା ଡ୍ରେନ୍‌ରେ ପକାଇ ଦେଉଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ତେଣୁ ବିଭିନ୍ନ ଅଞ୍ଚଳରୁ ବାହାରୁଥିବା ଅଧିକ ବର୍ଜ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଉଠାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ଆପ୍ ଜରିଆରେ ଆବେଦନ କରିଥିବା ନାଗରିକଙ୍କୁ ନିଃଶୁଳ୍କ ସେବା ସୁବିଧା ପ୍ରଦାନ କରାଯିବ। ତେବେ ଅନ୍ୟାନ୍ୟ ଦେୟଯୁକ୍ତ ସେବାଗୁଡିକ ଅପରିବର୍ତ୍ତିତ ରହିଛି। ଅପରପକ୍ଷେ ବାରମ୍ବାର ତଥା ଅଭ୍ୟାସଗତ ଆଚରଣ ପାଇଁ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ପିଓଏସ୍ ମେଶିନ ଜରିଆରେ ଆଦାୟ କରାଯିବ। ଏହାଦ୍ୱାରା ଠିକ୍ ସମୟ, ଜରିମାନାର ପରିମାଣ, ହିସାବ ଇତ୍ୟାଦିରେ ସ୍ୱଚ୍ଛତା ରହିପାରିବ। ଉଲ୍ଲଂଘନକାରୀଙ୍କଠାରୁ ଆଦାୟ ହେଉଥିବା ଜରିମାନାର ପ୍ରମାଣ ସ୍ୱରୂପ ସେମାନଙ୍କୁ ରସିଦ ପ୍ରଦାନ କରାଯିବ। ଏହି ନିର୍ଦ୍ଦେଶ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏହା ବ୍ୟତୀତ ବୈଠକରେ ୩୦ ନଂ. ୱାର୍ଡ ଅନ୍ତର୍ଗତ ଶହୀଦନଗର କଞ୍ଜରଭେନ୍ସି ଲେନ୍ କ୍ଲଷ୍ଟର ନଂ.୩୦ (୩୭ରୁ ୫୦ ନମ୍ବର ଲେନ୍ ପର୍ଯ୍ୟନ୍ତ)ରେ ପେଭର ବ୍ଲକ କାମ ପାଇଁ ୧.୩୪ କୋଟି ଟଙ୍କାରୁ ଅଧିକ ଏବଂ ୩୪ ନଂ. ୱାର୍ଡ ଅନ୍ତର୍ଗତ ସତ୍ୟନଗର ଓ ପ୍ରେସ କଲୋନୀ (୧ରୁ ୧୩ ନମ୍ବର ଲେନ୍ ପର୍ଯ୍ୟନ୍ତ)ରେ ପେଭର ବ୍ଲକ ରାସ୍ତା ନିର୍ମାଣ ପାଇଁ ୧.୪୧ କୋଟି ଟଙ୍କାକୁ କମିଟି ମଞ୍ଜୁରୀ ଦେଇଛି। ବୈଠକରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ, ଡେପୁଟି କମିଶନର (କର୍ପୋରେଶନ) ସପନ କୁମାର ନନ୍ଦ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଉପସ୍ଥିତ ଥିଲେ।

## ପରମହଂସନାଥ ମନ୍ଦିରର ଉନ୍ନତୀକରଣ ହେବ

**ଡିପିଆର ପ୍ରସ୍ତୁତ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ**

କଟକ ସଦର,୨୧।୮
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ଦେବ ମନ୍ଦିରର ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ୫ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାମ ଉପରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର) ପ୍ରସ୍ତୁତ କରିବାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟ ପ୍ରସ୍ତୁତ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ। ସୂଚନାଯୋଗ୍ୟ, ଗତ ୯ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ପରମହଂସ ଗସ୍ତରେ ଆସିଥିବାବେଳେ ସ୍ଥାନୀୟ ଜନସାଧାରଣ ମନ୍ଦିରର ଉନ୍ନତି ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ତଦନୁଯାୟୀ ଏହି ପ୍ରକଳ୍ପ ତାଲିକା ପ୍ରସ୍ତୁତି ଆରମ୍ଭ ହୋଇଛି।

## ବଦଳିବ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ରୂପରେଖ

ମାଣିଆବନ୍ଧ, ୨୧।୮
(ଅଖିଳ କୁମାର ସାହୁ):

ବଡ଼ମ୍ବା ବ୍ଲକ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଉନ୍ନତୀକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟକ ଯୋଜନା ଅଧୀନରେ ୧ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଏହି ବ୍ୟୟବରାଦ କରାଯାଇଛି। ମଞ୍ଜୁର ଅର୍ଥରେ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ କରାଯିବା ସହ ସ୍ମାର୍ଟ କ୍ଲାସରୁମ୍, ଅତିରିକ୍ତ ଶ୍ରେଣୀଗୃହ, ଇ-ଲାଇବ୍ରେରି, ବିଜ୍ଞାନ ପରୀକ୍ଷାଗାର, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଏବଂ ଖେଳପଡ଼ିଆର୍‌ଉନ୍ନତୀକରଣ କରାଯିବ। ଅର୍ଥରାଶି ମଞ୍ଜୁର ଖବର ମିଳିବା ପରେ ମହାବିଦ୍ୟାଳୟ ଅଧ୍ୟାପିକା,ଅଧ୍ୟାପକ କର୍ମଚାରୀ, ଛାତ୍ରୀଛାତ୍ର ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଭି. କେ. ପାଣ୍ଡିଆନ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ସୁଚିସ୍ମିତା ମହାନ୍ତି କୃତଜ୍ଞତା ଜଣାଇଛନ୍ତି।



କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ଗଣେଶଙ୍କ ମୃଣ୍ମୟ ପ୍ରତିମା ଗଢୁଛନ୍ତି।

## ପୋଲିସ ଉଦ୍ଧାର କଲା ଷଣ୍ଢ ପିକ୍‌ଅପ୍ ଭ୍ୟାନ ସହ ମୋବାଇଲ ଜବତ

ମାହାଙ୍ଗା,୨୧।୮(ଯଯାତି ସିଂହ)

ମାହାଙ୍ଗା ପୋଲିସ ରବିବାର ରାତିରେ ଚଢ଼ାଉ କରି ଚୋରିକରି ନିଆଯାଉଥିବା ଏକ ବୁଲା ଷଣ୍ଢକୁ ଉଦ୍ଧାର କରିଥିବାବେଳେ ପିକ୍‌ଅପ୍ ଭ୍ୟାନ୍, ମୋବାଇଲ ଜବତ କରିଛି। ଛତ୍ରତୋଟା କୁଆଁପାଳ ପୂର୍ତ୍ତ ରାସ୍ତାରେ ମାହାଙ୍ଗା ଆଇଆଇସି ବିଜୟ କୁମାର ମଲ୍ଲିକ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପଶୁଲୁଣ୍ଡା ଗୋବରୀ ପୋଲ ନିକଟରେ ପିକ୍‌ଅପ୍ ଭ୍ୟାନ୍‌ରେ ଦୁର୍ବୃତ୍ତମାନେ ସ୍ଥାନୀୟ ଅଞ୍ଚଳର ଏକ ବୁଲା ଷଣ୍ଢକୁ ବାନ୍ଧି ଗାଡ଼ିରେ ଭର୍ତ୍ତି କରୁଥିଲେ। ମଲ୍ଲିକ ସେମାନଙ୍କୁ ଧରିବାକୁ ଉଦ୍ୟମ କରିବାରୁ ଦୁର୍ବୃତ୍ତମାନେ ଗୋବରୀ ନଦୀକୁ ଡେଇଁ ଫେରାର ହୋଇଯାଇଥିଲେ। ଷଣ୍ଢ ବେକରେ ରଶି ବନ୍ଧାଯାଇଥିବାରୁ ସେ ନିସ୍ତେଜ ହୋଇଯାଇଥିଲା। ପରେ ପୋଲିସ ତୁରନ୍ତ ତା' ବେକରୁ ରଶି କାଟି ମୁଣ୍ଡରେ ପାଣି ଢାଳିଥିଲା। ପ୍ରାୟ ୪୫ ମିନିଟ ପରେ ଷଣ୍ଢଟି ଉଠିଥିଲା। ଏନେଇ ଥାନାରେ ମାମଲା (ନଂ.୨୫୬/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଓସିଏସ୍ ପରୀକ୍ଷାରେ ସଫଳତା ପାଇଥିବା ଅବିନାଶଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ,୨୧।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଶିବମନ୍ଦିର ପ୍ରାଙ୍ଗଣରେ କଟକ ଜିଲା ମଧୁବୈଶ୍ୟ ସମାଜର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା(ଓସିଏସ୍)ରେ କୃତିତ୍ୱ ହାସଲ କରିଥିବା କଇଁମୁଣ୍ଡି ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ପୁତ୍ର ଅବିନାଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁଶୁପଙ୍ଗି ସରପଞ୍ଚ ସୁରେନ୍ଦ୍ର ନାଥ ପରିଡା ଏଥିରେ ସଭାପତିତ୍ୱ କରିଥିଲେ। ଅୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଭଗବାନ ବିହାରୀ ସାହୁ, ସମିତି ସଭ୍ୟ ନରେନ୍ଦ୍ର ସାହୁ, ଶିକ୍ଷାବିତ୍ କାହ୍ନୁଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଜିଲାପରିଷଦ ସଭ୍ୟ ଆଶିଷ କୁମାର ସାହୁ ଏଥିରେ ଯୋଗଦେଇ କୃତିତ୍ୱ ହାସଲ କରିଥିବା ଲକ୍ଷ୍ମୀଧର ସାହୁଙ୍କୁ ଉପଢୌକନ ଓ ଫୁଲତୋଡା ଦେଇ ଅଭିନନ୍ଦନ ଜଣାଇଥିଲେ।

## ଡେଙ୍ଗୁ ସଚେତନତା ଶିବିର




ପ୍ରେସ୍ କ୍ଲବର ସଦସ୍ୟଙ୍କ ସହ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

ଫୁଲନଖରା,୨୧।୮
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ସଇନ୍ଦା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସଦର ପ୍ରେସ୍ କ୍ଲବ୍ ପକ୍ଷରୁ ଡେଙ୍ଗୁ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସଦର ପ୍ରେସ୍ କ୍ଲବ୍ ସଭାପତି ରମେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତାରାଣୀ ସାହୁ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଉପ ସଭାପତି ପ୍ରଦୀପ ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷୟିତ୍ରୀ ଅମୃତା ଜେଠୀ, ସ୍ୱାସ୍ଥ୍ୟକର୍ମୀ ବାସନ୍ତୀ ପ୍ରଧାନ, ପ୍ରେସ୍ କ୍ଲବ୍ ସମ୍ପାଦକ କାନନ ବିହାରୀ ନାୟକ, ଉପ ସଭାପତି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଅମିତ୍ କୁମାର ପରିଜା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନ କରିଥିଲେ। ପ୍ରେସ୍ କ୍ଲବ୍‌ର ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ଦାସମହାପାତ୍ର, ଉମାକାନ୍ତ ଜେନା, ବିଭୂତି ଭୂଷଣ ତରାଇ, ଆଦିତ୍ୟ ଛୋଟରାୟ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିକ୍ଷକ ଅଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଭଉଣୀ ଗାଡ଼ିରେ ଗଞ୍ଜେଇ ବେପାର, ଭାଇ ଗିରଫ

ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା)

ଭଉଣୀ ନାଁରେ କିଣାଯାଇଥିବା ନୂଆ ଗାଡ଼ିରେ ଭାଇ ଗଞ୍ଜେଇ ବେପାର କରୁଥିବା ବେଳେ ଅବକାରୀ ବିଭାଗ ହାତରେ ଧରିପଡ଼ିଛନ୍ତି। ସେ ହେଲେ ପୁରୀ ଜିଲା ନିମାପଡ଼ା ହରିପୁର ଅଧୀନ ପଦନପୁର ରମେଶ ପ୍ରଧାନ। ତାଙ୍କଠାରୁ ୨୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରମେଶଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରମେଶ ୧ଲକ୍ଷ ଟଙ୍କାର ଗଞ୍ଜେଇ ଆଣି ୩ ଲକ୍ଷ ଟଙ୍କାରେ ବିକ୍ରି କରିବାର ଯୋଜନା ରଖିଥିଲା। କନ୍ଧମାଳରୁ ଗଞ୍ଜେଇ ଆଣିଥିଲା। କଟକ-ପୁରୀ ବାଇପାସ ନିକଟସ୍ଥ କେଶୁରା ଅଞ୍ଚଳରେ ଥିବାବେଳେ ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ୍ ସୋମବାର ସକାଳେ ଚଢ଼ାଉ କରି ଗଞ୍ଜେଇ ଭର୍ତ୍ତି କାର ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ନିଶାଦ୍ରବ୍ୟ କେଉଁଠି ବିକ୍ରି ହୋଇଥାନ୍ତା ତାହାର ଖୋଳତାଡ଼ ଚଳାଇବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଅବକାରୀ ଟିମ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ନିଜେ ଏହି କାର୍ କିଣି ଭଉଣୀକୁ ଦେଇଥିବା ସୂଚନା ମିଳିଛି।



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

## ସରପଞ୍ଚଙ୍କୁ ଉପେକ୍ଷା: ଜିଲାପାଳଙ୍କୁ ଅଭିଯୋଗ

ସାଲେପୁର,୨୧।୮(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅଧୀନ ବାରିଗୋଳ ପଞ୍ଚାୟତ ସରପଞ୍ଚ ଶିବୁ ବେହେରାଙ୍କୁ ସରକାରୀ କାର୍ଯ୍ୟକ୍ରମରେ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ଭତ୍ତା ବଣ୍ଟନ ନିମନ୍ତେ ସାଲେପୁର ବ୍ଲକ କାର୍ଯ୍ୟାଳୟରୁ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କୁ ଚିଠି କରାଯାଇ ଡକାଯାଇଥିବାକ ବେଳେ ତାଙ୍କୁ ବାଦ୍ ଦିଆଯାଇଛି।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ବାଙ୍କୀ,୨୧।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତ ଭେଡ଼ାରାମଚନ୍ଦ୍ରପୁର ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବିଶ୍ୱନାଥ ସାହୁଙ୍କ ୨ ବଖରା ଜଳିଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଥିବାବେଳେ ଏହାର କାରଣ ସ୍ପଷ୍ଟ ହୋଇନାହିଁ। ଖବର ପାଇ ବାଙ୍କୀ ସଦର ସହକାରୀ ଆର୍‌ଆଇ ରାକେଶ ଦଳେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ଶାନ୍ତିଲତା ନାୟକଙ୍କୁ ନୀଳିମାରାଣୀ ସମାଜସେବା ସମ୍ମାନ

କଟକ,୨୧।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଜିଲାର କଲରାବାଙ୍କଠାରେ ନୀଳିମାରାଣୀ ସମାଜସେବା ସମ୍ମାନ ପ୍ରଦାନ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ମା' ନୀଳିମାରାଣୀ ସାମନ୍ତଙ୍କ ଜୟନ୍ତୀ ଅବସରରେ କଲରାବାଙ୍କସ୍ଥିତ ନୀଳିମାରାଣୀ ମେମୋରିଆଲ ଚ୍ୟାରିଟେବଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସମାରୋହରେ ସାମାଜିକ କର୍ମୀ ଶାନ୍ତିଲତା ନାୟକଙ୍କୁ ନୀଳିମାରାଣୀ ସମାଜସେବା ସମ୍ମାନ ପ୍ରଦାନ କରାଯାଇଥିଲା। ନୀଳିମାରାଣୀ ମେମୋରିଆଲ ଚ୍ୟାରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଡ. ଅଚ୍ୟୁତ ସାମନ୍ତ, ସଭାପତି ଅନ୍ତର୍ଯ୍ୟାମୀ ସାମନ୍ତ ଓ ସମ୍ପାଦିକା ତଥା ସାହିତ୍ୟିକା ଡ. ଇତି ସାମନ୍ତ ଯୋଗଦେଇ ନୀଳିମାରାଣୀଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଗୁରୁ ବାବା ରାମଦାସ ମହାରାଜ, ଅଞ୍ଜନ ସାମନ୍ତ, ଡା. ରବିନାରାୟଣ ସାମନ୍ତ, ଜ୍ୟୋତ୍ସା ମିତ୍ର, ନିରୁପମା ସାମନ୍ତ, ତୃପ୍ତିରାଣୀ ସାମନ୍ତ, ସିପ୍ରା ସାମନ୍ତ, ନାରାୟଣ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଜରୁରିକାଳୀନ ପରିସ୍ଥିତିରେ ସ୍ୱେଚ୍ଛାକୃତ ସହଯୋଗ କର

**ହ୍ୟୁମାନିଟି ଫାଷ୍ଟ ତରଫରୁ ଜିଲାସ୍ତରୀୟ ବୈଠକ**

ଟିଗିରିଆ, ୨୧।୮(ଜାଫର ଖାଁ)




ବୈଠକରେ ଯୋଗଦେଇଥିବା ହ୍ୟୁମାନିଟି ଫାଷ୍ଟ ଅନୁଷ୍ଠାନର ସଦସ୍ୟମାନେ।

ଟିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀସ୍ଥିତ ଜାମା ମସ୍‌ଜିଦ୍‌ରେ ସୋମବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ହ୍ୟୁମାନିଟି ଫାଷ୍ଟ ଓଡ଼ିଶାର କଟକ ଜିଲା ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଭାପତି ମହମ୍ମଦ ସଫାରତ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ହ୍ୟୁମାନିଟି ଫାଷ୍ଟ ଭାରତର ଅଧ୍ୟକ୍ଷ ରଫିକ ଅହମ୍ମଦ ବେଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜମାତ ତରଫରୁ ବହୁସଂଖ୍ୟାରେ ଯୁବ ସ୍ୱେଚ୍ଛାସେବୀ ଯୋଗଦେବାକୁ ଅନୁରୋଧ କରିଥିଲେ। ବିଶେଷକରି ଜରୁରିକାଳୀନ ପରିସ୍ଥିତିରେ ସ୍ୱେଚ୍ଛାକୃତ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବାହାନଗା ଟ୍ରେନ୍ ଦୁର୍ଘଟଣା ସମୟରେ ହ୍ୟୁମାନିଟି ଫାଷ୍ଟ ଓଡ଼ିଶାର କର୍ମକର୍ତ୍ତା ଦିନରାତି ସେବା ଯୋଗାଇ ଦେଇଥିଲେ ବୋଲି ବେଗ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ କଟକ ଜିଲା ଜମାତ ଅହମ୍ମଦିୟା ସଭାପତି ଅବ୍‌ଦୁଲ ମାଲିକ, ମୌଲାନା ହଲିମ ଅହମ୍ମଦ ଓ ଜିଲାର ପଙ୍କାଳ, କରଡ଼ାପଲ୍ଲୀ, କୋଟପଲ୍ଲା, ମୁକ୍ତାଦେଇପୁର, କଟକ, ଢେଙ୍କାନାଳ ଜିଲାର ତାଳବରକୋଟ ୫, ଗୁଣ୍ଡିଚାପଡ଼ା ଜମାତ ଅହମ୍ମଦିୟାମ୍‌ର ଯୁବକଙ୍କ ସମେତ ଗ୍ରାମ୍ୟ କମିଟି ସଭାପତି, ସମ୍ପାଦକ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଜନଶୁଣାଣି ଶିବିରରେ ୧୫୭ ଅଭିଯୋଗ



ଗମ୍ଭାରୀମୁଣ୍ଡା,୨୧।୮ (ଦିଲ୍ଲୀପ ସ୍ୱାଇଁ)

ବାଣପୁର ବ୍ଲକ ପରିସରରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୫୭ଟି ଅଭିଯୋଗ ହୋଇଥିଲା। ୧୫୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨ଟି ସାମୂହିକ ଏବଂ ତତ୍କାଳ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବାଦଲ ମହାନ୍ତି, ଉପଜିଲାପାଳ ଦିପ୍ତୀରଞ୍ଜନ ସେଠି, ବିଡିଓ ଶୀତଲ ଅଗ୍ରୱାଲ, ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ସିଡିଏମଓ ଡା.ଆର୍ତ୍ତବନ୍ଧୁ ନାୟକ,ବାଣପୁର ବ୍ଲକର ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ, ଯନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ସିଡିପିଓ, ବିଭିନ୍ନ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

### କାର୍‌କୁ ଧକ୍କା ଦେଲା ବୁଲେଟ୍, ୩ ଆହତ

ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଏକ ସଡ଼କ ଦୁର୍ଘଟଣା ଘଟିଛି।ଏକ କାର୍‌କୁ ଗୋଟିଏ ବୁଲେଟ୍ ଧକ୍କା ଦେବାରୁ ୨ ଛୋଟ ପିଲାଙ୍କ ସହ ୩ଜଣ ଆହତ ହୋଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରୀ ବିହାର ହନୁମାନ ମନ୍ଦିର ରାସ୍ତାରେ ଏଭଳି ଘଟଣା ଘଟିଛି। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ପଠାଇଛି। ସେମାନଙ୍କ ପରିଚୟ ଜଣାପଡିନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଟି ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ ଉକ୍ତ ରାସ୍ତାରେ କାର୍‌ଟି ଯାଉଥିବା ବେଳେ ହଠାତ ଡାହାଣ ପାର୍ଶ୍ୱକୁ ଯିବା ପାଇଁ ଗାଡି ବୁଲାଉଥିବା ବେଳେ ଏହି ସମୟରେ ବୁଲେଟରେ ୨ ପିଲାଙ୍କୁ ଧରି ଜଣେ ବାଇକ ଆରୋହୀ ଆସୁଥିବା ବେଳେ କାରକୁ ଧକ୍କା ଦେଇଥିଲେ। ଫଳରେ ବାଇକ୍‌ରେ ବସିଥିବା ୨ ପିଲାଙ୍କ ମୁଣ୍ଡ ଫାଟିଯିବା ସହ ବାଇକ ଆରୋହୀ ଆହତ ହୋଇଥିଲେ।

### ଭଉଣୀ ଗାଡ଼ିରେ ଗଞ୍ଜେଇ ବେପାର, ଭାଇ ଗିରଫ

ସାଢ଼େ ୨୦ କେଜି ଗଞ୍ଜେଇ ସହ କାର୍ ଜବତ



ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା)

ଭଉଣୀ ନାଁରେ କିଣାଯାଇଥିବା ନୂଆ ଗାଡ଼ିରେ ଭାଇ ଗଞ୍ଜେଇ ବେପାର କରୁଥିବା ବେଳେ ଅବକାରୀ ବିଭାଗ ହାତରେ ଧରିପଡ଼ିଛନ୍ତି। ସେ ହେଲେ ପୁରୀ ଜିଲା ନିମାପଡ଼ା ହରିପୁର ଅଧୀନ ପଦନପୁର ରମେଶ ପ୍ରଧାନ। ତାଙ୍କଠାରୁ ୨୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରମେଶଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରମେଶ ୧ଲକ୍ଷ ଟଙ୍କାର ଗଞ୍ଜେଇ ଆଣି ୩ ଲକ୍ଷ ଟଙ୍କାରେ ବିକ୍ରି କରିବାର ଯୋଜନା ରଖିଥିଲା। କନ୍ଧମାଳରୁ ଗଞ୍ଜେଇ ଆଣିଥିଲା। କଟକ-ପୁରୀ ବାଇପାସ ନିକଟସ୍ଥ କେଶୁରା ଅଞ୍ଚଳରେ ଥିବାବେଳେ ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ୍ ସୋମବାର ସକାଳେ ଚଢ଼ାଉ କରି ଗଞ୍ଜେଇ ଭର୍ତ୍ତି କାର ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଏହି ନିଶାଦ୍ରବ୍ୟ କେଉଁଠି ବିକ୍ରି ହୋଇଥାନ୍ତା ତାହାର ଖୋଳତାଡ଼ ଚଳାଇବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଅବକାରୀ ଟିମ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ନିଜେ ଏହି କାର୍ କିଣି ଭଉଣୀକୁ ଦେଇଥିବା ସୂଚନା ମିଳିଛି।

# ଟାଙ୍ଗୀ ଗ୍ରାମ ନ୍ୟାୟାଳୟ କାର୍ଯ୍ୟକ୍ଷମ ୩ରେ

ଟାଙ୍ଗୀ,୨୧।୮ (ରଘୁନାଥ ସାହୁ)




ଦୀର୍ଘଦିନର ଦାବି ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ସେପ୍ଟେମ୍ବର ୩ରେ ଟାଙ୍ଗୀ ଗ୍ରାମ ନ୍ୟାୟାଳୟ ପୁନଃ କାର୍ଯ୍ୟକ୍ଷମ ହେବ। ଟାଙ୍ଗୀ ଗ୍ରାମ ନ୍ୟାୟାଳୟ ୨୦୨୨ ନଭେମ୍ବର ୮ରୁ ଖୋର୍ଦ୍ଧା ଜିଲା ନ୍ୟାୟାଳୟ ପରିସରରେ କାର୍ଯ୍ୟ କରୁଥିଲା। ନ୍ୟାୟିକ ସୁବିଧା ପାଇଁ ଜନସାଧାରଣଙ୍କୁ ୪୦କିଲୋମିଟର ଆସିବାକୁ ପଡୁଥିଲା। ତେଣୁ ଟାଙ୍ଗୀରେ ପୁନଃ କାର୍ଯ୍ୟକ୍ଷମ କରାଇବା ପାଇଁ ସ୍ଥାନୀୟ ଜନସାଧାରଣ ଏବଂ ପଞ୍ଚାୟତ ପ୍ରତିନିଧିମାନେ ଦାବିକରି ଆସୁଥିଲେ।

ପ୍ରକାଶ ଯେ, ୨୦୧୩ ମସିହାରେ ଜନସାଧାରଣଙ୍କ ସୁବିଧା ପାଇଁ ଟାଙ୍ଗୀଠାରେ ଗ୍ରାମ ନ୍ୟାୟାଳୟ ତଥା ଜେଏମ୍‌ଏଫ୍‌ସି ନ୍ୟାୟାଧିକାରୀଙ୍କ କାର୍ଯ୍ୟାଳୟ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ କୌଣସି କାରଣକୁ ନେଇ ଟାଙ୍ଗୀରୁ କୋର୍ଟକୁ ଖୋର୍ଦ୍ଧା ନେଇଯାଇଥିଲେ। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ବ୍ଲକ ଅଧ୍ୟକ୍ଷା, ଜିଲାପରିଷଦ ସଭ୍ୟଙ୍କ ସମେତ ବୁଦ୍ଧିଜୀବୀମାନେ ଲିଖିତଭାବେ ମାର୍ଚ୍ଚ ୧୩, ଅଗଷ୍ଟ ୧୬ରେ ଟାଙ୍ଗୀରେ ଗ୍ରାମ୍ୟ ନ୍ୟାୟାଳୟ ପୁନଃ ସ୍ଥାପନ ନେଇ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିଥିଲେ। ଏହା ମଧ୍ୟରେ ଟାଙ୍ଗୀଠାରେ ନ୍ୟାୟାଳୟ ପାଇଁ ନୂତନ ଗୃହ ନିର୍ମାଣ ଶେଷ ହୋଇସାରିଛି। ତେଣୁ ତୁରନ୍ତ ନୂତନ ଗୃହକୁ ଉଦ୍‌ଘାଟନ କରାଯାଇ ନ୍ୟାୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରାଇବା ପାଇଁ ଦାବି ହୋଇଥିଲା। ଟାଙ୍ଗୀ ବ୍ଲକ ଅନ୍ତର୍ଗତ କମାଗୁରୁ, ସରପାରୀ, ଟାଙ୍କୋଳ, ଛଣଗିରି, ଅଚ୍ୟୁତପୁର, ଓଳସିଂହ ପଞ୍ଚାୟତର କେସ୍ ରେକର୍ଡ ନ୍ୟାୟାଳୟକୁ ଆସିନାହିଁ। ଏହି ୬ଟି ପଞ୍ଚାୟତ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଥିବାରୁ ଗ୍ରାମ ନ୍ୟାୟାଳୟ ପରିସରଭୁକ୍ତ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

# ଶ୍ରୀଜଗନ୍ନାଥଙ୍କ ଜମିରୁ ମାଙ୍କଡ଼ାପଥର ଚାଲାଣ ଅଭିଯୋଗ

ଜଟଣୀ,୨୧।୮ (ରବୀନ୍ଦ୍ର ନାଥ ମହାକୁଡ଼)



ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅଞ୍ଚଳରେ ମାଙ୍କଡ଼ା ପଥର ଓ ମୋରମ ଉତ୍ତୋଳନ ସହ ଚାଲାଣ ହେଉଛି। ଏନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। କନ୍ତିଆ ଗ୍ରାମ ନିକଟରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକର ଏକର ଜମିରୁ ଗତ କିଛି ମାସ ହେବ ମାଫିଆମାନେ ଲକ୍ଷ ଲକ୍ଷ ଟନର ମୋରମ ଓ ପଥର କାଟି ଚାଲାଣ କରୁଛନ୍ତି। ଯାହା ଦ୍ୱାରା ଉକ୍ତ ଅଞ୍ଚଳରେ ଗୋଚର, ଅନାବାଦି ଜମି କ୍ଷତି ହେଉଥିବା ସହ ଗୋର ଚରିବାକୁ ଜାଗା ମିଳୁନାହିଁ। ଏପରିକି ମୋରମ ଓ ପଥର ଖନନରୁ ବାହାରୁଥିବା ଧୂଳିରେ ସ୍ଥାନୀୟ ଗ୍ରାମବାସୀ ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା କରି ଭୟରେ ଦିନ ବିତାଉଛନ୍ତି। ଗ୍ରାମବାସୀଙ୍କ ଅସନ୍ତୋଷ ଓ ଅଭିଯୋଗ ପରେ କିଛିଦିନ ପୂର୍ବେ ଉକ୍ତ ପଥର ଖଣିରେ ଜଟଣୀ ପୋଲିସ ଚଢ଼ାଉ କରି ଦୁଇଟି ହାଇୱା, ଦୁଇଟି ଜେସିବି ଏବଂ ଗୋଟିଏ ପାୱାର ଟ୍ରିଲରକୁ ଜବତ କରି ଜଟଣୀ ତହସିଲ କାର୍ଯ୍ୟାଳୟକୁ ହସ୍ତାନ୍ତର କରିଥିଲା। କିଛିଦିନର ନୀରବତା ପରେ ପୁଣି ଶ୍ରୀଜଗନ୍ନାଥଙ୍କ ଜମିରୁ ମାଫିଆମାନେ ମୋରମ ଓ ପଥର ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି। ତୁରନ୍ତ ଜିଲା ଓ ସ୍ଥାନୀୟ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। ସୂଚନାଥାଉ କି, ଏହି ତହସିଲ ଅଧୀନ ବେଣାପଞ୍ଜରୀ, ରଥିପୁର, କନ୍ତିଆ ପାତ୍ରପଡା, ହରିପୁର, ଖୁଦୁପୁରୁ ରାସ୍ତା ପାର୍ଶ୍ୱରେ ଥିବା ଶ୍ରୀଜଗନ୍ନାଥଙ୍କ ଜମି ଓ ସରକାରୀ ଜମିରୁ ମାଫିଆମାନେ ବେଆଇନଭାବେ ପଥର ଓ ମୋରମ ଉତ୍ତୋଳନ କରୁଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବିଡିଓଙ୍କ ବଦଳି ଦାବିରେ ଧାରଣା



ବ୍ଲକ କାର୍ଯ୍ୟାଳୟ ଆଗରେ ବୋଲଗଡ଼ ମିଶନଶକ୍ତି ଆଞ୍ଚଳିକ ମହାସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ବୋଲଗଡ଼,୨୧।୮ (ଦେବବ୍ରତ ହୋତା)

ରାଜ୍ୟର ବିକାଶରେ ମହିଳାଙ୍କ ସହଭାଗିତାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ମିଶନ ଶକ୍ତି ହେଉଛି ମା'ମାନଙ୍କ ଶକ୍ତି। ଏହା ମହିଳାଙ୍କୁ ଆତ୍ମନିର୍ଭର ସହ ସ୍ୱାବଲମ୍ବୀ କରିପାରିଛି ବୋଲି ସରକାରଙ୍କ ସ୍ଲୋଗାନ ରହିଛି। ହେଲେ ତଳସ୍ତରରେ ମିଶନ ଶକ୍ତି ମହିଳାମାନେ ଆଣିଛନ୍ତି ଗୁରୁତର ଅଭିଯୋଗ। ମିଶନଶକ୍ତି ମହିଳାଙ୍କୁ ସ୍ଥାନୀୟ ବିଡିଓ ଦୁର୍ବ୍ୟବହାର କରିବା ସହ ବିଭିନ୍ନ କାର୍ଯ୍ୟରେ ଦସ୍ତଖତ ପାଇଁ 'ପିସି' ମାଗୁଥିବା ନେଇ ଅଭିଯୋଗ ଆଣିଛି ବୋଲଗଡ଼ ଆଞ୍ଚଳିକ ମହାସଂଘ। ଏନେଇ ବିଭିନ୍ନ ସମୟରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସୋମବାର ମହାସଂଘ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଅଭିଯୋଗ ଅନୁଯାୟୀ, ବିଡିଓ ମହିଳାମାନଙ୍କୁ ସଂଘବଦ୍ଧଭାବେ ନ ଡାକି ଏକୁଟିଆ ଚାମ୍ବରକୁ ଡାକୁଛନ୍ତି। କଥା ନ ମାନିଲେ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଛି। ପିସି ନ ହେଲେ କୌଣସି ଫାଇଲରେ ଦସ୍ତଖତ କରୁନାହାନ୍ତି। ତେଣୁ ତୁରନ୍ତ ବିଡିଓଙ୍କୁ ଏଠାରୁ ବଦଳି କରିବା ପାଇଁ ମହିଳାମାନେ ଦାବି କରିଛନ୍ତି। ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଡିଓଙ୍କ ବିରୋଧରେ ଆସିଥିବା ଅଭିଯୋଗ ସତ୍ୟ ବୋଲି ବ୍ଲକ ମିଶନଶକ୍ତି ପ୍ରକଳ୍ପ ସଂଯୋଜିକା ସୁରୁଚି ସୁପ୍ରୀତି ସାହୁ କହିଛନ୍ତି। ମହାସଂଘ ସଭାନେତ୍ରୀ ଶୈଳବାଳା ବାହିନୀପତି, ସମ୍ପାଦକ ଗୀତାଞ୍ଜଳି ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ମହିଳା ଏହି ଧାରଣାରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ଏବଂ କପୋଳକଳ୍ପିତ ବୋଲି ବିଡିଓ କହିଛନ୍ତି।

### ଜନ୍ମଦିନ ପାଳନବେଳେ ୨ ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା)

ମୈତ୍ରୀବିହାର ଥାନା ଅନ୍ତର୍ଗତ ନୀଳମାଧବ ବସ୍ତିରେ ରବିବାର ବିଳମ୍ବିତ ରାତିରେ ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷରୁ ଶତାଧିକ ଲୋକେ ମୈତ୍ରୀ ବିହାର ଥାନା ଓ ଚନ୍ଦ୍ରଶେଖରପୁର ଥାନା ଆଗରେ ରାତିରେ ଧାରଣା ଦେଇଥିଲେ। ଉଭୟ ପକ୍ଷ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ତେବେ ଘଟଣାର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଜନ୍ମଦିନ ପାଳନକୁ ନେଇ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିବା ଜଣାପଡିଛି। ସୂଚନାନୁସାରେ ନୀଳମାଧବ ବସ୍ତିରେ କୌଣସି କାରଣକୁ ନେଇ ବିବାଦ ଲାଗିରହିଥିବାରୁ ଦୁଇ ଭାଗ ହୋଇଯାଇଛନ୍ତି। ରବିବାର ରାତିରେ ଉକ୍ତ ବସ୍ତିରେ ଜଣେ ପିଲାର ଜନ୍ମଦିନ ଥିବାରୁ ରୋଷେଇ କରି ପାଟି କରୁଥିଲେ। ଏହି ସମୟରେ ବିପକ୍ଷ ଗୋଷ୍ଠୀର କେତେଜଣ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ଉଭୟ ପକ୍ଷରୁ ଶତାଧିକ ଲୋକେ ଠେଲାପେଲା ହେବା ସହ ପରସ୍ପର ମଧ୍ୟରେ ଆକ୍ରମଣ କରିଥିଲେ। ପରେ ଉଭୟ ଗୋଷ୍ଠୀ ପକ୍ଷରୁ ଥାନା ଆଗରେ ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ପରେ ଧାରଣାରୁ ହଟିଥିଲେ।

# ଦୁର୍ଘଟଣାଗ୍ରସ୍ତ ଗୋରୁ ବୋଝେଇ ଗାଡ଼ି ଜବତ

ମିରାକାରପୁର,୨୧।୮ (ମାନାସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ପୋଲିସ ଏକ ଦୁର୍ଘଟଣାଗ୍ରସ୍ତ ଗୋରୁ ବୋଝେଇ ଗାଡିକୁ ଜବତ କରିବା ସହିତ ଗୋରୁଗୁଡିକୁ ଗୋଶାଳାରେ ଛାଡିଛି । ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୭୪/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ରବିବାର ରାତିରେ ଏହି ଥାନା ଅନ୍ତର୍ଗତ ସରପାରୀ-ବଘେଇପୁଟ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏକ ଗାଡ଼ି (ଟିଏସ୍-୦୮-ୟୁଏସ୍-୩୧୩୧) ବୁଲାଣି ବୁଲି ନ ପାରି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପରେ ଗାଡ଼ିକୁ ଛାଡ଼ି ବେପାରୀ ଓ ଚାଳକ ସୁସ୍ଥ ଥିବା କିଛି ଗୋରୁଙ୍କୁ ନେଇ ପଳାଇଥିଲେ। ସୋମବାର ସକାଳେ ଖବରପାଇ ପୋଲିସ ଉକ୍ତ ଗାଡ଼ିକୁ ଜବତ କରିବା ସହ ସେଥିରେ ଥିବା ଗୋରୁଙ୍କୁ ଉଦ୍ଧାର କରି ମଳିପଡାସ୍ଥିତ ଗୋଶାଳାରେ ଛାଡିଥିବା ଜଣାପଡିଛି । ତେବେ ଗାଡ଼ି କେଉଁଠାକୁ ଯାଉଥିଲା ଜଣାପଡ଼ିନାହିଁ। ତେବେ ଗାଡିର ଦୁଇଟି ନମ୍ବର ରହିଛି ବୋଲି ଅଭିଯୋଗ ହୋଇଛି । ଏନେଇ ଥାନା ଅଧିକାରୀ ପ୍ରଜ୍ଞା ରିତମ୍ବରା କର କହିଛନ୍ତି, ସରପାରି-ବଘେଇପୁଟ ରାସ୍ତାରେ ଏକ ଗୋରୁ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ନେଇ ପାଟ୍ରୋଲିଂ ବେଳେ ଜାଣିବାକୁ ପାଇଥିଲୁ। ଗାଡ଼ିକୁ ଜବତ କରିବା ସହ ସେଥିରେ ଥିବା ଗୋରୁଙ୍କୁ ଉଦ୍ଧାର କରାଯାଇ ଗୋଶାଳାରେ ଛଡ଼ାଯାଇଛି। ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

**ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ଛାଡିଲା ପୋଲିସ**




# ସାନପଦର ରେଳ ପାସେଞ୍ଜର ହଲ୍ଟ ଭିତ୍ତିପ୍ରସ୍ତର ସ୍ଥାପନ

ବୋଲଗଡ଼,୨୧।୮ (ଦେବବ୍ରତ ହୋତା)

ଖୋର୍ଦ୍ଧା-ବାଲାଙ୍ଗୀର ପୂର୍ବତଟ ରେଳପଥର ବୋଲଗଡ଼ ବ୍ଲକ ସାନପଦରଠାରେ ସୋମବାର ରେଳ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଏହି ଅବସରରେ ଗ୍ରାମର ଦୁର୍ଗାମଣ୍ଡପଠାରେ ଆଞ୍ଚଳିକ ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ସଭାରେ ସାହିତ୍ୟିକ ରାଜକିଶୋର ବ୍ରହ୍ମା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଏମ୍‌ପି ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ଏମ୍‌ପିଙ୍କ ବେଗୁନିଆ ପ୍ରତିନିଧି ପ୍ରକାଶ ଚନ୍ଦ୍ର ରଣବିଜୁଳି, ଭାଜପା ଖୋର୍ଦ୍ଧା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ଜିଲା ଭାଜପା ଓବିସି ସେଲ ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନ, ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ରଘୁନାଥ ଷଡ଼ଙ୍ଗୀ, ଶିକ୍ଷାବିତ୍ ବଟକୃଷ୍ଣ ସାହୁ, ଭାଜପା ନେତ୍ରୀ ପ୍ରତିମା ରାଣୀ ସାହୁ, ଅଜୟ କୁମାର ମଙ୍ଗରାଜ, ଗ୍ରାମ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ସରପଞ୍ଚ ବିଜୟ କୁମାର ଗୁମାନସିଂହଙ୍କ ସମେତ ଆମନ୍ତ୍ରିତ ଅତିଥିମାନେ ମଞ୍ଚାସୀନ ଥିଲେ। ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଗ୍ରାମ ସମ୍ପାଦକ ଅର୍ଜୁନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ଭିତ୍ତିପ୍ରସ୍ତର ସ୍ଥପାନ ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

# ୫୨ଦଳକୁ କ୍ରୀଡ଼ା ଉପକରଣ ବଣ୍ଟନ

ଟାଙ୍ଗୀ,୨୧।୮ (ରଘୁନାଥ ସାହୁ)

ଟାଙ୍ଗୀ ବଳରାମ ଦେବ ମନ୍ଦିର ପରିସରରେ ସାଂସଦ କ୍ରୀଡ଼ା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତର ୫୨ ଟିମ୍‌କୁ ଫୁଟ୍‌ବଲ, ଭଲିବଲ, ବ୍ୟାଡମିଣ୍ଟନ, କ୍ରିକେଟ ଖେଳ ଉପକରଣ ବଣ୍ଟନ କରିଥିଲେ। ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡୟତରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ପରିଡ଼ା, ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧି, ଖବରଦାତା ରାମ ନାରାୟଣ ଦାଶ ପ୍ରମୁଖ ଯୋଗଦେଇ କହିଥିଲେ, ଯୁବପିଢ଼ି ସମାଜର ଭବିଷ୍ୟତ। ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ବିଭିନ୍ନ କ୍ରୀଡ଼ା ଖେଳିବା ସହ ନିୟମିତ ବ୍ୟାୟାମ କରିବା ଜରୁରୀ ବୋଲି କହିଥିଲେ। ଏମ୍‌ପିଙ୍କ ପ୍ରତିନିଧି ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କିଶୋର ବରାଳ, ଦିବାକର ଭୋଇ, ପ୍ରଦ୍ୟୁମ୍ନ ହରିଚନ୍ଦନ, ପ୍ରଶାନ୍ତ ବେହେରା, ତ୍ରିଲୋଚନ ଦାଶ, କମଳାକାନ୍ତ ମହାପାତ୍ର, କାର୍ତ୍ତିକ ସାମନ୍ତରାୟ, ବିନାୟକ ବେହେରା, ଆଲୋକ ରଞ୍ଜନ ଛୋଟରାୟ, କେଦାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ବିଦ୍ୟୁତ୍ କାନ୍ତି ଧନ୍ୟବାଦ ଦେଇଥିଲେ।

# 'ଦାବି ପୂରଣ ନ ହେଲେ ବିରୋଧ କରାଯିବ'

ଜଟଣୀ,୨୧।୮ (ରବୀନ୍ଦ୍ର ନାଥ ମହାକୁଡ଼)

**୨୩ରେ ୫-ଟି ସଚିବଙ୍କ ଜଟଣୀ ଗସ୍ତ**

ଆସନ୍ତା ୨୩ ତାରିଖରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଜଟଣୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର 'ମୋ ଜଟଣୀ' ଠାରେ ନବନିର୍ମାଣ ଯୁବଛାତ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ଏମ୍‌ଡି. ମନୱର ଅଲ୍ଲୀଙ୍କ ନେତୃତ୍ୱରେ ୧୦ଦଫା ଦାବି ନେଇ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବନିର୍ମାଣ କୃଷକ ସଙ୍ଗଠନକୁ ଚାରିଥର କେଉଁ କାରଣ ପାଇଁ ରାଜଧାନୀରେ ସରକାର ପ୍ରବେଶ କରାଇଲେ ନାହିଁ, ମଣ୍ଡିରେ କୁଇଣ୍ଟାଲ ପ୍ରତି ୫ରୁ ୭ କେଜି ଧାନ କାଟ ବନ୍ଦ କରିବା, ଏମଏସପି ୨୯୩୦ ଟଙ୍କା ଘୋଷଣା କରାଯାଇଥିଲେ ମଧ୍ୟ ସରକାର ଶୁଣିଲେ ନାହିଁ, ଟାଟା ପାୱାରର ଗ୍ରାହକ ଶୋଷଣ ବନ୍ଦ କେବେ, ଜଟଣୀ ମହାବିଦ୍ୟାଳୟର ଜମି ମହାବିଦ୍ୟାଳୟ ନାମରେ ୧୯୭୬ ମସିହାରୁ ଏଯାବତ ହୋଇପାରିନାହିଁ, ଜଟଣୀରେ ପ୍ରତିଷ୍ଠିତ ବିଭିନ୍ନ କେନ୍ଦ୍ରୀୟ ଏବଂ ଆଞ୍ଚଳିକ ଶିକ୍ଷାନୁଷ୍ଠାନରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଆଦି ଦାବି ରହିଛି। ଜଟଣୀ ଆସିବା ପୂର୍ବରୁ ୫-ଟି ସଚିବ ଉକ୍ତ ସମସ୍ୟାର ସମାଧାନ ନ କରନ୍ତି ସଙ୍ଗଠନ ପକ୍ଷରୁ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଜୟପ୍ରକାଶ ତ୍ରିବେଦୀ, ସୁଭାଶିଷ ପରିଡା, ୱାହିଦ ରାଜା, ଗଣେଶ ଗୁପ୍ତା, ଶେଖ ସାହିଦ, ନରେଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ନବନିର୍ମାଣ ଯୁବଛାତ୍ର ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଉଛି।

# ଲୋକଙ୍କ ଅଭିଯୋଗ ଶୁଣିବେ ୫-ଟି ସଚିବ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ବେଗୁନିଆ, ୨୧।୮ (ହରପ୍ରସନ୍ନ ପଣ୍ଡା)



୫-ଟି ସଚିବଙ୍କ ଗସ୍ତ ପୂର୍ବରୁ ବିଧାୟକ ଓ ବିଜେଡି ନେତାମାନେ ଘଟଣାସ୍ଥଳର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ(୫-ଟି) ସଚିବ ଭି.କେ. ପାଣ୍ଡିଆନ୍ ରାଜ୍ୟର ବିଭିନ୍ନ ଜିଲା ଗସ୍ତକରି ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି। ଏହିକ୍ରମରେ ପାଣ୍ଡିଆନ ୨୨ ଓ ୨୩ ତାରିଖ ଦୁଇ ଦିନିଆ ଖୋର୍ଦ୍ଧା ଗସ୍ତରେ ଯିବେ। ପ୍ରଥମ ଦିନରେ ବେଗୁନିଆ, ଖୋର୍ଦ୍ଧା ଏବଂ ବାଣପୁର ବ୍ଲକ ନାଚୁଣୀଠାରେ ଆୟୋଜିତ ସମାବେଶରେ ଯୋଗଦେବେ। ଦ୍ୱିତୀୟ ଦିନରେ ଜଟଣୀ ବ୍ଲକ ଖୁଦୁପୁର ଏବଂ ବାଲିଅନ୍ତା ବ୍ଲକ ବକ୍ରେଶ୍ୱର ହାଇସ୍କୁଲ ପଡିଆରେ ଆୟୋଜିତ ସମାବେଶରେ ଯୋଗଦେବା ସହିତ ଲୋକଙ୍କ ଅଭିଯୋଗ ଶୁଣିବେ।

ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନ ୧୦ଟା ୧୫ରେ ବେଗୁନିଆ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇ ସେଠାରେ ଆୟୋଜିତ ଜନସମାବେଶରେ ଯୋଗଦେବେ। ଏକ ଘଣ୍ଟା ଧରି ଲୋକଙ୍କ ସହ ଆଲୋଚନା କରିବେ, ଅଭିଯୋଗ ଗ୍ରହଣ କରିବେ। ସେଠାରୁ କାରରେ ୧୧ଟା ୧୫ରେ ବାହାରି ୧୧ଟା ୪୫ରେ ଖୋର୍ଦ୍ଧା ହାବେଳି ପଡିଆଠାରେ ଆୟୋଜିତ ସମାବେଶରେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିବେ। ଏକ ଘଣ୍ଟାର କାର୍ଯ୍ୟକ୍ରମ ସାରି ଖୋର୍ଦ୍ଧା ବ୍ଲକ ମିଶନଶକ୍ତି ଦ୍ୱାରା ନିର୍ମିତ କାଫେ ପରିଦର୍ଶନ କରିବେ। ସେଠାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନଶକ୍ତି ମହିଳାଙ୍କ ସହ ଆଲୋଚନା ସହ ମଧ୍ୟାହ୍ନ ଭୋଜନର ବିରତି ପ୍ରାୟ ୫୦ମିନିଟ୍ ରହିଛି। ସେଠାରୁ ପୁଣି କାରରେ ଅପରାହ୍ନ ୨ଟା ୩୦ରେ ବାହାରି ୩ଟା ୩୦ସୁଦ୍ଧା ବାଣପୁର ବ୍ଲକ ନାଚୁଣୀ ଗୋଦାବରୀଶ ହାଇସ୍କୁଲଠାରେ ପହଞ୍ଚିବେ। ସେଠାରେ ଆୟୋଜିତ ସମାବେଶରେ ଏକ ଘଣ୍ଟା ଧରି ଆଲୋଚନା କରିବା ସହିତ ଲୋକଙ୍କ ଅଭିଯୋଗ ଶୁଣିବେ। ପରେ ସେଠାରୁ ହାଇସ୍କୁଲ ପଡ଼ିଆ ଅସ୍ଥାୟୀ ହେଲିପ୍ୟାଡରେ ଚଢି ଭୁବନେଶ୍ୱର ଫେରିଯିବେ। ସେହିପରି ଦ୍ୱିତୀୟ ଦିନରେ ମଧ୍ୟାହ୍ନ ୧୨ଟା ୧୫ରେ ଜଟଣୀ ବ୍ଲକ ଖୁଦୁପୁର ସ୍ଥିତ ଖେଳପଡିଆରେ ଆୟୋଜିତ ସମାବେଶରେ ଯୋଗଦେବେ। ଏକ ଘଣ୍ଟା ଧରି ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସହ ଅଭିଯୋଗ ଗ୍ରହଣ କରିବେ। ପରେ ସେଠାରୁ ଭୁବନେଶ୍ୱର ଫେରିଯିବେ।

**ଖୋର୍ଦ୍ଧା ଗସ୍ତ ଆଜି**

■ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଅପରାହ୍ନ ୩ଟାରେ ବାଲିଅନ୍ତା ବ୍ଲକ ଭିଙ୍ଗାରପୁରସ୍ଥିତ ବକ୍ରେଶ୍ୱର ହାଇସ୍କୁଲ ଖେଳପଡିଆରେ ଆୟୋଜିତ ସମାବେଶ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିବେ। ଏକ ଘଣ୍ଟା ଲୋକଙ୍କ ସହ ଆଲୋଚନା କରିବା ପରେ ଫେରିବାର କାର୍ଯ୍ୟକ୍ରମ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

୫-ଟି ସଚିବଙ୍କ ସୁରକ୍ଷା ପାଇଁ ପ୍ରାୟ ୪ ପ୍ଲାଟୁନ ଫୋର୍ସ ଖୋର୍ଦ୍ଧା, ବେଗୁନିଆ ଓ ନାଚୁଣୀ ଠାରେ ମୁତୟନ ରହିବେ। ସାଦା ପୋଷାକରେ ପୋଲିସ ରହିବେ। ସମାବେଶ ଚାରିପଟ ସିସିଟିଭି ସର୍ଭେଲାନ୍ସରେ ରଖାଯାଇଛି। ଏସ୍‌ପିଙ୍କ ନେତୃତ୍ୱରେ ୩ ସ୍ଥାନରେ ଜଣେ ଲେଖାଏ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଫୋର୍ସ ମୁତୟନ ରହିବେ। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସମସ୍ତ କାର୍ଯ୍ୟକ୍ରମ ତଦାରଖ କରୁଥିବା ବେଳେ ୩ଜଣ ଅତିରିକ୍ତ ଜିଲାପାଳ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଦାୟିତ୍ୱରେ ରହିଛନ୍ତି।

**ସଂକ୍ଷେପରେ**

## ନାବାଳକ ଛାତ୍ର ନିଖୋଜ

ଗୋପ,୨୧।୮
(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘଦିନ ଧରି ଜଣେ ନାବାଳକ ଛାତ୍ରଙ୍କ ପତ୍ତା ନ ମିଳିବା ପରେ ପରିବାର ସଦସ୍ୟ ଗୋପ ଥାନାରେ ଅଭିଯୋଗ ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୩୪୫/୨୩) ରୁଜୁ କରି ନାବାଳକ ସମ୍ପର୍କରେ ଜିଲାର ସମସ୍ତ ଥାନାକୁ ଜଣାଯାଇଛି। ପ୍ରକାଶ ଯେ, ଗୋପ ଥାନା ଅନ୍ତର୍ଗତ ଇଟାକୁଦ ଗ୍ରାମର ପ୍ରମୋଦ କୁମାର ବେହେରାଙ୍କ ସାନ ପୁଅ କିଛିଦିନ ତଳେ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା କହି ଘରରୁ ଔଷଧ ଦୋକାନକୁ ଯାଇଥିଲେ। କିନ୍ତୁ ସେହି ଦିନଠାରୁ ପ୍ରମୋଦଙ୍କ ପୁଅ ଘରକୁ ଫେରି ନ ଥିଲେ। ପରିବାର ସଦସ୍ୟ ବିଭିନ୍ନ ସମ୍ପର୍କୀୟଙ୍କ ଘର ଖୋଜି ନ ପାଇବା ପରେ ଗତ ୧୮ ତାରିଖ ଦିନ ଗୋପ ଥାନାରେ ନାବାଳକ ଛାତ୍ରଙ୍କ ମା ପୁଷ୍ପା ବେହେରା ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ପୋଲିସ ବିଭିନ୍ନ ଥାନାକୁ ଜଣାଇବା ସହିତ ଫଟୋ ମଧ୍ୟ ପଠାଇଛି।

## ଫଟୋଗ୍ରାଫି ପ୍ରଦର୍ଶନୀ, ସାଂସ୍କୃତିକ ଆଡ୍ଡା ଉଦ୍‌ଯାପିତ

ପୁରୀ,୨୧।୮(ଅଜିତ ମହାନ୍ତି)

କୋଲ୍‌କାତାର ଫଟୋଗ୍ରାଫି ସଂସ୍ଥା 'ଥାର୍ଡ ଆଇ' ପକ୍ଷରୁ ପୁରୀ ଲଳିତକଳା ପ୍ରଦର୍ଶନୀ କକ୍ଷରେ ସପ୍ତାହବ୍ୟାପୀ ଚାଲିଥିବା ଫଟୋଗ୍ରାଫି ପ୍ରଦର୍ଶନୀ ଓ ସାଂସ୍କୃତିକ ଆଡ୍ଡା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସେବା ନିବୃତ୍ତ କାର୍ଯ୍ୟକ୍ରମ ଅଧିକାରୀ ସାହିତ୍ୟିକ ଡ. ମିହିର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟଜିତ୍ ରାୟ, ଚଳଚ୍ଚିତ୍ର ଫାଉଣ୍ଡେସନର ନିର୍ଦ୍ଦେଶକ ହିମାଂଶୁ କୁମାର ଖୁଣ୍ଟିଆ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା, କବି ତଥା ପ୍ରଶାସକ ମଧୁସୂଦନ ଦାଶ, ଡ. କୈଳାସ ଚନ୍ଦ୍ର ତିକାୟତରାୟ, ରାଜନେତା ଶଙ୍କର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। 'ଥାର୍ଡ ଆଇ'ର ଆବାହକ ଅତନୁ ପାଲ୍ ଫଟୋଗ୍ରାଫିର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ଆୟୋଜିତ ଜାତୀୟସ୍ତରୀୟ ଅନ୍‌ଲାଇନ୍ ଚିତ୍ରକଳା ଓ ଫଟୋଗ୍ରାଫ ପ୍ରତିଯୋଗିତାରେ ସଫଳତା ପାଇଥିବା ପ୍ରତିଯୋଗୀ ଅଦିତି ଦାଶ, ସତ୍ୟଜିତ୍ ସାହୁ, କୋଙ୍କଣା ଚକ୍ରବର୍ତ୍ତୀ, ସାଇସ୍ୱରୂପ ସ୍ୱାଇଁ, ଶ୍ରୀୟାଂଶ, ଯୋଭିତା ପଟ୍ଟନାୟକ, ଶତାକ୍ଷୀ ସମ୍ପଦା ଜେନା, ନିସ୍ତା ଦାଶ, ଜଗନ୍ନାଥ ମହାପାତ୍ର, ଆଦ୍ୟାଶା ପ୍ରିୟଦର୍ଶିନୀ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦିଲୀପ କୁମାର ସ୍ୱାଇଁ, ଶ୍ୟାମପ୍ରକାଶ ସେନାପତି ଏବଂ ଜୟ ଦାସଗୁପ୍ତା ପ୍ରମୁଖ ପରିଚାଳନା କରିଥିଲେ।

## କାର୍‌କୁ ଧକ୍କା ଦେଲା ବୁଲେଟ୍, ୩ ଆହତ

ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା):

ରାଜଧାନୀରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍‌କୁ ଗୋଟିଏ ବୁଲେଟ୍ ଧକ୍କା ଦେବାରୁ ୨ ଛୋଟ ପିଲାଙ୍କ ସହ ୩ଜଣ ଆହତ ହୋଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରୀ ବିହାର ହନୁମାନ ମନ୍ଦିର ରାସ୍ତାରେ ଏଭଳି ଘଟଣା ଘଟିଛି। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ପଠାଇଛି। ସେମାନଙ୍କ ପରିଚୟ ଜଣାପଡିନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଟି ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

# କାମ୍ପା ଯୋଜନାରେ ଚାରାରୋପଣରେ ଦୁର୍ନୀତି

- ଭିଜିଲାନ୍ସ ତଦନ୍ତ ଦାବି
- ଅଭିଯୋଗ ଭିତ୍ତିହୀନ: ବନାଞ୍ଚଳ ଅଧିକାରୀ

କୋଣାର୍କ,୨୧।୮(ଜ୍ୟୋତିରାଜ ମହାନ୍ତି)



କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ରାମଚଣ୍ଡୀ ସଂରକ୍ଷିତ ଜଙ୍ଗଲ ଓ ଲିଆଖିଆ ସଂରକ୍ଷିତ ଜଙ୍ଗଲରେ କାମ୍ପା ଯୋଜନାରେ ଲକ୍ଷାଧିକ ଚାରାରୋପଣ କରାଯାଉଛି। ଏହି ଚାରାରୋପଣ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଆସୁଥିବା ବେଳେ ସେଥିରୁ ଅଳ୍ପ କିଛି ଚାରାରୋପଣ କରି ବଳକା ଟଙ୍କା ଆତ୍ମସାତ କରାଯାଉଥିବା ନେଇ ନାଗାମଠ ଗ୍ରାମର ସାମାଜିକ କର୍ମୀ ବନମାଳୀ ଖଟୁଆ ଅଭିଯୋଗ ଆଣିଛନ୍ତି। ଖବର ଅନୁଯାୟୀ, ରାମଚଣ୍ଡୀ ସଂରକ୍ଷିତ ଜଙ୍ଗଲରେ କାମ୍ପା ଯୋଜନାରେ ୧୨୫ଏକର ପରିମିତ ଜାଗାରେ ବନ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଚାରାରୋପଣ କରାଯାଇଥିଲା। ଏ ସମ୍ପର୍କରେ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ଫଳକ ଲଗାଯାଇଥିଲା। ମାତ୍ର ଏହି ଯୋଜନାରେ ନାମକୁ ମାତ୍ର ଚାରାରୋପଣ କରାଯାଇ ଲକ୍ଷାଧିକ ଟଙ୍କା ବାଟମାରଣା ପାଇଁ କୋଣାର୍କ ବନ ବିଭାଗ ମସୁଧା କରିବା ନେଇ ଅଭିଯୋଗକାରୀ ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ପାଇଥିଲେ। ଏହି ଘଟଣା ସମ୍ପର୍କରେ ତଥ୍ୟ ପଦାକୁ ଆସିବା ପରେ ବନ ବିଭାଗ ପକ୍ଷରୁ ପୂର୍ବରୁ ଲଗାଯାଇଥିବା ଫଳକକୁ ହଟାଯିବା ସହ ସେଥିରେ କାମ୍ପା ଯୋଜନାରେ ଚାରାରୋପଣ ପାଇଁ ବ୍ୟୟ ଅଟକଳ ରାଶିକୁ ହଟାଯାଇ ଏକ ନୂତନ ଫଳକ ଲଗାଯାଇଥିଲା।

ସେହିପରି କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ଲିଆଖିଆ ସଂରକ୍ଷିତ ଜଙ୍ଗଲରେ କାମ୍ପା ଯୋଜନାରେ ୩୭୫ ଏକର ପରିମିତ ଜାଗାରେ ୨୦୨୦-୨୦୨୧ ଆର୍ଥିକ ବର୍ଷରେ ନାମକୁ ମାତ୍ର ଚାରାରୋପଣ କରାଯାଇ ୧କୋଟି ୫୦ଲକ୍ଷ ଟଙ୍କା ହରିଲୁଟ କରାଯାଇଛି ବୋଲି ଅଭିଯୋଗକାରୀ ଖଟୁଆ ପ୍ରକାଶ କରିଛନ୍ତି। ଏହି ଯୋଜନାରେ ରାମଚଣ୍ଡୀ ସଂରକ୍ଷିତ ଜଙ୍ଗଲରେ ୧୨୫ ଏକର ଜମିରେ କାମ୍ପା ଯୋଜନାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ୧୦ହଜାର ଚାରାରୋପଣ କରାଯାଇଥିବା ବେଳେ ଲିଆଖିଆ ସଂରକ୍ଷିତ ଜଙ୍ଗଲରେ ୧୨୫ଏକର ଜମିରେ କାମ୍ପା ଯୋଜନାରେ ୨୦ ହଜାର ଚାରାରୋପଣ କରାଯାଇଥିବା ଜଣାପଡ଼ିବା ପରେ ପରିବେଶପ୍ରେମୀଙ୍କ ମହଲରେ ନାପସନ୍ଦ କରାଯାଇଛି। ଏଥିସହ ଚାରାରୋପଣ ନାଁରେ ବନ ବିଭାଗର ଏପରି ଦୁର୍ନୀତି ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ କୋଣାର୍କ ବନାଞ୍ଚଳ ଅଧିକାରୀ ଓ ପୁରୀ ଜିଲା ବନ ଅଧିକାରୀଙ୍କୁ ବିଭିନ୍ନ ସମୟରେ ସାମାଜିକ କର୍ମୀ ବନମାଳୀ ଖଟୁଆ ଅଭିଯୋଗ କରିଥିଲେ ମଧ୍ୟ ତଦନ୍ତ କରିବା ଦୂର କଥା ଏପରିକି ଏଥିପ୍ରତି କୌଣସି ପଦକ୍ଷେପ ମଧ୍ୟ ନିଆଯାଉ ନ ଥିବା ଖଟୁଆ କହିଛନ୍ତି। ଏହି ଚାରାରୋପଣ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ପୁରୀ ଜିଲାପାଳ ନିର୍ଦ୍ଦେଶ ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସାମାଜିକ କର୍ମୀ ଖଟୁଆ ଦାବି କରିଛନ୍ତି। ଏ ନେଇ କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା କହିଛନ୍ତି, ଉକ୍ତ ଯୋଜନାରେ ଯାହା ଆବଶ୍ୟକ ଚାରାରୋପଣ କରାଯାଇଛି। ଏ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ଏହା ତଦନ୍ତ ପରିସରକୁ ଆସିଲେ ନିଶ୍ଚୟ ସାହାଯ୍ୟ କରିବି।

## ଚନ୍ଦ୍ରଯାନର ସଫଳତା କାମନା କରି ଦୀପଦାନ




ପୁରୀ ବଡ଼ଦାଣ୍ଡ ସେବା ସଙ୍ଗଠନ ପକ୍ଷରୁ ବଡ଼ଦାଣ୍ଡରେ ଦୀପଦାନ କରାଯାଉଛି।

ପୁରୀ, ୨୧।୮(ଅଜିତ୍ ମହାନ୍ତି)

ଚନ୍ଦ୍ରୟାନ-୩ର ସଫଳ ଅବତରଣ ନେଇ ସୋମବାର ବଡ଼ଦାଣ୍ଡ ସେବା ସଙ୍ଗଠନ ପକ୍ଷରୁ ମରୀଚିକୋଟ ଛକଠାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ ସହ ପ୍ରାର୍ଥନା କରାଯାଇଛି। ଗତ ୨୦୧୯ରେ ଚନ୍ଦ୍ରୟାନ-୨ର ବିଫଳତା ସାରା ଦେଶରେ ଦୁଃଖର ଛାୟା ସୃଷ୍ଟି କରିଥିଲା। ତେବେ କିଛିଦିନ ତଳେ ପୁନର୍ବାର ବୈଜ୍ଞାନିକମାନଙ୍କ ଉଦ୍ୟମରେ ଚନ୍ଦ୍ରୟାନ-୩ ଚନ୍ଦ୍ରପୃଷ୍ଠକୁ ପ୍ରେରଣ କରାଯାଇଛି, ଯାହା ଅଗଷ୍ଟ ୨୩ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ। ସମଗ୍ର ଦେଶବାସୀ ଏହାର ସଫଳତା କାମନା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବଡ଼ଦାଣ୍ଡ ସେବା ସଙ୍ଗଠନ ପକ୍ଷରୁ ସଫଳତା କାମନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନୋଜ କୁମାର ସାହୁ, ନାରାୟଣ ମହାପାତ୍ର, ଦାମୋଦର ପାତ୍ର, ହରେକୃଷ୍ଣ ନନ୍ଦ, ବଟକୃଷ୍ଣ ମହାପାତ୍ର, ପ୍ରସନ୍ନଜିତ୍ ପାତ୍ର, ବିଶ୍ୱଜିତ ବେହେରା, ଆଲୋକ ବାରିକ, ଜଗନ୍ନାଥ ପାଢୀ, ଜଗନ୍ନାଥ ଦୋରା, ସୁନୀଲ ନନ୍ଦ, ବିଶ୍ୱନାଥ ନାୟକ, ରମେଶ ଚନ୍ଦ୍ର ନାୟକ, ଜଗନ୍ନାଥ ପାଢୀ ଏବଂ ସୁନୀଲ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଫାଣ୍ଡିରେ କନଷ୍ଟେବଲଙ୍କୁ ଆକ୍ରମଣ, ଯୁବକ ଗିରଫ

ଗୋପ,୨୧।୮(ଭାରତୀ ଭୂଷଣ ଉପାଧ୍ୟାୟ)

ରବିବାର ମଧ୍ୟାହ୍ନରେ ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡିର କାର୍ଯ୍ୟରତ କନଷ୍ଟେବଲଙ୍କୁ ଫାଣ୍ଡି ପରିସରରେ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରି ଢେଲାପଥର ମାଡ଼ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଫାଣ୍ଡି ଅଧୀନ ବିଶୁଳିପଡା ଗ୍ରାମର କେଦାର ମହାନ୍ତି। କୋର୍ଟ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି ବୋଲି ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, କିଛି ଦିନ ଧରି କେଦାରଙ୍କ ପାରିବାରିକ ବିବାଦକୁ ନେଇ ତାଙ୍କ ସ୍ତ୍ରୀ ଘର ଛାଡ଼ି ବାପ ଘରେ ରହୁଛନ୍ତି। ସ୍ତ୍ରୀଙ୍କୁ ଆଣିବା ପାଇଁ କେଦାର ବାରମ୍ବାର ନୟାହାଟ ଫାଣ୍ଡି ଦୌଡୁଥିଲେ। ପୋଲିସ ଏହି ଅଭିଯୋଗ ପ୍ରତି ଗୁରୁତ୍ୱ ନ ଦେବାରୁ ରବିବାର କେଦାର ଉତ୍ତ୍ୟକ୍ତ ହୋଇ ଫାଣ୍ଡି ଭିତରେ ପଶି ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଲ ଅମରେଶ୍ୱର ଜେନାଙ୍କୁ ଗାଳିମନ୍ଦ କରି ଆକ୍ରମଣ କରିଥିଲେ। ଏହି ଗାଳିମନ୍ଦ ସମୟରେ ଫାଣ୍ଡି ଅଧିକାରୀ କୁନାଲ କୁମାର ପହଞ୍ଚିବା ପରେ ଅଭିଯୁକ୍ତ କେଦାରଙ୍କୁ ଅଟକ ରଖିଥିଲେ। ପରେ କନେଷ୍ଟବଲ ଅମରେଶ୍ୱର ଅଭିଯୋଗ ଦେବାରୁ କେଦାରଙ୍କୁ ଗିରଫ କରାଯାଇଥିଲା।




ସ୍ଥାୟୀ ନିଯୁକ୍ତି ଦାବିରେ ଆଇସିଆର୍‌ପି ମହିଳା ସଂଘ ପୁରୀ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଇସିଆର୍‌ପି ମହିଳା ସଂଘର ଦାବିପତ୍ର

ପୁରୀ, ୨୧।୮(ଅଜିତ ମହାନ୍ତି):

ଓଡ଼ିଶା ଜୀବିକା ମିଶନ ଅଧୀନରେ ଥିବା ଆଇସିଆର୍‌ପି ମହିଳା ସଂଘ ୨୦୧୫ ମସିହା ଠାରୁ ଜୀବିକା ମିଶନର କାର୍ଯ୍ୟକାରିତା ପାଇଁ ଏସ୍‌ଏଚ୍‌ଜି, ସିଏଲ୍‌ଏଫ୍ ଏବଂ ଜିପିଏଲ୍‌ଏଫ୍ ଗଠନ ଓ ପରିଚାଳନା ପ୍ରକ୍ରିୟାରେ କାର୍ଯ୍ୟ କରିଆସୁଥିଲେ। ତେବେ ବର୍ତ୍ତମାନ ସମସ୍ତ ପଞ୍ଚାୟତରେ ଜୀବିକା ମିଶନ କାର୍ଯ୍ୟକାରୀ ହେବା ପରେ ଆଇସିଆର୍‌ପିମାନେ କାର୍ଯ୍ୟ ହରାଇ ବସିଛନ୍ତି। ଫଳରେ ସେମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତେଣୁ ସେମାନଙ୍କୁ ପୁନଃ କାର୍ଯ୍ୟ ପ୍ରଦାନ ନିମନ୍ତେ ସୋମବାର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ସମସ୍ତ ଆଇସିଆର୍‌ପିଙ୍କୁ ଜୀବିକା ମିଶନ କିମ୍ବା ମିଶନ ଶକ୍ତି ଅଧୀନରେ କାର୍ଯ୍ୟ ଦିଆଯାଉ। ବକେୟା ପ୍ରାପ୍ୟ ପ୍ରଦାନ ସହ ତାଲିମପ୍ରାପ୍ତ ଆଇସିଆର୍‌ପିଙ୍କୁ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ଅଗ୍ରାଧିକାର ଦିଆଯାଉ। ପଞ୍ଚାୟତସ୍ତରରେ ସୋସିଆଲ ଅଡିଟର ପଦବୀ ସୃଷ୍ଟି କରି ନିଯୁକ୍ତି ଦିଆଯାଉ ଏବଂ ସଦସ୍ୟମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ ସହିତ ଋଣ ବ୍ୟବସ୍ଥା କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

## ଜନଶୁଣାଣି ଶିବିରରେ ୩୧ ଅଭିଯୋଗ

କୃଷ୍ଣପ୍ରସାଦ,୨୧।୮
(କୈଳାସ ଚନ୍ଦ୍ର ପଟ୍ଟନାୟକ):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଫନୀ ବାତ୍ୟା ସହାୟତା ବାସଗୃହ, ଖାଦ୍ୟଯୋଗଣ, ପାନୀୟଜଳ, ଭତ୍ତା, ଓଡିଆରପି ବାସଗୃହ, ବିଭିନ୍ନ ସମସ୍ୟା ସମ୍ପର୍କିତ ମୋଟ୍ ୩୧ଟି ଅଭିଯୋଗ ହୋଇଥିଲା। ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର(ଅଭିଯୋଗ ଶୁଣାଣି)ପ୍ରିୟଦର୍ଶନୀ ମଲ୍ଲିକ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ବିଡିଓ ମନୋଜ କୁମାର ନାୟକ, ଆଇଆଇସି ବସନ୍ତ କୁମାର ସାହୁ, ତହସିଲଦାର ଶରତ କୁମାର ଗିରି, ସିଡିପିଓ ମନୋରମା ଦେବୀ, ବ୍ଲକ ଯୋଗାଣ ଅଧିକାରୀ ଦୈତାରୀ ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ଜିତେନ୍ଦ୍ର ଦାସ, ବିପିନ ବିହାରୀ ମଙ୍ଗରାଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଉପରୋକ୍ତ ଅଭିଯୋଗର ସମାଧାନ ପାଇଁ ଅତିରିକ୍ତ ଜିଲାପାଳ ମହାପାତ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ମୁଖ୍ୟ କିରାଣି କୁବେର ଜେନା, ଜିତେନ୍ଦ୍ର ପାତ୍ର, ରାଜସ୍ୱ ସହାୟକ ତତ୍ତ୍ୱଦର୍ଶୀ ସେଠୀ, କାସିମ ମହମ୍ମଦ, ମଙ୍ଗଳ ଅଧିକାରୀ ଦିଲୀପ କୁମାର ତରେଇ, ସିପି ପ୍ରଭାତ କୁମାର ଜେନା,ଏପିଓ ଅଭିନ୍ନ କୁମାର ପଲେଇ, ସୌଭାଗ୍ୟ କୁମାର ବଳିୟାରସିଂହ, ଆଲୋକ କୁମାର ଖୁଣ୍ଟିଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଟୋଲ ଫି' ଆଦାୟକୁ ଓଡ଼ିଶା ଜନଶକ୍ତି ମଞ୍ଚର ବିରୋଧ




ଖବରଦାତା ସମ୍ମିଳନୀରେ ଓଡ଼ିଶା ଜନଶକ୍ତି ମଞ୍ଚର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ନିମାପଡ଼ା,୨୧।୮(ବିଚିତ୍ରାନନ୍ଦ ସାହୁ)

୩୧୬ନଂ. ଜାତୀୟ ରାଜପଥରେ ମାତ୍ର ୫ଶହ ମିଟର ରାସ୍ତା ବ୍ୟବହାର କରି ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ, କୋଣାର୍କବାସୀଙ୍କୁ ସମ୍ପୂର୍ଣ୍ଣ ପରିମାଣର ଟୋଲ ଫି ଦେବାକୁ ପଡୁଛି। ଏହି ଟୋଲ ଫି ଆଦାୟକୁ ଓଡ଼ିଶା ଜନଶକ୍ତି ମଞ୍ଚ କଡ଼ା ବିରୋଧ କରିଛି। ଏପରି ମନମୁଖି ଟୋଲ ଫି ଆଦାୟ ଆଦୌ ଉଚିତ୍ ନୁହେଁ, ଏହା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ ଘଟଣା। ଏହାର ସୁବିଚାର କରାଯାଇ ନିମାପଡ଼ା ଅଞ୍ଚଳବାସୀଙ୍କଠାରୁ ଟୋଲ ଫି ଆଦାୟ କରା ନ ଯିବା ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମଞ୍ଚ ଦାବି କରିଛି। ନିମାପଡ଼ାଠାରେ ଓଡ଼ିଶା ଜନଶକ୍ତି ମଞ୍ଚ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ରାଜ୍ୟ ଆବାହକ ଅଶୋକ ନନ୍ଦ, ଓଡ଼ିଶା ଦୁର୍ନୀତି ନିବାରଣ ସଂଘର୍ଷ ମଞ୍ଚର ରାଜ୍ୟ ଉପ ଆବାହକ ଆଇନଜୀବୀ ସୁଧୀର ମହାନ୍ତି, ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି, ସମ୍ପାଦକ ଆର୍ତ୍ତବନ୍ଧୁ ସେନାପତି ପ୍ରମୁଖ ଦୃଢ଼ ଦାବି କରିଛନ୍ତି। ଜାତୀୟ ରାଜପଥର ୫୪ କି.ମି. ମଧ୍ୟରୁ କେବଳ ୫ଶହ ମିଟର ରାସ୍ତା ଯାତ୍ରା କରୁଥିବା ନିମାପଡ଼ା, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ ଅଞ୍ଚଳର ଜନସାଧାରଣଙ୍କୁ ଥରେ ଯିବା ପାଇଁ କାର ପିଛା ୧୩୫ ଟଙ୍କା, ଏଲ୍‌ସିଭି (ହାଲୁକା ବ୍ୟବସାୟିକ ଯାନ) ପାଇଁ ୨୧୦ ଟଙ୍କା, ବସ୍ ଓ ଟ୍ରକ ପାଇଁ ୪୩୦ ଟଙ୍କା ଟୋଲ ଫି ଦେବାକୁ ପଡୁଛି। ନିମାପଡ଼ା ଅଞ୍ଚଳରୁ ଦୈନିକ ହଜାର ହଜାର ଲୋକ ସ୍ୱାସ୍ଥ୍ୟସେବା, ଅଫିସ କାର୍ଯ୍ୟ, କୃଷି ଓ ଦୁଗ୍ଧଜାତ ଦ୍ରବ୍ୟ ବିକ୍ରୟ ନିମନ୍ତେ ଭୁବନେଶ୍ୱରକୁ ଯାତାୟାତ କରନ୍ତି। ଏଭଳି ଅତ୍ୟଧିକ ଟୋଲ ଫି ଆଦାୟ ସମସ୍ତଙ୍କୁ ବାଧୁଛି।

## ପୂର୍ବତନ କାଉନସିଲରଙ୍କ ନାଁରେ ଜାଲ୍ ଦସ୍ତଖତ

**ଭୁଲ ମାଗିବା ପରେ ଛାଡ଼ ପାଇଲେ ୩ ଅଭିଯୁକ୍ତ**

ପୁରୀ, ୨୧।୮(ଅଜିତ ମହାନ୍ତି)

ପୂର୍ବତନ କାଉନସିଲରଙ୍କ ନାଁରେ ଦସ୍ତଖତ ଓ ଷ୍ଟାମ୍ପ ଜାଲିଆତି କରାଯାଇଥିବା ନେଇ ଅଭିଯୋଗ ହୋଇଛି। ତେବେ ଷ୍ଟାମ୍ପରେ ବନାନ ଭୁଲ ଥିବାରୁ ଏହି ଜାଲିଆତି ଧରାପଡ଼ିଛି। ଏନେଇ ପୁରୀ ପୌରସଂସ୍ଥା ଅନ୍ତର୍ଗତ ୨୦ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ସୁଚିସ୍ମିତା ସାହୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଜାଲିଆତିକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁସାରେ, ୨୦ ନମ୍ବର ୱାର୍ଡରେ ହେଉଥିବା ଏକ ସରକାରୀ ପ୍ରକଳ୍ପ କାର୍ଯ୍ୟର ସର୍ବେକ୍ଷଣ ପାଇଁ ୩ଜଣ ମହିଳାଙ୍କୁ ନିୟୋଜିତ କରାଯାଇଥିଲା। ଏହି ସର୍ବେକ୍ଷଣ ପାଇଁ ଦସ୍ତାବିଜରେ ସୁଚିସ୍ମିତାଙ୍କ ଦସ୍ତଖତ ଆବଶ୍ୟକ ଥିଲା। ହେଲେ ସମ୍ପୃକ୍ତ ୩ ମହିଳା ଶୁଚିସ୍ମିତାଙ୍କୁ ନ ଜଣାଇ ତାଙ୍କ ନାମରେ ଜାଲ୍ ଦସ୍ତଖତ କରିଥିଲେ। ଏପରିକି ତାଙ୍କ ନାମରେ ମିଛ ଷ୍ଟାମ୍ପ ପ୍ରସ୍ତୁତ କରି ଏହାର ଅପବ୍ୟବହାର କରିଥିଲେ। ତେବେ ଏହି ଷ୍ଟାମ୍ପରେ ଲେଖାଯାଇଥିବା 'କାଉନସିଲର'ର ବନାନ ଭୁଲ ଥିଲା। ଉପରିସ୍ଥ ଅଧିକାରୀ ଏହି ତ୍ରୁଟି ପାଇଁ ସର୍ବେକ୍ଷଣ ଦସ୍ତାବିଜକୁ ଫେରାଇଦେଇଥିଲେ। ଏହାପରେ ଜାଲିଆତି ଘଟଣା ଲୋକଲୋଚନକୁ ଆସିଥିଲା। ଏହା ଜାଣିବା ପରେ ସୁଚିସ୍ମିତା କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଥିଲେ। ତେବେ ସମ୍ପୃକ୍ତ ୩ ମହିଳା ନିଜର ଭୁଲ ସ୍ୱୀକାର କରି ଆଗକୁ ଏଭଳି କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଘଟଣାର ସମାଧାନ ହୋଇଥିଲା।

## ଡେପୁଟେଶନକୁ ବିରୋଧ: ବିଦ୍ୟାଳୟରେ ତାଲା ପକାଇଲେ

ଅସ୍ତରଙ୍ଗ,୨୧।୮(ମମତା ଜେନା)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ବଳଭଦ୍ରପୁର ନ୍ୟୁଜି ୟୁପି ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ଏହି ବ୍ଲକ ଅଧୀନ ରାଇକଣା ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଛି। କିନ୍ତୁ ଏହାକୁ ବିରୋଧ କରି ବଳଭଦ୍ରପୁର ଗ୍ରାମବାସୀ ଓ ଅଭିଭାବକମାନେ ସୋମବାର ଉକ୍ତ ଶିକ୍ଷୟିତ୍ରୀଙ୍କ ଡେପୁଟେଶନକୁ ବାତିଲ ଦାବି କରି ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଇଛନ୍ତି। ପ୍ରକାଶ ଯେ, ଏହି ବିଦ୍ୟାଳୟର ଛାତ୍ରୀଛାତ୍ର ସଂଖ୍ୟା ୧୧୬ ରହିଥିବାବେଳେ, ଶିକ୍ଷକ ଓ ଶିକ୍ଷୟିତ୍ରୀ ସଂଖ୍ୟା ୬ ରହିଛି। ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ଶ୍ରେଣୀ ଗୃହ ରହିଛି। ହେଲେ ଉକ୍ତ ଶିକ୍ଷୟିତ୍ରୀ ଜଣକ ଭଲ ତଥା ଛାତ୍ରବତ୍ସଳ ରହିଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ଆଶଙ୍କା ରହୁଛି। ଫଳରେ ଛାତ୍ରୀଛାତ୍ରମାନେ ମଧ୍ୟ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନ ପଠାଇବାକୁ ଚାହୁଁ ନାହାନ୍ତି। ଏ ନେଇ ଅତିରିକ୍ତ ଶିକ୍ଷାଧିକାରୀ ମମତା ଦଳାଇ କୁହନ୍ତି, ରାଇକଣା ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଉକ୍ତ ଶିକ୍ଷୟିତ୍ରୀଙ୍କୁ ସେଠାକୁ ଡେପୁଟେଶନରେ ପଠାଯାଇଛି। ସ୍ଥାୟୀ ନିଯୁକ୍ତି ଦିଆଗଲେ ଉକ୍ତ ଶିକ୍ଷୟିତ୍ରୀଙ୍କୁ ନିଜ ସ୍ଥାନକୁ ଫେରି ଆସିବେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ୍ୱର କାଣ୍ଡି କହୁଛନ୍ତି, ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସଙ୍ଗେ ଆଲୋଚନା କରିବା ପରେ ଯାହା ନିଷ୍ପତ୍ତି ନିଆଯିବ। ପ୍ରଧାନ ଶିକ୍ଷକଙ୍କଠାରୁ ଏହି କଥା ଗ୍ରାମବାସୀ ଜାଣିବା ପରେ ବିଦ୍ୟାଳୟର ଫାଟକ ଖୋଲାଯାଇଥିଲା। ଶ୍ରୀଧର ନାୟକ, ଚିନ୍ମୟୀ କାଣ୍ଡି, ଲକି ଜେନା, ଶେଖର କାଣ୍ଡି, ରେଶମା ବେଗମ, ଶିବ କାଣ୍ଡିଙ୍କ ସମେତ ଅଭିଭାବକମାନେ ବି ଉପସ୍ଥିତ ଥିଲେ।



ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଛନ୍ତି।

## ଯେଉଁଠି ବରିଷ୍ଠ ଲୋକ ଶାନ୍ତିରେ ଅଛନ୍ତି, ସେ ଘର ବୈକୁଣ୍ଠ ସମାନ

**ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ**

ସାକ୍ଷୀଗୋପାଳ,୨୧।୮
(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)

ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ସୋମବାର ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳା ପରିସରରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଅନୁଷ୍ଠାନର ସମ୍ପାଦକ ଆଇନଜୀବୀ ଅମର ନନ୍ଦ ବେଦପାଠ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜର ପ୍ରକାଶକ ନିରଞ୍ଜନ ରଥ ଯୋଗଦେଇ କହିଥିଲେ, ସମାଜରେ ପ୍ରତେକ ଲୋକଙ୍କ ଘରେ ରହିଥିବା ବୟସ୍କ ଲୋକ ସମ୍ପ୍ରତି ସମୟରେ ନାନା ପ୍ରତିକୂଳ ପରିସ୍ଥିତି ଦେଇ ଜୀବନ ଅତିବାହିତ କରୁଛନ୍ତି। ସମୟ ଆସିଛି ଏହି ସମସ୍ୟାକୁ ଗୋଷ୍ଠିଗତ ଭାବେ ମୁକାବିଲା କରିବାକୁ ପଡ଼ିବ। ଯେଉଁଘରେ ବରିଷ୍ଠ ଲୋକଙ୍କ ସମ୍ମାନର ସହ ଶାନ୍ତିରେ ଅଛନ୍ତି ସେ ଘର ନିଶ୍ଚିତ ବୈକୁଣ୍ଠ ସହ ସମାନ। ପରିଷଦର ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ପୁରୀ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁଶେଖର ମହାରଣା, ପରିଷଦର ଉପ ସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଉପଦେଷ୍ଟା ଆଇନଜୀବୀ ପୁଷ୍କର ମହାପାତ୍ର, ସଂଯୋଜକ ହୃଷୀକେଶ ମିଶ୍ର, ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ ପଣ୍ଡା, ବୁଦ୍ଧନାଥ ମଲ୍ଲିକ, ମହିଳା ସାମ୍ମୁଖ୍ୟ ଅଧ୍ୟକ୍ଷ ସଖିମଣି ବରାଳ ଓ ଦେବାଶିଷ ରାୟ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ଅମର ନନ୍ଦ ସମ୍ପାଦକୀୟ ବିବରଣୀ, ଅତିଥି ପରିଚୟ ଦେଇଥିଲେ। ସମାଜ ଅନୁଷ୍ଠାନ ତରଫରୁ ମୁଖ୍ୟ ଅତିଥି ସତ୍ୟବାଦୀ ବିକାଶ ପରିଷଦକୁ ୧୫ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ସଭାପତି ଗୁଣ୍ଡିଚା ବରାଳଙ୍କ ଲିଖିତ ପୁସ୍ତକ ସାକ୍ଷୀଗୋପାଳକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ୪୨୦ଟି ଆଶାବାଡ଼ି ଓ ନୂତନ ପରିଚୟ ପତ୍ର ବରିଷ୍ଠ ନାଗରିକଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗୋପବନ୍ଧୁ ଆୟୁର୍ବିଜ୍ଞାନ ଓ ଗବେଷଣା କେନ୍ଦ୍ର ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟସେବା କରାଯାଇଥିଲା। ଡା.ଗୋପବନ୍ଧୁ ଦାସ, ଫାର୍ମାସିଷ୍ଟ ଜ୍ୟୋତି ପ୍ରକାଶ ପ୍ରଧାନ, ଟେକ୍ନିସିଆନ ହରିତ ମହନ୍ତ, ସ୍ମିତାରେଖା ଲେଙ୍କା ପ୍ରମୁଖଙ୍କ ଦ୍ୱାରା ୯୦ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦିଆଯାଇଥିଲା। ସଭ୍ୟ ଆଇନଜୀବୀ ସୁଶାନ୍ତ ରଥ ସହଯୋଗ କରିଥିଲେ। ରବି ଦତ୍ତ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ବରିଷ୍ଠ ନାଗରିକଙ୍କୁ ଆଶାବାଡ଼ି ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### କାର୍‌କୁ ଧକ୍କା ଦେଲା ବୁଲେଟ୍, ୩ ଆହତ

ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା): ରାଜଧାନୀରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍‌କୁ ଗୋଟିଏ ବୁଲେଟ୍ ଧକ୍କା ଦେବାରୁ ୨ ଛୋଟ ପିଲାଙ୍କ ସହ ୩ଜଣ ଆହତ ହୋଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରୀ ବିହାର ହନୁମାନ ମନ୍ଦିର ରାସ୍ତାରେ ଏଭଳି ଘଟଣା ଘଟିଛି। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ପଠାଇଛି। ସେମାନଙ୍କ ପରିଚୟ ଜଣାପଡିନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଟି ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ ଉକ୍ତ ରାସ୍ତାରେ କାର୍‌ଟି ଯାଉଥିବା ବେଳେ ହଠାତ ଡାହାଣ ପାର୍ଶ୍ୱକୁ ଯିବା ପାଇଁ ଗାଡି ବୁଲାଉଥିବା ବେଳେ ଏହି ସମୟରେ ବୁଲେଟରେ ୨ ପିଲାଙ୍କୁ ଧରି ଜଣେ ବାଇକ ଆରୋହୀ ଆସୁଥିବା ବେଳେ କାରକୁ ଧକ୍କା ଦେଇଥିଲେ। ଫଳରେ ବାଇକ୍‌ରେ ବସିଥିବା ୨ ପିଲାଙ୍କ ମୁଣ୍ଡ ଫାଟିଯିବା ସହ ବାଇକ ଆରୋହୀ ଆହତ ହୋଇଥିଲେ।

### ଫାଣ୍ଡିରେ କନଷ୍ଟେବଲଙ୍କୁ ଆକ୍ରମଣ, ଯୁବକ ଗିରଫ

ଗୋପ,୨୧।୮(ଭାରତୀ ଭୂଷଣ ଉପାଧ୍ୟାୟ): ରବିବାର ମଧ୍ୟାହ୍ନରେ ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡିର କାର୍ଯ୍ୟରତ କନଷ୍ଟେବଲଙ୍କୁ ଫାଣ୍ଡି ପରିସରରେ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରି ଢେଲାପଥର ମାଡ଼ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଫାଣ୍ଡି ଅଧୀନ ବିଶୁଳିପଡା ଗ୍ରାମର କେଦାର ମହାନ୍ତି। କୋର୍ଟ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି ବୋଲି ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, କିଛି ଦିନ ଧରି କେଦାରଙ୍କ ପାରିବାରିକ ବିବାଦକୁ ନେଇ ତାଙ୍କ ସ୍ତ୍ରୀ ଘର ଛାଡ଼ି ବାପ ଘରେ ରହୁଛନ୍ତି। ସ୍ତ୍ରୀଙ୍କୁ ଆଣିବା ପାଇଁ କେଦାର ବାରମ୍ବାର ନୟାହାଟ ଫାଣ୍ଡି ଦୌଡୁଥିଲେ। ପୋଲିସ ଏହି ଅଭିଯୋଗ ପ୍ରତି ଗୁରୁତ୍ୱ ନ ଦେବାରୁ ରବିବାର କେଦାର ଉତ୍ତ୍ୟକ୍ତ ହୋଇ ଫାଣ୍ଡି ଭିତରେ ପଶି ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଲ ଅମରେଶ୍ୱର ଜେନାଙ୍କୁ ଗାଳିମନ୍ଦ କରି ଆକ୍ରମଣ କରିଥିଲେ। ଏହି ଗାଳିମନ୍ଦ ସମୟରେ ଫାଣ୍ଡି ଅଧିକାରୀ କୁନାଲ କୁମାର ପହଞ୍ଚିବା ପରେ ଅଭିଯୁକ୍ତ କେଦାରଙ୍କୁ ଅଟକ ରଖିଥିଲେ। ପରେ କନେଷ୍ଟବଲ ଅମରେଶ୍ୱର ଅଭିଯୋଗ ଦେବାରୁ କେଦାରଙ୍କୁ ଗିରଫ କରାଯାଇଥିଲା।

# ମାଗଣାରେ ସବୁଜ ଆବର୍ଜନା ଉଠାଇବ ବିଏମ୍‌ସି

ଭୁବନେଶ୍ୱର, ୨୧।୮ (ବନ୍ଦନା ସେଠୀ)

**ବିଏମ୍‌ସି କଣ୍ଟ୍ରାକ୍ଟସ୍ କମିଟି ବୈଠକ**
- ‘ସଫା ଭୁବନେଶ୍ୱର’ ଆପ୍ ମାଧମରେ ସେପ୍ଟେମ୍ବର ଶେଷ ଯାଏ ସୁବିଧା ପାଇବେ ନାଗରିକ
- ୩ ସ୍ଥାନରେ ପେଭର ବ୍ଲକ ପାଇଁ ୨.୭୫ କୋଟି ମଞ୍ଜୁର


ବୈଠକରେ ମେୟର ଓ କମିଶନରଙ୍କ ସହ ଅନ୍ୟ ଅଧିକାରୀ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କଣ୍ଟ୍ରାକ୍ଟସ୍ କମିଟି ବୈଠକ ସୋମବାର ମେୟର ସୁଲୋଚନା ଦାସ ଓ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମ୍‌ସି ଅଞ୍ଚଳରେ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ପ୍ରତି ଜୋନ୍‌ରେ ୧୨ରୁ ୧୫ଟି ଲେଖାଏ ଗାଡି ବର୍ଜ୍ୟ ଏବଂ ନିର୍ମାଣ ଓ ଭଗ୍ନାବଶେଷ ଉଠାଇବା ପାଇଁ ଦିଆଯାଇଥିବା ସୂଚନା ଦିଆଯାଇଥିଲା। ‘ସଫା ଭୁବନେଶ୍ୱର’ ଆପ୍ ବ୍ୟବହାରକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସବୁଜ ଆବର୍ଜନା ଏବଂ ନିର୍ମାଣ ଓ ଭଗ୍ନାବଶେଷ ବିନା ଶୁଳ୍କରେ ସଂଗ୍ରହ ଓ ସ୍ଥାନାନ୍ତର କରାଯିବ। ଏହି ସୁବିଧା କେବଳ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ମିଳିବ। ବର୍ଷାଋତୁରେ ଅଧିକ ବର୍ଜ୍ୟ ନିର୍ଗତ ହେଉଥିବାରୁ ସେସବୁ ବର୍ଜ୍ୟ ସ୍ୱଚ୍ଛତା ରକ୍ଷା କରିବାରେ ବାଧକ ସାଜୁଛି। ସବୁଜ ଆବର୍ଜନାକୁ ଲୋକେ ରାସ୍ତାକଡ କିମ୍ବା ଡ୍ରେନ୍‌ରେ ପକାଇ ଦେଉଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ତେଣୁ ବିଭିନ୍ନ ଅଞ୍ଚଳରୁ ବାହାରୁଥିବା ଅଧିକ ବର୍ଜ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଉଠାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ଆପ୍ ଜରିଆରେ ଆବେଦନ କରିଥିବା ନାଗରିକଙ୍କୁ ନିଃଶୁଳ୍କ ସେବା ସୁବିଧା ପ୍ରଦାନ କରାଯିବ। ତେବେ ଅନ୍ୟାନ୍ୟ ଦେୟଯୁକ୍ତ ସେବାଗୁଡିକ ଅପରିବର୍ତ୍ତିତ ରହିଛି। ଅପରପକ୍ଷେ ବାରମ୍ବାର ତଥା ଅଭ୍ୟାସଗତ ଆଚରଣ ପାଇଁ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ପିଓଏସ୍ ମେଶିନ ଜରିଆରେ ଆଦାୟ କରାଯିବ। ଏହାଦ୍ୱାରା ଠିକ୍ ସମୟ, ଜରିମାନାର ପରିମାଣ, ହିସାବ ଇତ୍ୟାଦିରେ ସ୍ୱଚ୍ଛତା ରହିପାରିବ। ଉଲ୍ଲଂଘନକାରୀଙ୍କଠାରୁ ଆଦାୟ ହେଉଥିବା ଜରିମାନାର ପ୍ରମାଣ ସ୍ୱରୂପ ସେମାନଙ୍କୁ ରସିଦ ପ୍ରଦାନ କରାଯିବ। ଏହି ନିର୍ଦ୍ଦେଶ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏହା ବ୍ୟତୀତ ବୈଠକରେ ୩୦ ନଂ. ୱାର୍ଡ ଅନ୍ତର୍ଗତ ଶହୀଦନଗର କଞ୍ଜରଭେନ୍ସି ଲେନ୍ କ୍ଲଷ୍ଟର ନଂ.୩୦ (୩୭ରୁ ୫୦ ନମ୍ବର ଲେନ୍ ପର୍ଯ୍ୟନ୍ତ)ରେ ପେଭର ବ୍ଲକ କାମ ପାଇଁ ୧.୩୪ କୋଟି ଟଙ୍କାରୁ ଅଧିକ ଏବଂ ୩୪ ନଂ. ୱାର୍ଡ ଅନ୍ତର୍ଗତ ସତ୍ୟନଗର ଓ ପ୍ରେସ କଲୋନୀ (୧ରୁ ୧୩ ନମ୍ବର ଲେନ୍ ପର୍ଯ୍ୟନ୍ତ)ରେ ପେଭର ବ୍ଲକ ରାସ୍ତା ନିର୍ମାଣ ପାଇଁ ୧.୪୧ କୋଟି ଟଙ୍କାକୁ କମିଟି ମଞ୍ଜୁରୀ ଦେଇଛି। ବୈଠକରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ, ଡେପୁଟି କମିଶନର (କର୍ପୋରେଶନ) ସପନ କୁମାର ନନ୍ଦ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଉପସ୍ଥିତ ଥିଲେ।



ଲୋକଙ୍କ ବିକାଶ କାମରେ ରାଜନୀତି ବନ୍ଦ ଦାବି ଓ କର୍ପୋରେଟରଙ୍କ ଅଧିକାରରେ ମନ୍ତ୍ରୀଙ୍କ ହସ୍ତକ୍ଷେପକୁ ବିରୋଧରେ କରି ଭାଜପା କର୍ପୋରେଟରମାନେ ବିଏମ୍‌ସି କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

# ଭଉଣୀ ଗାଡ଼ିରେ ଗଞ୍ଜେଇ ବେପାର, ଭାଇ ଗିରଫ



ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା)

**ସାଢେ ୨୦ କେଜି ଗଞ୍ଜେଇ ସହ କାର୍ ଜବତ**

ଭଉଣୀ ନାଁରେ କିଣାଯାଇଥିବା ନୂଆ ଗାଡ଼ିରେ ଭାଇ ଗଞ୍ଜେଇ ବେପାର କରୁଥିବା ବେଳେ ଅବକାରୀ ବିଭାଗ ହାତରେ ଧରିପଡ଼ିଛନ୍ତି। ସେ ହେଲେ ପୁରୀ ଜିଲା ନିମାପଡ଼ା ହରିପୁର ଅଧୀନ ପଦନପୁର ରମେଶ ପ୍ରଧାନ। ତାଙ୍କଠାରୁ ୨୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରମେଶଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରମେଶ ୧ଲକ୍ଷ ଟଙ୍କାର ଗଞ୍ଜେଇ ଆଣି ୩ ଲକ୍ଷ ଟଙ୍କାରେ ବିକ୍ରି କରିବାର ଯୋଜନା ରଖିଥିଲା। କନ୍ଧମାଳରୁ ଗଞ୍ଜେଇ ଆଣିଥିଲା। କଟକ-ପୁରୀ ବାଇପାସ ନିକଟସ୍ଥ କେଶୁରା ଅଞ୍ଚଳରେ ଥିବାବେଳେ ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ୍ ସୋମବାର ସକାଳେ ଚଢ଼ାଉ କରି ଗଞ୍ଜେଇ ଭର୍ତ୍ତି କାର ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ନିଶାଦ୍ରବ୍ୟ କେଉଁଠି ବିକ୍ରି ହୋଇଥାନ୍ତା ତାହାର ଖୋଳତାଡ଼ ଚଳାଇବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଅବକାରୀ ଟିମ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ନିଜେ ଏହି କାର୍ କିଣି ଭଉଣୀକୁ ଦେଇଥିବା ସୂଚନା ମିଳିଛି।

# ପୁଣି ଘୁଞ୍ଚିଲା ଜାଗା ମିଶନ ଜମିପଟ୍ଟା ବଣ୍ଟନ

ଭୁବନେଶ୍ୱର, ୨୧।୮ (ବନ୍ଦନା ସେଠୀ)

ଜାଗା ମିଶନ ଅନ୍ତର୍ଗତ ମହାନଗର ନିଗମ ଅଞ୍ଚଳରେ ଥିବା ହିତାଧିକାରୀଙ୍କୁ ପ୍ରଥମେ ଉତ୍କଳ ଦିବସ ପରେ ଅଗଷ୍ଟ ୨୫ରେ ଜମି ପଟ୍ଟା ବାଣ୍ଟିବା ପାଇଁ ତାରିଖ ନିର୍ଦ୍ଧାରିତ ହେବା ପରେ ପୁଣିଥରେ ଏହାକୁ ଘୁଞ୍ଚାଇ ଦିଆଯାଇଛି। କେଉଁ କାରଣ ପାଇଁ ତାରିଖ ଘୁଞ୍ଚାଯାଇଛି ତାହା ସ୍ପଷ୍ଟ କରାଯାଇ ନ ଥିବାବେଳେ ଅଗଷ୍ଟ ୨୫ ବଦଳରେ ୨୮ରେ ପଟ୍ଟା ବଣ୍ଟନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫ହଜାର ଲୋକଙ୍କୁ ପଟ୍ଟା ଦିଆଯିବ। ତେବେ ସମ୍ପୃକ୍ତ ହିତାଧିକାରୀଙ୍କୁ ବିଏମ୍‌ସି ନିଜ ଖର୍ଚ୍ଚରେ ୧୧୦ଟି ବସ୍ ଯୋଗେ କଳିଙ୍ଗ ଷ୍ଟାଡିୟମ୍ ନେବ ବୋଲି ସୂଚନା ମିଳିଛି। ଏହାପରେ ମହାନଗର ନିଗମ ଅନ୍ତର୍ଗତ ୩ଟି ଜୋନ୍‌ରେ ବାକି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯିବ। ଏହି ଅବସରରେ ଭୁବନେଶ୍ୱରର ୫୧ହଜାର ୮୮୬ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରିବା ନେଇ ବିଏମ୍‌ସି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ହିତାଧିକାରୀ ଚୟନ ନେଇ ଶର୍ଟଲିଷ୍ଟ ଆରମ୍ଭ ହୋଇଛି। ତେବେ ଦୁଇଦୁଇ ଥର ତାରିଖ ଘୋଷଣା ହେବା ପରେ ପୁଣି ତାହାକୁ ଘୁଞ୍ଚାଯିବାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ରାଜଧାନୀ ଭୁବନେଶ୍ୱରରେ ଭୂମିହୀନଙ୍କୁ ଭୂମି ତଥା ବାସସ୍ଥାନ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ‘ଜାଗା ମିଶନ୍’କୁ କାର୍ଯ୍ୟକାରୀ କରାଯାଉଛି। ଏହି କ୍ରମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ହିତାଧିକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୫୨ହଜାର ହିତାଧିକାରୀଙ୍କୁ ଚୟନ କରାଯାଇଛି। ଏମାନଙ୍କୁ ସ୍ଲମ୍ ଡେଭେଲପ୍‌ମେଣ୍ଟ ଅଥରିଟି (ଏସ୍‌ଡିଏ) ଚୟନ କରିଛନ୍ତି। ଏଥିସହ ବାକି ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଚିହ୍ନଟ କରି ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ଉପରେ ମଧ୍ୟ ବିଏମ୍‌ସି ଗୁରୁତ୍ୱ ଦେଉଛି।

# ସରକାରଙ୍କୁ ସମସ୍ୟା ଜଣାଇବ କଲେଜ କ୍ରୀଡ଼ା ଶିକ୍ଷକ ସଂଘ

ଭୁବନେଶ୍ୱର, ୨୧।୮(ଅସମାପିକା ସାହୁ)

ଅଲ୍ ଓଡ଼ିଶା କଲେଜ ପିଇଟି ଆସୋସିଏଶନର ସାଧାରଣ ପରିଷଦ ବୈଠକ ରବିବାର ରେଡ୍‌କ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। କରୋନା ଯୋଗୁ ଗତ ୪ବର୍ଷ ପରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡ଼ିଶା ସମସ୍ତ କଲେଜର କ୍ରୀଡ଼ା ଶିକ୍ଷକମାନେ ଯୋଗଦେଇ ସେମାନଙ୍କ ଚାକିରିର ସର୍ତ୍ତାବଳୀ. ପେନ୍‌ସନ୍ ସମସ୍ୟା ଓ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଆଲେଚନା କରିଥିଲେ। ଏହାବ୍ୟତୀତ ଭବିଷ୍ୟତରେ ସବୁ କଲେଜରେ କ୍ରୀଡ଼ାର ବିକାଶ, ଖାଲିଥିବା କ୍ରୀଡ଼ା ଶିକ୍ଷକ ପଦବୀ ପୂରଣ, ସର୍ଭିସ କଣ୍ଡିଶନ ପୂରଣ, ଦରମାରେ ଥିବା ସମସ୍ୟା ଦୂର କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ସମସ୍ତ ଦାବି ନେଇ ସରକାରଙ୍କୁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଆମର ନ୍ୟାର୍ଯ୍ୟ ଦାବି ନେଇ ଆମେ ୪୮ ଏବଂ ୬୬୨ ବର୍ଗର କଲେଜ ଅଧାପକ ଓ କର୍ମଚାରୀମାନଙ୍କ ସହିତ ମିଶି ଲଢ଼େଇ କରିବୁ। ଆବଶ୍ୟକ ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଆସୋସିଏଶନ ସମ୍ପାଦକ ରାମ କୁମାର ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ଜନ୍ମଦିନ ପାଳନବେଳେ ୨ ଗୋଷ୍ଠୀ ମୁହାଁମୁହିଁ



ଭୁବନେଶ୍ୱର,୨୧।୮(ସୂର୍ଯ୍ୟକାନ୍ତ ବେହେରା)

**ଥାନା ଆଗରେ ଧାରଣା**

ମୈତ୍ରୀବିହାର ଥାନା ଅନ୍ତର୍ଗତ ନୀଳମାଧବ ବସ୍ତିରେ ରବିବାର ବିଳମ୍ବିତ ରାତିରେ ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଶତାଧିକ ଲୋକେ ମୈତ୍ରୀ ବିହାର ଥାନା ଓ ଚନ୍ଦ୍ରଶେଖରପୁର ଥାନା ଆଗରେ ରାତି ଅଧରେ ଧାରଣା ଦେଇଥିଲେ। ପରେ ଉକ୍ତ ଅଞ୍ଚଳ ମୈତ୍ରୀବିହାର ଥାନା ଅଞ୍ଚଳରେ ଯାଉଥିବାରୁ ଉଭୟ ପକ୍ଷ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ତେବେ ଘଟଣାର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଜନ୍ମଦିନ ପାଳନକୁ ନେଇ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିବା ଜଣାପଡିଛି। ସୂଚନାନୁସାରେ ନୀଳମାଧବ ବସ୍ତିରେ କୌଣସି କାରଣକୁ ନେଇ ବିବାଦ ଲାଗିରହିଥିବାରୁ ଦୁଇ ଭାଗ ହୋଇଯାଇଛନ୍ତି। ରବିବାର ରାତିରେ ଉକ୍ତ ବସ୍ତିରେ ଜଣେ ପିଲାର ଜନ୍ମଦିନ ଥିବାରୁ ରୋଷେଇ କରି ପାଟି କରୁଥିଲେ। ଏହି ସମୟରେ ବିପକ୍ଷ ଗୋଷ୍ଠୀର କେତେଜଣ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ଉଭୟ ପକ୍ଷରୁ ଶତାଧିକ ଲୋକେ ଠେଲାପେଲା ହେବା ସହ ପରସ୍ପର ମଧ୍ୟରେ ଆକ୍ରମଣ କରିଥିଲେ। ପରେ ଉଭୟ ଗୋଷ୍ଠୀ ପକ୍ଷରୁ ୨ଟି ଥାନା ଆଗରେ ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ପରେ ସମସ୍ତେ ଧାରଣାରୁ ହଟିଥିଲେ।

# ଭୁବନେଶ୍ୱର ଜିଲା ଦାବି ନେଇ ଆଲୋଚନା

ଭୁବନେଶ୍ୱର,୨୦।୮(ଅନୁରାଧା ମହାରଣା)


ସମ୍ମିଳନୀରେ ଭୁବନେଶ୍ୱର ଜିଲା ମାନ୍ୟତାର ଆବାହକ ଅଭୟ ବଡଜେନା ଓ ଅତିଥିମାନେ।

‘ଭୁବନେଶ୍ୱର କାହିଁକି ଜିଲା ହେବା ଆବଶ୍ୟକ’। ଏହାକୁ ନେଇ ଏକ ସମ୍ମିଳନୀ ସୋମବାର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲା ମାନ୍ୟତାର ଆବାହକ ଅଭୟ ବଡଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ରାଜଧାନୀର ମୂଳ ବାସିନ୍ଦାମାନେ ଅନେକ ଦିନରୁ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା ଭାବେ ଦେଖିବାକୁ ସ୍ୱପ୍ନ ଦେଖୁଥିବା କହିଛନ୍ତି। ଅତିଥି ଭାବେ ସୁଧାଂଶୁ ମହାପାତ୍ର, ଆନନ୍ଦଚନ୍ଦ୍ର ପଟ୍ଟନାୟକ ଓ ଗିରିଜା ମହାପାତ୍ର ପ୍ରମୁଖ ଯୋଗଦେଇ ଭୁବନେଶ୍ୱର ରାଜଧାନୀ ହେବାରେ ମୂଳବାସିନ୍ଦାଙ୍କ ଅବଦାନ ଓ ଏହି ସହରକୁ ଜିଲା ମାନ୍ୟତା ପ୍ରଦାନର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଭୁବନେଶ୍ୱର ଖୋର୍ଦ୍ଧା ଜିଲା ଅଧୀନରେ ରହିବା କାରଣରୁ ରାଜଧାନୀ ଉପକଣ୍ଠ ଗ୍ରାମବାସୀ ଓ ସହରବାସୀଙ୍କୁ ବିଭିନ୍ନ କାର୍ଯ୍ୟରେ ହନ୍ତସନ୍ତ ହେବାକୁ ପଡୁଛି। ଓଡିଶାର ଦେବଗଡ, ନୟାଗଡ, ଗଜପତି, ବୌଦ୍ଧ, ସୋନପୁର, ନୂଆପଡା, ସମ୍ବଲପୁର, ରାୟଗଡା, ଜଗତ୍‌ସିଂହପୁର, ଝାରସୁଗୁଡା, କନ୍ଧମାଳ ଓ ମାଲକାନଗିରି ଆଦି ଜିଲା ଜନସଂଖ୍ୟାରେ ଭୁବନେଶ୍ୱର ଅପେକ୍ଷା କମ୍ ହୋଇ ମଧ୍ୟ ୩୦ ବର୍ଷ ଧରି ଜିଲାର ମାନ୍ୟତା ପାଇଛନ୍ତି। ମାତ୍ର ଭୁବନେଶ୍ୱର ଜନସଂଖ୍ୟା ପ୍ରାୟ ୧୨ଲକ୍ଷରେ ପହଞ୍ଚିଥିଲେ ମଧ୍ୟ ଏହାକୁ ଜିଲା ମାନ୍ୟତା ମିଳିପାରିନାହିଁ। ଦେଶର ବିଭିନ୍ନ ରାଜ୍ୟର ରାଜଧାନୀଗୁଡିକ ଜିଲାର ମାନ୍ୟତା ପାଇଛନ୍ତି। ଏ କ୍ଷେତ୍ରରେ ବିହାରର ପାଟଣା, ଉତ୍ତର ପ୍ରଦେଶର ଲକ୍ଷ୍ନୌ, ମହାରାଷ୍ଟ୍ରର ମୁମ୍ବାଇ, ମଧ୍ୟପ୍ରଦେଶର ଭୋପାଳ ଆଦିକୁ ଦୃଷ୍ଟାନ୍ତ ଭାବେ ନିଆଯିବା ଉଚିତ ବୋଲି ମତ ପ୍ରକାଶ ପାଇଛି। କର୍ଣାଟକର ରାଜଧାନୀ ବେଙ୍ଗାଲୁରୁ ଦୁଇଟି ଜିଲାର ମାନ୍ୟତା ପାଇଛି। ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ରାଜଧାନୀ ଥିବା କଟକ ମଧ୍ୟ ଜିଲାର ମାନ୍ୟତା ପାଇଥିଲା। ଭୁବନେଶ୍ୱର ଜିଲା ମାନ୍ୟତା ପାଇବା ଦ୍ୱାରା ରାଜଧାନୀ ଉପକଣ୍ଠର ଗ୍ରାମବାସୀ ଓ ସହରବାସୀଙ୍କ ବିଭିନ୍ନ ସମସ୍ୟା ଦୂର ହେବା ସହ ରାଜସ୍ୱ ମାମଲାର ବିଚାର ପାଇଁ ଲୋକଙ୍କୁ ଆଉ ଖୋର୍ଦ୍ଧାକୁ ଯାଇ ଅଯଥା ଖର୍ଚ୍ଚାନ୍ତ ଓ ସମୟର ଅପଚୟ କରିବାକୁ ପଡିବ ନାହିଁ। ସେହିପରି ସହର ଉପକଣ୍ଠରେ ଅବସ୍ଥିତ ଗ୍ରାମଗୁଡିକର ବିକାଶ ବ୍ୟବସ୍ଥା ତ୍ୱରାନ୍ୱିତ ହୋଇପାରିବ। ତେଣୁ ଭୁବନେଶ୍ୱର ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରକୁ ଜିଲା ମାନ୍ୟତା ମିଳିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।




ଭୁବନେଶ୍ୱର ବିଜେଇଏମ୍ ସ୍କୁଲ୍‌ରେ ସୋମବାର ଗ୍ରାଣ୍ଡ ପ୍ୟାରେଣ୍ଟ୍ସ ଦିବସ ପାଳନ ଅବସରରେ ଜେଜେ ମା’ମାନେ ନିଜର କଳାକୌଶଳ ପ୍ରଦର୍ଶନ କରୁଛନ୍ତି। ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରଙ୍କ ସହ ଜେଜେ ମା’ ଜେଜେ ବାପାମାନେ। (ଫଟୋ- ବିକାଶ ନାୟକ)

# ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର

ପୁରୁଣା ଭୁବନେଶ୍ୱର,୨୧।୮ (ସୁବାସ ଚନ୍ଦ୍ର ପ୍ରଧାନ)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଉତ୍ତରା ଛକ ନିକଟରେ ସୋମବାର ସକାଳେ ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଧଉଳି ଥାନା ଅଧୀନ ଗୋପିନାଥପୁର ପାଟଣାର ଚକ୍ରଧର ବାରିକ (୬୬)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୮।୨୦୨୩

| ୩,୬୪,୩୪୬ ଟଙ୍କା | |
|---|---|
| ସୁନା | ୪.୨୦୦ ଗ୍ରାମ୍ |
| ରୁପା | ୬.୨୦୦ ଗ୍ରାମ୍ |

## ସଂକ୍ଷେପରେ

### କାର୍ ଚାଳକଙ୍କ ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର,୨୧।୮(ସୂର୍ଯ୍ୟକାନ୍ତ ବେହେରା):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମରେ ଜଣେ କାର୍ ଚାଳକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ ହୋଇଛି। ସେ ହେଲେ ଗଞ୍ଜାମର ସୂର୍ଯ୍ୟ ନାୟକ(୨୭)। ପ୍ରାଥମିକ ତଦନ୍ତରୁ ସୂର୍ଯ୍ୟ ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ ପକ୍ଷରୁ ସୂଚନା ମିଳିଛି । ହେଲେ କେଉଁ କାରଣ ପାଇଁ ଏଭଳି ପଦକ୍ଷେପ ନେଲେ ତାହାର ତଦନ୍ତ ଜାରି ରଖିଛି । ଏ ନେଇ ପରିବାର ଲୋକେ ଆତ୍ମହତ୍ୟା ଘଟଣାକୁ ସନ୍ଦେହ କରି ଠିକ୍ ଭାବେ ତଦନ୍ତ କରିବାକୁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାନୁସାରେ ସୂର୍ଯ୍ୟ ଓ ତାଙ୍କ ମା କୌଶଲ୍ୟା କଳାରାହାଙ୍ଗରେ ଭଡ଼ାରେ ରହୁଥିଲେ। କିଛିଦିନ ହେବ ସୂର୍ଯ୍ୟଙ୍କ ମା ଗଞ୍ଜାମ ଯାଇଥିବାବେଳେ ସେ ଘରେ ଏକାକି ଥିଲେ। ହେଲେ ସୋମବାର ଦୀର୍ଘ ସମୟ ପର୍ଯ୍ୟନ୍ତ ସୂର୍ଯ୍ୟ ଘରୁ ନ ବାହାରିବାରୁ ଘର ମାଲିକ ସନ୍ଦେହରେ ଝରକା ପଟେ ଦେଖିବାବେଳେ ପଙ୍ଖାରେ ରଶି ଲଗାଇ ଝୁଲୁଥିବା ଦେଖି ପୋଲିସ ଓ ତାଙ୍କ ମା' କୌଶଲ୍ୟାଙ୍କୁ ଫୋନ କରି ଜଣାଇଥିଲେ।

### ଟ୍ୟୁଶନବେଳେ କାନ୍ଥ ଭୁଶୁଡ଼ି ୪ ଛାତ୍ରୀଛାତ୍ର ଗୁରୁତର

**ବାଲୁଗାଁ,୨୧।୮(ସଂଗ୍ରାମ ପାଇକରାୟ):** ବାଣପୁର ଥାନା ଅଧୀନ ମଠପାଟଣା ଗ୍ରାମରେ ସୋମବାର ସନ୍ଧ୍ୟାରେ କାନ୍ଥ ଭୁଶୁଡ଼ି ୪ଜଣ ଟ୍ୟୁଶନ ଛାତ୍ରୀଛାତ୍ର ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୩ ଜଣ ଝିଅ ଓ ଜଣେ ପୁଅ ହୋଇଥିବା ବେଳେ ସମସ୍ତଙ୍କ ବୟସ ୪ ରୁ ୧୦ବର୍ଷ ମଧ୍ୟରେ ହେବ। ତେବେ ସେମାନଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ଦୈନନ୍ଦିନ ପରି ସୋମବାର ସନ୍ଧ୍ୟାରେ ଟ୍ୟୁଶନ ଚାଲିଥିବା ବେଳେ ହଠାତ୍ କାନ୍ଥ ଭୁଶୁଡ଼ି ପିଲାମାନଙ୍କ ଉପରେ ପଡ଼ିଥିଲା। ଫଳରେ ୪ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ରଶ୍ମି ରେଖା ଜେନା ସୂଚନା ଦେଇଛନ୍ତି।

### ବ୍ରାଉନସୁଗାର ଜବତ, ମହିଳା ସମେତ ୨ ଗିରଫ

**ଭୁବନେଶ୍ୱର,୨୧।୮(ସୂର୍ଯ୍ୟକାନ୍ତ ବେହେରା):** ୨୮ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ଘଟଣାରେ ତମାଣ୍ଡୋ ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସରୋଜ ନାୟକ (୨୪), ବାସନ୍ତୀ ନାୟକ (୩୫)। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛି। ତେବେ ଏହି ମାମଲାରେ ମୋଟ ୫ ଜଣଙ୍କୁ ଗିରଫ କରିସାରିଛି ପୋଲିସ। ସୂଚନାନୁସାରେ କଟକ ଟାଙ୍ଗୀ ଅଞ୍ଚଳର ଦୀପକ ବେହେରା କଳିଙ୍ଗବିହାରସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପାଖରେ ପଲିଥିନରେ ପ୍ୟାକ କରି ବ୍ରାଉନସୁଗାର ବେପାର କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଧରିବା ସହ ୨୮୨ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଏହାପରେ ଅଭିଯୁକ୍ତ କେତେଜଣ ସହଯୋଗୀଙ୍କ ଜରିଆରେ ଏହି ବେପାର କରୁଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ।

# ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ୨୫ଶହ ଛୁଇଁବ

## ଭୁବନେଶ୍ୱରରେ ୧୦୫୯ ଚିହ୍ନଟ



■ଡେଙ୍ଗୁ ମୃତ୍ୟୁର ଯାଞ୍ଚ ହେବ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

■ଆଜିଠାରୁ କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ଟେଷ୍ଟିଂ ସେଣ୍ଟର

ଭୁବନେଶ୍ୱର,୨୧।୮(ଅଭିଜିତ ଦାସ)

ରାଜ୍ୟରେ ଦିନକୁ ଦିନ ଡେଙ୍ଗୁ ବ୍ୟାପୀ ଚାଲିଥିବାବେଳେ ସ୍ଥିତି ବିଗିଡିବାରେ ଲାଗିଛି। ଇତିମଧ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୨୫ଶହ ମୁହାଁ ହୋଇଛି। ଗତ ୨୦ ତାରିଖ ସୁଦ୍ଧା ରାଜ୍ୟରେ ୩୬ ହଜାର ୫୦୦ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୨ ହଜାର ୪୨୬ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ଗତ ୨ ଦିନ ମଧ୍ୟରେ ୯୦୫ ରକ୍ତ ନମୁନା ପରୀକ୍ଷା ହୋଇଥିବାବେଳେ ୧୩୨ ଡେଙ୍ଗୁ ପଜିଟିଭ୍ ଆସିଛି। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ପାଖାପାଖି ୫୦ ପ୍ରତିଶତ ଅର୍ଥାତ୍ ୧୨୨୦ ଆକ୍ରାନ୍ତ କେବଳ ଖୋର୍ଦ୍ଧା ଜିଲାରୁ ରହିଛନ୍ତି। ସେହିପରି ବାଲେଶ୍ୱର ଜିଲାରେ ୨୧୨, ପୁରୀରେ ୨୨୯, କଟକରେ ୧୫୩, ଜଗତ୍ସିଂହପୁରରେ ୧୧୯ ଓ ନୟାଗଡରେ ୯୩ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲାର ଅଧିକାଂଶ ଡେଙ୍ଗୁ ରୋଗୀ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଞ୍ଚଳରୁ ହୋଇଥିବାରୁ ରାଜଧାନୀରେ ଡେଙ୍ଗୁ ସ୍ଥିତି ଉଦ୍‌ବେଗଜନକ ରହିଥିବା ଜଣାପଡିଛି। ରିପୋର୍ଟ ଅନୁସାରେ, ଖୋର୍ଦ୍ଧାରୁ ଚିହ୍ନଟ ୧୨୨୦ ଡେଙ୍ଗୁ ଆକ୍ରାନ୍ତଙ୍କ ମଧ୍ୟରେ ଭୁବନେଶ୍ୱରରୁ ୧୦୫୯ ରହିଛନ୍ତି। ବିଶେଷକରି ନୟାପଲ୍ଲୀ, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ୟୁନିଟ-୯ ଓ ଶହୀଦନଗର ଆଦି ଅଞ୍ଚଳ ହଟ୍‌ସ୍ପଟ୍ ପାଲଟିଥିବାବେଳେ ଭିଏସ୍ଏସ୍ ନଗର, ଚନ୍ଦ୍ରଶେଖରପୁର, ପୁରୁଣା ଭୁବନେଶ୍ୱର ଆଦି ବିଭିନ୍ନ ଅଞ୍ଚଳରୁ ଡେଙ୍ଗୁ ରୋଗୀ ବାହାରୁଛନ୍ତି। ନୟାପଲ୍ଲୀ ଅଞ୍ଚଳରୁ ସର୍ବାଧିକ ୧୦୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଆଚାର୍ଯ୍ୟ ବିହାରରୁ ୯୯, ଜୟଦେବ ବିହାରରୁ ୬୪, ୟୁନିଟ -୯ରୁ ୫୬, ଶହୀଦନଗର ଅଞ୍ଚଳରୁ ୫୩ଜଣ ଡେଙ୍ଗୁରେ ଆକ୍ରନ୍ତ ହୋଇଛନ୍ତି। ତେବେ ବହୁ ଆକ୍ରାନ୍ତ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ଓ ଏହାର ଠିକ୍ ତଥ୍ୟ ସରକାରଙ୍କ ପାଖରେ ନ ଥିବାରୁ ରାଜ୍ୟରେ ପ୍ରକୃତ ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ଢେର୍ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। ତେବେ ଅନେକ ସମୟରେ ଡେଙ୍ଗୁ ମୃତ୍ୟୁ ନେଇ ଅଭିଯୋଗ ଆସୁଥିବାବେଳେ ଏଯାଏ ସ୍ୱାସ୍ଥ୍ୟ ବିଭାଗ ତାଲିକାରେ ସ୍ଥାନ ପାଇ ନ ଥିବାରୁ ସନ୍ଦେହ ସୃଷ୍ଟି ହେଉଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ଡେଙ୍ଗୁ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ଭୁବନେଶ୍ୱରରେ ଅଧିକ ସଂଖ୍ୟକ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଏଥିଲାଗି ବିଭାଗ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। କଟକ, ପୁରୀ, ବାଲେଶ୍ୱର ଭଳି ଜିଲାରେ ବେଡ୍ ସଂଖ୍ୟା ବଢାଯାଇଛି। ସମସ୍ତ ବ୍ଲଡ୍ ବ୍ୟାଙ୍କରେ ରକ୍ତ ମହଜୁଦ ରଖାଯାଇଛି। ଡେଙ୍ଗୁ ମୁକାବିଲା ପାଇଁ ଜିଲାସ୍ତରରେ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଉକ୍ତ ଟିମ୍ ଦ୍ୱାରା ଡେଙ୍ଗୁ ମୃତ୍ୟୁର ଯାଞ୍ଚ କରାଯିବ। ଯାଞ୍ଚ ରିପୋର୍ଟ ପରେ ଡେଙ୍ଗୁ ମୃତ୍ୟୁ ସ୍ପଷ୍ଟ ହେବ। ସେହିପରି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ କହିଛନ୍ତି, ଆମ ହସ୍ପିଟାଲରେ କେବଳ ଭୁବନେଶ୍ୱରବାସୀ ନୁହନ୍ତି, ରାଜ୍ୟର ବିଭିନ୍ନ ଜିଲାରୁ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ଦୈନିକ ୩ଶହ ଟେଷ୍ଟିଂ କରାଯାଉଥିବାବେଳେ ବର୍ତ୍ତମାନ ୫ଶହ ଟେଷ୍ଟିଂ କରାଯାଉଛି। ଡେଙ୍ଗୁ ଲାଗି ସ୍ୱତନ୍ତ୍ର ବେଡ୍ ପର୍ଯ୍ୟାପ୍ତ ପରିମାଣ ନ ଥିବାରୁ ଫୋଲ୍ଡିଂ ବେଡ୍ କିଣାଯାଇ ଏକ ଅସ୍ଥାୟୀ ୱାର୍ଡ କରାଯାଇଛି। ପୂର୍ବରୁ ହସ୍ପିଟାଲରେ ଟେଷ୍ଟିଂ ଲାଗି ଅପେକ୍ଷା କରିବାକୁ ପଡୁଥିଲାବେଳେ ମଙ୍ଗଳବାରରୁ କ୍ୟାପିଟାଲ ହସ୍ପିଟାଲରେ ଡେଙ୍ଗୁ ଲାଗି ସ୍ୱତନ୍ତ୍ର ଟେଷ୍ଟିଂ ସେଣ୍ଟର ଖୋଲାଯିବ।




ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ବିଦ୍ୟାଭବନ ପରିସରରେ ସୋମବାର ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।(ଫଟୋ-ମୌସମ ନନ୍ଦ)

## ଗଣେଶ ପୂଜାରେ ମୁକ୍ତିଲାଭ କରିବ 'ପ୍ରଥା'

### ଚଳଚ୍ଚିତ୍ରର ଟ୍ରେଲର ରିଲିଜ୍

ଭୁବନେଶ୍ୱର,୨୧।୮(ଅନୁରାଧା ମହାରଣା)

ବ୍ୟୟବହୁଳ ଓଡ଼ିଆ ଚଳଚ୍ଚିତ୍ର 'ପ୍ରଥା'ର ଟ୍ରେଲର ସୋମବାର ରିଲିଜ ହୋଇଛି। ଅନେକ ସିନେ ପ୍ରେମୀ, ସିନେ ସମୀକ୍ଷକ ତଥା ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ଗହଣରେ ଭୁବନେଶ୍ୱରସ୍ଥିତ ସିନେପଲିସଠାରେ ଏହାର ଟ୍ରେଲର ପ୍ରଦର୍ଶନ କରାଯାଇଛି । ତେବେ ଆସନ୍ତା ସେପ୍ଟେମ୍ବର ୧୯ ଗଣେଶ ପୂଜା ଅବସରରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅତିଥି ଭାବେ ଯୁଗଳ ଦତ୍ତ, ସଚ୍ଚିକାନ୍ତ ଜେନା, ଶ୍ରୀଧର ମାର୍ଥା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଝିଅ ତଥା ପ୍ରଯୋଜିକା ସନ୍‌ଲିଶା ପଟେଲ ଦିଲ୍ଲୀରେ ଅବସ୍ଥାପିତ ହୋଇ ମଧ୍ୟ ଓଡ଼ିଆ ଦର୍ଶକଙ୍କ ପାଇଁ କିଛି ନୂଆ ପ୍ରକାର ମନୋରଞ୍ଜନ ଯୋଗାଇଦେବା ପାଇଁ ମନବଳେଇବା କମ୍ କଥା ନୁହେଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚଳଚ୍ଚିତ୍ରରେ ଅଭିନେତା ସ୍ୱରାଜ ବାରିକ ଓ ଅଭିନେତ୍ରୀ ଶୀତଲ ପାତ୍ରଙ୍କ ସହ ମୁମ୍ବାଇର ଅଭିନେତ୍ରୀ ସିମ୍ରନ କୌରଙ୍କ ଅଭିନୟ ଦେଖିବାକୁ ମିଳିବ। କେ ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ର ଓଡ଼ିଶାର ବିଭିନ୍ନ ପ୍ରଥା ଓ ପରମ୍ପରା ଉପରେ ଆଧାରିତ। ଚଳଚ୍ଚିତ୍ରରେ ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ବଲିଉଡ୍ ଅଭିନେତା ଯଶ ଆଲୱାହଟ, ପଞ୍ଜାବର ମଡେଲ ଆଶୁ ବର୍ମା, ଅଭିନେତା ଓ ନିର୍ଦ୍ଦେଶକ ରବି ମିଶ୍ର, ସତିଶ ପଟେଲ, ଇଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ, ଡିସ୍କୋ ରେଣ୍ଟୀ ଏବଂ ଅସିତା ଶତପଥୀଙ୍କୁ ମଧ୍ୟ ଅନ୍ୟାନ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ରରେ ଡିଓପି ନରେନ୍ଦ୍ର ଗୌଡ଼, ସଙ୍ଗୀତ ନିର୍ଦ୍ଦେଶନା ଅସଦ ନିଜାମ, ସଂଳାପ ବିଜୟ କୁମାର ରାଉଳ, କୋରିଓଗ୍ରାଫର ଆରିୟନ ଓ ଲାଇନ ପ୍ରଡ୍ୟୁସର ବିଜୟ ପାତ୍ର ଅଛନ୍ତି । 'ପ୍ରଥା' ଚଳଚ୍ଚିତ୍ରଟି କୋରାପୁଟ ସମେତ ଦିଲ୍ଲୀ ଓ ରାଜସ୍ଥାନରେ ସୁଟ୍ ହୋଇଛି । ଏହାର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ଅଛନ୍ତି।

## ଫ୍ଲିଟ୍ ମ୍ୟାନେଜମେଣ୍ଟ ସିଷ୍ଟମ, ମାନବ ପୋର୍ଟାଲ ଶୁଭାରମ୍ଭ

### ସମ୍ବେଦନଶୀଳ ମାମଲାର ୨୧ଦିନ ମଧ୍ୟରେ ତଦନ୍ତ ପ୍ରକ୍ରିୟା ସମ୍ପର୍କରେ ମିଳିବ ସୂଚନା

ଭୁବନେଶ୍ୱର,୨୧।୮(ସୂର୍ଯ୍ୟକାନ୍ତ ବେହେରା)




ପୋର୍ଟାଲର ଶୁଭାରମ୍ଭ ଅବସରରେ ଡିଜି ସୁନୀଲ କୁମାର ବଂଶଲ ଓ ଅନ୍ୟ ଅଧିକାରୀମାନେ।

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସୋମବାର ପୋଲିସ ଡିଜି ସୁନୀଲ କୁମାର ବଂଶଲ ଫ୍ଲିଟ ମ୍ୟାନେଜମେଣ୍ଟ ସିଷ୍ଟମ ଏବଂ ମାନବ (ମନିଟୋରିଂ ଅଫ୍ ଆଟ୍ରୋସିଟି, ନ୍ୟାଶନାଲ କମିଶନ କେସସ୍ ଆଣ୍ଡ ଆସିଷ୍ଟାନ୍ସ ଟୁ ଭିକ୍ଟିମ୍) ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ରାଜ୍ୟ ପୋଲିସର ସମସ୍ତ ଗାଡ଼ିର କ୍ରୟ, ବଣ୍ଟନ, ରକ୍ଷଣାବେକ୍ଷଣ ଏବଂ ଉପଯୋଗ ସମ୍ପର୍କରେ ସବିଶେଷ ସୂଚନା ମିଳିପାରିବ। ସେହିପରି ମାନବ ପୋର୍ଟାଲ ମାଧ୍ୟମରେ ସ୍ପେଶାଲ ରିପୋର୍ଟ ମାମଲାଗୁଡିକର ପଞ୍ଜୀକରଣଠାରୁ ଆରମ୍ଭ କରି ଚାର୍ଜସିଟ ସମ୍ପର୍କରେ ସମସ୍ତ ତଥ୍ୟ ମିଳିପାରିବ। ସେହିପରି ଅନୁସୂଚିତ ଜାତି ଏବଂ ଜନଜାତି ମାମଲା, ବଳାତ୍କାର ଭଳି ସମ୍ବେଦନଶୀଳ ମାମଲାଗୁଡିକରେ ପୀଡ଼ିତାଙ୍କୁ ୨୧ଦିନ ମଧ୍ୟରେ କ୍ଷତିପୂରଣ ପ୍ରଦାନ ଏବଂ ତଦନ୍ତର ତ୍ୱରାନ୍ୱିତ ପ୍ରକ୍ରିୟା ସମ୍ପର୍କରେ ସମସ୍ତ ସୂଚନା ମିଳିପାରିବ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଆରକ୍ଷୀ ମହାନିର୍ଦ୍ଦେଶକ(ଏସ୍ଆର୍‌ପିସି) ଏ. ଏମ୍.ପ୍ରସାଦ, ଏସ୍‌ସିଆର୍‌ବି ନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର୍.କେ.ଶର୍ମା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ରାଜେଶ କୁମାର, ଆଇଜିପି (ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ, ଆଇଜିପି (ପର୍ସୋନାଲ) ପ୍ରବୀଣ କୁମାର, ଡିଆଇଜି (ଏସ୍ଆର୍‌ସି) ସତ୍ୟଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳବାୟୁ ମୁକାବିଲାରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

### କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଯାପିତ

ଭୁବନେଶ୍ୱର, ୨୧।୮(ଅସମାପିକା ସାହୁ)



କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ଦୁଇଦିନ ଧରି ଚାଲିଥିବା ଦଶମ ଛାୟା ଜାତିସଂଘ (କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ଏମ୍‌ୟୁଏନ୍) ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ପ୍ରମୁଖ ବିଦ୍ୟାଳୟର ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଚଳିତବର୍ଷ ଏମ୍‌ୟୁଏନ୍ ଅଧିବେଶନର ବିଷୟବସ୍ତୁ ଥିଲା 'ଗ୍ଲୋବାଲ୍ ସଷ୍ଟେନେବିଲିଟି: କୋଲାବରେଟିଭ୍ ଆକ୍ସନ୍ ଫର୍ ଏ ରେଜିଲିଏଣ୍ଟ ଫ୍ୟୁଚର୍' । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୟୁନିସେଫ୍ ଭୁବନେଶ୍ୱରର ଫିଲ୍ଡ ଅଫିସ୍ ମୁଖ୍ୟ ୱିଲିୟମ୍ ହାନଲନ୍ ୨୦୩୦ ସୁଦ୍ଧା ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଜଳବାୟୁ ସମସ୍ୟା ଏକ ବଡ଼ ମାନବିକ ସମସ୍ୟା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁ ପ୍ରତିଦିନ ଅନେକ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡୁଛି। ଏହାର ମୁକାବିଲା ଦିଗରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ କ୍ଷେତ୍ରରେ ସାମୂହିକ ଓ ସହଯୋଗୀ ପଦକ୍ଷେପ ହିଁ ସହାୟକ ହୋଇପାରିବ। ଜଳବାୟୁ ସହନଶୀଳ ବିଶ୍ୱ, ଶାନ୍ତି, ନିରାପତ୍ତା, ମାନବିକ ଅଧିକାର ଏବଂ ବିକାଶ ଭଳି ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ଏବଂ ବୁଝିବା ପାଇଁ ଏହି ଛାୟା ଜାତିସଂଘ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବ ବୋଲି ସେ କହିଥିଲେ। ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ କହିଲେ, ଜାତିସଂଘ ଏବଂ ୟୁଏନ-୭୫ ସହଯୋଗରେ କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ଛାୟା ଜାତିସଂଘ ଆୟୋଜନ କରିଆସୁଛି। ସ୍କୁଲର ଅନ୍ତର୍ଜାତୀୟ ପାଠ୍ୟକ୍ରମ ମୁଖ୍ୟ ରୋରି ମ୍ୟାକନମାରା କହିଲେ, ଛାୟା ଜାତିସଂଘ ଏକ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରିଥାଏ। ଭବିଷ୍ୟତ ପାଇଁ ବିଶ୍ୱ ନାଗରିକ ସୃଷ୍ଟି କରିବାରେ ଛାୟା ଜାତିସଂଘ ନିଶ୍ଚିତ ଭାବରେ ସହାୟକ ହେବ ବୋଲି ସ୍କୁଲ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ପିଲାମାନେ ହାସ୍ୟ ଅଭିନେତା ରାହୁଲ ଦୁଆଙ୍କ ଚିତ୍ତାକର୍ଷକ ହାସ୍ୟରସର ଭରପୂର ମଜା ନେଇଥିଲେ। ସ୍କୁଲ ଉପାଧ୍ୟକ୍ଷା ପ୍ରିୟା ୱାଦୱା ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଏସ୍.କେ. ଅନୱର



@ ବିଶ୍ୱଜିତ୍



@ ଖୁସୀ



@ ମାମାଲି



@ ମନୋଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୨୫ରୁ ରାଜ୍ୟବ୍ୟାପୀ ଠିକା ଶ୍ରମିକଙ୍କ ଆନ୍ଦୋଳନ




ଖବରଦାତା ସମ୍ମିଳନୀରେ ଆନ୍ଦୋଳନ ସମ୍ପର୍କରେ ସୂଚନା ଦିଆଯାଉଛି।

କଟକ,୨୧।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ଠିକା ମଜଦୁର ମହାସଂଘ ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀ ବକ୍ସିବଜାରସ୍ଥିତ ପାନ୍ଥନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ପକ୍ଷରୁ କୁହାଯାଇଛି ବିଭିନ୍ନ ଦାବି ନେଇ ଆସନ୍ତା ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଶ୍ରମିକଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ। ଏଥିସହ ରାଜ୍ୟର ସମସ୍ତ ଜିଲା ଶ୍ରମଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଜିଲା ଶ୍ରମ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ବିଶେଷକରି ଠିକା ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି କରାଯିବା, ସମାନ କାମକୁ ସମାନ ବେତନ ପ୍ରଦାନ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରାଯିବା, ଅବସରକାଳୀନ ସମୟ ସୀମା ୫୮ରୁ ୬୦ ବର୍ଷକୁ ବୃଦ୍ଧି କରାଯିବା ଭଳି ଦାବି ରହିଛି। ଏହି ଖବରଦାତା ସମ୍ମିଳନୀରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀ, ଉପ ସାଧାରଣ ସମ୍ପାଦକ ସାନ୍ତନୁ କୁମାର ମହାପାତ୍ର, ନିଖିଳ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା, ରାଜ୍ୟ କମିଟି ସଦସ୍ୟ ବସନ୍ତ କୁମାର ସାହୁ, ଓଡ଼ିଶା ଠିକା ମଜଦୁର ମହାସଂଘ ସଭାପତି ଅଶୋକ କୁମାର ସ୍ୱାଇଁ, ବିଭୂତି ଭୂଷଣ ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରଦୀପ, ସର୍ବେଶ୍ୱର, ଆକାଶଙ୍କ ବିରୋଧରେ ଚାର୍ଜଫ୍ରେମ୍

**ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଠକେଇ ମାମଲା**

ଭୁବନେଶ୍ୱର,୨୧।୮(ସତ୍ୟଜିତ୍ ରାଉତ): ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ତାଙ୍କ ପ୍ରମୁଖ ସହଯୋଗୀ ଭି. ସର୍ବେଶ୍ୱର ରାଓ ଓ ପୂର୍ବତନ ଆଇଏଫଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକଙ୍କ ବିରୋଧରେ ସୋମବାର ଭୁବନେଶ୍ୱର ଜେଏମ୍ଏଫ୍ସି କୋର୍ଟ ଚାର୍ଜଫ୍ରେମ୍ କରିଛନ୍ତି। କ୍ରାଇମବ୍ରାଞ୍ଚ ସାଇବର କ୍ରାଇମ ଥାନାର ଏହି ମାମଲାରେ (ନଂ.୨୬/୨୦୨୦)ରେ ୨୦୨୨ ଫେବୃୟାରୀ ୧୦ରେ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। ତେବେ ଚାର୍ଜଫ୍ରେମ୍ ହୋଇଥିବାରୁ ଏହି ମାମଲାର ଶୁଣାଣି ଖୁବଶୀଘ୍ର ଆରମ୍ଭ ହେବ। ସୂଚନାଯୋଗ୍ୟ, ଆକାଶ ନିଜକୁ ଟାଟା ମୋଟର୍ସର ପାସେଞ୍ଜର କାର୍ ଡିଭିଜନ୍ର ପରିଚାଳନା ନିର୍ଦ୍ଦେଶକ ପରିଚୟ ଦେଇ ଗଞ୍ଜାମ ଜିଲାର ବହୁ ଯୁବତୀଯୁବକଙ୍କୁ ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ପ୍ରଦୀପ ଓ ସର୍ବେଶ୍ୱର ସହଯୋଗ କରିଥିଲେ। ଏନେଇ ଟାଟା ମୋଟର୍ସ ପକ୍ଷରୁ ଅଭିଯୋଗ ପରେ କ୍ରାଇମବ୍ରାଞ୍ଚର ସାଇବର ଟିମ୍ ୨୦୨୦ ସେପ୍ଟେମ୍ବର ୨୩ରେ ଏକ ମାମଲା ରୁଜୁ କରି ପର୍ଯ୍ୟାୟକ୍ରମେ ପ୍ରଦୀପ, ଭି. ସର୍ବେଶ୍ୱର ଓ ଆକାଶଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ଆର୍ଥିକ କାରବାର ଦିଗକୁ କେନ୍ଦ୍ର କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ କରୁଛି। ଏପରିକି ଆକାଶଙ୍କ ଦୁଇଟି କାର୍ ମଧ୍ୟ ପୂର୍ବରୁ ଇଡି ଜବତ କରିଛି।

# ଶ୍ମଶାନ ଘାଟରୁ ମୃତଦେହ ଜବତ କଲା ପୋଲିସ

**ତନ୍ତ୍ର ସାଧନାରୁ ମହିଳାଙ୍କ ମୃତ୍ୟୁ ସନ୍ଦେହ, ସ୍ୱାମୀ ଅଟକ**

ସାଇଣ୍ଟିଫିକ୍ ଟିମ୍ର ଛାନ୍ଭିନ୍ ଆରମ୍ଭ

ବଲାଙ୍ଗୀର/ଲୋଇସିଂହା, ୨୧।୮ (ବୀରେନ୍ଦ୍ର କୁମାର ଝାଙ୍କର/ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଚମାରପଡ଼ାର ଜଣେ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ତେବେ ମୃତାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ତେବେ ମହିଳା ଜଣକ ମାସ ମାସ ଧରି ବାହାରକୁ ନ ବାହାରିବା ଓ ବନ୍ଦ କୋଠରିରୁ ପଚାଶଢ଼ା ମୃତଦେହ ବାହାରିବା ପରେ ତନ୍ତ୍ର ସାଧନା ପାଇଁ ତାଙ୍କର ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ଲୋଇସିଂହା ପୋଲିସ ଶ୍ମଶାନ ଘାଟରୁ ଜାନକୀ ମେହେର(୩୫)ଙ୍କ ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଛି। ଏଥିସହ ମୃତାଙ୍କ ସ୍ୱାମୀ ମକାରୁ ମେହେର (୪୦)ଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୁବର୍ଣ୍ଣପୁର ଜିଲା ସୋନପୁର ସହର ଚମାରପଡ଼ାର ବାସନ୍ତୀ ରାଉତ ଓ ବିଦ୍ୟାଧର ରାଉତଙ୍କ ଝିଅ ଜାନକୀ ଲୋଇସିଂହା ଚମାରପଡ଼ାର ମକାରୁ ମେହେରଙ୍କୁ ୨୦୧୦ ମସିହାରେ ବିବାହ କରିଥିଲେ। ଉଭୟଙ୍କର ୮ ବର୍ଷର ପୁଅ ଦଶମୁ ଅଛନ୍ତି। ପୁଅକୁ ଦୂରେ ରଖି ମକାରୁ କୁଆଡ଼େ ଜାନକୀଙ୍କୁ ଏକ ଘରେ ବନ୍ଦୀ ରଖି ଗତ ୨ବର୍ଷ ହେଲା ପୂଜା ପଦ୍ଧତି ଓ ତନ୍ତ୍ରମନ୍ତ୍ରରେ ଲିପ୍ତ ରହିଥିଲେ। ଗତ କିଛିଦିନ ହେଲା ଜାନକୀ ସ୍ନାନଶୌଚ ପାଇଁ ମଧ୍ୟ ବାହାରୁ ନ ଥିଲେ। ପରେ ଏକ ବନ୍ଦଘରୁ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିଲେ। ତେବେ ସୋମବାର ସେମାନେ ବାଧ କରିବା ପରେ ମକାରୁଙ୍କ ପରିବାର ଲୋକେ କବାଟ ଖୋଲି ଘର ଭିତର ଦୃଶ୍ୟ ଦେଖି ହତବାକ୍ ହୋଇଯାଇଥିଲେ। ଜାନକୀଙ୍କ ମୃତଦେହ ଫୁଲିଯିବା ସହ ପଚିଶଢ଼ି



ଜାନକୀ ମେହେରଙ୍କ ଫାଇଲ ଫଟୋ।

ଯାଇଥିଲା। ମୃତଦେହ ନିକଟରେ ମକାରୁ ବସି ରହିଥିଲେ। ଖବର ପାଇ ଜାନକୀଙ୍କ ବଡ଼ଭାଇ ଅର୍ଜୁନ ରାଉତ ଓ ଗୋପାଳ ରାଉତ ଲୋଇସିଂହାରେ ପହଞ୍ଚିଥିଲେ। ମାତ୍ର ସ୍ୱାମୀଘର ଲୋକେ ଏକ ଡାଲା ଗାଡିରେ ମୃତଦେହ ଲଦି ଶ୍ମଶାନକୁ ନେଇ ଯାଉଥିବା ଦେଖିବାକୁ ପାଇଥିଲେ। ମୃତଦେହ ଦେଖିବାକୁ ଚାହିଁବାରୁ ସେମାନଙ୍କୁ ବାରଣ କରାଯାଇଥିଲା। ଏହାପରେ ସନ୍ଦେହ କରି ଜାନକୀଙ୍କ ବାପଘର ଲୋକେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଆଇଆଇସି ଯାଜ୍ଞସିନୀ ନାୟକ ଏବଂ ଷ୍ଟାଫ୍ କୁଶୁଙ୍ଗାଇ ଯୋର ନିକଟ ଶ୍ମଶାନରେ ପହଞ୍ଚିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ ଚଳାଇଥିଲା। ଜାନକୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ପୂର୍ବରୁ ମକାରୁ ପ୍ୟାଣ୍ଟଶାର୍ଟ ପିନ୍ଧୁଥିଲେ। ମାତ୍ର କୋଭିଡ୍ ବେଳରୁ ତାଙ୍କ ଚାଲିଚଳଣ ଓ ବେଶଭୂଷାରେ ଅସମ୍ଭବ ପରିବର୍ତ୍ତନ ଦେଖାଦେଇଥିଲା। ବଡ଼ କେଶ ଓ ଚୁଟି ରଖିବା ସହ କଳାବସ୍ତ୍ର ପରିଧାନ କରି ପୂଜାର୍ଚ୍ଚନା କରୁଥିଲେ। ଜାନକୀଙ୍କୁ ମଧ୍ୟ ସେହି ପୂଜା ଘରେ ବନ୍ଦ କରି ରଖୁଥିଲେ। ପୁଅକୁ ମା'ଠାରୁ ଦୂରେଇ ରଖୁଥିଲେ। ଏଭଳିକି ଫୋନ୍ କରି ଯୋଗାଯୋଗ ପାଇଁ କହିଲେ କଥା କରାଇ ଦେଉ ନ ଥିଲେ। ପରିବାର ଲୋକେ ମିଳିମିଶି ଜାନକୀଙ୍କୁ ମାରି ଦେଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଲୋଇସିଂହା ଥାନାରେ ଏକ ମାମଲା (୧୮୨/୨୩) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁ ଘଟଣା ଉପରୁ ରହସ୍ୟ ଉନ୍ମୋଚନ ହେବ ବୋଲି ଏସ୍ଡିପିଓ ତୋଫାନ୍ ବାଗ କହିଛନ୍ତି। ସ୍ୱାମୀ ମକାରୁଙ୍କୁ ଥାନାରେ ରଖି ପଚରାଉଚରା କରାଯାଉଥିବା ସେ ସୂଚନା ଦେଇଛନ୍ତି।

# ଅଧୀକ୍ଷଣ ଯନ୍ତ୍ରୀ ୪ ଘଣ୍ଟା ଅଟକ



ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରା ଲିଖିତ ପ୍ରତିଶ୍ରୁତି ଦେଉଛନ୍ତି।

**ପ୍ରଧାନମନ୍ତ୍ରୀ ସଡ଼କ ନିମ୍ନମାନର ଅଭିଯୋଗ**

- ୩ କି.ମି. ରାସ୍ତା ଚଲାଇଲେ ଲୋକେ
- କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ମୁକୁଳିଲେ

ରାଇରଙ୍ଗପୁର,୨୧।୮ (ମନୋରଞ୍ଜନ ତିରିଆ)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାମ ନିମ୍ନମାନର ହେଉଥିବାରୁ ପ୍ରତିକ୍ରିୟାଶୀଳ ହୋଇପଡ଼ିଲେ ଲୋକେ। କାମ ତଦାରଖ ପାଇଁ ଆସିଥିବା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୪ ଘଣ୍ଟା କାଳ ଅଟକ ରଖିଲେ। କେବଳ ସେତିକି ନୁହେଁ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆସିଥିବା ବିଜେଡି ଜିଲା ଉପସଭାପତିଙ୍କୁ ୩ କି.ମି. ବାଟ ଚଲାଇ ନିମ୍ନମାନର ରାସ୍ତା କାମ ଦେଖାଇଥିଲେ। ଶେଷରେ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଅଧୀକ୍ଷଣ ଯନ୍ତ୍ରୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ଉତ୍ୟକ୍ତ ଲୋକେ ତାଙ୍କୁ ଛାଡ଼ିଥିଲେ। ସୋମବାର ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡ ମୁଖ୍ୟାଳୟ ରାଇରଙ୍ଗପୁରଠାରୁ ୨୦ କି.ମି. ଦୂର ବିଜାତଳା ବ୍ଲକର ଆଦିବାସୀ ଅଧ୍ୟୁଷିତ ମାଣିକପୁର ଗାଁରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ପାଟପୁରଠାରୁ ବିଶୋଇ ପଞ୍ଚାୟତ ସମିତି ସୀମା ଭାୟା-ବଳରାମପୁର, ପାଉଁଶିଆ, ବାନ୍ଧଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କାମ ଚାଲିଛି। ନିର୍ମାଣାଧୀନ ଏହି ସଡ଼କ କାମ ଅତି ନିମ୍ନମାନର କାରଣରୁ ୧୫ ଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ରାତିରେ ସିମେଣ୍ଟ କଂକ୍ରିଟ କାମ ହେଉଥିବା ଯୋଗୁ ରାସ୍ତା କାମ ନିମ୍ନମାନର ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ନିମ୍ନମାନର କାମ ସମ୍ପର୍କରେ ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ରାଇରଙ୍ଗପୁରସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରାଙ୍କଠାରେ ବ୍ଲକ ଉପାଧ୍ୟକ୍ଷା ରୁକ୍ମିଣୀ ଟୁଡୁଙ୍କ ସମେତ ଜନସାଧାରଣ ଅଭିଯୋଗ କରିଥିଲେ। ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ଅଧୀକ୍ଷଣ ଯନ୍ତ୍ରୀ ବେହେରା ସାଙ୍ଗରେ ବିଜେଡି ଜିଲା ଉପସଭାପତି ସୁଭାଷଚନ୍ଦ୍ର ମଣ୍ଡଳଙ୍କୁ ଧରି ଆସିଥିଲେ। ମାଣିକପୁର ପଞ୍ଚାୟତବାସୀ ଅଧୀକ୍ଷଣ ଯନ୍ତ୍ରୀ ବେହେରା ଏବଂ ବିଜେଡି ଜିଲା ଉପସଭାପତି ମଣ୍ଡଳଙ୍କୁ ୩ କି.ମି. ରାସ୍ତା ଚଲାଇ ନିମ୍ନମାନର ରାସ୍ତା କାମ ଦେଖାଇଥିଲେ। ବାନ୍ଧଗାଁ ମୁଣ୍ଡରେ ଅଧାପନ୍ତରିଆ ଅବସ୍ଥାରେ କଲଭର୍ଟ କାମ ଯୋଗୁ ଲୋକଙ୍କର ଯିବା ଆସିବାରେ ଅନେକ ଅସୁବିଧା ହେଉଛି। ସେହି ସ୍ଥାନରେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରାୟ ୪ ଘଣ୍ଟା ଅଟକ ରଖିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ବେହେରା ଏହି କଲଭର୍ଟର ନିର୍ମାଣ କାର୍ଯ୍ୟ ଦିନେ ଦୁଇ ଦିନ ମଧ୍ୟରେ ଶେଷ କରିବା, ନିମ୍ନମାନର ରାସ୍ତା କାମ ପାଇଁ ଠିକାଦାର ଓ କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ମୁକ୍ତ ହୋଇଥିଲେ।

# ଆଦର୍ଶ ବିବାହ: ଭିନ୍ନକ୍ଷମ ଅଲେଖଙ୍କ ଆଖି ହେବେ ଦମୟନ୍ତୀ

କେନ୍ଦ୍ରାପଡ଼ା, ୨୧।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଚକ ରଘୁନାଥପୁର ଗ୍ରାମର ଦୃଷ୍ଟିବାଧିତ ଭିନ୍ନକ୍ଷମ ଯୁବକ ଅଲେଖ ଚନ୍ଦ୍ର ଜେନାଙ୍କ ସହିତ ସହରର ଅଯୋଦ୍ଧାନଗରସ୍ଥିତ ଆଂଶିକ ଭିନ୍ନକ୍ଷମ ଯୁବତୀ ଦମୟନ୍ତୀ ନାୟକଙ୍କ ସୋମବାର ବିବାହ ହୋଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ ପ୍ରୋତ୍ସାହନରେ ହୋଇଥିବା ଏହି ବିବାହ ସହରର ଗୋପସ୍ଥିତ ରାମମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏହି ବିବାହରେ ଖୁସି ହୋଇ ଦମୟନ୍ତୀ କହିଛନ୍ତି, ଜୀବନ ସାରା ଅଲେଖଙ୍କ ଆଖି ଭାବେ ସାଥୀ ହୋଇ ରହିବେ। ଆଗାମୀ ଚଲାପଥ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ସେ କହିଛନ୍ତି। ସେହିପରି ଅଲେଖ କହିଛନ୍ତି, ଜିଲା ପ୍ରଶାସନର ପ୍ରୋତ୍ସାହନ ଆମକୁ ଏକାଠି କରିଛି। ଏହାସହ ଆଗାମୀ ଜୀବନ ସୁଖମୟ ହେବ ବୋଲି ସେ ଆଶା କରିଛନ୍ତି। ଏ ସମ୍ପର୍କରେ ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ କହିଛନ୍ତି, ଅଲେଖ ଏହି ବିଦ୍ୟାଳୟରେ ପାଠ ପଢୁଥିଲେ। ପରେ ଏଠାରେ ରହି ବିଦ୍ୟାଳୟ କାର୍ଯ୍ୟରେ ସହଯୋଗ କରୁଛନ୍ତି। ସେ



ଅଲେଖ ଓ ଦମୟନ୍ତୀଙ୍କ ସହ ଜିଲା ସାମାଜିକ ସୁରକ୍ଷା ଅଧିକାରୀ।

ଜଣେ କର୍ମଠ ଯୁବକ। ଦମୟନ୍ତୀଙ୍କ ସହ ବିବାହ ପରେ ଉଭୟେ ଏକ ଫିନାଇଲ ଓ ଧୂପ ବ୍ୟବସାୟ ପାଇଁ ମନ ବଳାଇଛନ୍ତି। ଏଥିପାଇଁ ସେମାନେ ତାଲିମ ନେଇଥିବା ପ୍ରଧାନ ଶିକ୍ଷକ ଦାସ ସୂଚନା ଦେଇଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ କହିଛନ୍ତି, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବିବାହ ପାଇଁ ସହଜରେ କନ୍ୟା କିମ୍ବା ବର ମିଳନ୍ତି ନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଜନା କରିଛନ୍ତି। ଏହି ଯୋଜନାରେ ଦମ୍ପତିଙ୍କୁ ୨.୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ଅଲେଖ ଓ ଦମୟନ୍ତୀ ଏହି ପ୍ରୋତ୍ସାହନ ରାଶି ପାଇବାକୁ ହକ୍ଦାର ଥିବାବେଳେ ରୋଜଗାର ପାଇଁ ଏକ ପ୍ରକଳ୍ପ ଯୋଜନା ରଖିଛନ୍ତି।

# ଅପହୃତ ଯୁବକ ଉଦ୍ଧାର, ୩ ଗିରଫ

**ଅପହରଣ କରି ୧୦ ଲକ୍ଷ ମୁଣ୍ଡଜାମିନ**

ବରଗଡ଼,୨୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଗାଇସିଲେଟ ଥାନା ଭୋଇପାଲି ଗ୍ରାମର ବିଶାଳ ଦୀପ(୩୦)ଙ୍କୁ ଅପହରଣ କରି ୧୦ଲକ୍ଷ ଟଙ୍କା ମୁଣ୍ଡଜାମିନ ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ବିଶାଳଙ୍କୁ ଉଦ୍ଧାର କରିଥିବାବେଳେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଜପତି ଜିଲା ଅଡ଼ବା ଥାନା ଅନ୍ତରବା ଗ୍ରାମର ମନୋଜ କୁମାର ବିଶୋଇ(୩୦), ବଲାଙ୍ଗୀର ଜିଲା ଆଗଲପୁର ଥାନା ଆଗଲପୁର ଘାସିପଡ଼ାର ଦିଲୀପ ସୁନା(୩୨) ଏବଂ ଆଗଲପୁର ଗ୍ରାମର ବିପ୍ର ପ୍ରସାଦ ମେହେର(୩୦)। ସେମାନଙ୍କଠାରୁ ପୋଲିସ ଏକ କାର୍ (ନଂ.ସିଜି୦୪ଏମ୍ଏଫ୍/୯୩୭୭) ଏବଂ ୨ଟି ମୋବାଇଲ ଜବତ କରିଛି। ଗାଇସିଲେଟ ଥାନାରେ ଏକ ମାମଲା (ନଂ.୧୫୩/୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ଗତ ୧୭ତାରିଖରେ ଅଭିଯୁକ୍ତମାନେ ବିଶାଳଙ୍କୁ ଗାଇସିଲେଟର ଗଙ୍ଗା ଢାବାରୁ ଅପହରଣ କରି ନେଇ ୧୦ଲକ୍ଷ ଟଙ୍କା ମୁଣ୍ଡଜାମିନ ରଖିଥିଲେ। ଏ ନେଇ ଅପହୃତ ଯୁବକ ବିଶାଳଙ୍କ ସ୍ତ୍ରୀ ରୋଜି ଗାଇସିଲେଟ ଥାନାରେ ଏତଲା ଦେଇଥିଲେ।

# ହଷ୍ଟେଲ ଖାଦ୍ୟ ଖାଇ ୪୭ ଛାତ୍ରୀଛାତ୍ର ଅସୁସ୍ଥ

ପାଟଣାଗଡ଼, ୨୧।୮(ପ୍ରହ୍ଲାଦ ପାଢ଼ୀ)

ବଲାଙ୍ଗୀର ଜିଲା ପାଟଣାଗଡ଼ ସହର ଉପକଣ୍ଠ ରାମପାଲିଠାରେ ଥିବା ଅନ୍ୱେଷା ହଷ୍ଟେଲର ୪୭ ଛାତ୍ରୀଛାତ୍ର ସୋମବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ପାଟଣାଗଡ଼ ଉପଖଣ୍ଡସ୍ତରୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୪୬ ଜଣଙ୍କୁ ଛାଡ଼ି ଦିଆଯାଇଛି। ଗୁରୁତର ଜଣେ ଛାତ୍ରଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ରାଜ୍ୟ ସରକାରଙ୍କ ଅର୍ବାନ ଏଜୁକେଶନ ପ୍ରୋଗ୍ରାମର ଅନ୍ୱେଷା ଯୋଜନାରେ ପାଟଣାଗଡ଼ରେ ଗୋଟିଏ ଅନ୍ୱେଷା ହଷ୍ଟେଲ ରହିଛି। ଏଠାରେ ଅନୁସୂଚିତ ଜାତି ଓ ଜନଜାତିର ୩୧୦ ଛାତ୍ରୀଛାତ୍ର ରହୁଛନ୍ତି। ସେମାନେ ହଷ୍ଟେଲରେ ରହି ସରକାରଙ୍କ ସହାୟତାରେ ନିକଟରେ ଥିବା ଓମ୍ ଇଣ୍ଟରନ୍ୟାଶନାଲ ଇଂଲିଶ ମିଡିୟମ ସ୍କୁଲରେ ଅଧ୍ୟୟନ କରନ୍ତି। ରବିବାର ହଷ୍ଟେଲରେ ପିଲାଙ୍କୁ ମାଂସ ତରକାରି, ପୁରି ଓ ଚଣା ତରକାରି ଦିଆଯାଇଥିଲା। ସୋମବାର ସକାଳେ ପିଲାମାନେ ଉପମା ଓ ଚଣା ଖାଇ ସ୍କୁଲ ଯାଇଥିଲେ। ସ୍କୁଲ ପହଞ୍ଚିବାର କିଛି ସମୟ ପରେ ୪୭ ଜଣ ଛାତ୍ରୀଛାତ୍ର ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଚିକିତ୍ସାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। କେତେକ ଅଭିଭାବକ ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ସାଂସଦ ବିଶିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବିଶି ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ମଙ୍ଗଳ ଅଧିକାରୀ ଓ ଜିଲାପାଳଙ୍କୁ ଫୋନ ମାଧ୍ୟମରେ ଅବଗତ କରାଇଛନ୍ତି।

# ଶିକ୍ଷା ମନ୍ତ୍ରଣାଳୟ ଦେଲା ୧୧ କୋଟି ୬୮ ଲକ୍ଷ

**ରାଜ୍ୟର ୧୪ ସ୍କୁଲର ହେବ ଭିତ୍ତିଭୂମି ବିକାଶ**

ଅନୁଗୋଳ,୨୧।୮(ଅମିତ ସାମଲ), ତାଳଚେର(ମନୋଜ ନନ୍ଦ)

ରାଜ୍ୟର ୧୪ଟି ସ୍କୁଲର ଭିତ୍ତିଭୂମି ବିକାଶ ସହ ଆନୁଷଙ୍ଗିକ ସୁବିଧା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୧୧ କୋଟି ୬୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଗୋଳ ହାଣ୍ଡିଧୂଆ ସରକାରୀ ସ୍କୁଲକୁ ୧ କୋଟି ୧୦ ଲକ୍ଷ ଓ ଢେଙ୍କାନାଳର ବଜ୍ରନାଥ ବଡଜେନା ହାଇସ୍କୁଲ ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଗତ ଜୁନ ୨୪ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜେ ପଢିଥିବା ତାଳଚେର ସ୍ଥିତ ହାଣ୍ଡିଧୁଆ ପ୍ରାଥମିକ ସରକାରୀ ବିଦ୍ୟାଳୟକୁ ଗସ୍ତ କରିଥିଲେ। ଏହି ଅବସରରେ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆଲୋଚନା କରି ସ୍କୁଲର ବିକାଶ ପାଇଁ ଭାରତ ସରକାର ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଢେଙ୍କାନାଳର ବଜ୍ରନାଥ ବଡଜେନା ହାଇସ୍କୁଲର ପୁରାତନ ଛାତ୍ର ସଂଘର ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଭେଟି ସ୍କୁଲର ଉନ୍ନତୀକରଣ ଓ ଆନୁଷଙ୍ଗିକ ସୁବିଧା ପାଇଁ ଅନୁରୋଧ କରିଥିଲେ। ଏହି ୨ଟି ସ୍କୁଲ ବ୍ୟତୀତ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଷ୍ଟାର୍ସ ଯୋଜନାରେ ବରଗଡ଼ର ରଣାପ୍ରତାପ ହାଇସ୍କୁଲ ପାଇଁ ୫୪.୧୦ ଲକ୍ଷ, ଢେଙ୍କାନାଳ ଜିଲା ଭୁବନ ବ୍ଲକ ପଞ୍ଚାୟତରାଜ ସରକାରୀ ହାଇସ୍କୁଲ ପାଇଁ ୧ କୋଟି, ଗଜପତି ଜିଲା ପାରଳାଖେମୁଣ୍ଡିର ମହେନ୍ଦ୍ରଗିରି ମ୍ୟୁନିସିପାଲଟି ହାଇସ୍କୁଲ ପାଇଁ ୭୦ ଲକ୍ଷ, ଗଞ୍ଜାମ ଜିଲା ବେଲଗୁଣ୍ଠ ବ୍ଲକ ଜି.ନୂଆ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୫୫ ଲକ୍ଷ, ଜଗତସିଂହପୁର ଜିଲା ନୂଆଗାଁ ବ୍ଲକ ଅଲନାହାଟ ହାଇସ୍କୁଲ ପାଇଁ ୭୬ ଲକ୍ଷ, କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସ୍ଥିତ ସରକାରୀ ବାଳିକା ହାଇସ୍କୁଲ ପାଇଁ ୮୩.୮୦ ଲକ୍ଷ, କନ୍ଧମାଳ ଜିଲା ଫୁଲବାଣୀରେ ଥିବା ସରକାରୀ ବାଳିକା ହାଇସ୍କୁଲ ପାଇଁ ୫୫.୯୫ ଲକ୍ଷ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଫେଜ-୨ ସରକାରୀ ହାଇସ୍କୁଲ ପାଇଁ ୮୩.୮୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ମାଲକାନଗିରି ଜିଲା ଖଇରିପୁଟ ବ୍ଲକ ସ୍ଥିତ କାକିରିଗୁମା ହାଇସ୍କୁଲକୁ ୫୭ ଲକ୍ଷ, ମୟୂରଭଞ୍ଜ ଜିଲା ଉପରବେଡ଼ାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୧ କୋଟି ୧୦ ଲକ୍ଷ ଓ ବାଙ୍ଗିରିପୋଷୀସ୍ଥିତ ଭୂଆସୁଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୧ କୋଟି ୫ ଲକ୍ଷ, ରାୟଗଡ଼ା ଜିଲା ଗୋବିନ୍ଦଚନ୍ଦ୍ର ଦେବ ହାଇସ୍କୁଲ ପାଇଁ ୫୬.୮୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

# ଏସ୍ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ

**ବାପାଙ୍କ ହତ୍ୟା ମାମଲାର ଠିକ ତଦନ୍ତ ହୋଇନଥିବା ଅଭିଯୋଗ**

ବ୍ରହ୍ମପୁର,୨୧।୮(ସୁବାସ ଚନ୍ଦ୍ର ପାଢ଼ୀ)

ବାପାଙ୍କ ହତ୍ୟା ମାମଲାର ଠିକ ତଦନ୍ତ ହୋଇ ନ ଥିବା ଅଭିଯୋଗ କରି ଜଣେ ଯୁବକ ସୋମବାର ବ୍ରହ୍ମପୁର ଏସ୍ପିଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେ ହେଲେ ପ୍ରଶାନ୍ତ ସେଠୀ। ଏସ୍ପିଙ୍କ ଅଫିସ ଆଗରେ ପ୍ରଶାନ୍ତ ନିଜ ଦେହରେ କିରୋସିନ ଢାଳି ହୋଇଥିବା ବେଳେ ସେଠାରେ ମୁତୟନ ଥିବା ପୋଲିସ କର୍ମଚାରୀ ତାଙ୍କୁ ଧରିନେଇ ବୈଦ୍ୟନାଥପୁର ଥାନାକୁ ନେଇଥିଲେ। ଖବରପାଇ ଏସ୍ପି ଡ. ସର୍ବଣା ବିବେକ ଏମ. ବୈଦ୍ୟନାଥପୁର ଥାନାରେ ପହଞ୍ଚି ପ୍ରଶାନ୍ତଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଛନ୍ତି। ଆତ୍ମହତ୍ୟା ଉଦ୍ୟମ କରିଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଏସ୍ପି କହିଛନ୍ତି।

ଏସ୍ପି କହିଛନ୍ତି, ପ୍ରଶାନ୍ତଙ୍କ ବାପା କୋରା ସେଠୀଙ୍କୁ ୨୦୨୧ ମାର୍ଚ୍ଚ ୮ ତାରିଖରେ ସଦର ଥାନା ଅନ୍ତର୍ଗତ ଝାଡ଼ାଙ୍କୁଲି ଗ୍ରାମରେ ହତ୍ୟା କରାଯାଇଥିଲା। ପୋଲିସ ଏହି ମାମଲାରେ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ



ପ୍ରଶାନ୍ତ ସେଠୀ

ମଧ୍ୟରୁ ୨ଜଣ ହାଇକୋର୍ଟରୁ ଜାମିନ ପାଇଛନ୍ତି। ଅଭିଯୁକ୍ତଦ୍ୱୟଙ୍କ ଜାମିନ ଖାରଜ କରିବା ସହ ଅନ୍ୟ ୨ ଜଣଙ୍କୁ ଗିରଫ ପାଇଁ ପ୍ରଶାନ୍ତ ପୂର୍ବରୁ ଦାବି କରି ଆସୁଥିଲେ। ଯେହେତୁ ଉକ୍ତ ମାମଲା ବର୍ତ୍ତମାନ ଜିଲା କୋର୍ଟରେ ବିଚାରାଧୀନ ରହିଛି, ତେଣୁ କୋର୍ଟ ନିର୍ଦ୍ଦେଶ ଦେଲେ ପୁଣିଥରେ ମାମଲାର ତଦନ୍ତ କରାଯାଇପାରିବ ବୋଲି ପ୍ରଶାନ୍ତଙ୍କୁ କୁହାଯାଇଥିଲା। ପ୍ରକୃତ ଫୋରମକୁ ଯାଇ ଏହାର ଆବେଦନ କରିବାକୁ ଏସ୍ପି ନିଜେ କାଉନସେଲିଂ କରିଥିଲେ ବୋଲି କହିଛନ୍ତି। ହେଲେ ପ୍ରଶାନ୍ତ ନିଜ ଜିଦ୍ରେ ଅଟଳ ରହି ଅପରାହ୍ନରେ ଏସ୍ପିଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖକୁ ଆସି ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କୁ ଥାନାରେ ରଖି ପୁଣି କାଉନସେଲିଂ କରାଯାଇଥିବା ଏସ୍ପି କହିଛନ୍ତି।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ନୂଆଗାଁ, ୨୧।୮ (ଧନେଶ୍ୱର ସାହୁ)

- ବ୍ୟବଚ୍ଛେଦ ପରେ ମୃତଦେହ କେହି ନେଲେନି
- ପୋଲିସ, ଗ୍ରାମବାସୀଙ୍କ ମିଳିତ ସହଯୋଗରେ ସଂସ୍କାର

ନୟାଗଡ଼ ଜିଲା ନୂଆଗାଁ ଥାନା କୃଷ୍ଣଚନ୍ଦ୍ରପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ତେବେ ମହିଳା ଜଣକ ବିଷ ପିଇ ଆତ୍ମହତ୍ୟା କରିଥିବା କଥା ଶାଶୁ ଘର ଲୋକେ କହୁଥିବା ବେଳେ ଅଧିକ ଯୌତୁକ ପାଇଁ ଆମ ଝିଅକୁ ମାରି ଦିଆଯାଇଛି ବୋଲି ମୃତ ମହିଳାଙ୍କ ପରିବାର ପକ୍ଷରୁ ସୋମବାର ଲିଖିତ ଅଭିଯୋଗ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଉଭୟ ପରିବାର ନେବା ପାଇଁ ରାଜି ହୋଇ ନ ଥିଲେ। ପୋଲିସ ଉଭୟ ପରିବାରକୁ ବୁଝାଶୁଝା କରିବା ସତ୍ତ୍ୱେ କେହି ଶୁଣି ନ ଥିଲେ। ଶେଷରେ ପୋଲିସ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମୃତଦେହକୁ ସଂସ୍କାର କରାଯାଇଛି।

ନୟାଗଡ଼ ଥାନା ବରଦ୍ୱାର ଗ୍ରାମର ପାଣ୍ଡୁ ଚରଣ ବେହେରାଙ୍କ ଝିଅ ସନ୍ଧ୍ୟାରାଣୀଙ୍କୁ ୪ ବର୍ଷ ପୂର୍ବେ କୃଷ୍ଣଚନ୍ଦ୍ରପୁର ଗ୍ରାମର ବିପିନ ବେହେରା ବିବାହ କରିଥିଲେ। ସେହି ସମୟରେ ପୁଅ ଘରର ଦାବି ମୁତାବକ ଜାନି ଯୌତୁକ କନ୍ୟାଘର ପକ୍ଷରୁ ଦିଆଯାଇଥିଲା। ବିପିନ ପେସାରେ ଜଣେ ଡ୍ରାଇଭର ହୋଇଥିବାରୁ ସେ ବାହାରେ ରହି ଗାଡ଼ି ଚଳାଇ ଥାଆନ୍ତି। ସନ୍ଧ୍ୟାରାଣୀ ୨ ବର୍ଷର ଝିଅ ସହ କୃଷ୍ଣଚନ୍ଦ୍ରପୁରରେ ଶାଶୁ, ଶ୍ୱଶୁର ଓ ଦିଅରଙ୍କ ସହ ରୁହନ୍ତି। ରବିବାର ରାତିରେ ଶାଶୁଘରେ ସନ୍ଧ୍ୟାରାଣୀଙ୍କର ମୃତ୍ୟୁ ଘଟିଥିଲା। ଶାଶୁଘର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସନ୍ଧ୍ୟାରାଣୀଙ୍କୁ ନେବାରେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଝିଅ ବିଷ ପିଇ ଆତ୍ମହତ୍ୟା କରିଥିବା କଥା ବିପିନଙ୍କ ପରିବାର ଲୋକଙ୍କଠାରୁ ଖବରପାଇ ବାପଘର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲେ। ଝିଅର ବାହାଘର ପରେ ଶାଶୁଘର ଲୋକେ ଅଧିକ ୫୦ ହଜାର ଟଙ୍କା ଯୌତୁକ ଆଣିବା ପାଇଁ କହୁଥିଲେ। ୫୦ ହଜାର ଟଙ୍କା ଦେଇ ନ ପାରିବାରୁ ଶାଶୁ, ଶ୍ୱଶୁର ଓ ଦିଅର ମିଳିମିଶି ଝିଅକୁ ମାରି ଦେଇଥିବା ବାପା ପାଣ୍ଡୁ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ନଂ. ୧୧୬/୨୩ରେ ମାମଲା ରୁଜୁ କରିବା ସହ ସନ୍ଧ୍ୟାରାଣୀଙ୍କ ଶାଶୁଶ୍ୱଶୁର ଓ ଦିଅରକୁ ଅଟକ ରଖି ପଚାରଉଚରା କରିଥିଲା। ପରେ ଶାଶୁ ବିନ ବେହେରା ଓ ଦିଅର ଭୋଳା ବେହେରାକୁ ଗିରଫ କରି କୋର୍ଟ ଚାଲଣ କରିଛି। ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ତଦନ୍ତ କଲେ ଜେଲ ଡିଆଇଜି

**ଖବରଦାତାଙ୍କୁ ଜେଲରଙ୍କ ହତ୍ୟା ଷଡଯନ୍ତ୍ର ଅଭିଯୋଗ ଘଟଣା**

**ରୁଜୁ ହେଲା ମାମଲା**

ବଲାଙ୍ଗୀର/କଣ୍ଟାବାଞ୍ଜି, ୨୧।୮ (ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)

ଜଣେ ଦୈନିକ ଖବରକାଗଜର ଖବରଦାତାଙ୍କୁ ହତ୍ୟା କରିବା ପାଇଁ କଣ୍ଟାବାଞ୍ଜି ଉପକାରାଗାରର ଜେଲର ଜଣେ ୱେବ୍ ଖବରଦାତାଙ୍କ ଜରିଆରେ ଷଡଯନ୍ତ୍ର କରିବା ଅଭିଯୋଗ ହେବା ଏବଂ ଏହାର ଏକ ଅଡିଓ ଭାଇରାଲ ହେବା ଘଟଣା ଆଲୋଡ଼ନ ଖେଳାଇଥିଲା। ଏହି ଘଟଣାର ତଦନ୍ତ କରିବାକୁ ସୋମବାର ସମ୍ବଲପୁର ଜେଲ ଡିଆଇଜି କୁଳମଣି ବେହେରା କଣ୍ଟାବାଞ୍ଜି ଜେଲକୁ ଆସି ତଦନ୍ତ ଆରମ୍ଭ କରିଛନ୍ତି।

ବାସ୍ତବରେ ଏହି ଘଟଣା ପଛରେ କ'ଣ ସତ୍ୟତା ରହିଛି ତାକୁ ନେଇ ତନାଘନା ଆରମ୍ଭ ହୋଇଛି। କଣ୍ଟାବାଞ୍ଜି ଜେଲର ବିକାଶଲତା ବାରୁ ଏବଂ ଜଣେ ୱେବ୍ ଖବରତାଦାଙ୍କ ଭିତରେ ହୋଇଥିବା କଥାବାର୍ତ୍ତାର ଏକ ଅଡିଓ ଭାଇରାଲ ହୋଇଥିଲା। ଉକ୍ତ ଭାଇରାଲ ଅଡିଓରେ ଜେଲର ବାରୁ ଟୁରେକେଲା ଅଞ୍ଚଳର ଜଣେ ଦୈନିକ ଖବରକାଗଜର ଖବରଦାତାଙ୍କ ମୁଣ୍ଡ ମାଗୁଥିବା ଶୁଣାଯାଉଛି। ଜିନ୍ଦା ଲାଓ ମୁର୍ଦ୍ଦା ଲାଓ ଶିର ଲେକେ ଆଓ ବୋଲି ଜେଲର ବାରୁ କହୁଛନ୍ତି। ଏହି ଅଡିଓ ଭାଇରାଲ ହେବା ପରେ ରୋହନ୍ ମହତ ନାମକ ଜଣେ ଖବରଦାତା କଣ୍ଟାବାଞ୍ଜି ଥାନାରେ ଏକ ଲିଖିତ ଅଭିଯୋଗ କରି ତାଙ୍କୁ ଜେଲର ବାରୁ ହତ୍ୟା ଷଡ଼ଯନ୍ତ୍ର କରିଥିବା ଜଣାଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ରାଜ୍ୟବ୍ୟାପୀ ଆଲୋଡନ ଖେଳିଯାଇଥିଲା। ଅଭିଯୋଗକୁ ଭିତ୍ତି କରି ଥାନାରେ ଦଫା ୫୦୬, ୫୦୭, ୩୪ ଆଇପିସିରେ ଏକ ମାମଲା(୨୪୨/୨୩) ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ କରିବାକୁ ଜେଲ ମହାନିର୍ଦ୍ଦେଶକ ମନୋଜ କୁମାର ଛାବ୍ରା ନିର୍ଦ୍ଦେଶ ଦେବା ପରେ



ସମ୍ବଲପୁର ଜେଲ ଡିଆଇଜି କୁଳମଣି ବେହେରା ତଦନ୍ତ ପାଇଁ କଣ୍ଟାବାଞ୍ଜି ଜେଲରେ ପହଞ୍ଚିଛନ୍ତି।

ସମ୍ବଲପୁର ଜେଲ ଡିଆଇଜି ବେହେରା ସୋମବାର ଅପରାହ୍ନରେ କଣ୍ଟାବାଞ୍ଜି ଜେଲରେ ପହଞ୍ଚିଥିଲେ। ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏନେଇ ଗଣମାଧ୍ୟମକୁ କୌଣସି ସୂଚନା ଦେଇନାହାନ୍ତି। ତଦନ୍ତ ସରିବା ପରେ ଯାଇ ରିପୋର୍ଟ ଦିଆଯିବ ବୋଲି କୁହାଯାଇଛି।

ଭାଇରାଲ ଅଡିଓରେ ଜେଲର ବାରୁ ଏବଂ ୱେବ୍ ଖବରଦାତାଙ୍କ ମଧ୍ୟରେ ଅଶ୍ଳୀଳ ଭାଷାରେ କଥାବାର୍ତ୍ତା ରେକର୍ଡ ହୋଇଥିବା ଶୁଣିବାକୁ ମିଳୁଛି। ଜଣେ ଜେଲର କିଭଳି ଭାବେ ଜଣେ ୱେବ୍ ଖବରଦାତାଙ୍କ ସହ ଏଭଳି କଥାବାର୍ତ୍ତା କରୁଛନ୍ତି ତାହା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଯେଉଁ ଖବରଦାତାଙ୍କ ମୁଣ୍ଡ କାଟିବା ପାଇଁ ଅଡିଓରେ କଥାବାର୍ତ୍ତା ଚାଲିଛି ସେ ଅଭିଯୋଗ କରିଛନ୍ତି ଯେ, କିଛିଦିନ ତଳେ ଜେଲ ଭିତରକୁ ବାହାରୁ ଖାଦ୍ୟ ସାମଗ୍ରୀ ଯାଉଥିବା ନେଇ ଏକ ଖବର ପ୍ରକାଶ କରିଥିଲେ। ଏହି ଘଟଣାକୁ ନେଇ ଜେଲର ବାରୁ ତାଙ୍କୁ ହତ୍ୟା ଷଡଯନ୍ତ୍ର କରିଥିବା ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଜେଲର ବାରୁ ଗଣମାଧ୍ୟମକୁ କହିଛନ୍ତି ଯେ, ଥଟ୍ଟାମଜାରେ ସେ ଏଭଳି କହିଛନ୍ତି। ଅନ୍ୟପଟେ ୱେବ୍ ଖବରଦାତାଙ୍କ ପ୍ରତିକ୍ରିୟା ମିଳିନାହିଁ। ଜେଲ ଡିଆଇଜି ବେହେରା ଜେଲରଙ୍କ ସହ ସମ୍ପୃକ୍ତ ୱେବ୍ ଖବରଦାତାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଥିବା ଜଣାପଡିଛି।

# ଶାଲୁଙ୍କୁ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୨୧।୮(ଅଭୟ ଦାଶ)




ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ପ୍ରତିଷ୍ଠାନ ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ୍ ଶାଲୁ ଜିନ୍ଦଲଙ୍କୁ ନିକଟରେ ସମ୍ମାନଜନକ ସିଏସ୍‌ଆର୍ ଟାଇମ୍ସ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ବିଶେଷକରି ସାମାଜିକ ବିକାଶମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜର ଦୁର୍ବଳ ଏବଂ ବଞ୍ଚିତ ବର୍ଗର ବ୍ୟକ୍ତିଙ୍କ ବିକାଶ ପାଇଁ ଶାଲୁଙ୍କୁ ଉପରୋକ୍ତ ସମ୍ମାନ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ସୋମବାର ନୂଆଦିଲ୍ଲୀଠାରେ ଆୟୋଜିତ ଜାତୀୟସ୍ତରୀୟ ସିଏସ୍‌ଆର୍ ସମ୍ମିଳନୀ-୨୦୨୩ ଅବସରରେ ଶାଲୁ ଉଜ୍‌ବେକିସ୍ତାନର ରାଷ୍ଟ୍ରଦୂତ ଦିଲଶୋଦ ଅଖଟୋବଙ୍କଠାରୁ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ଗ୍ରହଣ କରିଥିଲେ। ଉକ୍ତ ସମ୍ମିଳନୀରେ କେନ୍ଦ୍ର ରାଜ୍ୟମନ୍ତ୍ରୀ ଏସ୍.ପି.ବଘେଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମେଜର ଜେନେରାଲ୍ ରବୀନ୍ଦ୍ର ସିଂ, ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସଦସ୍ୟ ଲ୍ୟୁଟନାଣ୍ଟ ଜେନେରାଲ୍(ଅବସରପ୍ରାପ୍ତ) ସୟଦ ଅତା ହସନୈନ୍, ସିଏସଆର ଟାଇମ୍ସର କାର୍ଯ୍ୟନିର୍ବାହୀ ସମ୍ପାଦକ ରବି ଶଙ୍କରଙ୍କ ସମେତ ସିଏସଆର ଟାଇମ୍ସର ସମ୍ପାଦକ ହରିଶ ଚାନ୍ଦର ଏବଂ ବରିଷ୍ଠ କର୍ପୋରେଟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶାଲୁ ଜିନ୍ଦଲ କହିଥିଲେ, ସାମାଜିକ ତଥା ସାଂସ୍କୃତିକ ପ୍ରୟାସ ପାଇଁ ମୋତେ ଏହି ସ୍ୱୀକୃତି ଦିଆଯାଇଥିବାରୁ ମୁଁ ଆୟୋଜକଙ୍କୁ ଧନ୍ୟବାଦ ଜଣାଉଛି। ସେହିଭଳି ଉକ୍ତ ସମ୍ମାନ ଆଗକୁ ଆହୁରି ଅଧିକ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବ। ଅପରପକ୍ଷରେ ଜେଏସ୍‌ପି ଫାଉଣ୍ଡେସନ କ୍ରମାଗତ ଭାବେ ସାରା ଦେଶରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ପ୍ରୟାସ ଜାରି ରଖିଛି। ଏପରିକି ସାମାଜିକ ମଙ୍ଗଳ କ୍ଷେତ୍ରରେ ଦେଶର ଅନ୍ୟ କର୍ପୋରେଟ୍ ସଂସ୍ଥାଗୁଡ଼ିକ ପାଇଁ ଏକ ଉଚ୍ଚ ମାନଦଣ୍ଡ ସ୍ଥିର ହୋଇପାରିଛି। ସେହିପରି ସାମାଜିକ କାର୍ଯ୍ୟ ବ୍ୟତୀତ ଶାଲୁ ଜିନ୍ଦଲ ପ୍ରସିଦ୍ଧ କୁଚିପୁଡି ନୃତ୍ୟାଙ୍ଗନା ଭାବେ ବେଶ୍ ଜଣାଶୁଣା। ବିଶେଷ କରି ବିଶ୍ୱସ୍ତରରେ ଭାରତୀୟ କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ସେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରି ଆସୁଛନ୍ତି। ଏପରି କି ଶାଲୁ ଜାତୀୟ ବାଲ ଭବନର ଚେୟାରପର୍ସନ୍ ତଥା ୟଙ୍ଗ ଫିକିର ପ୍ରତିଷ୍ଠାତା ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଶାଲୁ ଜିନ୍ଦଲ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟ ଛତିଶଗଡର କୁଳପତି ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଶାଲୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨୧।୮

ଗତ କିଛି ସପ୍ତାହ ହେବ ଭାରତୀୟ ଶେୟାର ବଜାର କାରବାରରେ ଅସ୍ଥିରତା ଲାଗି ରହିଛି। ଏପରି କି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୬୭ (୨୬୭.୪୩) ପଏଣ୍ଟ ବଢ଼ି ୬୫,୨୧୬ (୬୫,୨୧୬.୦୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୩ (୮୩.୪୫) ପଏଣ୍ଟ ବୃଦ୍ଧି ଘଟି ୧୯,୩୯୪ (୧୯,୩୯୩.୬୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, କ୍ରମାଗତ ଦୁଇ ଦିନର କାରବାର ହ୍ରାସ ପରେ ସୋମବାର ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି।

# ଏଚ୍‌ଏମ୍‌ଏସ୍‌ଆଇର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୧।୮

Honda
EXTENDED WARRANTY PLUS
10 YEAR COVERAGE

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ସ୍ୱତନ୍ତ୍ର ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ବିଗ୍‌ୱିଙ୍ଗ୍ ଗ୍ରାହକମାନଙ୍କ ପାଇଁ 'ବର୍ଦ୍ଧିତ ୱାରେଣ୍ଟି ଓ ବର୍ଦ୍ଧିତ ୱାରେଣ୍ଟି ପ୍ଲସ୍' କାର୍ଯ୍ୟକ୍ରମର ସର୍ବଭାରତୀୟ ଶୁଭାରମ୍ଭ ମଧ୍ୟ କରାଯାଇଛି। ଏପରି କି ଏହାର ଉଦ୍‌ଘାଟନୀ ଅଫର ଭାବେ ପ୍ରଥମ ୧୦,୦୦୦ ନୂଆ ଗ୍ରାହକଙ୍କୁ ବିନା ମୂଲ୍ୟରେ ବର୍ଦ୍ଧିତ ୱାରେଣ୍ଟି କାର୍ଯ୍ୟକ୍ରମରେ ସାମିଲ କରାଯିବ। ସେହିଭଳି ନୋ କଷ୍ଟ୍ ଅଫର ହାଇନେସ୍ ସିବି୩୫୦ ଓ ସିବି୩୫୦ ଆର୍‌ଏସ୍‌ର ପ୍ରଥମ ୧୦,୦୦୦ ନୂଆ ଗ୍ରାହକମାନଙ୍କ ପାଇଁ ପ୍ରାଥମିକତା (ଫାଷ୍ଟ କମ୍ ଫାଷ୍ଟସର୍ଭ) ଭିତ୍ତିରେ (୨୦୨୩ ଅଗଷ୍ଟ ୮ରୁ ବୈଧ) ଲାଗୁ ହେବ।

ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ସେଲ୍‌ସ ଓ ମାର୍କେଟିଂ ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି, ଏଚ୍‌ଏମ୍‌ଏସ୍‌ଆଇରେ ଅତୁଳନୀୟ ମାଲିକାନା ଅନୁଭୂତି ପ୍ରଦାନ କରିବା ପ୍ରତି ଆମର ରହିଥିବା ଅତୁଟ ପ୍ରତିବଦ୍ଧତାକୁ ଆମେ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛୁ। ରେଡ୍ ୱିଙ୍ଗ ଗ୍ରାହକଙ୍କ ବିପୁଳ ସମର୍ଥନକୁ ନଜର କରି ଆମେ ଏହି ସ୍ୱତନ୍ତ୍ର ଅଭିଯାନକୁ ଆମ ଲୋକପ୍ରିୟ ସିବି୩୫୦ ମୋଟରସାଇକେଲ୍ ପ୍ରତି ସମ୍ପ୍ରସାରିତ କରୁଛୁ। ଏହି ସ୍ୱତନ୍ତ୍ର ସୁବିଧା ଓ ୧୦ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ସହିତ ଉଚ୍ଚ ମୂଲ୍ୟର ପାର୍ଟସ୍‌କୁ ନେଇ ଗ୍ରାହକମାନେ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ଓ ସାରା ଭାରତରେ ହୋଣ୍ଡାର ଭରସାକୁ ଉପଭୋଗ କରିପାରିବେ। ଗ୍ରାହକମାନେ ସୁବିଧାରେ ନିକଟତମ ସ୍ୱୀକୃତିପ୍ରାପ୍ତ ହୋଣ୍ଡା ବିଗ୍‌ୱିଙ୍ଗ୍‌ରେ ୫,୩୨୧ଟଙ୍କାରୁ ଆରମ୍ଭ ହେଉଥିବା ଏହି ସେବା ପାଇପାରିବେ।

# କାରବାର ବୃଦ୍ଧିକୁ ଗୁରୁତ୍ୱ

ଭୁବନେଶ୍ୱର,୨୧।୮

ରାଜ୍ୟର ବିଭିନ୍ନ ପ୍ରାନ୍ତ ଏବଂ ଉଦ୍ୟୋଗୀଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ବିଭିନ୍ନ ସାମଗ୍ରୀର କାରବାର ବୃଦ୍ଧି ସହିତ ଲିଙ୍କେଜ୍ ମାଧ୍ୟମରେ ବ୍ରିଟେନ୍‌ର ବ୍ୟବସାୟୀଙ୍କ ମଧ୍ୟରେ ସୁଯୋଗ ଅନୁସନ୍ଧାନ କରିବା ଲକ୍ଷ୍ୟରେ ଓଡ଼ିଶାର ୭ ଜଣ ମହିଳା ଉଦ୍ୟୋଗୀଙ୍କ ଏକ ପ୍ରତିନିଧି ଦଳ ଆଇଏନ୍‌ଡବ୍ଲ୍ୟୁଇସିର ଜାତୀୟ ଅଧ୍ୟକ୍ଷା ସୁକୀର୍ତ୍ତି ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ରିଟେନ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନ୍‌ଡବ୍ଲ୍ୟୁଇସି) ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଆଇଏନ୍‌ଡବ୍ଲ୍ୟୁଇସିର ଜାତୀୟ ଅଧ୍ୟକ୍ଷା ସୁକୀର୍ତ୍ତି ପଟ୍ଟନାୟକ ସମ୍ମିଳନୀ ଆଭିମୁଖ୍ୟ ଓ ବିଟ୍ରେଟ ଗସ୍ତ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମୟୀ ମିଶ୍ର, ଶିବ କୁମାର ବିଶ୍ୱାଳ, ଶୁଭେନ୍ଦୁ କୁମାର ନାୟକ, ଜେ.ବି. ପାଣିଙ୍କ ସମେତ ରାଜୀବ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନ୍‌ଡବ୍ଲ୍ୟୁଇସି) ଏକ ସ୍ୱତନ୍ତ୍ର ମହିଳା ଉଦ୍ୟୋଗୀ ସଂଗଠନକୁ ୨୦୨୦ ଜାନୁୟାରୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସେହିଭଳି କୋଲକାତା ବ୍ରିଟିଶ ଡେପୁଟି ହାଇ କମିଶନ ଆଇଏନ୍‌ଡବ୍ଲ୍ୟୁଇସି ଏବଂ ଆଇସିସି ମଧ୍ୟରେ ବାଣିଜ୍ୟ ଏବଂ ବାଣିଜ୍ୟକୁ ପ୍ରୋତ୍ସାହିତ କରିବାରେ ସକ୍ରିୟ ସହଯୋଗ କରୁଛନ୍ତି। ଅପରପକ୍ଷରେ ଏହି ଟିମ୍ ୨୦୨୩ ଅଗଷ୍ଟ ୨୬ ଓ ୨୭ରେ ବ୍ରିଟେନ୍‌ର ହାରୋଠାରେ ଥିବା ଓଡ଼ିଶା ସୋସାଇଟି ଅଫ୍ ୟୁକେ (ଓଏସ୍‌ୟୁକେ)ର ୪୪ତମ ବାର୍ଷିକ ସମ୍ମିଳନୀରେ ଯୋଗଦେବା ସହ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରିବେ।




କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସମାରୋହରେ ଟିଏଚ୍‌ଡିସି ଇଣ୍ଡିଆ ଲିମିଟେଡ୍‌କୁ ୨୦୨୨-୨୩ ବର୍ଷ ପାଇଁ ଏନ୍‌ଟିପିସି ରାଜଭାଷା ସିଲ୍‌ଡ (ସାନ୍ତ୍ୱନାମୂଳକ)ସମ୍ମାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶକ୍ତିମନ୍ତ୍ରୀ ଆର.କେ.ସିଂଙ୍କଠାରୁ ଟିଏଚ୍‌ଡିସିର ନିର୍ଦ୍ଦେଶକ (କାର୍ମିକ) ଶାଲିନ୍ଦର ସିଂ ଉକ୍ତ ସମ୍ମାନ ଗ୍ରହଣ କରୁଛନ୍ତି। ଏହି ଅବସରରେ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଏଆଣ୍ଡଏସ୍ ପାୱାର ସହ ୱାର୍ଡ ୱିଜାର୍ଡର ସହଭାଗିତା

ଭୁବନେଶ୍ୱର,୨୧।୮

ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଏବଂ ଏଆଣ୍ଡଏସ୍ ପାୱାରର ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଉଭୟ ସଂସ୍ଥାର ମିଳିତ ସହଭାଗିତାରେ ପରବର୍ତ୍ତୀ ପିଢ଼ିର ଲାଇ-ଆୟନ ବ୍ୟାଟେରି ପ୍ରଯୁକ୍ତିରେ ଗବେଷଣା, ନବସୃଜନ ଓ ବିକାଶକୁ ଆଗକୁ ବଢ଼ାଇବା ଏବଂ ଗୁଜରାଟରେ ଭାରତର ପ୍ରଥମ ଇଭି ଆନସିଲାରି କ୍ଲଷ୍ଟର ସ୍ଥାପନ କରିବାରେ ଜୟ ଇ-ବାଇକ୍ ଯେଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ତାହାକୁ ସୁନିଶ୍ଚିତ କରିବା।

ଏ ସମ୍ପର୍କରେ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଯତୀନ୍ ଗୁପ୍ତେ କହିଛନ୍ତି, ଇଲେକ୍ଟ୍ରିକ୍ ଯାନ ଶିଳ୍ପରେ ନବସୃଜନକୁ ଆଗକୁ ବଢ଼ାଇବା ଏବଂ ପ୍ରଯୁକ୍ତିରେ ଉନ୍ନତି ଆଣିବା ପାଇଁ ଆମର ରହିଥିବା ଲକ୍ଷ୍ୟ ଦିଗରେ ଏଆଣ୍ଡଏସ୍ ପାୱାର ସହ ସହଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ସହଯୋଗିତା ଆମକୁ ଗୁଜରାଟରେ ଇଭି ଆନସିଲାରି କ୍ଲଷ୍ଟର ସ୍ଥାପନ କରିବାର ନିକଟତର କରିଛି, ଯାହା ଦୀର୍ଘସ୍ଥାୟୀ ଗମନାଗମନ ସମାଧାନ ପ୍ରଦାନ କରିବ ଏବଂ ସବୁଜ ଭବିଷ୍ୟତକୁ ଆକାର ପ୍ରଦାନ କରିବ। ଉଲ୍ଲେଖଯୋଗ୍ୟ, ଜୟ ଇ-ବାଇକ୍ ବ୍ରାଣ୍ଡ ନାମରେ ଇଲେକ୍ଟ୍ରିକ୍ ଯାନ ଉତ୍ପାଦନ କରୁଥିବା ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ପକ୍ଷରୁ ଇଭି ଆନସିଲାରି କ୍ଲଷ୍ଟର ସ୍ଥାପନ କରିବାର ଲକ୍ଷ୍ୟକୁ ପୂରଣ କରିବା ଲାଗି ଅସଲି ଉପକରଣ ନିର୍ମାତା (ଓଇଏମ୍) ଏଆଣ୍ଡଏସ୍ ପାୱାର ସହିତ ଏକ ଦୀର୍ଘକାଳୀନ ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏପରି କି ଏହି ସହଯୋଗିତାକୁ ଜାରି ରହିଥିବା ଗବେଷଣା ଓ ବିକାଶ ସହିତ ସିଙ୍ଗାପୁରରେ ଥିବା ୱାର୍ଡୱିଜାର୍ଡର ଗବେଷଣା କେନ୍ଦ୍ର ପାଇଁ ଉପଲବ୍ଧ କରାଯିବ।

## ଫୁର୍‌ସତ୍

# ଖବରକାଗଜ ଫଟୋରୁ ପ୍ରେମ ପରେ ବିବାହ

ଟ୍ରିନଟନ୍

ପ୍ରେମ କେଉଁଠାରେ କାହାକୁ ବି ହୋଇପାରେ। ପ୍ରେମ ବୟସ, ଜାତି, ଧର୍ମ ଦେଖି ନ ଥାଏ। ନିକଟରେ ଏପରି ଏକ ପ୍ରେମର ନିଦର୍ଶନ ଦେଖିବାକୁ ମିଳିଛି। ଜଣେ ଯୁବତୀ ଖବରକାଗଜରୁ ଯୁବକଙ୍କ ଫଟୋ ଦେଖି ଫେସବୁକ୍‌ରେ ତାଙ୍କୁ ଖୋଜି ପରେ ବିବାହ କରିଛନ୍ତି। ଏବେ ସେମାନଙ୍କର ୪ଟି ସନ୍ତାନ ରହିଛନ୍ତି। ନିକଟରେ ଦୁହେଁ ତାଙ୍କ କାହାଣୀ ଶେୟାର କରିଛନ୍ତି। ରିପୋର୍ଟ ମୁତାବକ, ୪୨ ବର୍ଷୀୟା ଏଭିଗେଲ ଆଦମ୍ କହିଛନ୍ତି, ତାଙ୍କର ବ୍ରେକ୍‌ଅପ୍ ପରେ ସେ ବହୁତ ଉଦାସ ଥିଲେ। ଦିନେ ସେ ଘର ବାହାରେ ଚା' ପିଉଥିବାବେଳେ ତାଙ୍କ ନଜର ଖବରକାଗଜ ଉପରେ ପଡ଼ିଲା। ଖବରକାଗଜ ପଢ଼ିବା ବେଳକୁ ସେଥିରେ ଟମ୍ ସଜାକିଙ୍କ ବାବଦରେ ଲେଖାଥିଲା। ସେ ନିକଟରେ ନିଜର ଏକ ରିସାଇକିଲିଂ କମ୍ପାନୀ ଆରମ୍ଭ କରିଥିଲେ। ଟମ୍‌ଙ୍କୁ ଦେଖି ଏଭିଗେଲ ପସନ୍ଦ କରିବାକୁ ଲାଗିଲେ। ପରେ ସେ ଟମ୍‌ଙ୍କୁ ଖୋଜିବାକୁ ପ୍ରୟାସ କଲେ। ସେ ତାଙ୍କୁ ସୋସିଆଲ ମିଡିଆରେ ଖୋଜିବା ପରେ ପାଇଗଲେ। ପରେ ଦୁହିଙ୍କ କଥାବର୍ତ୍ତା ଆରମ୍ଭ ହେଲା। ଉଭୟ ମିଶି ଆମେରିକାର ବହୁ ଜାଗା ବୁଲିଲେ। ଏହାର ୨ ବର୍ଷ ପରେ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଲେ। ଏବେ ସେମାନଙ୍କର ୪ଟି ସନ୍ତାନ ରହିଛନ୍ତି। ନ୍ୟୁଜର୍ସିର ବାସିନ୍ଦା ଏଭିଗେଲ ଜଣେ ଜୁଏଲେରି ଡିଜାଇନର। ସେ କହିଛନ୍ତି, ତାଙ୍କର ପୂର୍ବ ସମ୍ପର୍କ ଭାଙ୍ଗିଯିବା ନେଇ ବେଶ୍ ଖୁସି ଅଛନ୍ତି। ତାହା ପରେ ଉପହାର ଭାବେ ଟମ୍ ମିଳିଲେ।



# କ୍ୟାଟ୍ରିନାଙ୍କ 'ଟାଇଗର-୩' ଭିଡିଓ ଭାଇରାଲ

ମୁମ୍ବାଇ

ଅଭିନେତ୍ରୀ କ୍ୟାଟ୍ରିନା କୈଫ ଏବେ ତାଙ୍କ ଆଗାମୀ ଫିଲ୍ମ 'ଟାଇଗର-୩'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହା ମଧ୍ୟରେ ତାଙ୍କ ଶୁଟିଂ ସେଟ୍‌ର ଏକ ଭିଡିଓ ଲିକ୍ ହୋଇଥିବା ଜଣାପଡ଼ିଛି। ଭିଡିଓରେ କ୍ୟାଟ୍ରିନା ଏକ ଗୀତରେ ନାଚୁଥିବା ଦେଖିବାକୁ ମିଳିଛି। ଲୋକେ ଏହାକୁ ଦେଖି କ୍ୟାଟ୍ରିନା ମାସାଲ୍ଲା ଗୀତରେ ନାଚୁଥିବା ଅନୁମାନ କରୁଛନ୍ତି। ହେଲେ ଭିଡିଓରେ ବଲିଉଡ୍ ଭାଇଜାନ୍ ସଲ୍‌ମାନ ଖାନ୍‌ଙ୍କୁ ଦେଖିବାକୁ ମିଳି ନାହିଁ। ସିନେ ପରଦାରେ କ୍ୟାଟ୍ରିନା ଏବଂ ସଲ୍‌ମାନଙ୍କ ଯୋଡ଼ିକୁ ଦର୍ଶକ ଅନେକ ପସନ୍ଦ କରୁଥିବାବେଳେ 'ଟାଇଗର-୩' ଆଗକୁ ଧମାଲ କରିବ ବୋଲି ଅନେକେ କମେଣ୍ଟ ମଧ୍ୟ କରିଛନ୍ତି। କ୍ୟାଟ୍ରିନାଙ୍କ ନୃତ୍ୟ ଦେଖି ଫିଲ୍ମ ପ୍ରତି ପ୍ରଶଂସକଙ୍କ ଉତ୍ସାହ ଖୁବ୍ ବଢ଼ିଯାଇଛି। ଏହା ମଧ୍ୟରେ ସଲ୍‌ମାନଙ୍କ ନୂଆ ଲୁକ୍ ଭାଇରାଲ୍ ହୋଇଛି, ଯେଉଁଥିରେ ସେ ଲଣ୍ଡା ହୋଇଥିବା ଦେଖିବାକୁ ମିଳିଛନ୍ତି। ଫିଲ୍ମ 'ତେରେ ନାମ୍-୨' ପାଇଁ ସଲ୍‌ମାନ ଲଣ୍ଡା ହୋଇଥିବା ଶୁଣିବାକୁ ମିଳିଛି। ତେବେ କ୍ୟାଟ୍ରିନା ୨୦୦୩ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଦର୍ଶକଙ୍କୁ ହିଟ୍ ଫିଲ୍ମ ଦେଇ ଅନେକଙ୍କ ପସନ୍ଦିତା ହୋଇପାରିଛନ୍ତି। ଏବେ ତାଙ୍କ ହାତରେ ୨ଟି ଫିଲ୍ମ ରହିଛି, ଯେଉଁଥିରେ ସେ ବ୍ୟସ୍ତ ଅଛନ୍ତି।



# ପଥରରେ ପ୍ରସ୍ତୁତ ଖାଦ୍ୟ



ବେଜିଂ

ଆମେ ବିଭିନ୍ନ ପ୍ରକାରର ଚାଇନିଜ୍ ଖାଦ୍ୟ ଯେପରିକି, ଚାଓମିନ୍, ରୋଲ, ଫ୍ରାଏଡ୍ ରାଇସ୍ ଖାଇଥାଉ। କିନ୍ତୁ ବର୍ତ୍ତମାନ ଏକ ନୂଆ ଚାଇନିଜ୍ ଖାଦ୍ୟ ନଜରକୁ ଆସିଛି। ପଥରରେ ପ୍ରସ୍ତୁତ ଚାଇନିଜ୍ ଖାଦ୍ୟ ଆମେ କେବେ ଖାଇ ନ ଥିବା। ନିକଟରେ ଏପରି ଏକ ଚାଇନିଜ୍ ଖାଦ୍ୟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଏକ ପ୍ରକାର କଳା ପଥରକୁ ଭାଜି ସେଥିରୁ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି। ଏହି ଚାଇନିଜ୍ ଖାଦ୍ୟର ନାମ ରହିଛି 'ସୌଦିଉ'। ଏହାକୁ ଦୁନିଆର ସବୁଠୁ କଠିନ ଖାଦ୍ୟ ବୋଲି କୁହାଯାଉଛି। ଏହି ଖାଦ୍ୟରେ ମୁଖ୍ୟ ସାମଗ୍ରୀ ଭାବେ ପଥରକୁ ବ୍ୟବହାର କରାଯାଇଛି। କୁହାଯାଉଛି କି, ଏହି ଅଦ୍ଭୁତ ଖାଦ୍ୟର ଉତ୍ପତ୍ତି ବହୁ ପ୍ରାଚୀନ କାଳରୁ ଚିର ହୁୱେଇରୁ ହୋଇଥିଲା। ସେଠାରେ ନଦୀକୂଳରେ ରହୁଥିବା ନାବିକଙ୍କୁ ପନିପରିବା ଏବଂ ଜୀବଜନ୍ତୁଙ୍କ ଅଭାବ ହେଉଥିଲା। ସେହି ସମସ୍ୟାରୁ ବର୍ତ୍ତିବା ପାଇଁ ସେମାନେ କିଛି ପଥରକୁ ଏକାଠି କଲେ। କିଛି ମସଲା ସହିତ ସେହି ପଥରକୁ ଭାଜୁଥିଲେ। ଖାଇବାବେଳେ ସେମାନେ କେବଳ ପଥରରୁ ସମସ୍ତ ମସଲା ଚାଟି ସଫା କରିବା ପରେ ପଥରକୁ ଫୋପାଡ଼ି ଦିଅନ୍ତି। ସୌଦିଉର ଅର୍ଥ ହେଉଛି ଚାଟିବା। ସେଥିପାଇଁ ଖାଦ୍ୟର ନାମ ଏପରି ରଖାଯାଇଛି। ସେବେଠାରୁ ଏପରି ଏକ ଚାଇନିଜ୍ ଖାଦ୍ୟର ଉତ୍ପତ୍ତି ହୋଇଛି। ଭିଡିଓ ମୁତାବକ, ପରଷା ଯାଇଥିବା ଖାଦ୍ୟର ମୂଲ୍ୟ ୧୬ ୟୁଆନ୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୮୦ ଟଙ୍କାରୁ ଊର୍ଦ୍ଧ୍ୱ।

# ଏଆଇ ସାହାଯ୍ୟରେ ଶିବ ତାଣ୍ଡବ



**ନୂଆଦିଲ୍ଲୀ:** କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଅନେକ ଅଫିସିଆଲ କାର୍ଯ୍ୟରେ ମଧ୍ୟ ଏଆଇ ନିଜର ସ୍ଥାନ ସୃଷ୍ଟି କରିଛି। ଏଥିସହ ଏଆଇ ମନୋରଞ୍ଜନ କ୍ଷେତ୍ରରେ ମଧ୍ୟ ପାଦ ରଖିଛି। ନିୟମିତ ଜୀବନରେ ଲୋକଙ୍କୁ ସାହାଯ୍ୟ କରିବାଠାରୁ ଆରମ୍ଭ କରି ପିଲାଙ୍କ ପାଠପଢ଼ା ଏହା ସରଳ କରୁଛି। ଏହା ମଧ୍ୟରେ ଜଣେ କଳାକାର ଏକ ଭିଡିଓ କରିବାକୁ ଏଆଇ ଉପକରଣକୁ ବ୍ୟବହାର କରିଛନ୍ତି, ଯେଉଁଥିରେ ଭଗବାନ ଶିବଙ୍କୁ ତାଣ୍ଡବ କରୁଥିବା ଦେଖାଯାଇଛି। ଏହି ଅଦ୍ଭୁତ ଭିଡିଓକୁ ଦେଖିବା ପରେ ଲୋକେ ଏହାକୁ ବିଶ୍ୱାସ କରିପାରୁ ନାହାନ୍ତି। ଭିଡିଓଟି ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଆଇକୁ ବ୍ୟବହାର କରି ପ୍ରସିଦ୍ଧ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଡ୍ରୁବୋ ସରକାରଙ୍କ ଉପରେ ଭଗବାନ ଶିବଙ୍କ ପ୍ରତିମୂର୍ତ୍ତି ସୃଷ୍ଟି କରିଥିଲେ, ଯେଉଁଥିରେ ଶିବଙ୍କ ଅତି ସୁନ୍ଦର ତାଣ୍ଡବ ଦେଖିବାକୁ ମିଳିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାକୁ ୧୧ ସ୍ୱର୍ଣ୍ଣ ସହ ୧୩ ପଦକ

## ୱାକୋ ଇଣ୍ଡିଆ କିକ୍‌ବକ୍ସିଂ

**ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)**

ୱାକୋ ଇଣ୍ଡିଆ ଜାତୀୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍ କୋଲକାତାର ଖୁଦିରାମ ଅନୁଶୀଳନ କେନ୍ଦ୍ର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ୧୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ ସହ ମୋଟ ୧୩ଟି ପଦକ ହାସଲ କରିଛି। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରୁ ମାଲୋଥ ରାଜଶେଖର ପଏଣ୍ଟ ଫାଇଟ୍ ଓ ଲାଇଟ୍ କଣ୍ଟାକ୍ଟରେ ୨ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଅନିକେତ ଚୌରାସିଆ, ଚାନ୍ଦିନୀ ନାୟକ, ତୁଷାର ବେହେରା, ଶ୍ରେୟାଶ୍ରୀ ଦେ ପଏଣ୍ଟ ଫାଇଟ୍‌ରେ ସ୍ୱର୍ଣ୍ଣ ପଦକଲାଭ କରିଛନ୍ତି। ସେହିପରି ମହମ୍ମଦ ୟାଶ୍ ଖାଁ, ମହମ୍ମଦ ଦକ୍ଷ ଖାଁ ଫୁଲ୍ କଣ୍ଟାକ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ବାପି ଚାଟାର୍ଜୀ ଓ ଚୋଡ଼ଗଙ୍ଗ ଦେବ ରୋହିଦାସ ପଏଣ୍ଟ ଫାଇଟ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ଏକ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୧୭ ପ୍ରତିଯୋଗୀ, ୪ ଅଫିସିଆଲ ଓ ଜଣେ ପ୍ରଶିକ୍ଷକ ସାମିଲ ଥିଲେ। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଅନ୍ତର୍ଜାତୀୟ ଜଜ୍ ବିଭୂତି ଭୂଷଣ ବେହେରା, ଗଙ୍ଗାଧର ସାହୁ, ନାରାୟଣ ତମାଙ୍ଗ, ନିଖତ ବାନୁ ଓ ଅସିତ ସିଂ ଜଜ୍ ଦାୟିତ୍ୱ ତୁଲାଇଥିଲେ। ପ୍ରକାଶ ବେହେରା ଦଳର କୋଚ୍ ଏବଂ ମହମ୍ମଦ ସଲିମ ଖାଁ ଟିମ୍ ମ୍ୟାନେଜରଭାବେ କୋଲକାତା ଯାତ୍ରା କରିଥିଲେ। ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସଭାପତି ପ୍ରବୋଧ ତିର୍କୀ, ଉପସଭାପତି ଦୀନବନ୍ଧୁ ବେହେରା, ଅନିଲ ରାଉଳ, ପ୍ରଦୀପ ବଡ଼ଜେନା, ଗଙ୍ଗାଧର ସାହୁ ପ୍ରମୁଖ ପଦକ ବିଜୟୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଅତିଥିଙ୍କ ସହ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

# ଇଂଲଣ୍ଡକୁ ୪-୦ରେ ହରାଇଲା ଭାରତ


ଗୋଲ ସ୍କୋରପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ଡସେଲଡର୍ଫ, ୨୧।୮(ପି.ଟି.)**

ଭାରତର ଜୁନିୟର ହକି ଦଳ ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟରେ ଇଂଲଣ୍ଡକୁ ୪-୦ ଗୋଲ୍‌ରେ ହରାଇ ଦେଇଛି। ଭାରତ ତରଫରୁ ରାଜିନ୍ଦର ସିଂ (୧୩ତମ), ଅମିର ଅଲି (୩୩ତମ), ଅମନଦୀପ ଲାକ୍ରା (୪୧ତମ) ଓ ଅରିଜିତ୍ ସିଂ ହୁଣ୍ଡାଲ (୫୮ତମ) ପ୍ରମୁଖ ଗୋଲ୍ ସ୍କୋର କରିଥିଲେ। ମ୍ୟାଚ୍‌ରେ ଭାରତ ସତର୍କତାର ସହ ଆରମ୍ଭ କରିଥିଲା। ରାଜିନ୍ଦର ଏକ ପେନାଲ୍ଟିକୁ ଗୋଲ୍‌ରେ ପରିଣତ କରିବା ପରେ ଭାରତ ୧-୦ ଅଗ୍ରଣୀ ଲାଭ କରିଥିଲା। ଗୋଲ୍ ପରିଶୋଧ କରିବା ଲାଗି ଇଂଲଣ୍ଡ ଦଳ ଦ୍ୱିତୀୟ କ୍ୱାର୍ଟରରେ ଆକ୍ରମଣାତ୍ମକ ଖେଳିଥିଲା, ମାତ୍ର ସଫଳ ହୋଇ ନ ଥିଲା। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭର ଅଳ୍ପ ସମୟ ମଧ୍ୟରେ ଅମିର ଅଲି ଏକ ଫିଲ୍ଡ ଗୋଲ୍ ସ୍କୋର କରି ଇଂଲଣ୍ଡ ଉପରେ ଅଧିକ ଚାପ ସୃଷ୍ଟି କରିଥିଲେ। ୨-୦ରେ ଅଗ୍ରଣୀ ପରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ତୃତୀୟ କ୍ୱାର୍ଟର ଶେଷଭାଗରେ ଅମନଦୀପ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିଲେ। ଖେଳ ଶେଷହେବାକୁ ଆଉ ୧୫ ମିନିଟ୍ ବାକି ରହିଥିବା ବେଳେ ଇଂଲଣ୍ଡ ଗୋଲ୍ ସ୍କୋର କରିବା ଲାଗି ଆପ୍ରାଣ ଉଦ୍ୟମ କରିଥିଲା। ଭାରତର ଦୃଢ଼ ପ୍ରତିରୋଧ ଯୋଗୁ ଦଳ ଅସଫଳ ରହିଥିଲା। ଖେଳର ଅନ୍ତିମ କ୍ଷଣରେ ଅରାଇଜିତ୍ ଆଉ ଏକ ଗୋଲ୍ ସ୍କୋର କରିବାରୁ ଭାରତ ୪-୦ରେ ବିଜୟ ଲାଭ କରିଥିଲା।

# କାର୍ଯ୍ୟସୂଚୀରେ ପରିବର୍ତ୍ତନ ସମ୍ଭବ ନୁହେଁ

**ନୂଆଦିଲ୍ଲୀ, ୨୧।୮ (ପି.ଟି.):** ଆଇସିସି ବିଶ୍ୱକପ୍ ୨୦୨୩ କାର୍ଯ୍ୟସୂଚୀରେ ପରିବର୍ତ୍ତନ ଲାଗି ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ) କରିଥିବା ଅନୁରୋଧକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରତ୍ୟାଖ୍ୟାନ କରିଦେଇଛି। ପଛକୁ ପଛ ମ୍ୟାଚ ଦିବସ ପଡୁଥିବାରୁ ଯଥେଷ୍ଟ ସଂଖ୍ୟାରେ ପୋଲିସ ଯୋଗାଇଦେବା ଏକ କଠିନ ବ୍ୟାପାର ବୋଲି ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷ କହିବା ପରେ ଏଚ୍‌ସିଏ ପକ୍ଷରୁ ଏହି ଅନୁରୋଧ କରାଯାଇଥିଲା। ଏସିଆ କପ୍ ଟିମ୍ ସିଲେକ୍ସନ ବୈଠକ ପରେ ବିସିସିଆଇ ସମ୍ପାଦକ ଜୟ ଶାହା ଏଚ୍‌ସିଏ ଅଫିସିଆଲଙ୍କୁ ଭେଟିଥିଲେ। ସଂଶୋଧିତ କାର୍ଯ୍ୟସୂଚୀ ଅଗଷ୍ଟ ୯ରେ ପ୍ରକାଶ ପାଇସାରିଥିବାରୁ ପୁଣି ସମ୍ଭବ ନୁହେଁ ବୋଲି ଏଚ୍‌ସିଏକୁ କୁହାଯାଇଛି। କାର୍ଯ୍ୟସୂଚୀ ପ୍ରଥମେ ଜୁନ୍ ୨୭ରେ ପ୍ରକାଶ ପାଇଥିଲା। ଏଥିରେ ଭାରତ ବନାମ ପାକିସ୍ତାନ ମ୍ୟାଚ ସହିତ ୯ଟି ଗେମ୍‌ର ଦିନ ଓ ଟାଇମିଂରେ ପରିବର୍ତ୍ତନ କରାଯାଇଥିଲା।

# ଅଲକାରାଜଙ୍କୁ ହରାଇ ଜୋକୋଭିଚ୍ ଚାମ୍ପିୟନ

**ମାସନ, ୨୧।୮(ଏପି):** ଏଠାରେ ଅନୁଷ୍ଠିତ ୱେଷ୍ଟର୍ନ ଆଣ୍ଡ ସଦର୍ନ ଓପନ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ନୋଭାକ ଜୋକୋଭିଚ୍ ଚାମ୍ପିୟନ ହୋଇଛନ୍ତି। ଜୋକୋଭିଚ୍ ୫-୭, ୭-୬ (୭), ୭-୬ (୪)ରେ କାର୍ଲୋସ ଅଲକାରାଜଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ଏଥିସହ ସେ ୱିମ୍ବେଲଡନ ଫାଇନାଲ ପରାଜୟର ପ୍ରତିଶୋଧ ନେଇଛନ୍ତି। ମ୍ୟାଚ ୩ ଘଣ୍ଟା ୪୯ ମିନିଟ୍ ଧରି ଚାଲିଥିଲା। ୧୯୯୦ ପରଠାରୁ ଏଟିପି ଟୁର୍ ଇତିହାସରେ ଏହା ଥିଲା ଦୀର୍ଘତମ ବେଷ୍ଟ ଅଫ୍ ଥ୍ରି ସେଟ୍ସ ଫାଇନାଲ। କ୍ୟାରିୟରର ୯୫ତମ ଟାଇଟଲ ହାସଲ କରି ସେ ଇଭାନ ଲେଣ୍ଡଲଙ୍କୁ ଅତିକ୍ରମ କରିଯାଇଛନ୍ତି।

# ସିଫ୍ଟ କୌରଙ୍କୁ ଷଷ୍ଠ ଅଲିମ୍ପିକ୍ସ କୋଟା

**ବାକୁ (ଆଜରବାଇଜାନ), ୨୧।୮ (ପି.ଟି.)**

ଆଉ ଜଣେ ଭାରତୀୟ ଶୁଟରଙ୍କୁ ଅଲିମ୍ପିକ୍ସ କୋଟା। ସୋମବାର ରାଇଫଲ ଶୁଟର ସିଫ୍ଟ କୌର ସାମରା। ଷଷ୍ଠ ଭାରତୀୟ ଭାବେ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୫୦ ମିଟର ରାଇଫଲ ଥ୍ରୀ ପୋଜିସନରେ ସିଫ୍ଟ ପଞ୍ଚମ ସ୍ଥାନ ହାସଲ କରିଥିଲେ। ୨୧ ବର୍ଷୀୟ ସିଫ୍ଟ ଏହା ପୂର୍ବରୁ ଚାଇନାରେ ଅନୁଷ୍ଠିତ ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୨୨ ମାର୍ଚ୍ଚରେ ଭୋପାଳରେ ଅନୁଷ୍ଠିତ ରାଇଫଲ/ପିସ୍ତଲ ବିଶ୍ୱକପରେ ବ୍ରୋଞ୍ଜ ସହିତ ସେ ନିଜର ପ୍ରଥମ ଅନ୍ତର୍ଜାତୀୟ ପଦକ ହାସଲ କରିଥିଲେ।

ସୋମବାର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ସେ ୫୮୯ ପଏଣ୍ଟ ସ୍କୋର କରିବା ସହିତ ପଞ୍ଚମ ସ୍ଥାନରେ ରହିଥିଲେ। ସେ ନିଲିଙ୍ଗରେ ୧୯୨, ପ୍ରୋନ୍‌ରେ ୧୯୯ ଓ ଷ୍ଟାଣ୍ଡିଂରେ ୧୯୮ ପଏଣ୍ଟ ସ୍କୋର କରିଥିଲେ। ନିଲିଙ୍ଗରେ ୧୯୨ ପଏଣ୍ଟ ସହିତ ସେ ୮ ନମ୍ବର ସ୍ଥାନରେ ରହିଥିଲେ। ତେବେ ପ୍ରୋନ୍ ଓ ଷ୍ଟାଣ୍ଡିଂରେ ଚମତ୍କାର ପ୍ରଦର୍ଶନ କରି ସେ ପଞ୍ଚମ ସ୍ଥାନ ହାସଲ କରି ଅଲିମ୍ପିକ୍ସ କୋଟା ହାସଲ କରିବାରେ ସମର୍ଥ ହୋଇଥିଲେ। ତେବେ ଫାଇନାଲରେ ୪୨୯.୧ ପଏଣ୍ଟ ସହିତ ସେ ଅଷ୍ଟମ ସ୍ଥାନରେ ରହିଥିଲେ। ଚାଇନାର ଝାଙ୍ଗ କ୍ୱିଓଙ୍ଗ୍ୟେ(୪୬୫.୩) ଓ ହାନ୍ ଜିଆୟେ(୪୬୩.୫) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଆମେରିକାର ସାଗେନ୍ ମାଡ୍ଡାଲେନା ୪୫୧.୯ ପଏଣ୍ଟ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ଟିମ୍ ଇଭେଣ୍ଟରେ ଭାରତୀୟ ଦଳ ପଞ୍ଚମ ସ୍ଥାନରେ ରହିଥିଲା। ସିଫ୍ଟ କୌର(୫୮୯), ଆଶି ଚୋକ୍‌ସି(୫୯୦) ଓ ମାନିନୀ କୌଶିକ(୫୮୨) ସମୁଦାୟ ୧୭୬୧ ପଏଣ୍ଟ ଅର୍ଜନ କରିଥିଲେ। ଚଳିତ ବିଶ୍ୱକପରେ ମେହୁଲୀ ଘୋଷ ଓ ଅଖିଲ ଶେଓରାନଙ୍କୁ ମିଶାଇ ଭାରତ ୩ଟି ଅଲିମ୍ପିକ କୋଟା ହାସଲ କରିଥିବା ବେଳେ ସମୁଦାୟ ୬ଟି କୋଟା ହାସଲ କରିଛନ୍ତି ଭାରତୀୟ ଶୁଟର।

# ବାଳିକା ଦଳ ଚାମ୍ପିୟନ, ବାଳକ ରନରଅପ୍

## ରୋଲ ବଲ୍‌ରେ ଓଡ଼ିଶାର ଚମକ

**ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)**

ଜାତୀୟ ରୋଲ ବଲ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ପୁଣି ଚମକ ସୃଷ୍ଟି କରିଛନ୍ତି। କୋଲକାତାର ଗୁରୁ ନାନକ କଲେଜରେ ସୋମବାର ଉଦ୍‌ଯାପିତ ୨ୟ ଜାତୀୟ ଇପୂର୍ବାଞ୍ଚଳ ୧୧ ବର୍ଷରୁ କମ୍ ରୋଲ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଓ ବାଳକ ଦଳ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ବାଳିକା ଦଳ ଚାମ୍ପିୟନ ହୋଇଥିବାବେଳେ ବାଳକ ଦଳ ରନରଅପ୍ ହୋଇଛନ୍ତି। ସେମିଫାଇନାଲରେ ବାଳକ ଦଳ ଝାଡ଼ଖଣ୍ଡକୁ ୨-୧ ଏବଂ ବାଳିକା ଦଳ ପଶ୍ଚିମବଙ୍ଗକୁ ୧୧-୦ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଉଭୟ ଦଳ ଆସାମକୁ ଭେଟିଥିଲା। ମାତ୍ର ବାଳିକା ଦଳ ୫-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବାବେଳେ ବାଳକ ଦଳ ୨-୮ ଗୋଲରେ ହାରି ଯାଇଥିଲା। ଓଡ଼ିଶା ବାଳିକା ଦଳର ଅଧିନାୟିକା ଅଶ୍ଳେଷା ପଣ୍ଡା ସର୍ବାଧିକ ୨୧ ଗୋଲ ସ୍କୋର କରି ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।


କୋଲକାତାର ଗୁରୁ ନାନକ କଲେଜରେ ସୋମବାର ଉଦ୍‌ଯାପିତ ପୂର୍ବାଞ୍ଚଳ ୧୧ ବର୍ଷରୁ କମ୍ ରୋଲ ବଲ୍ ଚାମ୍ପିୟନଶିପ୍‌ରେ କୃତିତ୍ୱ ଅର୍ଜନ କରିଥିବା ଓଡ଼ିଶା ବାଳକ ଓ ବାଳିକା ଦଳ କର୍ମକର୍ତ୍ତାଙ୍କ ଗହଣରେ।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ଜଗନ୍ନାଥ ଫାଇନାନ୍ସ କମ୍ପାନୀ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ,ବ୍ୟବସାୟ ଋଣ,
ସମ୍ପତ୍ତି ଋଣ, ଶିକ୍ଷା ଋଣ



କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ ।
9667440436

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday 0674-2580101, 2549949



REAL ESTATE
SALE

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

Duplex sale at- Bhubaneswar, @ 57Lakhs only. Contact- 9777433701. D-75206

**3 BHK ready to move flat sale at KIIT Square, Patia, Bhubaneswar (SBA-1800 sqft.), Price- 90 Lakhs. 7978701424.** D-75203

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ **30’** ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

**A plot for commercial (gharabari corner East & North facing to Nakhara Niali NH Road at a very cheapest Price. 7809525452.** D-75026




Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Newly open Spa positively health benefits with expert therapist. 9938843929.** D-75144

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75025

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

LOST

ମୁଁ ରଞ୍ଜିତ କୁମାର ସାହୁ, ବାପା ପରିକ୍ଷିତ ସାହୁ, ମୋର M.Sc. କଲେଜ ଲିଭିଙ୍ଗ ସାର୍ଟିଫିକେଟ୍ ତା ୨୦।୦୮।୨୩ରିଖ ଦିନ ହଜି ଯାଇଛି। କେହି ଏହାକୁ ପାଇଥିଲେ ମୋର ନମ୍ବର-8249587311କୁ ସମ୍ପର୍କ କରନ୍ତୁ। ଧ-୧୧୦୯

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଦେବାଶିଷ ସାହୁ (ସାଗର)
ନୂଆପାଟଣା, ବାଲକାଟୀ
ଆବିର୍ଭାବ: ତା ୨୧।୦୫।୧୯୯୦
ତିରୋଧାନ: ତା ୧୨।୦୮।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ମଦନ ମୋହନଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଧର୍ମପତ୍ନୀ, ପୁତ୍ର: ରିଶି, ଜୁଗୁ, ହତଭାଗ୍ୟ ଭ୍ରାତା: ଯତୀନ ଓ ସୁଭାଶିଷ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୫୦୨୭


# ହସିନା ଫୁଟ୍‌ବଲ କ୍ଲବର ପ୍ରଥମ ବିଜୟ

**ଭୁବନେଶ୍ୱର, ୨୧।୮**
**(ବିଜୟ ରଣା)**

ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆ ‘ବି’ ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚରେ ହସିନା ଫୁଟ୍‌ବଲ କ୍ଲବ ୨-୦ ଗୋଲ୍‌ରେ ଚନ୍ଦ୍ରଶେଖରପୁର କ୍ରୀଡ଼ା ସଂସଦକୁ ହରାଇ ଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଆଶୁତୋଷ ମହାପାତ୍ର (୪୯ତମ ମିନିଟ୍) ଓ ଟିକୁନା ସେଠୀ (୬୪ତମ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରି ହସିନା ଫୁଟ୍‌ବଲ କ୍ଲବକୁ ବିଜୟୀ କରାଇଥିଲେ। ଦଳର ତିନୋଟି ମ୍ୟାଚରେ ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ ଚନ୍ଦ୍ରଶେଖରପୁର ଗୋଟିଏ ବିଜୟ ଓ ଗୋଟିଏ ଡ୍ର ସହ ୩ ପଏଣ୍ଟ ଅର୍ଜନ କରିଛି। ସୋମବାର ମ୍ୟାଚରେ ହସିନା ଫୁଟ୍‌ବଲ କ୍ଲବର ଆଶୁତୋଷ ମହାପାତ୍ର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ବରିଷ୍ଠ କାର୍ଯ୍ୟକାରୀ କମିଟି ସଦସ୍ୟ ମଧୁମାଧବ ଜେନାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଚନ୍ଦ୍ରକାନ୍ତ ବାରିକ ଖେଳ ପରିଚାଳନା କରିଥିଲେ। ଆଲୋକ ଦେହୁରୀ ଓ ଶିବ ସାମନ୍ତରାୟ ତାଙ୍କର ସହାୟତା କରିଥିଲେ। ସୁଜିତ ପାତ୍ର ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ।



ଆଶୁତୋଷ ମହାପାତ୍ର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜିଦିଆ ପିଲାଙ୍କୁ ମନାନ୍ତୁ

**ବେଳେବେଳେ ପିଲାମାନେ ଜିଦିଆ ହୋଇଯାଇଥାନ୍ତି। ଅଭିଭାବକଙ୍କ କୌଣସି କଥାକୁ ସେମାନେ ସହଜରେ ଗ୍ରହଣ କରନ୍ତି ନାହିଁ। ଏଭଳି ଜିଦିଆ ପିଲାଙ୍କ ସ୍ୱଭାବ କିଭଳି ବଦଳାଇବେ ଜାଣିରଖନ୍ତୁ...**

- ପିଲାମାନଙ୍କୁ ପ୍ରତିକଥା ଓ କାମରେ ଅଟକାନ୍ତୁ ନାହିଁ। ସବୁବେଳେ ନା କହିବା ଫଳରେ ସେମାନେ ଜିଦିଆ ହୋଇଥାନ୍ତି। ତେଣୁ ପ୍ରଥମେ ତାଙ୍କ କଥା ଭଲଭାବେ ଶୁଣନ୍ତୁ। କେବେ କେବେ ସେମାନଙ୍କ ଇଚ୍ଛା ବି ପୂରଣ କରନ୍ତୁ। ଯଦି ପିଲାଙ୍କ କଥା ଭୁଲ୍ ମନେ ହେଉଥାଏ ତେବେ ତାକୁ ଭଲଭାବେ ବୁଝାଇବା ପାଇଁ ଚେଷ୍ଟା କରନ୍ତୁ।
- ପିଲାଙ୍କ ସହ ସ୍ନେହପୂର୍ଣ୍ଣ ବ୍ୟବହାର କରନ୍ତୁ। ସେମାନଙ୍କୁ ପାଖରେ ବସାଇ କୌଣସି କଥାକୁ ବୁଝାଇ କୁହନ୍ତୁ। ନଚେତ୍ ବଡ଼ପାଟିରେ କଥା ହେବା ସମୟରେ ସେମାନେ ବିରକ୍ତ ହେବା ସହ ଚିଡ଼ିଚିଡ଼ା ହୋଇପାରନ୍ତି। ଏହା ବ୍ୟତୀତ ପ୍ରତି କଥାରେ ପିଲାଙ୍କୁ ବଡ଼ ପାଟିରେ ଗାଳିକରିବା ଆଦୌ ଠିକ୍ ନୁହେଁ।
- ପିଲାଙ୍କ ମଧ୍ୟରେ ଧୈର୍ଯ୍ୟ, ସାହସ, ବିନମ୍ରତା ଓ ସହନଶୀଳତା ଭଳି ଗୁଣ ଦେଖିବାକୁ ଚାହୁଁଥିଲେ ପ୍ରଥମେ ନିଜେ ସେସବୁ ଗୁଣକୁ ଆପଣାଇ ନିଅନ୍ତୁ। ଅନ୍ୟମାନଙ୍କ ପ୍ରତି ଆପଣଙ୍କ ବ୍ୟବହାରକୁ



- ପିଲାଙ୍କୁ ଗାଳିଦେବା ସମୟରେ ମାତାପିତା ଖରାପ ଶବ୍ଦ ପ୍ରୟୋଗ କରନ୍ତୁ ନାହିଁ। ସବୁବେଳେ ସେମାନଙ୍କୁ ସକାରାତ୍ମକ ଶବ୍ଦରେ କୁହନ୍ତୁ। ଫଳରେ ପିଲା ଆତ୍ମବିଶ୍ୱାସୀ ହେବା ସହ ନିଜ ଭୁଲ୍ ସୁଧାରିବା ପାଇଁ ଚେଷ୍ଟା କରିବେ।
- ପିଲାଙ୍କୁ ବୁଝାଇବାବେଳେ ନିଜେ ଶାନ୍ତଭାବରେ କଥା ହୁଅନ୍ତୁ। ଦେଖି ପିଲାମାନେ ନିଜ ବ୍ୟବହାର ବଦଳାଇ ନେବେ।
- ପିଲାଙ୍କ ଆଗରେ ମାତାପିତା କିମ୍ବା ଅଭିଭାବକମାନେ ଝଗଡ଼ା କରନ୍ତୁ ନାହିଁ। ଏପରି କରିବା ଫଳରେ ସେମାନଙ୍କ ମନରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

# ଦୂରକରନ୍ତୁ ଦୁର୍ଗନ୍ଧ

- ଘରକୁ ସବୁବେଳେ ସଫା ରଖନ୍ତୁ। ଘରର କୌଣସି ସ୍ଥାନରେ ପାଣି ଜମିବାକୁ ଦିଅନ୍ତୁ ନାହିଁ କିମ୍ବା ଓଦା ଜିନିଷକୁ ଘର ଭିତରେ ରଖନ୍ତୁ ନାହିଁ।
- ଲଗାତର ବର୍ଷା ହେଉଥିଲେ ଓଦା ଲୁଗାକୁ ସବୁ ଘରେ ନ ଶୁଖାଇ ବରଂ ଘର ଅଗଣା, ବାଲ୍‌କୋନିରେ ଶୁଖାନ୍ତୁ। ଯଦି ଏହି ସୁବିଧା ନ ଥାଏ ତେବେ କମ୍ ବ୍ୟବହାର ହେଉଥିବା ଯେକୌଣସି ଗୋଟିଏ ଘରେ ସବୁ ଲୁଗାକୁ ଶୁଖାଇ ଫ୍ୟାନ୍ ଦିଅନ୍ତୁ।
- ବର୍ଷାଦିନେ ଘରୁ ଦୁର୍ଗନ୍ଧ ଆସୁଥିଲେ ଘରେ କର୍ପୂର ଜଳାନ୍ତୁ। ଘର ବେଶ୍ ସୁନ୍ଦର ମହକିବା ସହ ମଶା ମାଛି ମଧ୍ୟ ଅନେକାଂଶରେ କମ୍ ହୋଇଯିବେ।
- ବର୍ଷାଦିନେ ଜଳୀୟବାଷ୍ପ କାରଣରୁ ବେଳେବେଳେ ଘରୁ ଦୁର୍ଗନ୍ଧ ଆସିଥାଏ। ତେଣୁ ବର୍ଷା ହେଉ ନ ଥିବା ସମୟରେ ଏବଂ ଖରା ହେଉଥିବାବେଳେ ଘରର ଝରକା ଓ କବାଟକୁ ଖୋଲା ରଖନ୍ତୁ। ଫଳରେ ଘର ଭିତରକୁ ଖରା ଆସିବା ସହ ପବନ ଚଳାଚଳ ହୋଇପାରିବ ଓ ଘରର ଦୁର୍ଗନ୍ଧ ରହିବ ନାହିଁ।
- ଘର ଆଗରେ ମଲ୍ଲି, ରଜନିଗନ୍ଧା, ତୁଳସୀ ଆଦି ସୁନ୍ଦର ବାସ୍ନାଥିବା ଗଛ ଲଗାନ୍ତୁ। ଫଳରେ ଘର ମହକିବା ସହ ପରିବେଶର ବାତାବରଣ ବି ଭଲ ରହିବ।
- ଲେମ୍ବୁର ସୁଗନ୍ଧ ମଧ୍ୟ ବେଶ୍ କିଛି ସମୟ ରହିଥାଏ। ତେଣୁ ଘରର ବିଭିନ୍ନ ସ୍ଥାନରେ ଲେମ୍ବୁ ଚୋପା ଏବଂ ଲେମନ୍ ଫ୍ଲେଭର ଥିବା ସ୍ପ୍ରେ ମଧ୍ୟ ବ୍ୟବହାର କରିପାରିବେ।

# ସମ୍ପର୍କ ପାଇଁ ସମୟ



ସାମାଜିକ ସମ୍ପର୍କ ରଖୁ ନ ଥିବା ମଣିଷ ଅନେକ ସମୟରେ ଚିଡ଼ିଚିଡ଼ାପଣର ଶିକାର ହୋଇଥାନ୍ତି। କାରଣ କାର୍ଯ୍ୟର ଚାପ ଯୋଗୁ ସେମାନେ ବିରକ୍ତ ହୋଇ ଯାଆନ୍ତି। ଏଥିପାଇଁ ଅତିଶୀଘ୍ର ରାଗି ଯାଆନ୍ତି। କିନ୍ତୁ ସାମାଜିକ ସମ୍ପର୍କରେ ବନ୍ଧା ହୋଇଥିବା ମହିଳାମାନେ ବିଭିନ୍ନ ଲୋକ ତଥା ଅନୁଷ୍ଠାନ ସହ ଜଡ଼ିତ ଥାନ୍ତି। ସେମାନଙ୍କୁ ପ୍ରତିଦିନ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସିବାକୁ ହୋଇଥାଏ। ବେଳେବେଳେ ଅନ୍ୟମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା କିମ୍ବା ଅନ୍ୟକୁ ସାହାଯ୍ୟ କରିବାବେଳେ ମନ ବେଶ୍ ଖୁସି ହୋଇଯାଏ। ଫଳରେ ଏତେ ଶୀଘ୍ର

**ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ ଯେତିକି ଦରକାର ସେତିକି ଜରୁରୀ ସମ୍ପର୍କ। ହେଲେ ଏବେ ଅଧିକାଂଶ ମହିଳା କର୍ମକ୍ଷେତ୍ର ଓ ଘରକାମ ଭିତରେ ଏଭଳି ବ୍ୟସ୍ତ ରହୁଛନ୍ତି ଯେ ଅନ୍ୟ କୌଣସି ସମ୍ପର୍କ ନିଭାଇବାକୁ ସୁଯୋଗ ପାଉନାହାନ୍ତି। କିନ୍ତୁ ନିଜକୁ ସୁସ୍ଥ ରଖିବାକୁ ହେଲେ ସାମାଜିକ ସମ୍ପର୍କର ବି ମହତ୍ତ୍ୱ ରହିଛି ଏକଥା ଭୁଲିବା ଠିକ୍ ନୁହେଁ...**

କର୍ମଜୀବୀ ମହିଳା ହୁଅନ୍ତୁ କି ଗୃହିଣୀ କାମର ଚାପରେ ଏଭଳି ଛନ୍ଦି ହୋଇଯାଇଥାନ୍ତି ଯେ ସାମାଜିକ ସମ୍ପର୍କ ନିଭାଇବା କଥାକୁ ସେମାନେ ମନରୁ ଦୂରେଇ ଦେଇଥାନ୍ତି। କିନ୍ତୁ ଏହି ସମ୍ପର୍କ ଯେ ସେମାନଙ୍କ ପାଇଁ ନିହାତି ଜରୁରୀ ଏକଥା ବୁଝିବା ଦରକାର। ସାମାଜିକ ସମ୍ପର୍କ ବିନା ମଣିଷ ଜୀବନର ଅସ୍ତିତ୍ୱ ସମ୍ଭବ ନୁହେଁ। ଆଉ ସମ୍ପର୍କର ଅସ୍ତିତ୍ୱ ଯେତେବେଳେ ଦୋହଲିଯାଏ ସେତେବେଳେ ଅନେକ ସମସ୍ୟା ସୃଷ୍ଟି ହୁଏ। ଉଭୟ ଶାରୀରିକ ଓ ମାନସିକ ସମସ୍ୟାରୁ ଅନେକାଂଶରେ ମୁକ୍ତି ପାଇବା ପାଇଁ ହେଲେ ସାମାଜିକ ସମ୍ପର୍କକୁ ଭୁଲିଯିବା ଠିକ୍ ନୁହେଁ।

**ଡିପ୍ରେସନ କମ୍ କରେ:** ସାମାଜିକ ସମ୍ପର୍କ ପ୍ରତ୍ୟେକ ମଣିଷକୁ ଏକ ଭିନ୍ନ ଅନୁଭବ ଦେଇଥାଏ। ବିଭିନ୍ନ ସମ୍ପର୍କରେ ବନ୍ଧାହୋଇଥିବା ମଣିଷ ଅନେକଙ୍କ ସହ ଦେଖାସାକ୍ଷାତ କରି ପରସ୍ପର କଥାବାର୍ତ୍ତା ହେବାର ସୁଯୋଗ ପାଇଥାଏ। ତେଣୁ ମନ ଭିତରେ ଅନେକ ପ୍ରସଙ୍ଗ, ଅନେକ କଥା ଓ ଭାବନା ଆସିଥାଏ। ଏଥିପାଇଁ କେହି ବି ନିଃସଙ୍ଗତା ଅନୁଭବ କରିବେ ନାହିଁ। ଅନ୍ୟପକ୍ଷରେ କେବଳ ନିଜ କାମ ଭିତରେ ବାନ୍ଧିହୋଇ ସମୟ କଟାଉଥିବା ମଣିଷ ହିଁ ସବୁବେଳେ ନିଜକୁ ଏକା ଭାବିଥାଏ। ବେଳେବେଳେ ଏଥିପାଇଁ ସେ ଡିପ୍ରେସନର ବି ଶିକାର ହୋଇଥାଏ। ତେଣୁ ମହିଳାମାନେ କିଛି ସମୟ ନିଜ ପଡ଼ୋଶୀ କିମ୍ବା ଅନ୍ୟ ବନ୍ଧୁମାନଙ୍କ ସହ କଥାବାର୍ତ୍ତା କରି ସମୟ କଟାଇବା ଦରକାର। ଫଳରେ ଡିପ୍ରେସନ, ହାର୍ଟଆଟାକ୍, ନିଦ୍ରାହୀନତା ଆଦି ବିଭିନ୍ନ ରୋଗର ଆଶଙ୍କା ମଧ୍ୟ ରହିବ ନାହିଁ।

**ଆଶାର କିରଣ:** କର୍ମଜୀବୀ ମହିଳାମାନେ ସାଧାରଣତଃ କାମର ଚାପରେ ନିଜ ପାଇଁ ସମୟ ବାହାର କରିବାକୁ ସୁଯୋଗ ପାଆନ୍ତି ନାହିଁ। ଏଥିପାଇଁ ସବୁବେଳେ କାମର ବୋଝ ଥିବା ଭଳି ଅନୁଭବ କରନ୍ତି। ଏହି କାରଣରୁ ଖୁବଶୀଘ୍ର ହତାଶ ହୋଇ ପଡନ୍ତି ଓ ମନରେ ନିରାଶାର ଭାବ ସୃଷ୍ଟି ହୁଏ। କିନ୍ତୁ ଯେଉଁମାନେ ବିଭିନ୍ନ ଲୋକଙ୍କ ସହ ସାମାଜିକ ସମ୍ପର୍କରେ ବନ୍ଧା ହୋଇଥାନ୍ତି ସେମାନଙ୍କ ପାଖରେ କିଛି ନା କିଛି ସମାଧାନର ପନ୍ଥା ମିଳିଯାଏ। ବନ୍ଧୁବାନ୍ଧବ କିମ୍ବା ସମ୍ପର୍କୀୟମାନେ ଅସୁବିଧା ସମୟରେ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି କିମ୍ବା ସମାଧାନର ବିଭିନ୍ନ ପ୍ରସ୍ତାବ ବି ଦେଇପାରନ୍ତି। ତେଣୁ ସମ୍ପର୍କରେ ବନ୍ଧା ମଣିଷ ମନରେ ନିରାଶା ବଦଳରେ ଆଶାର ସଞ୍ଚାର ହୋଇଥାଏ।





**କ୍ରୋଧ ଉପରେ ନିୟନ୍ତ୍ରଣ:** କ୍ରୋଧ ଆସି ନ ଥାଏ। ଯଦି ବି କ୍ରୋଧ ଆସିଥାଏ ଲୋକଙ୍କ ଗହଳରେ ରହିବା ଫଳରେ କ୍ରୋଧ ଉପରେ ଆପେ ଆପେ ନିୟନ୍ତ୍ରଣ ଆସିଯାଏ।

## ଏମାନେ କ'ଣ କରନ୍ତି



**ଆଦୌ ସମୟ ହୁଏନି :** ସ୍କୁଲ କାମ ଓ ଘର କାମ ଭିତରେ ମତେ ଅନ୍ୟ କୁଆଡ଼େ ଯିବାପାଇଁ ଆଦୌ ସମୟ ହୁଏନି। ସେଠାରୁ ଫେରି ଘରେ ସମସ୍ତଙ୍କ ପାଇଁ ରୋଷେଇ କରିବା, ଘର ସଫା କରିବା, ଛୁଆଙ୍କ କାମ ସବୁକିଛି ଭିତରେ ସମୟ କୁଆଡ଼େ ପଳାଏ ଜଣାପଡେନି। ଏମିତିକି ସାଙ୍ଗମାନଙ୍କ ସହ ବେଶି ସମୟ କଥାବାର୍ତ୍ତା ହେବାକୁ ବି ସମୟ ମିଳେନି। କାମ ସାରି ରାତିରେ ଶୋଇବାକୁ ଗଲେ ଶୀଘ୍ର ନିଦ ହୋଇଯାଏ। ପରଦିନ ସକାଳୁ ଶୀଘ୍ର ଉଠି ପୁଣି ଥରେ ସବୁଦିନିଆ ରୁଟିନ୍ ଲାଇଫ୍ ଭିତରେ ଗୋଟିଏ ଦିନ ସରିଯାଏ। ଏମିତିକି ସାପ୍ତାହିକ ଛୁଟିଦିନରେ ବି ଏତେ କାମ ରହିଥାଏ ଯେ ଅଧିକ ହାଲିଆ ଲାଗେ। ତେଣୁ କାହା ସହ କଥାବାର୍ତ୍ତା ହେବାକୁ କିମ୍ବା ଅନ୍ୟ କୁଆଡ଼େ ବାହାରକୁ ଯିବାକୁ ମନ ହୁଏନି। କିନ୍ତୁ ଖରାଛୁଟିରେ ପିଲାମାନଙ୍କୁ ନେଇ ବୁଲାବୁଲି ନିଶ୍ଚୟ କରେ।

*–ପ୍ରତିଭା ନାୟକ, କର୍ମଜୀବୀ, କୋଏଲନଗର, ରାଉରକେଲା*



**ସମୟ ବାହାରକରେ:** ସବୁ କାମ ଭିତରେ ମୋ ଖୁସି ପାଇଁ କିଛି ସମୟ ବାହାର କରିବାକୁ ଭୁଲେନି। କାହିଁକିନା ମୋର ବହୁତ ସାଙ୍ଗ ଅଛନ୍ତି ଏବଂ ବିଭିନ୍ନ ଅନୁଷ୍ଠାନ ସହ ମୁଁ ଜଡ଼ିତ ହୋଇ ରହିଛି। ଘରେ ମତେ କାମରେ ସହଯୋଗ କରିବା ପାଇଁ ମେଡ୍ ରଖିଛି। ତେଣୁ ଅଫିସ୍ କାମ ସାରି ବେଳେବେଳେ ବିଭିନ୍ନ ସୋସିଆଲ ୱାର୍କରେ କେବେ ମିଟିଂ ପାଇଁ ଯାଏ ତ କେବେ ଅନ୍ୟ କିଛି ଅଭିଯାନରେ ବି ସାମିଲ ହୁଏ। କିନ୍ତୁ ଘର ଦାୟିତ୍ୱ ସବୁ ନିଭାଇଥାଏ। ଘରେ କେତେବେଳେ କ'ଣ ହେବ ସେନେଇ ମେଡ୍‌କୁ ଫୋନରେ କହିଥାଏ। ଛୁଟିଦିନରେ ତ ଘରେ ସମସ୍ତେ ପାଖରେ ଥିବା କୌଣସି ସ୍ଥାନକୁ ଏମିତିକି ପାର୍କ କିମ୍ବା ମନ୍ଦିର ଯେଉଁଠିକୁ ହେଲେ ବୁଲିବାକୁ ଯାଉ।

*–ମୁନ୍‌ମୁନ୍ ମହାପାତ୍ର, କର୍ମଜୀବୀ, ବ୍ରିଟ୍ କଲୋନି, ନୟାପଲ୍ଲୀ, ଭୁବନେଶ୍ୱର*



**ଫୋନ୍‌ରେ ସମ୍ପର୍କ ରଖେ:** ଯେତେ ଚେଷ୍ଟା କଲେ ବି ବାହାରକୁ ଯିବାକୁ ସମୟ ହେଉନି। ଘରେ ଥିବା ସମୟରେ ତ ଏତେ କାମ ଥାଏ ଯେ ଅନ୍ୟ କିଛି ଚିନ୍ତା ମୁଣ୍ଡକୁ ବି ଆସେନି। ଅବଶ୍ୟ ଘରକାମ ସାରି ଅଫିସ୍ ଯିବା ପରେ ସମସ୍ତଙ୍କୁ ଫୋନ୍ କରେ। କାହାକୁ କିଛି କହିବାର ଥିଲେ ସେଠି ସମୟ ବାହାର କରି ଟିକେ ଫୋନ୍‌ରେ କଥା ହୋଇଯାଏ। ଫଳରେ ରିଲାକ୍ସ ଲାଗେ ଓ ଶୀଘ୍ର ସବୁକାମ କରିଦିଏ। ଏହା ବ୍ୟତୀତ ପ୍ରତି ରବିବାର ଦିନ ଆମେ ସମସ୍ତେ ମିଶି ପାଖରେ ଥିବା ପାର୍କକୁ ଯାଇ ସନ୍ଧ୍ୟାବେଳେ ବୁଲାବୁଲି କରୁ ଏବଂ ବାହାରେ ଖାଇ ଘରକୁ ଫେରୁ। ସେଦିନ ପୁଅ ଭାରି ଖୁସି ହୋଇଯାଏ ଆଉ ମତେ ବି ବହୁତ ଭଲ ଲାଗେ।

*–ସୁମିତ୍ରା ପ୍ରଧାନ, କର୍ମଜୀବୀ, କୋଶଳା, ଛେଣ୍ଡିପଦା, ଅନୁଗୋଳ*

ସୌନ୍ଦର୍ଯ୍ୟ

# ଘରୋଇ ଫେସିଆଲ





**ବିଭିନ୍ନ ପ୍ରକାର ଘରୋଇ ସାମଗ୍ରୀ ବ୍ୟବହାର କରି ଖୁବ୍ କମ୍ ଖର୍ଚ୍ଚରେ ଆପଣ ମଧ୍ୟ ପାର୍ଲର ଭଳି ଫେସିଆଲ କରିପାରିବେ। ଜାଣିରଖନ୍ତୁ ଏଭଳି କିଛି ଘରୋଇ ଉପାୟ...**



**ବେସନ ପ୍ୟାକ୍ –** ୧ ବଡ଼ ଚାମଚ ବେସନ, ୧ ଛୋଟ ଚାମଚ ଅର୍ଗାନିକ୍ ହଳଦୀ ଗୁଣ୍ଡ, ୧ ଚାମଚ ମହୁ ଓ ୨ ବଡ଼ ଚାମଚ କ୍ରିମ୍‌କୁ ଏକତ୍ର କରି ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ଶୁଖିବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ। ପରେ ଗୋଲାପ ଜଳ ଲଗାଇ ଗୋଲାକାରରେ ଘଷି ଧୋଇ ଦିଅନ୍ତୁ। ସପ୍ତାହକୁ ୨ ଥର ଏପରି ଫେସିଆଲ କଲେ ତ୍ୱଚାର ଚମକ ବୃଦ୍ଧି ପାଇବ।

**ଚାଉଳ ପ୍ୟାକ୍–** ତ୍ୱଚାକୁ ମୁଲାୟମ କରିବା ପାଇଁ ଏହି ଫେସ୍ ପ୍ୟାକ୍ ବେଶ୍ ଉପାଦେୟ। ଘରେ ଏହି ପ୍ୟାକ୍ ତିଆରି କରିବା ପାଇଁ ୨ ଚାମଚ ଚାଉଳ ଗୁଣ୍ଡରେ ୧ ଚାମଚ କ୍ରିମ୍ ଓ ଗୋଲାପ ଜଳକୁ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁ ଏବଂ ବେକରେ ଲଗାଇ ଶୁଖିବା ପାଇଁ ଛାଡି ଦିଅନ୍ତୁ। ଏହା ପରେ ହାତକୁ ଓଦା କରି ହାଲ୍‌କା ମସାଜ୍ କରି ମୁହଁ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା କିଛି ଦିନ ପରେ ତ୍ୱଚା ମୁଲାୟମ ହୋଇଯିବ।

**କଦଳୀ ପ୍ୟାକ୍–** ୧ ବଡ଼ ପାଚିଲା କଦଳୀକୁ ଭଲଭାବେ ପେଷ୍ଟକରି ସେଥିରେ ୧ ଚାମଚ ମହୁ ଓ ଅଳ୍ପ ଚନ୍ଦନ ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ କିଛି ସମୟ ମସାଜ୍ କରିବା ପରେ ଧୋଇଦିଅନ୍ତୁ। ନିୟମିତ ବ୍ୟବଧାନରେ ଏହି ଫେସିଆଲ କଲେ ତ୍ୱଚା କୋମଳ ହେବା ସହ ଉଜ୍ଜ୍ୱଳତା ବି ବୃଦ୍ଧି ପାଇବ।

**ଗୋଲାପ ଫୁଲ ପ୍ୟାକ୍ –** ୧୫–୨୦ଟି ଗୋଲାପ ଫୁଲ ପାଖୁଡ଼ାକୁ ଗାଢ଼ କ୍ଷୀରରେ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଫ୍ରିଜ୍‌ରେ ରଖି ମୁହଁ ଓ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ। ନିୟମିତ ବ୍ୟଧାନରେ ଏହି ପରି ଫେସିଆଲ କଲେ ତ୍ୱଚା ସୁନ୍ଦର ହେବା ସହ ଫ୍ରେଶ୍ ଲାଗିବ।

ଖାଦ୍ୟରୁଚି

# ଡାଲି ପୁରି

**ଆବଶ୍ୟକ ସାମଗ୍ରୀ–**
ଅଟା–୨ କପ୍, ସୁଜି– ଅଧା କପ୍, ରିଫାଇନ୍ ତେଲ– ୨ ଚାମଚ, ଅଦା– ଖଣ୍ଡେ (ଛେଚା), ଗରମ ମସଲା– ଅଧା ଛୋଟ ଚାମଚ, ମୁଗ ବା ହରଡ଼ ଡାଲି– ୨୦ ଗ୍ରାମ୍, ଧନିଆ ଗୁଣ୍ଡ– ୧ ଛୋଟ ଚାମଚ, କଞ୍ଚାଲଙ୍କା– ୨ଟି, ଲଙ୍କାଗୁଣ୍ଡ– ସ୍ୱାଦ ଅନୁସାରେ, ଲୁଣ– ସ୍ୱାଦ ଅନୁସାରେ, ଛାଣିବା ପାଇଁ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ଡାଲିକୁ ୨ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଏହାପରେ ତାକୁ ପାଣିରୁ ଛାଣି ସେଥିରେ ଅଦା ଓ କଞ୍ଚାଲଙ୍କା ପକାଇ ବାଟି ଦିଅନ୍ତୁ। ଏହି ପେଷ୍ଟରେ ଲୁଣ, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ ଓ ଗରମ ମସଲା ମିଶାଇ ଭଲଭାବେ ଗୋଳାନ୍ତୁ। ଏହି ମିଶ୍ରଣକୁ ବେଶି ପାଣିଆ କରନ୍ତୁ ନାହିଁ। ଏବେ ଏହି ପେଷ୍ଟରେ ଅଟା ଓ ସୁଜି ମିଶାଇ ଅଟା ଚକଟିବା ପରି ଭଲଭାବେ ଚକଟି ଦିଅନ୍ତୁ। ଏହା ପରେ ଅଧଘଣ୍ଟା ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଏହା ପରେ ପୁରି କରିବା ପାଇଁ ଛୋଟ ଛୋଟ ଗୁଳା କରି ତେଲ ଲଗାଇ ବେଲି ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି ପୁରିଗୁଡ଼ିକୁ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଡାଲି ପୁରି। ଏହାକୁ ଆଳୁ ତରକାରି ସହ କିମ୍ବା ଚଟଣି ସହ ଖାଇପାରିବେ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୨/୨୦୨୩ Bhubaneswar, Tuesday, August 22/ 2023

# ରାହୁଲ, ଆୟରଙ୍କ ପ୍ରତ୍ୟାବର୍ତ୍ତନ

**ଏସିଆ କପ୍ ପାଇଁ ଭାରତୀୟ ଦଳ ଘୋଷଣା**

**ତିଳକ ନୂଆ ମୁହଁ, ସାମସନ୍ ବ୍ୟାକ୍‌ଅପ୍**



ଲୋକେଶ ରାହୁଲ ଓ ଶ୍ରେୟସ ଆୟର।

ନୂଆଦିଲ୍ଲୀ,୨୧।୮(ପି.ଟି.)

ଶ୍ରୀଲଙ୍କାରେ ଖେଳା ଯିବାକୁ ଥିବା ଏସିଆ କପ୍ କ୍ରିକେଟ୍ ୨୦୨୩ ପାଇଁ ଭାରତୀୟ ଦଳ ସୋମବାର ଘୋଷଣା ହୋଇଛି। ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର ଓ ଅଧିନାୟକ ରୋହିତ ଶର୍ମା ଏକ ଖବରଦାତା ସମ୍ମିଳନୀରେ ୧୭ ଜଣିଆ ଦଳ ଘୋଷଣା କରିଛନ୍ତି। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଟୁର୍ଣ୍ଣାମେଣ୍ଟ ପାଇଁ ରୋହିତ ଶର୍ମାଙ୍କୁ ଅଧିନାୟକ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉପଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ଦୀର୍ଘଦିନର ଆହତ ସମସ୍ୟା ପରେ ଲୋକେଶ ରାହୁଲ ଓ ଶ୍ରେୟସ ଆୟର ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନିକଟରେ ଟି୨୦ରେ ଆଖିଦୃଶିଆ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ତିଳକ ବର୍ମା ନୂଆ ମୁହଁ ଭାବେ ଏହି ଦଳରେ ସାମିଲ ହୋଇଥିବା ବେଳେ ବ୍ୟାକ୍‌ଅପ୍ ଉଇକେଟକିପର ଭାବରେ ସଞ୍ଜୁ ସାମସନ୍ ଦଳରେ ରହିଛନ୍ତି। ଦିନିକିଆ ବିଶ୍ୱକପ ପୂର୍ବରୁ ଦଳ ଚୟନର ଏହା ଶେଷ ସୁଯୋଗ ରହିଥିବାରୁ ଭାରତ ଏହାର ମଧ୍ୟକ୍ରମ ବ୍ୟାଟିଂ ତଥା ୪ ନମ୍ବର ସ୍ଥାନକୁ ନେଇ ରହିଥିବା ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବ। ଦୀର୍ଘ ସମୟ ଧରି ମଧ୍ୟକ୍ରମ ବ୍ୟାଟିଂର ମେରୁଦଣ୍ଡ ରହିଥିବା ଆୟର ଓ ରାହୁଲ ପ୍ରତ୍ୟାବର୍ତ୍ତନ କରୁଥିବାରୁ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ସୁଦୃଢ଼ ହେବ। ଆୟର ଶେଷଥର ପାଇଁ ମାର୍ଚ୍ଚରେ ଓ ରାହୁଲ ମେ' ମାସରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳିଥିଲେ। ତେବେ ମୁଖ୍ୟ ଚୟନକର୍ତ୍ତା ଅଗରକରଙ୍କ ଅନୁସାରେ ଆୟର ସମ୍ପୂର୍ଣ୍ଣ ଫିଟ୍ ହୋଇଥିବା ବେଳେ ରାହୁଲଙ୍କ ଫିଟନେସ୍‌କୁ ନେଇ ସମସ୍ୟା ରହିଛି। ରାହୁଲ ନିଜ ହାମଷ୍ଟ୍ରିଙ୍ଗ ଆଘାତରୁ ସୁସ୍ଥ ହୋଇଛନ୍ତି। ମାତ୍ର ଅନ୍ୟ କେତେକ ସମସ୍ୟା ଦେଇ ଗତି କରୁଛନ୍ତି। ଏହି କାରଣରୁ ବ୍ୟାକଅପ୍ ଉଇକେଟକିପର ଭାବେ ସାମସନ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ରାହୁଲ ଏସିଆ କପ୍ ଆରମ୍ଭରୁ ଫିଟ୍ ନ ଥିଲେ ମଧ୍ୟ ୨-୩ ମ୍ୟାଚ୍ ପରେ ଫିଟ୍ ହୋଇଯିବେ ବୋଲି ଅଗରକର କହିଛନ୍ତି।

ସେପ୍ଟେମ୍ବର ୨ରେ ପାକିସ୍ତାନ ବିପକ୍ଷରେ ଖେଳି ଭାରତ ନିଜର ଅଭିଯାନ ଆରମ୍ଭ କରିବ। ରାହୁଲ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିବାର ସମ୍ଭାବନା ରହିଛି। ଆୟର୍ଲାଣ୍ଡ ସହିତ ଟି ୨୦ ଖେଳୁଥିବା ଭାରତୀୟ ଦଳର ଅଧିନାୟକ ଯଶପ୍ରୀତ ବୁମ୍‌ରା ଓ ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଏସିଆ କପ୍ ଦଳରେ ସାମିଲ ଅଛନ୍ତି। କୁଲଦୀପ ଯାଦବ, ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜା ୩ ସ୍ପିନର ଭାବରେ ସାମିଲ ହୋଇଥିବା ବେଳେ ଯୁଜବେନ୍ଦ୍ର ଚହଲ ବାଦ୍ ପଡିଛନ୍ତି। ପେସ୍ ବୋଲିଂ ଅଲରାଉଣ୍ଡର ଭାବରେ ହାର୍ଦ୍ଦିକ୍ ପାଣ୍ଡ୍ୟା ଓ ଶାର୍ଦ୍ଦୁଳ ଠାକୁର ଦଳରେ ରହିଛନ୍ତି। ଅନ୍ୟ ଦୁଇ ପେସର ହେଲେ ମହମ୍ମଦ ଶାମି ଓ ମହମ୍ମଦ ସିରାଜ୍। ଏକ୍ସ ଫ୍ୟାକ୍ଟର ଭାବରେ ସୂର୍ଯ୍ୟକୁମାର ଯାଦବ ଦଳରେ ରହିଛନ୍ତି। ଶୁବମନ ଗିଲ୍ ଓ ରୋହିତ ଶର୍ମା ଇନିଂସ ଓପନ କରିବେ। ବ୍ୟାକ୍ ଅପ୍ ଓପନର ଭାବରେ ଇଶାନ୍ କିଶନ ଦଳରେ ରହିଛନ୍ତି। ତେବେ ସମସ୍ତଙ୍କୁ ଚକିତ କରି ତିଳକ ବର୍ମାଙ୍କୁ ସାମିଲ କରାଯାଇଛି। ୱେଷ୍ଟଇଣ୍ଡିଜ୍‌ରେ ତିଳକଙ୍କ ପ୍ରଦର୍ଶନ ବେଶ୍ ଭଲ ରହିଥିଲା। ଯୁଜବେନ୍ଦ୍ର ଚହଲଙ୍କୁ ବାଦ ଦେବାକୁ ନେଇ ଅଧିନାୟକ ରୋହିତ ଶର୍ମା କହିଥିଲେ ବର୍ତ୍ତମାନ ୧୭ ଜଣ ଖେଳାଳି ହିଁ ଦଳରେ ସ୍ଥାନ ପାଇଥିବାରୁ ଚହଲ ବାଦ ପଡିଛନ୍ତି। ଚତୁର୍ଥ ସ୍ପିନର ଭାବରେ ଅଶ୍ୱିନ ଓ ୱାଶିଂଟନ୍ ସୁନ୍ଦରଙ୍କ ନାମ ବିଚାର କରାଯାଇଥିଲା। ତେବେ ଦଳର ଏକାଧିକ ପେସ୍ ବୋଲର ପ୍ରତ୍ୟାବର୍ତ୍ତନ କରୁଥିବାରୁ ସେମାନଙ୍କୁ ସୁଯୋଗ ଦେବା ପାଇଁ ଚତୁର୍ଥ ସ୍ପିନରଙ୍କୁ ସାମିଲ କରିବା ସମ୍ଭବ ନ ଥିଲା ବୋଲି ରୋହିତ କହିଛନ୍ତି।

ଭାରତୀୟ ଦଳ: ରୋହିତ ଶର୍ମା(ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ, ତିଳକ ବର୍ମା, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା (ଉପ ଅଧିନାୟକ), ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ଶାମି, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ସଞ୍ଜୁ ସାମସନ୍ (ବ୍ୟାକ୍‌ଅପ୍)।

# ବିଶ୍ୱକପ୍ ବିଜୟ ପରେ ପାଇଲେ ପିତାଙ୍କ ମୃତ୍ୟୁ ଖବର



ଓଲଗା କାର୍‌ମୋନା

ମାଡ୍ରିଡ୍,୨୧।୮(ପି.ଟି.)

ଫିଫା ମହିଳା ବିଶ୍ୱକପ୍ ଫାଇନାଲରେ ସ୍କୋର କରିବା ସହିତ ସ୍ପେନ୍ ଦଳକୁ ଟାଇଟଲ ବିଜୟୀ କରିବା ପରେ ପିତାଙ୍କ ମୃତ୍ୟୁ ଖବର ପାଇଥିଲେ ଓଲଗା କାର୍‌ମୋନା। ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ତାଙ୍କ ପିତାଙ୍କ ପରଲୋକ ହୋଇଥିଲା। ପରିବାରର ଅନ୍ୟ ସଦସ୍ୟମାନେ ଓଲଗାଙ୍କ ଖେଳ ଦେଖିବା ପାଇଁ ଅଷ୍ଟ୍ରେଲିଆରେ ହିଁ ରହିଥିଲେ। ମ୍ୟାଚ୍ ଚାଲିଥିବା ସମୟରେ ପିତାଙ୍କ ନିଧନ ହୋଇଥିଲେ ମଧ୍ୟ ଏହି ଖବର ଓଲଗାଙ୍କୁ ଦିଆଯାଇ ନ ଥିଲା। ଟାଇଟଲ ବିଜୟୀ ସହିତ ସେଲିବ୍ରେଶନ ଶେଷ ହେବା ପରେ ପରିବାର ଲୋକ ଏହି ଖବର ଜଣାଇଥିଲେ। ୨୩ ବର୍ଷୀୟା ଓଲଗା ଉଭୟ ସେମିଫାଇନାଲ ଓ ଫାଇନାଲରେ ସ୍କୋର କରିବା ସହିତ ସ୍ପେନ୍‌କୁ ପ୍ରଥମ ଥର ଚାମ୍ପିୟନ କରାଇଥିଲେ। ସୋମବାର ସକାଳେ ସ୍ପାନିଶ୍ ଫୁଟବଲ ଫେଡେରେଶନ ପକ୍ଷରୁ ଟୁଇଟ୍ କରାଯାଇଥିବା ବେଳେ ଓଲଗା ମଧ୍ୟ ନିଜ ପିତାଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରିଥିଲେ। 'ଜୀବନରେ ସଫଳତା ହାସଲ କରିବା ପାଇଁ ତୁମ ଠାରୁ ମୋତେ ଶକ୍ତି ମିଳିଥାଏ, ଗତ ରାତିରେ ମୋର ପ୍ରଦର୍ଶନ ତୁମେ ନିଶ୍ଚୟ ଦେଖିଥିବ ଓ ଗର୍ବ ଅନୁଭବ କରିଥିବ' ରେଷ୍ଟ ଇନ୍ ପିସ୍ ଡାଡ୍ ବୋଲି ଲେଖିଥିଲେ ଓଲଗା। ଏହି ପୋଷ୍ଟ ସହିତ ଓଲଗା ବିଶ୍ୱକପ୍ ମେଡାଲ ଧରିଥିବା ନିଜର ଏକ ଫଟୋ ଶେୟାର କରିଥିଲେ।

# ଲୁସେଲରେ ଉଦ୍‌ଘାଟନୀ ଓ ଫାଇନାଲ

**ଏଏଫ୍‌ସି ଏସିଆନ କପ୍ ଫୁଟ୍‌ବଲ**

କୁଆଲାଲମ୍ପୁର, ୨୧।୮ (ପି.ଟି.)

ଏଏଫ୍‌ସି ଏସିଆନ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଓ ଫାଇନାଲ କାତାରର ଆଇକନିକ ଲୁସେଲ ଷ୍ଟାଡିୟମରେ ହେବ ବୋଲି ସ୍ଥାନୀୟ ଆୟୋଜକ କମିଟି ସୋମବାର ଘୋଷଣା କରିଛି। ଏହି ଷ୍ଟାଡିୟମରେ ଗତବର୍ଷ ବିଶ୍ୱକପ୍ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଆସନ୍ତାବର୍ଷ ଜାନୁୟାରୀ ୧୨ରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଗ୍ରୁପ୍ 'ଏ'ର ଦୁଇ ଦଳ ଗତଥରର ଚାମ୍ପିୟନ କାତାର ଓ ଲେବାନନ ମଧ୍ୟରେ ହେବ। ଫେବୃୟାରୀ ୧୦ରେ ଫାଇନାଲ ଖେଳାଯିବ। ଭାରତୀୟ ଦଳ ୨୦୧୫ ଚାମ୍ପିୟନ ଅଷ୍ଟ୍ରେଲିଆ, ଉଜବେକିସ୍ତାନ ଓ ସିରିଆ ସହ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଦଳ ଜାନୁୟାରୀ ୧୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

# ପ୍ରଣୟ, ସେନ୍ ଦ୍ୱିତୀୟ ରାଉଣ୍ଡରେ

**ବିଶ୍ୱ ଚାମ୍ପିୟନଶିପ୍**

କୋପେନ୍‌ହାଗେନ, ୨୧।୮(ପି.ଟି.)

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ଓ ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପ୍ରଣୟ ସୋମବାର ସେ ଫିନ୍‌ଲାଣ୍ଡର କାଲେ କୋଲ୍‌ଜୋନେନ୍‌ଙ୍କ ବିପକ୍ଷରେ ଏକ ସିଧାସଳଖ ଗେମ୍‌ରେ ବିଜୟ ହାସଲ କରିଛନ୍ତି। ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଗତ ଦୁଇ ସଂସ୍କରଣରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଛନ୍ତି। ଏଠାରେ କୋଲ୍‌ଜୋନେନ୍‌ଙ୍କୁ ସେ ୨୪-୨୨, ୨୧-୧୦ରେ ହରାଇ ଦେଇଥିଲେ। ଫଳରେ ଫିନ୍‌ଲାଣ୍ଡର ଏହି ଖେଳାଳିଙ୍କ ବିରୋଧରେ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ୩ଟି ମ୍ୟାଚ୍‌ରେ ପ୍ରଣୟ ବିଜୟ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ସେନ୍ ମରିସସ୍‌ର ଜର୍ଜେସ ଜୁଲିଏନ୍ ପଲ୍‌ଙ୍କୁ ୨୧-୧୨,୨୧-୭ରେ ପରାସ୍ତ କରିଛନ୍ତି। ଭାରତର ତଥା ୩୩ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ମିକ୍ସଡ ଡବଲ୍ସ ଯୋଡ଼ି ରୋହନ କପୁର ଓ ଏନ୍. ସିକ୍କି ରେଡ୍ଡୀ ସ୍କଟ୍‌ଲାଣ୍ଡର ଆଡାମ ହଲ୍ ଓ ଜୁଲି ମ୍ୟାକ୍‌ଫର୍ସନଙ୍କଠାରୁ ୧୪-୨୧, ୨୨-୨୦ ଓ ୧୮-୨୧ରେ ହାରିଯାଇଛନ୍ତି।



ଲକ୍ଷ୍ୟ ସେନ୍

# ଟ୍ରାଏଲ୍ସ ପାଇଁ ବଜରଙ୍ଗଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୧।୮(ପି.ଟି.)

କୁସ୍ତି ବିଶ୍ୱ ଚାମ୍ପିୟନଶିପ ଟ୍ରାଏଲ୍ସରେ ଯୋଗ ଦେବା ପାଇଁ ଅଲିମ୍ପିକ୍ସ ପଦକ ବିଜେତା ବଜରଙ୍ଗ ପୁନିଆଙ୍କୁ ନିର୍ଦ୍ଦେଶ ଦେଇଛି ଭାରତୀୟ କ୍ରୀଡା ପ୍ରାଧିକରଣ(ସାଇ)। ଅଗଷ୍ଟ ୨୫ ଓ ୨୬ ତାରିଖରେ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍‌ର ଟ୍ରାଏଲ୍ସ ଅନୁଷ୍ଠିତ ହେବ। ହାଙ୍ଗଝୌ ଏସିଆନ୍ ଗେମ୍ସ ପ୍ରସ୍ତୁତି ପାଇଁ ବିଦେଶରେ ପ୍ରଶିକ୍ଷଣ ନେବାର କାରଣ ଦର୍ଶାଇ ଟ୍ରାଏଲ୍ସରୁ ରିହାତି ପାଇଁ ବଜରଙ୍ଗ ଅନୁରୋଧ କରିଛନ୍ତି। ସେପ୍ଟେମ୍ବର ୨୩ ତାରିଖରୁ ଏସିଆନ୍ ଗେମ୍ସ ଆରମ୍ଭ ହେବ। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆନ୍ଦୋଳନ କରୁଥିବା ୬ ରେସ୍‌ଲରଙ୍କ ମଧ୍ୟରୁ ବଜରଙ୍ଗ ଅନ୍ୟତମ। ଆନ୍ଦୋଳନ କାରଣରୁ ବଜରଙ୍ଗ ଏସିଆନ୍ ଗେମ୍ସ ଟ୍ରାଏଲ୍ସରେ ଭାଗ ନେଇ ନ ଥିବା ବେଳେ ତାଙ୍କୁ ସିଧାସଳଖ ଯୋଗ୍ୟତା ମିଳିଥିଲା। ବର୍ତ୍ତମାନ ବିଦେଶରେ ପ୍ରଶିକ୍ଷଣ କାରଣରୁ ଆଉଥରେ ଟ୍ରାଏଲ୍ସରୁ ରିହାତି ପାଇଁ ବଜରଙ୍ଗ ଅନୁରୋଧ କରିଥିବା ବେଳେ ସାଇ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ୨୫ ଓ୨୬ରେ ଟ୍ରାଏଲ୍ସ ରହିଥିବା ବେଳେ ବଜରଙ୍ଗ ୨୭ ତାରିଖରେ ବିଦେଶ ଗସ୍ତ କରିପାରନ୍ତି ବୋଲି କୁହାଯାଇଛି। ସେହିପରି ୮୬ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୀପକ ପୁନିଆ ମଧ୍ୟ ଟ୍ରାଏଲ୍ସରୁ ରିହାତି ପାଇଁ ଆବେଦନ କରିଛନ୍ତି। ବଜରଙ୍ଗ କିର୍ଗିଜସ୍ତାନର ଇସିକ୍‌କୁଲରେ ଅଭ୍ୟାସ ପାଇଁ ଅନୁମତି ମାଗିଥିବା ବେଳେ ଦୀପକ ରୁଷିଆର ଖାସାଭିରୁଟରେ ଅଭ୍ୟାସ ପାଇଁ ଅନୁମତି ମାଗିଛନ୍ତି।

# ରାଣୀ, ସର୍ଦ୍ଦାର ପ୍ରଶିକ୍ଷକ



ରାଣୀ ରାମପାଲ



ସର୍ଦ୍ଦାର ସିଂ

**ବିର୍ସା ମୁଣ୍ଡା ଷ୍ଟାଡିୟମରେ ସବ୍ ଜୁନିୟର ଜାତୀୟ କ୍ୟାମ୍ପ ଆରମ୍ଭ**

ଭୁବନେଶ୍ୱର,୨୧।୮

(ସରୋଜ ଜେନା)

ରାଉରକେଲା ସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ସୋମବାର ଠାରୁ ଆରମ୍ଭ ହୋଇଛି ଜାତୀୟ ସବ୍‌ଜୁନିୟର ଜାତୀୟ ହକି କ୍ୟାମ୍ପ। ପୂର୍ବତନ ଭାରତୀୟ ଖେଳାଳି ସର୍ଦ୍ଦାର ସିଂ ଓ ରାଣୀ ରାମପାଲଙ୍କ ଅଧୀନରେ ୮୦ରୁ ଅଧିକ ଖେଳାଳି ଏହି କ୍ୟାମ୍ପରେ ସାମିଲ ହୋଇଛନ୍ତି। ଦେଶର ବିଭିନ୍ନ ରାଜ୍ୟରୁ ୪୦ ଜଣ ଲେଖାଏ ବାଳକ ଓ ବାଳିକା ଏହି କ୍ୟାମ୍ପରେ ଯୋଗ ଦେଇଛନ୍ତି। ଏହା ବ୍ୟତୀତ ଖେଳାଳି ମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ୧୬ ଜଣ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଖେଳରତ୍ନ ପୁରସ୍କାର ବିଜେତା ସର୍ଦ୍ଦାର ଓ ରାଣୀଙ୍କୁ ଯଥାକ୍ରମେ ବାଳକ ଓ ବାଳିକା ଦଳର କୋଚ୍ ଘୋଷଣା କରାଯାଇଥିବା ବେଳେ ଆହୁରି ଅନେକ ପୂର୍ବତନ ଖେଳାଳି ସପୋର୍ଟ ଷ୍ଟାଫ୍ ଭାବରେ ସାମିଲ ହୋଇଛନ୍ତି। ଭାରତୀୟ ଦଳର ପୂର୍ବତନ ଅଧିନାୟିକା ଅସୁନ୍ତା ଲାକ୍ରା ଓ ଓଡ଼ିଆ ତାରକା ଲିଲିମା ମିଞ୍ଜ କୋଚିଂରେ ରାଣୀଙ୍କୁ ସହାୟତା କରୁଛନ୍ତି। ଅନ୍ୟ ପକ୍ଷରେ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜେତା ଲାଜରୁସ ବାର୍ଲା ଓ ଏସିଆ କପ ବିଜେତା ଗୋଲ କିପର ଆଡ୍ରିଆନ୍ ଡି ସୌଜା କୋଚିଂରେ ସର୍ଦ୍ଦାରଙ୍କୁ ସହାୟତା କରୁଛନ୍ତି।

ତୃଣମୂଳ ସ୍ତରରୁ ହକି ଖେଳର ସ୍ତରକୁ ଉନ୍ନତ କରିବା ପାଇଁ ହକି ଇଣ୍ଡିଆର ସଭାପତି ଦିଲୀପ ଟିର୍କି ଏହି କାର୍ଯ୍ୟକ୍ରମ ଲଞ୍ଚ କରିଥିଲେ। ଯୁବ ଖେଳାଳି ମାନଙ୍କୁ ଅନ୍ତର୍ଜାତୀୟ ଖେଳାଳିଙ୍କ ଅଭିଜ୍ଞତା ପ୍ରଦାନ କରିବା ପାଇଁ ସେ ଏହି କାର୍ଯ୍ୟକ୍ରମ ଲଞ୍ଚ କରିବା ସହ ରାଣୀ ଓ ସର୍ଦ୍ଦାରଙ୍କ ପରି ଖେଳାଳିଙ୍କୁ ସାମିଲ କରିଥିଲେ। ହକି ଇଣ୍ଡିଆ ତୃଣମୂଳ ସ୍ତରରୁ ହକି ଖେଳାଳିଙ୍କ ବିକାଶ ଦିଗରେ କାର୍ଯ୍ୟ କରୁଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି ଟିର୍କି। ଜୋନାଲ୍ ଓ ନ୍ୟାଶନାଲ ସବ ଜୁନିୟର ଚାମ୍ପିୟନଶିପ୍‌ରୁ ଏହି ଖେଳାଳି ମାନଙ୍କ ଚୟନ କରାଯାଇଛି। ଏହା ସହିତ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିଥିବା ସହାୟତା ପାଇଁ ଟିର୍କି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସର୍ଦ୍ଦାର ଓ ରାଣୀଙ୍କ ପରି ଖେଳାଳି କେବଳ ଫିଲ୍ଡରେ ନୁହେଁ ବରଂ ଫିଲ୍ଡ ବାହାରେ ଖେଳାଳି ମାନଙ୍କ ବିକାଶରେ ସାହାଯ୍ୟ କରିବେ ବୋଲି ସେ କହିଛନ୍ତି। ଏହି କ୍ୟାମ୍ପ ଦେଶର ହକିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କହିଛନ୍ତି ହକି ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ଭୋଳାନାଥ ସିଂ। ଦିଲୀପ ଓ ମୁଁ କାର୍ଯ୍ୟକାରୀ ସଦସ୍ୟ ରହିଥିବା ବେଳେ ଏ ସମ୍ପର୍କରେ ଆଲୋଚନା କରୁଥିଲୁ। ଯୋଜନା ବର୍ତ୍ତମାନ ବାସ୍ତବତାରେ ପରିଣତ ହୋଇଥିବାରୁ ଖୁସି ଲାଗୁଛି ବୋଲି କହିଛନ୍ତି ଭୋଳାନାଥ।

# 'ଆଇରନମ୍ୟାନ୍‌ଙ୍କ ସାହସ ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣା'

ଭୁବନେଶ୍ୱର, ୨୧।୮

(ତପନ ସ୍ୱାଇଁ)

କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ଓଡ଼ିଶାର ୩ ଆଇରନମ୍ୟାନ୍‌ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଦୁଃସାହସିକ ପ୍ରଦର୍ଶନ କରି ଟ୍ରାଇଥଲନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ଏହି ୩ କ୍ରୀଡ଼ାବିତ୍ ହେଲେ ସୌଭାଗ୍ୟ ରଥ, ରଞ୍ଜନ କୁମାର ସାହୁ ଓ ବିଜୟ କୁମାର ଦାସ। ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ଓ ବିଜୟ କୁମାର ନାୟକ ଏବଂ କୋଚ୍ ଗୋପାଳକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୌଭାଗ୍ୟ ୨୦୧୯ ଓ ୨୦୨୨ରେ ହାମବର୍ଗ ଓ କାଜାଖସ୍ତାନରେ ୨ ଥର ଏହି ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ନିକଟରେ ସେ ମାଉଣ୍ଟ ଏଲବ୍ରୁଶ୍‌କୁ ସଫଳତାର ସହ ଆରୋହଣ କରିଛନ୍ତି। ବିଜୟ କୁମାର ଦାସ ୨୦୨୨ରେ କାଜାଖସ୍ତାନରେ ଏବଂ ରଞ୍ଜନ କୁମାର ସାହୁ ୨୦୨୩ରେ କାଜାଖସ୍ତାନରେ ଏହି ଟାଇଟଲ ହାସଲ କରିଥିଲେ। ସମ୍ବର୍ଦ୍ଧିତ ୩ କ୍ରୀଡ଼ାବିତ୍‌ଙ୍କୁ ତୁଷାରକାନ୍ତି ଭୂୟସୀ ପ୍ରଶଂସା କରିଥିଲେ। କ୍ରୀଡ଼ା ପ୍ରତି ଉତ୍ସର୍ଗୀକୃତ ମନୋଭାବ ଯୋଗୁ ସେମାନେ ଏପରି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାପାଇଁ ମାନସିକସ୍ତରରେ ପ୍ରସ୍ତୁତ ହୋଇପାରିଛନ୍ତି। ଶୃଙ୍ଖଳା, ସାହସ, କଠିନ ପରିଶ୍ରମ ଏବଂ କେବେ ମନୋବଳ ନ ହରାଇବାର ମନୋବୃତ୍ତି ରାଜ୍ୟର ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣା ହୋଇଛି। ରାଜ୍ୟ ସରକାର କ୍ରୀଡ଼ାର ବିକାଶକୁ ଗୁରୁତ୍ୱ ଦେଉଛନ୍ତି ଏବଂ ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷତା ଲାଭ କରୁଥିବା ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।

ଓଡ଼ିଶାର ୩ ଆଇରନମ୍ୟାନ୍ ଟାଇଟଲଧାରୀ ରାଜ୍ୟ ସରକାର ଏବଂ କ୍ରୀଡ଼ାମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାବ୍ୟତୀତ ଯାତ୍ରା ସମୟରେ ପୂର୍ଣ୍ଣ ସହଯୋଗ କରିବା ସହ ଉତ୍ସାହିତ କରିଥିବାରୁ କୋଚ୍ ଗୋପାଳକୃଷ୍ଣ ସାହୁଙ୍କୁ ମଧ୍ୟ ସେମାନେ ଧନ୍ୟବାଦ ଜଣାଇଛନ୍ତି। ସେମାନଙ୍କ ସଫଳତା ଅନ୍ୟମାନଙ୍କୁ ଆଇରନମ୍ୟାନ୍ ଟ୍ରାଇଥଲନ କରିବାକୁ ଉତ୍ସାହିତ କରିବ ବୋଲି ସେମାନେ ଆଶାପ୍ରକାଶ କରିଛନ୍ତି। "ଭବିଷ୍ୟତରେ ଆମେ ରାଜ୍ୟର ବିଭିନ୍ନ ସ୍କୁଲକୁ ଯାଇ ପିଲାମାନଙ୍କୁ ଫିଟ୍‌ନେସ ସମ୍ପର୍କରେ ଟିପ୍ସ ଦେବୁ। ସମାଜର ପ୍ରତ୍ୟେକ ବର୍ଗକୁ ଫିଟ୍‌ନେସ ସମ୍ପର୍କରେ ସଚେତନ କରାଇବା ଆମର ଲକ୍ଷ୍ୟ ରହିଛି" ବୋଲି ସୌଭାଗ୍ୟ ପ୍ରକାଶ କରିଛନ୍ତି।

**ଓଡ଼ିଶାର ୩ ଆଇରନମ୍ୟାନ୍ ସମ୍ବର୍ଦ୍ଧିତ**

**ଆଇରନମ୍ୟାନ୍ ଟ୍ରାଇଥଲନ କ'ଣ**

ଆଇରନମ୍ୟାନ୍ ଟ୍ରାଇଥଲନ ୱାର୍ଲ୍ଡ ଟ୍ରାଇଥଲନ କର୍ପୋରେଶନ (ଡବ୍ଲ୍ୟୁଟିସି) ଦ୍ୱାରା ଆୟୋଜନ କରାଯାଇଥାଏ। ଏଥିରେ କଠିନ ସହନଶକ୍ତିର ପରୀକ୍ଷା ହୋଇଥାଏ। ଏଥିରେ ୨.୪ ମାଇଲ (୩.୮୬ କି.ମି.) ସନ୍ତରଣ, ୧୧୨ ମାଇଲ (୧୮୦.୨୫ କି.ମି. ସାଇକ୍ଲିଂ) ଏବଂ ୨୬.୨ ମାଇଲ (୪୨.୨୦ କି.ମି.) ମାରାଥନ ରନ୍ କରିବାକୁ ପଡ଼ିଥାଏ। ଏଥିପାଇଁ ନିର୍ଦ୍ଦିଷ୍ଟ ଟାଇମ୍‌ଫ୍ରେମ୍ ଥାଏ। ସମୟ ମଧ୍ୟରେ ସନ୍ତରଣ, ସାଇକ୍ଲିଂ ଓ ମାରାଥନ ରନ ଶେଷ କରିବା ବ୍ୟକ୍ତି ଆଇରନମ୍ୟାନ୍ ଟାଇଟଲ ହାସଲ କରିଥାଏ।



ସମ୍ବର୍ଦ୍ଧିତ ଆଇରନମ୍ୟାନ ଟାଇଟଲଧାରୀଙ୍କ ସହ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ